# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, August 14/2025 | Page 14 | ₹ 7.00

୫୧ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 260 | ମୂଲ୍ୟ ₹୭/-




**ସୁମିତ୍ ସଙ୍ଗୱାନ ୟୁପି ଯୋଦ୍ଧାସ୍ ଅଧିନାୟକ**

ପ୍ରୋ-କବାଡ଼ି ଲିଗ୍‌ର ଆଗାମୀ ସଂସ୍କରଣ ପାଇଁ ୟୁପି ଯୋଦ୍ଧାସ୍ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ସୁମିତ୍ ସଙ୍ଗୱାନ।

୧୪

୦୨

**ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି'ର ରେକର୍ଡ**

ଅଭିନେତା ରଜନୀକାନ୍ତଙ୍କ 'କୁଲି' ଫିଲ୍ମ ରିଲିଜ୍ ପୂର୍ବରୁ କେବଳ ଆଡ୍‌ଭାନ୍ସଡ୍ ବୁକିଂରେ ବିଶ୍ୱବ୍ୟାପୀ ୮୮ କୋଟି ଟଙ୍କାର ବ୍ୟବସାୟ କରି ରେକର୍ଡ କରିଛି।





ରାଜ୍ୟସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଇଁ ବୁଧବାର ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍। (ଫଟୋ- ବିକାଶ ନାୟକ)

# ସୁଦୃଢ଼ ହେବ ନର୍ସିଂ ଶିକ୍ଷା

## ରାଜ୍ୟ କ୍ୟାବିନେଟ୍‌ରେ ୭ ପ୍ରସ୍ତାବକୁ ଅନୁମୋଦନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବୁଧବାର ରାଜ୍ୟ କ୍ୟାବିନେଟ ୬ଟି ବିଭାଗର ୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ତଦନୁଯାୟୀ ଓଡ଼ିଶାରେ ନର୍ସିଂ ଶିକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନର୍ସିଂ ଏଜୁକେଶନ, ସର୍ଭିସ୍ ରୁଲ୍ସ-୨୦୨୫ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ରାଜ୍ୟର ୭ ମେଡିକାଲ କଲେଜ ଓ ହସ୍ପିଟାଲରେ ୭ ନୂଆ ନର୍ସିଂ କଲେଜ ଖୋଲାଯିବ। ସେହିପରି ସମ୍ବଲପୁରକୁ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା, ଭୁବନେଶ୍ୱରରେ ପୂର୍ବ ଭାରତର ପ୍ରଥମ ବିଶ୍ୱସ୍ତରୀୟ ବିମାନ ରକ୍ଷଣାବେକ୍ଷଣ, ମରାମତି ଓ ନବୀକରଣ (ଏମ୍‌ଆର୍‌ଓ) ସୁବିଧା ସ୍ଥାପନ, କୃଷକଙ୍କୁ ଉତ୍ପାଦର ଉଚିତ ମୂଲ୍ୟ ଓ ଉତ୍ତମ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୮ଟି ମଣ୍ଡିକୁ ମଡେଲ ମଣ୍ଡି ଭାବରେ ବିକଶିତ କରାଯିବା, ସହରରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍‌ର ସୁବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି।

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ବୁଧବାର ଲୋକସେବା ଭବନରେ ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ନର୍ସିଂ ଶିକ୍ଷା, ସେବା ନିୟମ-୨୦୨୫ ପ୍ରସ୍ତୁତି ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏହାଦ୍ୱାରା ରାଜ୍ୟରେ ନର୍ସିଂ ସେବା ତ୍ୱରାନ୍ୱିତ ହୋଇପାରିବ।

**ଖୋଲିବ ୭ ନୂଆ ସରକାରୀ ନର୍ସିଂ କଲେଜ**

ବର୍ତ୍ତମାନ ରାଜ୍ୟରେ ୮ଟି ସରକାରୀ ନର୍ସିଂ କଲେଜ ଓ ୨୧ଟି ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ର ଚାଲୁଛି। ରାଜ୍ୟରେ ଥିବା ୭ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କେନ୍ଦ୍ରୀୟ ପ୍ରାୟୋଜିତ ୭ଟି ନୂତନ ନର୍ସିଂ କଲେଜ ଖୋଲିବା ପ୍ରକ୍ରିୟା ଜାରି ରହିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସେ ପୁଣି କହିଛନ୍ତି, ୨୦୨୫ ଓଡ଼ିଶା ନର୍ସିଂ ଶିକ୍ଷା ସେବା କ୍ୟାଡର ଗଠନ ହେବା ଦ୍ୱାରା ଖାଲିପଡ଼ିଥିବା ମୂଳ ଟ୍ୟୁଟର ପଦବୀଗୁଡ଼ିକୁ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକମାନଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ।

## ସମ୍ବଲପୁର ସହରାଞ୍ଚଳକୁ ଯୋଗାଯିବ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ

ରାଜ୍ୟର ୧୧୦ଟି ସହରାଞ୍ଚଳରେ ଲାଗିଥିବା ସାର୍ବଜନୀନ ଷ୍ଟ୍ରିଟ୍ ଲାଇଟ୍ (ଏଲ୍‌ଇଡି) ପ୍ରକଳ୍ପକୁ କାର୍ଯ୍ୟାନ୍ୱୟନ କରିବା ସହିତ ସମ୍ବଲପୁର ସହରାଞ୍ଚଳବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ବର୍ଦ୍ଧିତ ପାନୀୟଜଳ ଚାହିଦା ପୂରଣ କରିବା ପାଇଁ ଜଳ ବିଶୋଧନ କେନ୍ଦ୍ରର କ୍ଷମତାକୁ ଉନ୍ନତ କରିବା ଆବଶ୍ୟକ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ର ବର୍ତ୍ତମାନ ଜନସଂଖ୍ୟା ପ୍ରାୟ ୪.୭୫ ଲକ୍ଷ ଥିବା ବେଳେ ଆକଳନ ଅନୁଯାୟୀ ୨୦୪୩ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୭ ଲକ୍ଷ ହେବ ବୋଲି ଲକ୍ଷ୍ୟ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ୱାଟର କର୍ପୋରେଶନ ☞ପୃଷ୍ଠା-୪

## ନିର୍ମାଣ ହେବ ୩୮ ମଡେଲ ମଣ୍ଡି

ଚାଷୀଙ୍କ ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ଏବଂ ସ୍ୱଚ୍ଛ ଉପାୟରେ ଧାନ ସଂଗ୍ରହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ରାଜ୍ୟ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଗୋଟିଏ ଛାତ ତଳେ ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗୀଦାରିଙ୍କୁ ସମସ୍ତ ପ୍ରକାର ସୁବିଧା ଦେବା ନିମନ୍ତେ ରାଜ୍ୟ ସରକାର 'ମଡେଲ ମଣ୍ଡି' ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ। ଏଥିପାଇଁ ୩୦୦ କୋଟି ଟଙ୍କା ବ୍ୟୟ ହେବ। ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)ଗୁଡ଼ିକ ନିଜସ୍ୱ ଅର୍ଥରୁ ୧୫୦ କୋଟି ଭରଣା କରିବାକୁ ରହିଥିବାବେଳେ ରାଜ୍ୟ ସରକାର ଅବଶିଷ୍ଟ ୧୫୦ କୋଟି ଟଙ୍କା ଯୋଗାଇଦେବେ। ଏଥିପାଇଁ ରାଜ୍ୟ ସରକାର ଚଳିତବର୍ଷ ବଜେଟରେ ୫୦ କୋଟି ☞ପୃଷ୍ଠା-୪

## ଭୁବନେଶ୍ୱରରେ ହେବ ବିଶ୍ୱସ୍ତରୀୟ ବିମାନ ମରାମତି କେନ୍ଦ୍ର

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ପୂର୍ବ ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ସ୍ୱତନ୍ତ୍ର ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ବିମାନ ସେବା ପାଇଁ ଓଡ଼ିଶାକୁ ଏକ ଆଞ୍ଚଳିକ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ରାଜ୍ୟ କ୍ୟାବିନେଟ୍ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ(ଏମ୍‌ଆରଓ) କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହା ପୂର୍ବ ଭାରତର ପ୍ରଥମ ବଡ଼ ଏମ୍‌ଆରଓ କେନ୍ଦ୍ର ହେବ। ଏହି ପ୍ରକଳ୍ପ ସରକାରଙ୍କ ବି-ମାନ(ବିଲ୍‌ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ☞ପୃଷ୍ଠା-୪

## ଶ୍ରୀମନ୍ଦିର ଉଡ଼ାଇଦେବାକୁ ଧମକପୂର୍ଣ୍ଣ ଲେଖା

**ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗର ବୁଢ଼ୀ ମା' ମନ୍ଦିର କାନ୍ଥରେ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ହାତରେ ଲେଖାଯିବା ସହିତ ଫୋନ୍ ନମ୍ବର ମଧ ଦିଆଯାଇଛି। ଏପରି କି ମନ୍ଦିରକୁ ଉଡ଼ାଇଦେବାକୁ ମଧ ଧମକ ଦିଆଯାଇଥିବା ଉକ୍ତ ଲେଖାରେ ଦେଖିବାକୁ ମିଳିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ ଧମକ ଦିଆଯାଇଛି। ବୁଧବାର ସକାଳେ ଏହା ଜଣାପଡ଼ିବା ପରେ ପୁରୀରେ ଚାଞ୍ଚଲ୍ୟ ସୃଷ୍ଟି ହେବାସହ ପୋଲିସ ବିଭାଗର ନିଦ ହଜିଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।



ଅଟକ ଥିବା ବ୍ୟକ୍ତି ଜଣକ ଗଡ଼ିଶାଗଡା ଥାନା ଅଞ୍ଚଳର ରଘୁନାଥ ସାହୁ(୫୫) ବୋଲି ଜଣାପଡ଼ିଛି। ସେ ସାମାନ୍ୟ ମାନସିକ ଭିନ୍ନକ୍ଷମ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବୁଧବାର ସକାଳେ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ବାଲିସାହି ରାସ୍ତାରେ ଥିବା ମା' ବୁଢ଼ୀ ମା' ମନ୍ଦିର କାନ୍ଥର ଦୁଇଟି ସ୍ଥାନରେ କିଛି ଲେଖାଯାଇଥିବା ☞ପୃଷ୍ଠା-୪

## ୟୁରାନିୟମ୍ ଖନନରେ ଘରୋଇ କମ୍ପାନୀକୁ ଅନୁମତି ଦେଇପାରେ କେନ୍ଦ୍ର

**ନୂଆଦିଲ୍ଲୀ, ୧୩।୮**

ସରକାରୀ ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ୭୬,୦୦୦ ଟନ୍ ୟୁରାନିୟମ୍ ରହିଛି, ଯାହାକି ୩୦ ବର୍ଷ ପାଇଁ ୧୦,୦୦୦ ମେଗାୱାଟ୍‌ର ଆଣବିକ ଶକ୍ତିକୁ ଇନ୍ଧନ ଦେବା ପାଇଁ ପର୍ଯ୍ୟାପ୍ତ। ୨୦୪୭ ମସିହା ସୁଦ୍ଧା ଆଣବିକ ଶକ୍ତି ଉତ୍ପାଦନ କ୍ଷମତାରେ ୧୨ ଗୁଣା ବୃଦ୍ଧି ଘଟାଇ ଏହାକୁ ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଦେଶରେ ୟୁରାନିୟମ୍ ଖନନ, ଆମଦାନୀ ଓ ପ୍ରକ୍ରିୟାକରଣରେ ଘରୋଇ କମ୍ପାନୀଗୁଡ଼ିକୁ ସାମିଲକରିବା ପାଇଁ କେନ୍ଦ୍ର ସରକାର ଏକ ନୂଆ ନିୟାମକ ଢାଞ୍ଚା ଆଣିବାକୁ ଯାଉଛନ୍ତି। ପ୍ରସ୍ତାବିତ ଆଇନ କାର୍ଯ୍ୟକାରୀ ହେଲେ ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅନେକ ବିଲିୟନ୍ ଡଲାର ବିଦେଶୀ ପୁଞ୍ଜିନିବେଶ ହୋଇପାରିବ। ଏଥିସହ ଆଣବିକ କ୍ଷେତ୍ରରେ ଅନେକ ଦଶନ୍ଧି ଧରି ସରକାରଙ୍କ ରହିଆସିଥିବା ଏକଚାଟିଆ ଦଖଲ ଶେଷ ହେବ। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏହି ନୀତି ଚଳିତ ଆର୍ଥିକବର୍ଷରେ ଘୋଷଣା କରାଯିବ। ଏହା ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବସ୍ଥା ଉପକରଣ ଯୋଗାଣରେ ଘରୋଇ ସଂସ୍ଥାଗୁଡ଼ିକୁସହାୟକହେବବୋଲିମନେକରାଯାଉଛି। ଅନ୍ୟପକ୍ଷେ ବିଦେଶୀ ପକ୍ଷଗୁଡ଼ିକୁ ଏଥିରେ ସହଭାଗିତା ସୁଯୋଗ ମିଳିଲେ ଆଣବିକ ସେକ୍ଟରରେ ଦେଶର ନିରାପତ୍ତା, ଉତ୍ତରଦାୟିତ୍ୱ ଓ ରଣନୈତିକ ନିୟନ୍ତ୍ରଣ ପ୍ରତି ବିପଦ ସୃଷ୍ଟିହେବା ଆଶଙ୍କା କରାଯାଉଛି।

**୨୦୪୭ ସୁଦ୍ଧା ୧୨ ଗୁଣା ଆଣବିକ ଶକ୍ତି ବୃଦ୍ଧି ଲକ୍ଷ୍ୟ**

କେନ୍ଦ୍ର ସରକାର ୟୁରାନିୟମ୍ ଖନନ, ଆମଦାନୀରେ ଘରୋଇ ସଂସ୍ଥାଗୁଡ଼ିକୁ ଅନୁମତି ଦେବାକୁ ଯାଉଛନ୍ତି। ତେବେ କେବଳ ଆଣବିକ ଆବର୍ଜନା ପ୍ରକ୍ରିୟାକରଣରେ ସରକାରୀ ନିୟନ୍ତ୍ରଣ ବଳବତ୍ତର ରହିବ। ଏହା କାର୍ଯ୍ୟକାରୀ ହେଲେ ଆଣବିକ ଶିଳ୍ପରେ ବିପୁଳ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି ହେବା ସହ ଏହି କ୍ଷେତ୍ରରେ ଅନେକ ଦଶନ୍ଧି ଧରି ରହିଆସିଥିବା ସରକାରଙ୍କ ଏକଚାଟିଆ ଅଧିକାର ଶେଷ ହୋଇଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୨୪ ସୁଦ୍ଧା ଦେଶର ଆଣବିକ ଶକ୍ତି ଉତ୍ପାଦନ କ୍ଷମତାକୁ ୧୨ ଗୁଣ ପର୍ଯ୍ୟନ୍ତ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏପରି କି ପାୱାର ☞ପୃଷ୍ଠା-୪

## ୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ: ମନ୍ତ୍ରୀ

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପଞ୍ଚାୟତିରାଜ ଆଇନ ଭିତରେ ପଞ୍ଚାୟତକୁ ସୁଦୃଢ଼ କରିବା ପାଇଁ ରାଜ୍ୟପାଳ ହରିବାବୁ କମ୍ଭମପାଟି ପ୍ରସ୍ତାବ ଦେଇଛନ୍ତି। ରାଜ୍ୟପାଳ ଏ ବିଷୟରେ ମଙ୍ଗଳବାର ପୁଙ୍ଖାନୁପୁଙ୍ଖଭାବେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆମେ ପଞ୍ଚାୟତ ଓ ବ୍ଲକ୍ ପୁନର୍ଗଠନ କରିପାରିବା। ଏହାଦ୍ୱାରା ଲୋକଙ୍କ ପାଖରେ ସୁବିଧାରେ ଯୋଜନା ପହଞ୍ଚିପାରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି। ପଞ୍ଚାୟତର ପୁନର୍ଗଠନ ପାଇଁ ନିର୍ଣ୍ଣୟ ନିଆଯାଇଛି। ରାଜ୍ୟପାଳ ଏନେଇ ପ୍ରସ୍ତାବ ଦେଇଛନ୍ତି। ୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ☞ପୃଷ୍ଠା-୪

## ପିପିଲିରେ ପୋଡ଼ିହୋଇ ମହିଳା ଗୁରୁତର

**ପିପିଲି, ୧୩।୮ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ପୁରୀ ଜିଲା ପିପିଲିରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ପିପିଲି ହାଟଛକ ନିକଟ ଜୟପୁର ବୁଲାଣିଠାରେ ଥିବା ଏକ ଘରେ (ନବୀନ ନିବାସ)ରେ ନିଆଁରେ ପୋଡ଼ିହୋଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ପିପିଲି ପୌରାଞ୍ଚଳ ଦରଜୀସାହିର ନରେଶ ଦାଶଙ୍କ ସ୍ତ୍ରୀ ଅର୍ଚ୍ଚନା ଦାଶ(୩୧)। ତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୯୦% ପୋଡ଼ିଯାଇଥିବାରୁ ଅବସ୍ଥା ☞ପୃଷ୍ଠା-୪

**କାରଣ ଅସ୍ପଷ୍ଟ, ଘଟଣାସ୍ଥଳରେ ଛାନ୍‌ଭିନ୍**

**ଆଜିର ସମ୍ପାଦକୀୟ** ଭାରତରେ ଆର୍ଯ୍ୟ




**ତାମିଲନାଡୁ ରାଜ୍ୟପାଳଙ୍କୁ ଛାତ୍ରୀଙ୍କ ଅଣଦେଖା**

ତାମିଲନାଡୁର ତିରୁନେଲ୍‌ଭେଲିସ୍ଥିତ ମନୋନ୍ମନିୟମ ସୁନ୍ଦରନାର ବିଶ୍ୱବିଦ୍ୟାଳୟରେ ବୁଧବାର ସମାବର୍ତ୍ତନ ଉତ୍ସବ ବେଳେ ପି.ଏଚ୍.ଡି ଛାତ୍ରୀ ଜିନ୍ ଜୋସେଫ୍ ମଞ୍ଚ ଉପରେ ରାଜ୍ୟପାଳ ଆର୍. ଏନ୍. ରବିଙ୍କୁ ଅଣଦେଖା କରିଥିଲେ। ସେ ୟୁନିଭର୍ସିଟିର ଭିସି ଚନ୍ଦ୍ରଶେଖରଙ୍କଠାରୁ ଡିଗ୍ରୀ ଗ୍ରହଣ କରିଥିଲେ। ଜିନ୍ ରାଜ୍ୟରେ ଶାସକ ଦଳ ଡିଏମ୍‌କେର ନାଗରକୋଇଲ ୟୁନିଟ୍‌ର ଉପସଚିବ ଏମ୍. ରାଜନଙ୍କ ସ୍ତ୍ରୀ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଟ୍ରକ୍-ଭ୍ୟାନ୍ ଧକ୍କା: ୭ ଶିଶୁ ସମେତ ୧୧ ମୃତ

ଜୟପୁର, ୧୩।୮ (ପି.ଟି.)

ରାଜସ୍ଥାନର ଦୌସା ଜିଲାର ମନୋହରପୁର ରାଜପଥରେ ବୁଧବାର ସକାଳେ ଏକ ଟ୍ରକ୍ ଏବଂ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ଘଟି ଉତ୍ତରପ୍ରଦେଶର ୧୧ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଶିଶୁ ରହିଛନ୍ତି। ସେହିପରି ୧୦ ଜଣ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ଆହତଙ୍କ ମଧ୍ୟରେ ୩ ଜଣ ଶିଶୁ ରହିଛନ୍ତି। ସମସ୍ତ ମୃତକ ଉତ୍ତରପ୍ରଦେଶର ଏଟା ସହରରୁ ହୋଇଥିବା ଜଣାପଡ଼ିଛି। ଏଟାର କେତେଜଣ ବ୍ୟକ୍ତି ରାଜସ୍ଥାନର ଖାଟୁ ଶ୍ୟାମ ମନ୍ଦିର ଏବଂ ଶଲଶର ବାଲାଜୀ ମନ୍ଦିରରେ ଦର୍ଶନକରି ପିକ୍‌ଅପ୍ ଭ୍ୟାନ ଯୋଗେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନଟି ୨୦ ଜଣଙ୍କୁ ଧରି ଯାଉଥିଲା ବୋଲି ଦୌସା ଏସ୍‌ପି ସାଗର ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଶୋକ ବ୍ୟକ୍ତ କରିଛନ୍ତି।

### ୧୮ରେ ଭାରତ ଆସିବେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮ (ପି.ଟି.)

ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୟାଙ୍ଗ୍ ୟି ଆସନ୍ତା ୧୮ରେ ଭାରତ ଗସ୍ତରେ ଆସୁଛନ୍ତି। ଏହି ଗସ୍ତବେଳେ ୱାଙ୍ଗ୍ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ସହ ସୀମା ଉପରେ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ରେ ଯୋଗଦେବା ପାଇଁ ଚାଇନାର ତିଆଞ୍ଜିନ୍ ଗସ୍ତ କରିବା ଯୋଜନା ରହିଥିବାବେଳେ ଏହା ପୂର୍ବରୁ ୱାଙ୍ଗ୍ ଆସୁଛନ୍ତି। ଏହା ପୂର୍ବରୁ ସ୍ୱତନ୍ତ୍ର ପ୍ରତିନିଧି ଡୋଭାଲ ଗତ ଡିସେମ୍ବରରେ ଚାଇନା ଗସ୍ତ କରିଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆସନ୍ତା ସପ୍ତାହରେ ମସ୍କୋ ଗସ୍ତ କରି ରୁଷୀୟ ନେତାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

### ଆଲୋଚନା ପରେ ଆକ୍ରମଣ କଲେ ଭୟଙ୍କର ପରିଣାମ ଭୋଗିବେ ପୁଟିନ୍

**ଟ୍ରମ୍ପଙ୍କ ଚେତାବନୀ**

ୱାଶିଂଟନ୍, ୧୩।୮

ଆଲାସ୍କାରେ ଶୁକ୍ରବାର ହେବାକୁ ଥିବା ଶାନ୍ତି ଆଲୋଚନା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଲେ ଏହାର ଭୟଙ୍କର ପରିଣାମ ଭୋଗିବେ ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ୟୁରୋପୀୟ ନେତାମାନଙ୍କ ସହ ଭର୍ଚୁଆଲ ବୈଠକ ବେଳେ ଟ୍ରମ୍ପ ଅସ୍ତ୍ରବିରତି ଚାହୁଁଥିବା ବିଷୟ ପ୍ରକାଶ କରିଥିଲେ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ କହିଛନ୍ତି। ଉକ୍ତ ବୈଠକରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ରୁଷିଆ ୟୁକ୍ରେନ୍‌କୁ ଦଖଲ କରିବା ପାଇଁ ସକ୍ଷମ ବୋଲି ଦର୍ଶାଇବା ଲାଗି ପୁଟିନ୍ ସବୁ କ୍ଷେତ୍ରରେ ଚାପ ପ୍ରୟୋଗ କରୁଛନ୍ତି। ବିଭିନ୍ନ ଦେଶ ପକ୍ଷରୁ ଲଗାଯାଇଥିବା କଟକଣା ଯୋଗୁ ପୁଟିନ୍ ଘାବରେଇ ଯାଇଥିବାବେଳେ ତାଙ୍କ କ୍ଷେତ୍ରରେ ସେସବୁ ପ୍ରଭାବଶୂନ୍ୟ ବୋଲି ଦେଖାଇବାକୁ ଚାହୁଁଛନ୍ତି।

### ସେପ୍ଟେମ୍ବରରେ ୟୁଏନ୍‌ଜିଏ ଅଧିବେଶନ ପାଇଁ ଆମେରିକା ଯାଇପାରନ୍ତି ମୋଦି

ନୂଆଦିଲ୍ଲୀ, ୧୩।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସେପ୍ଟେମ୍ବରରେ ଆମେରିକା ଯାଇପାରନ୍ତି ବୋଲି ବୁଧବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହି ଅବସରରେ ସେ ନ୍ୟୁୟର୍କରେ ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ବାର୍ଷିକ ଉଚ୍ଚସ୍ତରୀୟ ଅଧିବେଶନକୁ ସମ୍ବୋଧନ କରିପାରନ୍ତି। ଜାତିସଂଘ ଦ୍ୱାରା ଜାରି କରାଯାଇଥିବା ବକ୍ତାଙ୍କ ଏକ ଅନ୍ତରୀଣ ସୂଚୀରୁ ଏହା ସାମ୍ନାକୁ ଆସିଛି। ୟୁଏନ୍‌ଜିଏର ୮୦ତମ ଅଧିବେଶନ ସେପ୍ଟେମ୍ବର ୯ରୁ ଆରମ୍ଭ ହେବ। ଉଚ୍ଚସ୍ତରୀୟ ସାଧାରଣ ବିତର୍କ ସେପ୍ଟେମ୍ବର ୨୩ରୁ ସେପ୍ଟେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଅଧିବେଶନକୁ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି।

## ଦିଲ୍ଲୀରେ ଆଜି



ଜାତୀୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ବୁଧବାର ନୂଆଦିଲ୍ଲୀର ଲାଲ୍‌କିଲ୍ଲାରେ ପରେଡ୍ ଅଭ୍ୟାସ। (ଫଟୋ- ଚମନ ଗୌତମ)

# ଏସ୍‌ସିଏସ୍: ଚାଇନା-ଆମେରିକା ମୁହାଁମୁହିଁ

ୱାଶିଂଟନ୍, ୧୩।୮

ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)ରେ ଆଧିପତ୍ୟ ବିସ୍ତାର କରିଆସିଥିବା ଚାଇନା ପୁଣିଥରେ ଏହି ସାମୁଦ୍ରିକ ଜଳରାଶି ଉପରେ ଆମେରିକୀୟ ନୌସେନା ସହ ମୁହାଁମୁହିଁ ହୋଇଛି। ଚାଇନା ନୌସେନା ପକ୍ଷରୁ ବୁଧବାର କୁହାଯାଇଛି ଯେ, ଆମେରିକା ନୌସେନାର ଏକ ଯୁଦ୍ଧଜାହାଜ ଏସ୍‌ସିଏସ୍‌ରେ ଥିବା ଚାଇନାର ଜଳକ୍ଷେତ୍ରକୁ ଚାଲିଆସିଥିଲା। ଏହାକୁ ଚାଇନା ନୌସେନା ଘଉଡ଼ାଇଦେଇଛି। ଅନ୍ୟପକ୍ଷେ ଆମେରିକା ନିଜ ଅପରେଶନ୍‌କୁ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ବୈଧ ବୋଲି ଦର୍ଶାଇଛି।

ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ)ର ସର୍ଦ୍ଦର୍ନ ଥିଏଟର କମାଣ୍ଡ



ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏସ୍‌ସିଏସ୍‌ର ରଣନୈତିକ କ୍ଷେତ୍ର ସ୍କାରବୋରୋ ଶୋଲ୍‌କୁ ଆମେରିକାର ଏକ ଯୁଦ୍ଧଜାହାଜ ବିନା ଅନୁମତିରେ ବେଆଇନ ଭାବେ ଅନୁପ୍ରବେଶ କରି ଆସିଥିଲା। ଚାଇନା ନ୍ୟାଭି ଆମେରିକା ନୌସେନାର ଡେଷ୍ଟ୍ରୟର ୟୁଏସ୍‌ଏସ୍ ହିଗିନ୍ସର ଗତିବିଧି ଟ୍ରାକ୍ କରିବା ସହ ଏହାକୁ ଘଉଡ଼ାଇଦେଇଛି। ଆମେରିକା ସେନାର କାର୍ଯ୍ୟ ଚାଇନାର ସାର୍ବଭୌମତ୍ୱ ଓ ସୁରକ୍ଷା ପ୍ରତି ଗମ୍ଭୀର ହସ୍ତକ୍ଷେପ, ଯାହାକି ଦକ୍ଷିଣ ଚାଇନା ସାଗରରେ ଶାନ୍ତି ଓ ସ୍ଥିରତାକୁ ନ୍ୟୁନ କରିଦେଉଛି ବୋଲି ଏଥିରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷେ ଚାଇନାର ଏଭଳି ଅଭିଯୋଗକୁ ଆମେରିକା ନୌସେନା ଖଣ୍ଡନ କରିଛି। ଏହି ଅପରେଶନ୍ ଏକ ଆଇନଗତ ଅଧିକାର। ଉକ୍ତ ମିଶନ୍‌ର ଲକ୍ଷ୍ୟ ହେଉଛି ବିସ୍ତାରବାଦୀ ଚାଇନା ତାଇୱାନ୍ ଉଦ୍ଦେଶ୍ୟରେ ଲଗାଉଥିବା କଟକଣାଗୁଡ଼ିକୁ ହଟାଇବା। ହିଗିନ୍ସ ଏବେ ମଧ୍ୟ ନିଜ ଅପରେଶନ୍‌ରେ ନିୟୋଜିତ ରହିଛି। ଏହି ମିଶନ୍ ସମ୍ପର୍କରେ ଚାଇନାର ଦାବି ସମ୍ପୂର୍ଣ୍ଣ ମିଛ ବୋଲି ୟୁଏସ୍ ସେଭେନ୍ଥ ଫ୍ଲିଟ୍ ମୁଖପାତ୍ର ଲ୍ୟୁଟେନାଣ୍ଟ ସାରାହ ମେରିଲ୍ ବ୍ଲୁମ୍‌ବର୍ଗଙ୍କୁ ଏକ ଇ-ମେଲ୍ ଯୋଗେ ଜଣାଇଛନ୍ତି। ଚାଇନା ଯାହା କହିଲେ ବି ଆମକୁ ଫରକ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଟାରିଫ୍‌କୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଏ ହି ଘଟଣା ବିଶ୍ୱର ଦୁଇ ବୃହତ୍ ଅର୍ଥନୀତିର ସମ୍ପର୍କରେ ଆହୁରି ତିକ୍ତତା ଭରିଦେଇଛି।

ଉଲ୍ଲେଖଯୋଗ୍ୟ, ଦକ୍ଷିଣ ଚାଇନା ସାଗର ଦୀର୍ଘବର୍ଷ ଧରି ଚାଇନା ଓ ଆମେରିକା ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ହୋଇଆସିଛି। ୨୦୧୬ରେ ନେଦରଲାଣ୍ଡସ୍ଥିତ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ୍ ଅଦାଲତ ଦେଇଥିବା ରାୟକୁ ଚାଇନା ଅମାନ୍ୟ କରି ଏସ୍‌ସିଏସ୍ ଉପରେ ନିଜ ଆଧିପତ୍ୟ ଜାହିର କରିଥାଏ। ଏହାର ବିସ୍ତୃତ ଜଳରାଶି ଉପରେ ଚାଇନାର କ୍ଷେତ୍ରିୟ ଦାବି ସହ ପଡ଼ୋଶୀ ଦେଶ ଜାହାଜଗୁଡ଼ିକର ଗତିବିଧି ଅନେକ ସମୟରେ ଚର୍ଚ୍ଚାର ବିଷୟ ହୋଇଥାଏ। ସ୍କାରବୋରୋ ଶୋଲ୍‌ରେ ମଙ୍ଗଳବାର ଦୁଇଟି ଚାଇନା ଜାହାଜ ମଧ୍ୟରୁ ଗୋଟିଏ ସହ ଫିଲିପାଇନ୍ସ କୋଷ୍ଟ ଗାର୍ଡର ଏକ ଜାହାଜ ଧକ୍କା ହୋଇଥିଲା। ଏଥିପାଇଁ ବେଜିଂ ମାନିଲାକୁ ଦୋଷ ଦେଇଥିଲା।

### ବୁଲା କୁକୁର ଚିନ୍ତା: ଆଜି ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୧୩।୮

ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କୁ ଆଶ୍ରୟ ସ୍ଥଳ ପଠାଯିବା ମାମଲାର ଶୁଣାଣି ପାଇଁ ସର୍ବୋଚ୍ଚ ଅଦାଲତ ବୁଧବାର ଏକ ୩ ଜଣିଆ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ୍.ବି. ଅଞ୍ଜାରିଆଙ୍କୁ ନେଇ ୩ ସଦସ୍ୟ ବିଶିଷ୍ଟ ନୂତନ ଖଣ୍ଡପୀଠ ଗୁରୁବାର ବୁଲା କୁକୁର ସମ୍ପର୍କିତ ମାମଲାରେ ଦାଖଲ ହୋଇଥିବା ବିଭିନ୍ନ ପିଟିଶନର ଶୁଣାଣି କରିବେ। ଗତ ୧୧ରେ ଦିଲ୍ଲୀ ଏବଂ ଏନ୍‌ସିଆର୍‌ରେ ସମସ୍ତ ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ଆଶ୍ରୟସ୍ଥଳ ପଠାଇବା ପାଇଁ ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଏବଂ ଜଷ୍ଟିସ୍ ଆର୍. ମହାଦେବନଙ୍କ ୨ ଜଣିଆ ଖଣ୍ଡପୀଠ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ଉକ୍ତ ନିର୍ଦ୍ଦେଶ ଦେଇଥିବା ଉଭୟ ବିଚାରପତିଙ୍କୁ ନୂତନ ଖଣ୍ଡପୀଠରେ ସ୍ଥାନ ମିଳିନାହିଁ।

### ମୁନିରଙ୍କ ପରେ ଭାରତକୁ ଶେହବାଜଙ୍କ ଧମକ

ଇସ୍‌ଲାମାବାଦ, ୧୩।୮

ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିରଙ୍କ ପରେ ବୁଧବାର ଦେଶର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭାରତକୁ ଧମକ ଦେଇଛନ୍ତି। ପାକିସ୍ତାନର ଅଧିକାର ଥିବା ଜଳର ଗୋଟିଏ ବି ବୁନ୍ଦାକୁ ଭାରତ ଛଡ଼ାଇ ନେଇପାରିବ ନାହିଁ ବୋଲି ସେ କହିଛନ୍ତି। ଇସ୍‌ଲାମାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶେହବାଜ କହିଛନ୍ତି, ପାକିସ୍ତାନର ଅଧିକାର ଥିବା ଜଳକୁ ରୋକିବା ପାଇଁ ଶତ୍ରୁ ଦେଶ ପ୍ରୟାସ ନ କରୁ। ଅନ୍ୟଥା ସେମାନଙ୍କୁ ଉଚିତ ଶିକ୍ଷା ଦିଆଯିବ। ତେବେ ଶେହବାଜଙ୍କ ଏହି ଧମକର ଜବାବ ଦେଇ ଏଆଇଏମ୍‌ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରଭାବ ହୀନ। ସେ ଜାଣି ରଖିବା ଦରକାର ଭାରତ ପାଖରେ ବ୍ରହ୍ମୋସ୍ ରହିଛି। ତେଣୁ ଅଯଥା ବୟାନବାଜିରୁ ସେ ନିବୃତ୍ତ ରହିବା ଆବଶ୍ୟକ।

# 'ଭୋଟ ଚୋରି' ଭିଡିଓ ଦେଖାଇଲା କଂଗ୍ରେସ

ନୂଆଦିଲ୍ଲୀ, ୧୩।୮

ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରା ଭୋଟ ଚୋରି କରାଯାଉଥିବା ଅଭିଯୋଗ ଆଣି କଂଗ୍ରେସ ବୁଧବାର ଭୋଟ ଜାଲିଆତିର ଆଉ ଏକ ନୂଆ ଭିଡିଓ ଦେଖାଇଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଭାଜପା ହାତମୁଠାରୁ ଛଡ଼ାଇ ଆଣିବା ପାଇଁ ଲୋକେ ସ୍ୱର ଉତ୍ତୋଳନ କରିବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆହ୍ୱାନ ଦେଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ Xରେ ୧ ମିନିଟ୍ ବିଶିଷ୍ଟ ଏକ ଭିଡିଓ ଜାରି କରି କହିଛନ୍ତି, ଆପଣଙ୍କ ଭୋଟ ଚୋରି ହେଉଛି ଆପଣଙ୍କ ଅଧିକାରର ଚୋରି, ଆପଣଙ୍କ ପରିଚୟ ଚୋରି। ଅଗଷ୍ଟ ୧୭ରେ ବିହାର ସାରା ରାହୁଲଙ୍କ ସମେତ ଇଣ୍ଡିଆ ବ୍ଲକ୍ ନେତାମାନେ ସରକାର ଓ ନିର୍ବାଚନ କମିଶନଙ୍କ ବିରୋଧରେ 'ଭୋଟ ଅଧିକାର ଯାତ୍ରା' କରିବାକୁ ସ୍ଥିର ହୋଇଛି। ଅନ୍ୟପକ୍ଷେ ରାହୁଲଙ୍କ ମା' ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଭାରତର ନାଗରିକତ୍ୱ ହାସଲ କରିବା ପୂର୍ବରୁ ଭୋଟର ହୋଇସାରିଥିଲେ ବୋଲି ଭାଜପା ଅଭିଯୋଗ ଆଣି ଏହାକୁ ଦେଶର ନିର୍ବାଚନୀ ଆଇନର ଉଲ୍ଲଂଘନ ବୋଲି କହିଛି। ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ ସୋସିଆଲ ମିଡିଆରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଆବାସିକ କାର୍ଯ୍ୟାଳୟର ଭୋଟର ତାଲିକାର ଏକ କପିକୁ ଶେୟାର କରି କହିଛନ୍ତି, ୧୯୮୦ ଜାନୁଆରୀ ୧ରେ ଭୋଟର ତାଲିକା ସଂଶୋଧନ ବେଳେ ସୋନିଆଙ୍କ ନାମକୁ ସେଥିରେ ଯୋଡ଼ାଯାଇଥିଲା। ଇଟାଲୀ ନାଗରିକ ସୋନିଆ ୧୯୮୩ରେ ଭାରତୀୟ ନାଗରିକତ୍ୱ ପାଇଥିବାବେଳେ ଏହାର ୩ ବର୍ଷ ପୂର୍ବରୁ ଭାରତର ଭୋଟର କିପରି ହେଲେ ବୋଲି ମାଲବ୍ୟ ପ୍ରଶ୍ନ କରିଛନ୍ତି।

**ଭାରତର ନାଗରିକତ୍ୱ ପାଇବା ପୂର୍ବରୁ ସୋନିଆ ଭୋଟର ହୋଇସାରିଥିଲେ: ଭାଜପା**



ବିହାର ଭୋଟର ତାଲିକାର ଏସ୍‌ଆଇଆର୍ ପରେ ନିର୍ବାଚନ କମିଶନଙ୍କ ଲିଷ୍ଟରେ ଅନେକ ମତଦାତାଙ୍କୁ ମୃତ ଦର୍ଶାଯାଇଛି। ଇସିଙ୍କ ଏହି ତ୍ରୁଟିକୁ କଟାକ୍ଷକରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ମୃତ ଘୋଷିତ ଭୋଟରଙ୍କ ସହ ନିଜ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୃତ ଭୋଟରଙ୍କ ସହ ଚା ପିଆ।

### ଭୋଟର ତାଲିକା ସ୍ଥିର ରହିପାରିବ ନାହିଁ: ସୁପ୍ରିମକୋର୍ଟ

ଭୋଟର ତାଲିକା ସ୍ଥିର ବା ଅପରିବର୍ତ୍ତିତ ରହିପାରିବ ନାହିଁ। ସମୟ ଅନୁଯାୟୀ ତାଲିକାର ସମୀକ୍ଷା ଜରୁରୀ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଏସ୍‌ଆଇଆର୍ ବିରୋଧରେ ଏନ୍‌ଜିଓ ଏଡିଆର୍, କଂଗ୍ରେସ ଏବଂ ଆର୍‌ଜେଡି ସମେତ ଅନ୍ୟ କେତେକ ରାଜନୈତିକ ଦଳ ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍‌କୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହି ପିଟିଶନଗୁଡ଼ିକର ଶୁଣାଣି ବେଳେ ଶୀର୍ଷ ଅଦାଲତ ଏସ୍‌ଆଇଆର୍ ପାଇଁ ଉଦ୍ଦିଷ୍ଟ ୧୧ରୁ ୭ ଦସ୍ତାବିଜ ସମ୍ବଳିତ ତାଲିକାକୁ ଭୋଟର-ଫ୍ରେଣ୍ଡଲି ବୋଲି କହିଛନ୍ତି। ଏଭଳି ପ୍ରକ୍ରିୟା କରିବା ପାଇଁ ଇସିଙ୍କ କ୍ଷମତା ରହିଥିବା ଖଣ୍ଡପୀଠ କହିଛନ୍ତି।

# ରାହୁଲଙ୍କ ଜୀବନ ପ୍ରତି ବିପଦ ଦର୍ଶାଇଲେ ଓକିଲ

ନୂଆଦିଲ୍ଲୀ, ୧୩।୮

୨୦୨୨ ନଭେମ୍ବର ୧୭ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ବେଳେ ମହାରାଷ୍ଟ୍ର ଅକୋଲା ଜିଲାର ଏକ ରାଲିକୁ ସମ୍ବୋଧିତ କରି ବିନାୟକ ଦାମୋଦର ସାବରକରଙ୍କ ଉପରେ ନକାରାତ୍ମକ ମନ୍ତବ୍ୟ ଦେଇଥିଲେ। ସେତେବେଳେ ସେ ସାବରକରଙ୍କୁ 'ବ୍ରିଟିଶ୍‌ଙ୍କ ଚାକର' ବୋଲି ସମାଲୋଚନା କରିଥିଲେ। ସାତ୍ୟକି ସାବରକର ରାହୁଲଙ୍କ ବିରୋଧରେ ଏକ ଆପରାଧିକ ମାନହାନି ମାମଲା କରିବା ସହ ଆପତ୍ତିଜନକ ମନ୍ତବ୍ୟର ସିଡୀ ଓ ଭାଷଣ ସମ୍ବଳିତ ଲେଖା ପୁଣେ କୋର୍ଟରେ ଦାଖଲ କରିଥିଲେ। ଅନ୍ୟପକ୍ଷେ ଏହି ମାମଲାରେ ରାହୁଲଙ୍କୁ ନାଥୁରାମ ଗଡ୍‌ସେଙ୍କ ଉତ୍ତରାଧିକାରୀମାନଙ୍କଠାରୁ ପ୍ରତ୍ୟକ୍ଷ ଧମକ ମିଳୁଛି। ରାହୁଲଙ୍କ ଜୀବନ ପ୍ରତି ବିପଦ ଅଛି। ମହାତ୍ମା ଗାନ୍ଧୀଙ୍କ ହତ୍ୟା ଇତିହାସର ପୁନରାବୃତ୍ତି ଘଟିବା ଅନୁଚିତ ବୋଲି ମାମଲା ବିଚାରାଧୀନ ଥିବା ଅଦାଲତରେ ରାହୁଲଙ୍କ ଓକିଲ ଦର୍ଶାଇଥିଲେ।

ସେ ଉଲ୍ଲେଖ କରିଥିଲେ, ସେ ପୂର୍ବରୁ ସାବରକରଙ୍କ ଉପରେ ଦେଇଥିବା ଟିପ୍ପଣୀ ଓ ନିକଟରେ ଭୋଟ ଚୋରି ଅଭିଯୋଗ ସମେତ ଉଠାଇଥିବା ଅନ୍ୟ ରାଜନୈତିକ ପ୍ରସଙ୍ଗଗୁଡ଼ିକ ଯୋଗୁ ତାଙ୍କ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି। ଅଭିଯୋଗକର୍ତ୍ତା ଗାନ୍ଧିଜୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ଜଣେ ପ୍ରତ୍ୟକ୍ଷ ଉତ୍ତରାଧିକାରୀ। ଏହି ଅଭିଯୋଗକର୍ତ୍ତାଙ୍କ ବଂଶ ସହ ହିଂସା ଓ ଅସାମ୍ବିଧାନିକ ପ୍ରବୃତ୍ତିର ପ୍ରମାଣସିଦ୍ଧ ଇତିହାସ ଯୋଡ଼ିହୋଇ ରହିଛି। ଭାଜପା ନେତାମାନଙ୍କଠାରୁ ତାଙ୍କ ନିକଟକୁ ୨ ଥର ସର୍ବସାଧାରଣରେ ଧମକ ମିଳିସାରିଲାଣି। ରାହୁଲଙ୍କୁ ସୁରକ୍ଷା ଯୋଗାଇଦେବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ମିଲିନ୍ଦ ଦର୍ଶାଇଥିଲେ।

ରାହୁଲଙ୍କୁ ହତ୍ୟା ଧମକ ମିଳିଥିବା ଉଲ୍ଲେଖ କରାଯାଇଥିବାରୁ ଏହି ପ୍ରସଙ୍ଗ ହଟଚମଟ ସୃଷ୍ଟି କରିଛି। ପରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଫାଷ୍ଟ କ୍ଲାସ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଅମୋଲ ଶିନ୍ଦେଙ୍କ ନିକଟରେ ଦାଖଲ ଆବେଦନରେ ଏପରି ଉଲ୍ଲେଖ କରିବା ପୂର୍ବରୁ ରାହୁଲଙ୍କ ଓକିଲ ମିଲିନ୍ଦ ପାୱାର ତାଙ୍କ ଅନୁମତି ନେଇ ନ ଥିଲେ। ରାହୁଲ ଏଥିପାଇଁ ଅତ୍ୟନ୍ତ କ୍ଷୁବ୍ଧ ଥିବା କଂଗ୍ରେସର ମିଡିଆ ବିଭାଗ ମୁଖ୍ୟ ପବନ ଖେରା କହିଛନ୍ତି। ମିଲିନ୍ଦ ଗୁରୁବାର କୋର୍ଟରୁ ଏହି ବିବୃତି ପ୍ରତ୍ୟାହାର କରିବେ।

**ଆଜି କୋର୍ଟରୁ ପ୍ରତ୍ୟାହାର କରିନେବେ ବିବୃତି**

# କେବିସିରେ ସୋଫିଆ, ବ୍ୟୋମିକା

**ପ୍ରଶ୍ନ ଉଠାଇଲେ ବିରୋଧୀ**



ନୂଆଦିଲ୍ଲୀ, ୧୩।୮

ଲୋକପ୍ରିୟ ଟିଭି ରିଆଲିଟି ଶୋ' 'କୋନ୍ ବନେଗା କରୋଡ଼ପତି'ରେ ଶୁକ୍ରବାର ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଏପିସୋଡ୍ ପ୍ରସାରିତ ହେବ। ଭାରତର ଆତଙ୍କବାଦ ବିରୋଧୀ ଅପରେଶନ ସିନ୍ଦୂର ସମ୍ପର୍କରେ ଦେଶବାସୀଙ୍କୁ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିବା ସେନାର ୨ ମହିଳା ଅଧିକାରୀ କଲୋନେଲ୍ ସୋଫିଆ କୁରେଶୀ ଓ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂଙ୍କୁ ଏହି ଏପିସୋଡ୍ ପାଇଁ ନିମନ୍ତ୍ରଣ କରାଯାଇଛି। ଶୁକ୍ରବାର ରାତି ୯ଟାରେ ସୋନି ଟିଭିରେ ଏହି ସ୍ୱତନ୍ତ୍ର ଏପିସୋଡ୍‌କୁ ଟେଲିକାଷ୍ଟ କରାଯିବ। ଏହାପୂର୍ବରୁ ସୋନି ଟିଭି ପକ୍ଷରୁ ସୋସିଆଲ ମିଡିଆରେ ଏହି ଏପିସୋଡ୍‌ର ଏକ ପ୍ରୋମୋକୁ ଜାରି କରାଯାଇଛି, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏକ ପ୍ରାଇଭେଟ କମ୍ପାନୀର ରିଆଲିଟି ଶୋ'ରେ ଭାରତୀୟ ସେନାର ୨ ବରିଷ୍ଠ ମହିଳା ଅଧିକାରୀ ଯୋଗଦେବାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ପ୍ରଶ୍ନ ଉଠାଇଛନ୍ତି। ଏହା କେନ୍ଦ୍ର ସରକାରଙ୍କ ଏକ ପିଆର୍. ଷ୍ଟଣ୍ଟ ଏବଂ ରାଜନୈତିକ ଲାଭ ପାଇଁ ୨ ସେନା ଅଧିକାରୀଙ୍କୁ ବ୍ୟବହାର କରାଯାଉଛି ବୋଲି ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି।

# ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି'ର ରେକର୍ଡ



ରଜନୀକାନ୍ତ

**ଚେନ୍ନାଇ:** ବହୁ ପ୍ରତୀକ୍ଷିତ ଫିଲ୍ମ 'କୁଲି' ଗୁରୁବାର ରିଲିଜ୍ ହେବାକୁ ଯାଉଛି। ତେବେ ରିଲିଜ୍ ପୂର୍ବରୁ ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ଏହି ଫିଲ୍ମ ଆଡ୍‌ଭାନ୍ସଡ୍ ବୁକିଂରେ ରେକର୍ଡ କରିଛି। ରିପୋର୍ଟ ଅନୁଯାୟୀ, ରିଲିଜ୍ ପୂର୍ବରୁ କେବଳ ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି' ଫିଲ୍ମ ବିଶ୍ୱବ୍ୟାପୀ ୮୮ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ କେବଳ ତାମିଲନାଡୁରେ ଏହା ୨୭ କୋଟିର ବ୍ୟବସାୟ କରିଛି। ସେହିପରି ଆଡ୍‌ଭାନ୍ସଡ୍ ବୁକିଂରୁ ଦେଶବ୍ୟାପୀ ଏହି ଫିଲ୍ମ ୫୩ କୋଟି ଟଙ୍କାର ବ୍ୟବସାୟ କରିଛି। ଫିଲ୍ମରେ ରଜନୀକାନ୍ତଙ୍କ ବ୍ୟତୀତ ଅଭିନେତା ନାଗାର୍ଜୁନ, ସତ୍ୟରାଜ, ଆମୀର ଖାନ୍ ଓ ଅଭିନେତ୍ରୀ ଶ୍ରୁତି ହାସନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ମୂଳତଃ ତାମିଲ ଭାଷୀ ଏହି ଫିଲ୍ମକୁ ଏକକାଳୀନ ଭାବେ ହିନ୍ଦୀ, କନ୍ନଡ ଏବଂ ତେଲୁଗୁ ଭାଷାର ଡବଡ୍ ଭର୍ଜନରେ ମଧ୍ୟ ରିଲିଜ୍ କରାଯିବ। ବକ୍ସ ଅଫିସରେ 'କୁଲି'ର ମୁକାବିଲା ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ 'ୱାର୍ ୨' ଫିଲ୍ମ ସହ ହେବ। ତେବେ ବୁଧବାର ରଜନୀକାନ୍ତ ଫିଲ୍ମ ଇଣ୍ଡଷ୍ଟ୍ରିରେ ୫୦ ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ତାଙ୍କୁ ସମାଜର ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ଶୁଅ ଛୁଟିଛି।




## ଦାଦାଙ୍କ ଦଶାହରେ ପୋଖରୀରେ ବୁଡ଼ି ପୁତୁରା ମୃତ

ଆଳି, ୧୩।୮ (ବନମାଳୀ ସେନାପତି)

ସମ୍ପର୍କୀୟ ଦାଦାଙ୍କୁ ଶୁଦ୍ଧି ହେବାକୁ ଆସିଥିବା ଜଣେ ୧୧ବର୍ଷ ବୟସ୍କ ପୁତୁରାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସାନମଙ୍ଗ ଗ୍ରାମର ରବି ନାରାୟଣ ଜେନାଙ୍କ ପୁଅ ଆୟୁଷ୍ମାନ୍। ବୁଧବାର ସକାଳେ ସମ୍ପର୍କୀୟ ଦାଦାଙ୍କ ଦଶାହ କର୍ମରେ ଶୁଦ୍ଧି ହୋଇ ସାରିବା ପରେ ଆୟୁଷ୍ମାନ୍ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ କୌଣସି କାରଣରୁ ଆୟୁଷ୍ମାନ୍‌ଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରକୁ ଖସିଯାଇଥିଲେ। ଏହାଦେଖି ପୋଖରୀ ନିକଟରେ ଥିବା ପିଲାମାନେ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ପୋଖରୀରେ ପଶି ଆୟୁଷ୍ମାନ୍‌ଙ୍କୁ ଉଦ୍ଧାର କରି ଆଳି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହାଡ଼ଭଙ୍ଗା ଚିକିତ୍ସା: ବୋନ୍ ପ୍ରୋଟିନ୍ ପ୍ରଣାଳୀ ବିକଶିତ

### ଏନ୍‌ଆଇଟି ରାଉରକେଲାର କୃତିତ୍ୱ

ରାଉରକେଲା, ୧୩।୮ (ସଙ୍ଗୀତା ଜେନା)

ବୋନ୍ (ହାଡ଼) ପୁନରୁଦ୍ଧାରରେ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରାଯାଇପାରିବ। ଶର୍କରା ଅଣୁ ଓ ହାଡ଼ ପ୍ରୋଟିନ୍ ଯୌଗିକକୁ ଏଥିପାଇଁ ଡିକୋଡ୍ କରାଯାଇଛି। ଏହି ଗବେଷଣାରେ ହାଡ଼ଭଙ୍ଗା, ଆଘାତ ଏବଂ ଅବକ୍ଷୟ ହାଡ଼ ରୋଗର ଚିକିତ୍ସା ପାଇଁ ଜୈବ ସାମଗ୍ରୀ ଓ ଔଷଧ ବିତରଣ ପ୍ରଣାଳୀ ବିକଶିତ କରିବାରେ ସାହାଯ୍ୟ କରିବ। ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ଏପରି ଏକ ପ୍ରଣାଳୀ ବିକଶିତ କରାଯାଇଛି। ଗବେଷକମାନେ ମାନବ ଶରୀରରେ ଥିବା ପ୍ରାକୃତିକ ଶର୍କରା ପରି ଅଣୁଗୁଡ଼ିକ ହାଡ଼ ଗଠନ ଓ ମରାମତି ପାଇଁ ଦାୟୀ ଏକ ପ୍ରୋଟିନ୍ ବୋନ୍ ମର୍ଫୋଜେନେଟିକ୍ ପ୍ରୋଟିନ୍-୨ (ବିଏମ୍‌ପି-୨) ଆଚରଣକୁ କିପରି ପରିବର୍ତ୍ତନ କରାଯାଇପାରେ ତାହା ଉପସ୍ଥାପନ କରିଛନ୍ତି। ପ୍ରତିଷ୍ଠିତ ଜର୍ନାଲ ବାୟୋକେମେଷ୍ଟ୍ରିରେ ପ୍ରକାଶିତ ଏହି ଗବେଷଣାର ନିଷ୍କର୍ଷକୁ ହାଡ଼ ଏବଂ କାର୍ଟିଲେଜ୍ ପୁନରୁଦ୍ଧାର, ଉନ୍ନତମାନର ଅନ୍ତଃରୋପଣ ଓ ଅଧିକ ପ୍ରଭାବଶାଳୀ ପ୍ରୋଟିନ୍ ଆଧାରିତ ଔଷଧରେ ଉନ୍ନତ ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ। ବିଏମ୍‌ପି-୨ ପ୍ରୋଟିନ୍, ହାଡ଼ ଓ କାର୍ଟିଲେଜ୍ ଗଠନ, ଆଘାତକୁ ସୁସ୍ଥ କରିବା, ଷ୍ଟେମ୍ କୋଷଗୁଡ଼ିକୁ ହାଡ଼ ଗଠନକାରୀ କୋଷରେ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାନବ ଶରୀରରେ ଟିସୁ ପ୍ରୋଟିନ ବିଭିନ୍ନ ଗ୍ଲାଇକୋସୋମିନୋଗ୍ଲାଇକନ ସଂଯୋଜକ ଟିସୁ ଏବଂ ଜଏଣ୍ଟ ଫ୍ଲୁଇଡ୍ ପଦାର୍ଥରେ ମିଳୁଥିବା ବିଶେଷ ଶର୍କରା ପରି ଅଣୁକ୍ରିୟା କରିଥାଏ। ଏନ୍‌ଆଇଟିର ରସାୟନ ବିଜ୍ଞାନ ପ୍ରଫେସର ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ଗବେଷକ ଦଳରେ ରିସର୍ଚ୍ଚ ସ୍କଲାର ଦେବୀ ପ୍ରସନ୍ନ ବେହେରା, ଶୁଚିସ୍ମିତା ସୁବାଦିନୀ ୟୁରିଆ ପ୍ରେରିତ ରାସାୟନିକ ବିକୃତୀକରଣ ଚାପ ସଂସ୍ପର୍ଶରେ ଆସିଲେ ଭିନ୍ନ ଶର୍କରା ଅଣୁଗୁଡ଼ିକ ବିଏମ୍‌ପି-୨କୁ କିପରି ପ୍ରଭାବିତ କରେ ତାହା ଅନୁସନ୍ଧାନ କରିଥିଲେ। ବିଏମ୍‌ପି-୨ ନିୟମିତ ହାଏଲୁରୋନିକ ଏସିଡ୍‌ର ଉପସ୍ଥିତିରେ ଦ୍ରୁତଗତିରେ ଅନ୍ୱେଷଣ କରେ। ଏ ସମ୍ପର୍କରେ ପ୍ରଫେସର ସାହୁ କହିଛନ୍ତି, ବିଏମ୍‌ପି-୨ ମଣିଷ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଅଟେ। ଏହା ଅସ୍ଥି ଟିସୁର ଗ୍ଲାଇକୋସାମିନୋଗ୍ଲାଇକନ୍ ସମୃଦ୍ଧ ବାହ୍ୟ କୋଷୀୟ ମାଟ୍ରିକ୍ସ ପରିବେଶ ମଧ୍ୟରେ ରହି ଅଷ୍ଟିଓଜେନେସିସ୍ ଓ ହାଡ଼ ପୁନରୁଦ୍ଧାର ଏକ ମୌଳିକ ଭୂମିକା ଗ୍ରହଣ କରେ। ଶର୍କରା ଅଣୁଗୁଡ଼ିକ କାର୍ଯ୍ୟକ୍ଷମ ଗୋଷ୍ଠୀ ପରିବର୍ତ୍ତନ, ଯେପରିକି ଟାର୍ଗେଟେଡ୍ ସଲ୍‌ଫେସନ ପରିବର୍ତ୍ତନ କରିଥାଏ। ଏକ ଉଚ୍ଚ ସଂକଳ୍ପଯୁକ୍ତ ଆଣବିକ ବୁଝାମଣା ଶର୍କରା ପରିବର୍ତ୍ତନ ଇଞ୍ଜିନିୟର କରିବାର ସମ୍ଭାବନାକୁ ଗୁରୁତ୍ୱ ଦେଇଥାଏ। ଉନ୍ନତି ସ୍ଥିରୀକରଣ ରଣନୀତି ମାଧ୍ୟମରେ ପ୍ରୋଟିନ୍‌ର ନିଜସ୍ୱ ଜୀବନ ବୃଦ୍ଧି କରିଥାଏ ବୋଲି ସାହୁ କହିଥିଲେ।

# ଓଡ଼ିଶାର ୪ ସୀମାନ୍ତ ଗାଁକୁ ଆନ୍ଧ୍ରର ସନ୍ଧି ଚିହ୍ନଟ

### ଗାଁ ମୁଖିଆଙ୍କୁ ଦିଆଯାଇଛି ୧୮୯୮ ମସିହାର ତମ୍ବାପଟ୍ଟା

ପଟ୍ଟାଙ୍ଗି, ୧୩।୮ (ଶରତ କୁମାର ଧଳ)

ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଓଡ଼ିଶାର ଗ୍ରାମଗୁଡ଼ିକୁ ନିଜର ଅଞ୍ଚଳ ଦର୍ଶାଇବାକୁ ଆନ୍ଧ୍ର ସରକାର ଦୀର୍ଘବର୍ଷ ଧରି ଅନେକ ଫନ୍ଦିଫିକର କରି ଆସୁଛନ୍ତି। ଏନେଇ ଅନେକ ବିବାଦ ସୃଷ୍ଟି ହୋଇଥିବାବେଳେ ମାମଲା ମଧ୍ୟ ବିଚାରାଧୀନ ରହିଛି। ଆନ୍ଧ୍ରର ସେହି ଅଭ୍ୟାସ ବନ୍ଦ ହେଉନାହିଁ। ଏବେ ତେଲୁଗୁ ଭାଷାରେ ଲିଖିତ ୧୮୯୮ ମସିହାର ଏକ ତମ୍ବାପଟ୍ଟା ସମ୍ପର୍କରେ ଜଣାପଡ଼ିଛି, ଯେଉଁଥିରେ ଓଡ଼ିଶାର ୪ ଗ୍ରାମକୁ ଆନ୍ଧ୍ର ସୀମାନ୍ତ ସନ୍ଧି ଭାବେ ଚିହ୍ନଟ କରାଯାଇଛି। ଏହା ମାଧ୍ୟମରେ ଆନ୍ଧ୍ର ଉକ୍ତ ୪ ଗ୍ରାମକୁ ନିଜ ଅଞ୍ଚଳ ଦର୍ଶାଇବା ପାଇଁ ଚକ୍ରାନ୍ତ ଚଳାଇଛି। ସେହି ଗ୍ରାମର ଲୋକଙ୍କୁ କେତେକ ସରକାରୀ ସୁବିଧାସୁଯୋଗ ଦେଇ ନିଜ ରାଜ୍ୟର ବାସିନ୍ଦା ଦର୍ଶାଇବାକୁ ଆନ୍ଧ୍ର ଉଦ୍ୟମ କରୁଥିବା ଜଣାପଡ଼ିଛି। ସେହି ୪ ଗ୍ରାମ ହେଲା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ତଥା ଓଡ଼ିଶା ଅଧୀନରେ ଥିବା କାରିଡ଼ି, ପିଲକାବିଟ୍ରା, ବଡବିଟ୍ରା ଓ ରାଇପାଡୁ।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ତମ୍ବାପଟ୍ଟା ୪ ଗ୍ରାମର ଜଣେ ଲେଖାଏ ଲୋକଙ୍କୁ ଦିଆଯାଇଥିଲା। ସେଥିରେ ଗ୍ରାମର କେତେଜଣ ମୁରବି ଲୋକଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି। ସେହି ତମ୍ବାପଟ୍ଟାକୁ ଧରି ଉପରୋକ୍ତ ୪ ଗାଁର ଲୋକମାନେ ଆନ୍ଧ୍ର ସରକାର ବା ପ୍ରଶାସନ ଓ ଜନପ୍ରତିନିଧିଙ୍କ ପାଖରେ ପହଞ୍ଚି ସେମାନେ ପୂର୍ବ ପୁରୁଷରୁ ନିଜର ପରିଚୟପତ୍ର ଭାବେ ଉକ୍ତ ତମ୍ବାପଟ୍ଟା ପାଇଥିବା ଦର୍ଶାଉଛନ୍ତି। ଏହା ମାଧ୍ୟମରେ ସେମାନେ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଦାବି କରିବା ସହ ସୁବିଧାସୁଯୋଗ ହାତେଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

ସେହି ତମ୍ବାପଟ୍ଟା ପାଇଥିବା କାରିଡ଼ି ଗ୍ରାମର ଜଣେ ବ୍ୟକ୍ତିଙ୍କ ଉତ୍ତରାଧିକାରୀ କିମିଆ ପାଙ୍ଗୀ (୫୦) କହିଛନ୍ତି, ବ୍ରିଟିଶ ସରକାର ସମୟରେ ଆନ୍ଧ୍ର ରାଜ୍ୟ ଶ୍ରୀକାକୁଲମ୍ ଜିଲାରେ ଥିଲା। ସେତେବେଳେ ମାକୁଆ ଥାନା ଅଧୀନରେ ଓଡ଼ିଶା ସୀମାନ୍ତରେ ଥିବା କାରିଡି, ବିଲକାବିଟ୍ରା, ବଡ଼ବିଟ୍ରା ଓ ରାଇପାଡୁକୁ ସନ୍ଧି ଭାବେ ଚିହ୍ନଟକରି ଉକ୍ତ ପଟ୍ଟା ପ୍ରଦାନ କରାଯାଇଥିଲା। କାରିଡ଼ି ଗାଁ ତରଫରୁ କିମିଆଙ୍କ ଜେଜେବାପା ଉକ୍ତ ତମ୍ବା ପଟ୍ଟା ପାଇଥିବା ସେ କହିଛନ୍ତି। ତାଙ୍କ କହିବାନୁଯାୟୀ ପୂର୍ବପୁରୁଷଙ୍କ ସମୟରେ ପ୍ରତିବର୍ଷ ଦଶହରାରେ ଆନ୍ଧ୍ରର ସାଳିକିକୁ ସେତେବେଳର ବିଧାୟକ ଡିପେଲି ସୁରି ଦୋରା ଉପରୋକ୍ତ ଗ୍ରାମର ମୁଖ୍ୟ ବ୍ୟକ୍ତିମାନଙ୍କୁ ଡକାଇ ସୁଖଦୁଃଖ ବୁଝି ଆର୍ଥିକ ସହାୟତା ଦେଉଥିଲେ। ଏହାସହ ଗ୍ରାମକୁ ଫେରିବା ପାଇଁ ସହଯୋଗ କରି ଆସୁଥିଲେ। କିନ୍ତୁ ମାଡ୍ରାସ ପ୍ରେସିଡେନ୍ସି ଆଇନ ବଦଳିବା ପରେ ବିଜୟନଗରମ୍‌କୁ ଜିଲା ଭାବେ ଘୋଷଣା ହେବା ପରେ ଦଶହରା ସମୟରେ ଡକାଇବା ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା। କିନ୍ତୁ ଆନ୍ଧ୍ରର ସରକାରୀ ଅଧିକାରୀ ବା କର୍ମଚାରୀ ଆମମାନଙ୍କ ଯୋଗାଯୋଗରେ ରହିଛନ୍ତି ବୋଲି କିମିଆ କହିଛନ୍ତି।

ଅନ୍ୟପକ୍ଷରେ ୨ ବର୍ଷ ପୂର୍ବେ ଆନ୍ଧ୍ର ସରକାର କେତେକ ନୂତନ ଜିଲା ଘୋଷଣା କରିବା ପରେ ବର୍ତ୍ତମାନ ଓଡ଼ିଶାର ଉପରୋକ୍ତ ସୀମାନ୍ତ ଗ୍ରାମଗୁଡ଼ିକ ମାନ୍ୟମ୍ ଜିଲା ପାର୍ବତୀପୁରମ୍ ଅଧୀନରେ ରଖାଯାଇଛି। କାରିଡି, ଏଟିଗାବଡ଼ର ଓ ରାଇପାଡୁ ଓଡ଼ିଶାର ସୀମାନ୍ତରେ ଥିବାବେଳେ ଆନ୍ଧ୍ରର ଚମ୍ପେଙ୍ଗପାଡୁ ପଞ୍ଚାୟତ ସାଲୁର୍ ବ୍ଲକ ଅଧୀନରେ ରହିଛି, ଯାହାକି କାରିଡ଼ି ଗ୍ରାମରୁ ୪ କି.ମି.ଦୂରରେ ରହିଛି। ଚଲା ବାଟଦେଇ ଚମ୍ପେଙ୍ଗପାଡୁ ପଞ୍ଚାୟତରେ ପହଞ୍ଚିବାକୁ ପଡ଼ିଥାଏ ବୋଲି କିମିଆ କହିଛନ୍ତି। କିମିଆଙ୍କ ଭଳି ବିଲକାବିଟ୍ରାର ତାମାୟା ନାୟକ, ବଡ଼ବିଟ୍ରାର କ୍ରିଷ୍ଟା ମାରି ଓ ରାଇପାଡୁର ହରି ହନ୍ତାଳଙ୍କ ପୂର୍ବ ପୁରୁଷ ଏହି ତମ୍ବାପଟ୍ଟା ପାଇଥିବା ଜଣାପଡ଼ିଛି।


ଆନ୍ଧ୍ରର ତମ୍ବା ପଟ୍ଟା ଦେଖାଉଛନ୍ତି କାରିଡ଼ି ଗ୍ରାମର କିମିଆ ପାଙ୍ଗୀ।

## ସ୍କୁଲ ଯିବାକୁ ମା’ ତାଗିଦା କରିବାରୁ ଛାତ୍ରୀଙ୍କ ଆତ୍ମହତ୍ୟା


ପ୍ରତ୍ୟାଶା ପ୍ରିୟଦର୍ଶିନୀ ଗିରି

ପଟ୍ଟାମୁଣ୍ଡାଇ, ୧୩।୮ (କଳ୍ପତରୁ ନାୟକ)

ସ୍କୁଲ ଯିବାକୁ ମା’ ତାଗିଦା କରିବାରୁ ବୁଧବାର ଜଣେ ନବମ ଶ୍ରେଣୀ ଛାତ୍ରୀ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ମାଟିଆ ଗ୍ରାମର ପ୍ରକାଶ ଗିରିଙ୍କ ଝିଅ ପ୍ରତ୍ୟାଶା ପ୍ରିୟଦର୍ଶିନୀ ଗିରି(୧୩) ପଟ୍ଟାମୁଣ୍ଡାଇ ବାଳିକା ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ। ବୁଧବାର ସେ ସ୍କୁଲ ଯିବାକୁ ମନା କରିଥିଲେ। ହେଲେ ପ୍ରତ୍ୟାଶାଙ୍କ ମା’ ଏଥିରେ ବିରକ୍ତ ହୋଇଥିଲେ। ଏହାକୁ ନେଇ ମା’ ଓ ଝିଅଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ମା’ କୌଣସି କାମରେ ବାହାରକୁ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ପ୍ରତ୍ୟାଶା ନିଜ ଓଢ଼ଣୀକୁ ବେକରେ ବାନ୍ଧି ଘରରେ ଝୁଲିପଡିଥିଲେ। ମା’ କାମ ସାରି ଘରକୁ ଫେରି ଝିଅର ଝୁଲନ୍ତା ମୃତଦେହ ଦେଖି ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ। ତୁରନ୍ତ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭିମ୍ସାର ଛାତରୁ ଡେଇଁଲେ ରୋଗୀ

ସମ୍ବଲପୁର, ୧୩।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ଭିମ୍ସାରକୁ ନିଜ ଗଳା କାଟି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀ ବୁଧବାର ପ୍ରଥମ ମହଲାରୁ ତଳକୁ ଡେଇଁ ପଡିଥିଲେ। ସେ ହେଲେ ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ଭାଟିଗାଁଓର ସୁବିର ସରିଦାର(୨୮)। ସୁରକ୍ଷାକର୍ମୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭିମ୍ସାର ଇଏନ୍‌ଟି ୱାର୍ଡରେ ରଖାଯାଇଛି। ତେବେ ସେ କାହିଁକି ଛାତରୁ ଡେଇଁପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ତଥାପି ସେ ଜଣେ ମାନସିକ ରୋଗୀ ବୋଲି ସୁବିରଙ୍କ ପରିବାର ଲୋକେ କହିଛନ୍ତି। ସେ ନିଜେ କାଟିଥିବା ଗଳାର ଷ୍ଟିଚ୍ କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଭିମ୍ସାର ଅଧୀକ୍ଷକ ପ୍ରଫେସର ଡା. ଲାଲ୍‌ମୋହନ ନାଏକ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସୁବିର ମଙ୍ଗଳବାର ରାତିରେ କୌଣସି ଏକ ଧାରୁଆ ଅସ୍ତ୍ରରେ ନିଜ ଗଳା କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ଅବସ୍ଥା ଗୁରୁତର ହେବାରୁ ବୁଧବାର ସକାଳେ ତାଙ୍କୁ ଭିମ୍ସାକୁ ସ୍ଥାନାନ୍ତର କରିଥିଲେ। ଭିମ୍ସାର ଆଶୁ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କର ଅସ୍ତ୍ରୋପଚାର ପାଇଁ ଭିମ୍ସାର ପ୍ରଥମ ମହଲାରେ ଥିବା କର୍ଣ୍ଣ, ନାସା ଓ ଗଳା(ଇଏନ୍‌ଟି) ଅସ୍ତ୍ରୋପଚାର କକ୍ଷକୁ ଏକ ଷ୍ଟ୍ରେଚରରେ ନିଆଯାଇଥିଲା। ତେବେ ପରିବାର ଲୋକ ତାଙ୍କୁ ସାଙ୍ଗରେ ଧରି ଅସ୍ତ୍ରୋପଚାର କକ୍ଷ ସମ୍ମୁଖରେ କିଛି ସମୟ ଅପେକ୍ଷା କରିଥିଲେ। ଏହି ସମୟରେ ହଠାତ୍ ସେ ଷ୍ଟ୍ରେଚରରୁ ଉଠି ପ୍ରଥମ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ।

## କଥା ନ ଶୁଣିଲେ କାର୍ଯ୍ୟାନୁଷ୍ଠାନ: ରାଜସ୍ୱ ମନ୍ତ୍ରୀ

### ଅମଲାଙ୍କ କଲମଛାଡ଼ ପ୍ରସଙ୍ଗ

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ରାଜ୍ୟରେ ଅମଲା କର୍ମଚାରୀମାନେ ୨୪ ବର୍ଷ ଧରି ଚୁପ୍ ବସିଥିଲେ। ଏବେ ୨୪ ଦିନରେ ତାଙ୍କ କ୍ୟାଡର ପୁନର୍ଗଠନ ଭଳି ବିଭିନ୍ନ ଦାବି ପୂରଣ ପାଇଁ କଲମଛାଡ଼ ଆନ୍ଦୋଳନ ଆପଣାଇଛନ୍ତି। ଏହାଦ୍ୱାରା ରାଜସ୍ୱ ସେବା ବାଧାପ୍ରାପ୍ତ ହେବାସହ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ କଥା ମାନି ଅମଲାମାନେ ସୁଧୁରିଯାଆନ୍ତୁ, ନଚେତ୍ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବୁଧବାର ଲୋକସେବା ଭବନରେ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲାପାଳଙ୍କୁ ଏନେଇ ଏକ ନିର୍ଦ୍ଦେଶନାମା ମଙ୍ଗଳବାର ପ୍ରଦାନ କରିଛନ୍ତି। ସେଥିରେ କର୍ମଚାରୀଙ୍କୁ ଛୁଟି ନ ନେବା ପରିପ୍ରେକ୍ଷୀରେ ଅନେକ କଥା କୁହାଯାଇଛି। ଆନ୍ଦୋଳନରତ କର୍ମଚାରୀଙ୍କ ଛୁଟିକୁ ଚାକିରି ପିରିୟଡ୍‌ରେ ଅନିୟମିତତା ବୋଲି ଧରାଯିବ। ଏଥିପାଇଁ ସେମାନଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ। ଯେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନରେ ରହିବେ ସେତେଦିନର ଦରମା ମିଳିବନାହିଁ। ଆବଶ୍ୟକସ୍ଥଳେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ଗୁଳୁଗୁଳି, ଆଜି ଅଧିକାଂଶ ଜିଲାରେ ବର୍ଷା

ଭୁବନେଶ୍ୱର, ୧୩।୮ (ଅନୁରାଧା ମହାରଣା)

ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳର ପଶ୍ଚିମକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତାରେ ରହିଛି। ଏହା ପ୍ରଭାବରେ ରାଜ୍ୟରେ ବୁଧବାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। କୋରାପୁଟରେ ସର୍ବାଧିକ ୨୪.୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଅଧିକାଂଶ ଜିଲାରେ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଛି। ତେବେ ଲଘୁଚାପଟି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସ୍ୱଷ୍ଟ ଲଘୁଚାପର ରୂପ ନେଇ ୪୮ ଘଣ୍ଟା ମଧ୍ୟରେ ଉତ୍ତର ଉପକୂଳ ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବାର ସମ୍ଭାବନା ରହିଛି। ତେଣୁ ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦେଇଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। କୋରାପୁଟ ଓ ମାଲକାନଗିରିରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିଭଳି ପ୍ରବଳ ବର୍ଷା ନେଇ ଗଜପତି, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୟାଗଡ଼, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ମୟୂରଭଞ୍ଜ, ଢେଙ୍କାନାଳ, କେନ୍ଦୁଝର ଓ ବୌଦ୍ଧ ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେହିଭଳି ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂପୁର, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ସୋନପୁରକୁ ସତର୍କ କରାଯାଇଛି। ୧୮ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଗୋଟିଏ ରାତିରେ ସାପ କାମୁଡ଼ାରେ ୩ ମୃତ

ପାତ୍ରପୁର/ଧରାକୋଟ, ୧୩।୮ (ଉମା ଚରଣ ନେପାକ/ ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମର ପୃଥକ ସ୍ଥାନରେ ମଙ୍ଗଳବାର ରାତିରେ ସାପ କାମୁଡ଼ାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଜିଲାର ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ବିଲୁଗାଁରେ ଜଣେ ଯୁବତୀ ଓ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦମୟନ୍ତୀ ଶବର (୨୬) ଓ ଲିମି କାର୍ଜି (୧୨)। ମଙ୍ଗଳବାର ରାତିରେ ଉଭୟେ ନିଜ ନିଜ ଘରେ ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା। ଏହା ଜାଣିବା ପରେ ସେମାନଙ୍କ ପରିବାର ଲୋକେ ପୃଥକ ଭାବେ ଚିକିତ୍ସା ପାଇଁ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ମୃତ୍ୟୁ ଘଟିଥିଲା। ବୁଧବାର ମୃତଦେହକୁ ପାହାଡ଼ ତଳ ବାତରାସାହିକୁ ଆଣିବା ପରେ ବ୍ୟବଚ୍ଛେଦ ନିମନ୍ତେ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା।

ସେହିପରି ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ସୁନ୍ଦରାପଲି ଗ୍ରାମର ବଳରାମ ସାହୁ ଓରଫ ବଳିଆ(୨୫)ଙ୍କ ସାପ କାମୁଡାରେ ଜୀବନ ଯାଇଛି। ବଳରାମ ମଙ୍ଗଳବାର ନିଜ ସମ୍ପର୍କୀୟଙ୍କ ଘରକୁ ମାଣିକପୁର ନିକଟସ୍ଥ ଦୁର୍ଗାମାଧବପୁର ଯାଇଥିଲେ। ସେଠାରେ ରାତିରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ତୁରନ୍ତ ଆସିକା ମେଡିକାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।



KUBER Group
ସେମାନଙ୍କ ପ୍ରଡକ୍ଟ ପାଇଁ ଜଣେ ଡିଲର / ଡିଷ୍ଟ୍ରିବ୍ୟୁଟର ହେବାର ଏକ ସୁବର୍ଣ୍ଣ ସୁଯୋଗ
ଘରେ ଘରେ ବିଶ୍ୱାସଯୋଗ୍ୟ ଏବଂ ପ୍ରତିଷ୍ଠିତ ବ୍ରାଣ୍ଡ PRODUCTSର
ନିଜ ସହରରେ ଡିଲର୍/ଡିଷ୍ଟ୍ରିବ୍ୟୁଟର ହୁଅନ୍ତୁ
ଯାହାର FMCG ରେ କାମ କରିବାର ଅନୁଭବ ଅଛି ଏବଂ Security Deposit & Investment କରିପାରୁଥିବେ
ଆମ ସହ ମିଶି ରହିବାର ଅର୍ଥ ହେଲା :
1. ତୀବ୍ର ଭାବରେ ବିକ୍ରି ହୋଇପାରୁଥିବା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଉତ୍ପାଦଗୁଡିକର ବଡ ଲମ୍ବା ଧାଡି
2. ମଜଭୁତ ବ୍ରାଣ୍ଡ ପରିଚୟ - ଦର୍ଶକମାନଙ୍କ ବିଶ୍ୱାସ, ଘରେ ଘରେ ପରିଚିତ
3. ବ୍ୟବସାୟ ମାର୍କେଟିଂ ସହାୟତା- ଆମେ ଆପଣଙ୍କ ସହ ରହିଛୁ ପ୍ରତି ପାଦରେ
4. ନିୟମିତ ଯୋଗାଣ ଏବଂ ଉତ୍ତମ ଲାଭ
5. ସ୍ୱଚ୍ଛ ବ୍ୟବସାୟିକ ସମ୍ବନ୍ଧ-ସ୍ପଷ୍ଟ ନୀତି ଏବଂ ଦୀର୍ଘକାଳୀନ ଅଂଶୀଦାରତା
ସଂପର୍କ କରନ୍ତୁ:
ଫୋନ୍ ନମ୍ବର: 7303229258 Time : 10 AM to 5 PM
ଇମେଲ୍: info.kuber1234@gmail.com
କୁବେର ର ହାତ, ବିଶ୍ୱାସ ଏବଂ ସଫଳତା ସହିତ
ଆସନ୍ତୁ ସାଥି ହୋଇ ସଫଳତା ର କାହାଣୀ କୁ ଆଗକୁ ବଢାଇବା
KUB-902 Odia



B-TEX SINCE 1942
ବି-ଟେକ୍ସ ଲୋସନ


ଯାଦୁ, କାଛୁ, ଓ କୁଣ୍ଡିଆ ରୋଗରୁ
ବି-ଟେକ୍ସ ଲୋସନ ଆରାମ ଦିଏ।
Now available on Flipkart | HEALTHMUG | JioMart | 1mg | shopbtex.com

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମହାନିଗମ ପକ୍ଷରୁ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁନ୍ଦରପଦା ହଜ୍, ସମୟ: ସକାଳ ୯ଟା।
- ବନ୍ଦେ ମାତରମ୍ ପକ୍ଷରୁ ଦେଶଭକ୍ତି ପଥପାନ୍ଥ ଉତ୍ସବ 'ମେରି ଜାନ୍ ହିନ୍ଦୁସ୍ଥାନ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ପିଏନ୍‌ଭି ଫାଉଣ୍ଡେଶନ୍ ପକ୍ଷରୁ ପ୍ରାଚୀ ଭ୍ୟାଲି ଡକ୍ୟୁମେଣ୍ଟାରୀ ଫିଲ୍ମ ଉନ୍ମୋଚନ, ସ୍ଥାନ: ବୋଙ୍କା କେଫ୍, ମାଷ୍ଟର କ୍ୟାଣ୍ଟିନ୍ , ସମୟ: ଅପରାହ୍ନ ୪ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ସାମୂହିକ ଜାଗରଣ, ସ୍ଥାନ: ଆନନ୍ଦ ବଜାର ଛକ, ୟୁନିଟ୍ ୯, ସମୟ: ଅପରାହ୍ନ ୫ଟା।
- ଭାରତୀୟ ଇତିହାସ ସଂକଳନ ସମିତି, ଓଡ଼ିଶା ପକ୍ଷରୁ ବିଭାଜନ ବିଭୀଷିକା ଦିବସ ପାଳନ ଏବଂ ବିଭାଜନ ବିଭୀଷିକା ଓ ହିନ୍ଦୁ ପରାକ୍ରମ ପୁସ୍ତକ ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଭାରତ ବିଭାଜନର ଶିକାର ହୋଇଥିବା ବିସ୍ଥାପିତ ଉଦ୍ଦେଶ୍ୟରେ ସମ୍ମିଳନୀ, ସ୍ଥାନ: କଳିଙ୍ଗ ଗେଷ୍ଟ ହାଉସ, ଚୌଧୁରୀବଜାର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ସାଇନାଥଙ୍କ ପବିତ୍ର ଚଭାଡ଼ି ଯାତ୍ରା, ସ୍ଥାନ: ସାଇମନ୍ଦିର (ରୁଚି ପ୍ରୋଜିଟ୍ ଡିଭିଜନ), ମଧୁପାଟଣା ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୩ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ୩ୟ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନିମାପଡ଼ା ନିର୍ବାଚନମଣ୍ଡଳୀରେ ପ୍ରଶାସନ ପକ୍ଷରୁ ଏକ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ସ୍ଥାନ: ହରିପୁର ଛକ, ସମୟ: ସକାଳ ୯ଟା।
- ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଅଙ୍କୁରାରୋପଣ, ଘଟ ସ୍ଥାପନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ପଞ୍ଚସଖା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ହର ଘର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସାମନ୍ତ ଚନ୍ଦ୍ରଶେଖର କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ବିଦ୍ୟାଳୟ ପରିସର, ଅଠରନଳା, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଶିକ୍ଷଣ ସଂସ୍ଥା ପକ୍ଷରୁ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଜନଶିକ୍ଷଣ ସଂସ୍ଥା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଆଁଲୋ ବ୍ରିଜ୍ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଗବକୁଣ୍ଡ, ସତ୍ୟବାଦୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତ୍ରିରଙ୍ଗା ମେଳା କାର୍ଯ୍ୟକ୍ରମ, ସ୍ଥାନ: ବ୍ଲୁ-ଫ୍ଲାଗ ବିଚ୍, ସମୟ: ଅପରାହ୍ନ ୪ଟା।
- ଦି ବେଲ୍ ପକ୍ଷରୁ ଗୋବିନ୍ଦା କାର୍ଯ୍ୟକ୍ରମ, ସ୍ଥାନ: ଭାରତ ଯୋଗ କେନ୍ଦ୍ର, ଦାମୋଦର ରୋଡ୍, ସମୟ: ଅପରାହ୍ନ ୫ଟା।
- ତିନିଦିନ ବ୍ୟାପୀ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଶୁଭାରମ୍ଭ ଓ ସାଂସ୍କୃତିକ ସମାରୋହ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଫୁଟ୍ ଓଭରବ୍ରିଜ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: କଲେଜ କ୍ୟାମ୍ପସ ସମ୍ମୁଖ ୧୬ନଂ. ରାଜପଥ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ସିପିଆଇଏମ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଆରଏସ୍ଏସ୍‌ର ବୈଠକ, ସ୍ଥାନ: ସିମୁଳିଆ କଲେଜ ପଡିଆ, ସିମୁଳିଆ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡାହାଣୀଗଡିଆ ଛକ, ଭଦ୍ରକ, ସମୟ : ଅପରାହ୍ନ ୪ଟା।

## କେନ୍ଦୁଝର

- ମହିଳା ମହାବିଦ୍ୟାଳୟରୁ ହର ଘର ତ୍ରିରଙ୍ଗା ସଚେତନତା ରାଲୀ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ଟା ୩୦।
- ବିଭାଜନ ବିଭୀଷିକା ଦିବସ ଉପଲକ୍ଷେ କେନ୍ଦୁଝର ରାମମନ୍ଦିରଠାରୁ ନୀରବ ଶୋଭାଯାତ୍ରା, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ଟା।
- ଏବିଭିପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଚମ୍ପୁଆ, ସମୟ: ପୂର୍ବାନହ ୧୧ଟା।

## ମୟୂରଭଞ୍ଜ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ସକାଳ ୭ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ସ୍ୱଚ୍ଛତା ବାର୍ତ୍ତା ନେଇ ବାଇକ ଶୋଭାଯାତ୍ରା, ସ୍ଥାନ: ବିନାୟକ ଆଚାର୍ଯ୍ୟ କଲେଜ ଛକ। ଆରମ୍ଭ, ସମୟ: ସକାଳ ୭ଟା ୩୦।
- ବିଭାଜନ ବିଭିଷିକାର ସ୍ମୃତି ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ଅପରାହ୍ନ ୫ଟା ୩୦।

## କନ୍ଧମାଳ

- ତ୍ରିରଙ୍ଗା ରାଲି, ସ୍ଥାନ: ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା୩୦।
- ରାଜ୍ୟ ଭାଜପା ସଭାପତିଙ୍କ କନ୍ଧମାଳ ଗସ୍ତ, ବିଭାଜନ ବିଭୀଷିକା ଉପରେ ଆଲୋଚନାଚକ୍ର, ସ୍ଥାନ: ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧ଟା।

## ଗଜପତି

- ତ୍ରିରଙ୍ଗା କେମ୍ପେନିଂ ବାଇକ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ, ସମୟ ସକାଳ: ୭ଟା୩୦।
- କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ ଠାରୁ ୨ କିଲୋମିଟର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ସାମୂହିକ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ,ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ହର ଘର ତ୍ରିରଙ୍ଗା, ହର ଘର ସ୍ୱଚ୍ଛତା ଉପରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ,ସମୟ: ସକାଳ ୯ଟା।
- ପାରାଦୀପ ଯୁବ ବିଜେଡି ପକ୍ଷରୁ ନାରୀ ନିର୍ଯ୍ୟାତନା ଉପରେ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ, ସ୍ଥାନ: ପାରାଦୀପ କଲେଜ ପାଖ, ନୂଆବଜାର ପାରାଦୀପ, ସମୟ: ପୂର୍ବାହ୍ନ୧୦ ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଶିବାନନ୍ଦ ଆଶ୍ରମ ଗରାପୁର, କେନ୍ଦ୍ରାପଡା, ସମୟ: ସକାଳ ୭ଟା।

## ଯାଜପୁର

- ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ : ସରପଞ୍ଚ ଓ ସମିତି ସଭ୍ୟଙ୍କ ଦସ୍ତଖତ ଯାଞ୍ଚ, ସ୍ଥାନ : ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ଭାଜପା ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୪ର୍ଥ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ ସମୟ:ସନ୍ଧ୍ୟା ୭ଟା୩୦, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା ।
- ନୟାଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ବାଇକ୍ ରାଲି, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ଦୁର୍ଗାପ୍ରସାଦ ପର୍ଯ୍ୟନ୍ତ, ସମୟ:ସକାଳ ୮ଟା।

## ରାୟଗଡ଼ା

- ହର ଘର ତ୍ରିରଙ୍ଗା ଯାତ୍ରାରେ ଗଣଦୌଡ,ସ୍ଥାନ: ରିଲାଏନ୍ସ ପେଟ୍ରୋଲ ପମ୍ପଠାରୁ କୋଟଲାଗୁଡା ତାରିଣୀ ମନ୍ଦିର, ରାୟଗଡା, ସମୟ: ସକାଳ ୫ଟା ୩୦ ।
- ନାରୀ ସୁରକ୍ଷାକୁ ନେଇ ପୋଲିସର ସଚେତନତା ଶିବିର, ସ୍ଥାନ: ମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ନବରଙ୍ଗପୁର

- ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ନିଶା ନିବାରଣ ନେଇ ଶପଥ ପାଠ କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଟିଡିଏର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।
- ସ୍ୱାଧୀନତା ଦିବସ ନେଇ କବିତା ଆସର, ସ୍ଥାନ: କୋରାପୁଟ ସଦଭାବନା ସଭାଗୃହ, ସମୟ : ଅପରାହ୍ନ ୫ ଟା।

## ମାଲକାନଗିରି

- ଜିଲା ଶିଶୁ ସୁରକ୍ଷା ୟୁନିଟ, ପୋଲିସ ପକ୍ଷରୁ ଆତ୍ମହତ୍ୟା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଏମ୍‌ଭି ୭ ଉଚ୍ଚ ବିଦ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ ଟା।

## ସମ୍ବଲପୁର

- ସ୍ୱାଧୀନତା ଦିବସ ଅବସରରେ ଦେଶାତ୍ମବୋଧ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ : ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ସଭାକକ୍ଷ, ସମୟ : ସକାଳ ୯ଟା ୩୦।
- ଭାଜପାର ଭୋଟ ଚୋରି ପ୍ରତିବାଦରେ ମଶାଲ ଶୋଭାଯାତ୍ରା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଭାଜପା ପକ୍ଷରୁ ଲୋଇସିଂହାରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ରାମମନ୍ଦିରରୁ ଅଗ୍ରେସନ ଭବନ ପର୍ଯ୍ୟନ୍ତ,ସମୟ : ସକାଳ ୯ଟା।
- ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା

## ରାଉରକେଲା

- ରାଉରକେଲା ରାଜସ୍ୱ ଅମଲା ସଂଘର ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ପାନପୋଷ ଉପ-ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନାଚକ୍ର କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ସମ୍ବଲପୁରୀ ନାଟକ କାଠର୍ ଚୌକି ପରିବେଷଣ, ସ୍ଥାନ:ସୌଖିନ ରଙ୍ଗମଞ୍ଚ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଂଗ୍ରେସର ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଘର ଘର ତ୍ରିରଙ୍ଗା ଯାତ୍ରା ଅବସରରେ ବାଇକ୍ ରାଲି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼

- ବିଭାଜନ ବିଭୀଷିକା ସ୍ମୃତି ଦିବସ ଅବସରରେ ଆଲୋଚନାଚକ୍ର, ସ୍ଥାନ: ସେଣ୍ଟର୍ ଫର୍ କଲଚର, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମ୍ୟୁଜିକା ସଙ୍ଗମ ଏଣ୍ଡ ସଙ୍ଗମ ତରଫରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଅସଦାଚରଣ ବିରୋଧରେ ଦିନିକିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାରତୀୟ ଜନତା ପାର୍ଟି ନୂଆପଡା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସ୍ଥାନୀୟ ପୋଲିସ ପଡ଼ିଆଠାରୁ ସହର ପରିକ୍ରମା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୋଟ ଚୋରି ପ୍ରତିବାଦ କରି ଜିଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ଜିଲାପାଳ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସୁବାସ ବୋଷ କ୍ଲବ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରାମପୁର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଯାତ୍ରା କିମ୍ବା କଠୋର ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ମିଠାକଥା କହି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ପାରିବାରିକ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ପୂର୍ବପରି ପରିସ୍ଥିତି ଲାଗିରହିବ।

**ବୃଷ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ଆଶଙ୍କା ରହିଛି।

**ମିଥୁନ** ବନ୍ଧୁଙ୍କ ସାହାଯ୍ୟରେ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ପୁରାତନ ରୋଗପୀଡା ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ, ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ।

**କର୍କଟ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ଶତ୍ରୁକୃତ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନ ବୁଝାମଣାରେ କିଛିଟା ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିବେ।

**ସିଂହ** ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। ଦେହ ଭଲ ରହିବ ମାତ୍ର କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁମାନଙ୍କ ସହ ଆଲୋଚନା ପ୍ରସଙ୍ଗରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ବନ୍ଧୁଙ୍କ ଅନୁରୋଧରେ କୌଣସି ନୂଆ କାମଟିଏ କରିବାକୁ ମନ ବଳାଇବେ। ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବେ। ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ମକଦ୍ଦମା, ତର୍କବିତର୍କ, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାକୁ ନେଇ ମାନସିକ ସ୍ତରରେ ଖୁସି ରହିବେ। ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଆଜି ଦୀର୍ଘଦିନର ଅଭିଳାଷ ପୂରଣ ହେବାରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି । ବନ୍ଧୁଙ୍କ ଜରିଆରେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ଯାନବାହନରେ ଯାତ୍ରା କରିବା ସମୟରେ ଅନ୍ୟମନସ୍କତା ପରିହାର କରିବା ଭଲ ହେବ। ପାରିବାରିକ ସ୍ତରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ପାରିବାରିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସାହିତ୍ୟ, ସାମ୍ବାଦିକତା, ରପ୍ତାନି କାରବାର ତଥା ଏଜେନ୍ସିରୁ ଲାଭବାନ ହେବେ।

**କୁମ୍ଭ** ଆପଣଙ୍କୁ ସାହାଯ୍ୟ କରିବାକୁ ଯାଇ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିପାରନ୍ତି। ବିବାଦୀୟ ଘଟଣା କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ପାରିବାରିକ ସ୍ତରରେ ମନ ବୁଝିଲାଭଳି କଥା କହି ପରିସ୍ଥିତିରେ ସାମ୍ୟତା ଆଣିପାରିବେ। ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଅଗଷ୍ଟ ୧୪ ତାରିଖ, ଭାଦ୍ରବ କୃଷ୍ଣ ଷଷ୍ଠୀ ଗୁରୁବାର। ଶ୍ରୀମନ୍ଦିରରେ ହରି ଜଳାଧିବାସ, ଗର୍ଭଉଦକ ବନ୍ଦାପନା, ଜେଉଡ ଭୋଗ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ଦିବା ଘ.୦୯.୦୫ ମି. ପର୍ଯ୍ୟନ୍ତ, ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୦ ଗତେ ଘ.୦୭.୧୧ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୬ ଗତେ ଘ.୦୩.୦୧ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ସମ୍ବଲପୁର ସହରାଞ୍ଚଳକୁ ...

ଅଫ୍ ଓଡ଼ିଶା(ଓ୍ୱାଟ୍‌କୋ) ମାଧ୍ୟମରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ପାଞ୍ଚ ବର୍ଷ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସହିତ ସମ୍ବଲପୁର ସହରକୁ ୨୪x୭ ଘଣ୍ଟା ଜଳଯୋଗାଣ ବ୍ୟବସ୍ଥା ସହ ପାନୀୟଜଳ ଯୋଗାଣର ଉନ୍ନତି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ସମ୍ବଲପୁର, ହୀରାକୁଦ ଏବଂ ବୁର୍ଲା ସହରର ସମସ୍ତ ପରିବାରକୁ ୨୪x୭ ଘଣ୍ଟିଆ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବ। ସମ୍ବଲପୁର ଏବଂ ହୀରାକୁଦ ସହର ପାଇଁ ହୀରାକୁଦ ଡ୍ୟାମସ୍ଥିତ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରି କେନାଲରେ ୧୧୦ ଏମ୍‌ଏଲ୍‌ଡି କ୍ଷମତାସମ୍ପନ୍ନ ଇନ୍‌ଟେକ୍ ୱେଲ୍ ନିର୍ମାଣ ହେବ। ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି, ରାଜ୍ୟର ୧୧୦ ସହରାଞ୍ଚଳରେ ଏଲ୍‌ଇଡି ପ୍ରକଳ୍ପ ୨୦୨୩ରୁ କାର୍ଯ୍ୟକାରୀ ହେଉଛି। ଆଗାମୀ ଦିନରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଲାଗି ୩୫୦ କୋଟି ଟଙ୍କା ଆବଶ୍ୟକ ରହିଛି। ଏହି ପାଣ୍ଠି ଯୋଗାଣ ନିମନ୍ତେ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି ଏବଂ ଅବଶିଷ୍ଟ ୨୦୦ କୋଟି ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିର ନିଜସ୍ୱ ପାଣ୍ଠିରେ (ମୂଳଧନ ଏବଂ ସୁଧର ପୁନରୁଦ୍ଧାର) ଉପଲବ୍ଧ ଥିବା ପାଣ୍ଠିରୁ ବ୍ୟବହାର କରିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି।

### ନିର୍ମାଣ ହେବ ୩୮ ...

ଟଙ୍କାର ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ଗୋଟିଏ ଛାତ ତଳେ ତାଙ୍କ ଉତ୍ପାଦିତ ଫସଲ ବିକ୍ରି ଓ ଉଚିତ୍ ମୂଲ୍ୟ ଦେବା ନିମନ୍ତେ ଡିଜିଟାଲ ପ୍ଲାଟ୍‌ଫର୍ମଠୁ ଆରମ୍ଭ କରି ଶୀତଳଭଣ୍ଡାର, ଓଜନ ସରଞ୍ଜାମ, ବହୁମୁଖୀ ଗୋଦାମ ସୁବିଧା, ବିଶ୍ରାମଗୃହ, ପରିବହନ ସୁବିଧା, ପାର୍କିଂ ଓ ଉଚ୍ଚମାନର ଯନ୍ତ୍ରପାତି ଆଦି ପ୍ରଦାନର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ 'ମଡେଲ ମଣ୍ଡି' ସ୍ଥାପନ କରାଯିବ। ରାଜ୍ୟର ସମସ୍ତ ଜିଲାରେ ଗୋଟିଏ ଲେଖାଏ ମଣ୍ଡି ସ୍ଥାପନ ନିମନ୍ତେ ଆବଶ୍ୟକ ସର୍ଭେ ଆଦି କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ୩୮ଟି ମଣ୍ଡି ବିକଶିତ କରାଯିବାକୁ ରହିଥିବାବେଳେ ସେଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ରହିଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ(ଓବିସିସି) ମାଧ୍ୟମରେ କରାଯିବ। ଏହି କାର୍ଯ୍ୟର ତଦାରଖ ଲାଗି ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ(ଓସ୍‌ମା ବୋର୍ଡ) ଏକ ସେଲ୍ ଗଠନ କରିବ। ପରବର୍ତ୍ତୀ ସମୟରେ ଆଉ ୬୨ଟି ଏଭଳି ମଣ୍ଡି ଖୋଲିବା ଲାଗି ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଥିଲେ।

### ଭୁବନେଶ୍ୱରରେ ହେବ ...

ଅଫ୍ ଆଭିଏଶନ ଆସେଟ୍ସ ଆଣ୍ଡ ନେଟ୍‌ୱର୍କ) ଯୋଜନାର ଅଂଶ। ଘରୋଇ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଶିଳ୍ପ ନୀତି ସଂକଳ୍ପ (ଆଇପିଆର) ୨୦୨୨ ଅନୁସାରେ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଅଫର କରାଯାଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟପକ୍ଷ ଏମ୍‌ଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କସ ଇଣ୍ଡିଆ(ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡ୍‌କୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ବିଶ୍ୱ ଏମ୍‌ଆରଓ ଶିଳ୍ପ ୨୦୩୧ ସୁଦ୍ଧା ୮.୯ ପ୍ରତିଶତ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାରରେ ୪.୦ ବିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ଏହାର ତଦାରଖ କରିବ, ଯେତେବେଳେ ବିମାନ ଚଳାଚଳ ଉପରେ ଉଚ୍ଚସ୍ତରୀୟ କମିଟି ପ୍ରକଳ୍ପ ପ୍ରଚଳନ ଓ ତଦାରଖକୁ ସହଜ କରିବ ବୋଲି ମୁଖ୍ୟ ସଚିବ କହିଥିଲେ।

### ୟୁରାନିୟମ୍ ଖନନରେ ...

ପ୍ଲାଣ୍ଟଗୁଡ଼ିକ କ୍ଷେତ୍ରରେ ବିଦେଶୀ ପକ୍ଷମାନଙ୍କୁ ମଧ୍ୟ କିଛି ମାତ୍ରାରେ ଅଂଶୀଦାର କରିବା ଲାଗି ନିୟମକୁ କୋହଳ କରିବାକୁ ସରକାର ବିଚାର କରୁଛନ୍ତି। ଗତ ଏପ୍ରିଲ ୨୫ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ସରକାର ବିଦେଶୀ କମ୍ପାନୀଗୁଡ଼ିକୁ ଆଣବିକ ଖନନ ଓ ଆମଦାନୀ ଉପରେ ୪୯% ପର୍ଯ୍ୟନ୍ତ ସୁଯୋଗ ଦେଇପାରନ୍ତି। ଯୋଜନା ଅନୁସାରେ ଲକ୍ଷ୍ୟ ପୂରଣ ହେଲେ ଆଣବିକ କ୍ଷେତ୍ରରୁ ଭାରତର ମୋଟ ବିଦ୍ୟୁତ୍ ଚାହିଦାର ୫% ପୂରଣ ହୋଇପାରିବ ବୋଲି ସରକାରୀ ସ୍ତରରେ ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁରାନିୟମ୍ ଇନ୍ଧନର ଖନନ, ଆମଦାନୀ ଓ ପ୍ରକ୍ରିୟାକରଣ ଉପରେ କେବଳ ସରକାରୀ ନିୟନ୍ତ୍ରଣ ରହିଆସିଛି। ଅଧିକ ଆଣବିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଆଶାରେ ଘରୋଇ ଓ ବିଦେଶୀ ପକ୍ଷଙ୍କୁ ସାମିଲ କରାଗଲେ ଆଣବିକ ସାମଗ୍ରୀର ଦୁରୁପଯୋଗ ସହ ବିକିରଣ ନିରାପତ୍ତା ଓ ରଣନୈତିକ ସୁରକ୍ଷାଗତ ବିପଦ ଉପୁଜିପାରେ। ବୈଶ୍ୱିକ ମାନକ ଅନୁସାରେ ସରକାର ବ୍ୟବହୃତ ୟୁରାନିୟମ୍ ଇନ୍ଧନର ପ୍ରକ୍ରିୟାକରଣ ଓ ପ୍ଲୁଟୋନିୟମ୍ ଆବର୍ଜନା ପରିଚାଳନାକୁ ନିଜ ନିୟନ୍ତ୍ରଣରେ ରଖିବେ। କିନ୍ତୁ ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧି ଲାଗି ଆଣବିକ ଇନ୍ଧନ ଚାହିଦା ବଢ଼ିଲେ ଏଥିରେ ସହାୟକ ହେବା ଭଳି ଏକ ନିୟାମକ ଢାଞ୍ଚା ପ୍ରସ୍ତୁତ କରାଯିବ, ଯାହାକି ଘରୋଇ ଭାରତୀୟ କମ୍ପାନୀଗୁଡ଼ିକୁ ୟୁରାନିୟମ୍ ଖନନ, ଆମଦାନୀ ଓ ପ୍ରକ୍ରିୟାକରଣର ସୁଯୋଗ ପ୍ରଦାନ କରିବ ବୋଲି ଦୁଇଟି ସରକାରୀ ସୂତ୍ରରୁ ରଏଟର୍ସ ପ୍ରକାଶ କରିଛି। ସରକାରଙ୍କ ଏହି ଯୋଜନା ସାର୍ବଜନୀନ ହୋଇ ନ ଥିବାରୁ ସୂତ୍ର ନିଜ ନାମ ପ୍ରଘଟ ନ କରିବାକୁ କହିଛନ୍ତି। ପ୍ରସ୍ତାବିତ ନୀତି ଚଳିତ ଆର୍ଥିକବର୍ଷରେ ସାର୍ବଜନୀନ ହୋଇପାରେ। ତଦନୁସାରେ ଘରୋଇ ପକ୍ଷଗୁଡ଼ିକ ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଉପକରଣ ଯୋଗାଇଦେବେ। ଅର୍ଥ ମନ୍ତ୍ରଣାଳୟ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଆଟମିକ୍ ଏନର୍ଜି ବିଭାଗ ଏନେଇ ରଏଟର୍ସ ପକ୍ଷରୁ କରାଯାଇଥିବା ପ୍ରଶ୍ନର କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି। ଭାରତ ବାହାରେ କାନାଡ଼ା, ଦକ୍ଷିଣ ଆଫ୍ରିକା ଓ ଆମେରିକାର ଘରୋଇ କମ୍ପାନୀଗୁଡ଼ିକୁ ୟୁରାନିୟମ୍ ଖନନ ଓ ପ୍ରକ୍ରିୟାକରଣରେ ସୁଯୋଗ ମିଳିପାରେ। ଏଥିସକାଶେ ଖଣି, ବିଦ୍ୟୁତ୍ ଓ ବିଦେଶୀ ପୁଞ୍ଜିନିବେଶ ସମେତ ୫ଟି କ୍ଷେତ୍ରର ଆଇନରେ ସଂଶୋଧନ ଆଣିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ୨୦୨୭ ପୂର୍ବରୁ ...

ଏବଂ ୨୦୨୯ ପୂର୍ବରୁ ବ୍ଲକ୍ ପୁନର୍ଗଠନ କରାଯିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ। ସାଧାରଣ ନିର୍ବାଚନ ପୂର୍ବରୁ ବ୍ଲକ୍ ଗଠନ ହେବ। ଏନେଇ ଏକ କମିଟି ଗଠନ କରାଯାଇ ଏହାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଏଥିପାଇଁ ଗ୍ରାମପଞ୍ଚାୟତ ସଂଖ୍ୟା ବୃଦ୍ଧି କରାଯାଉ। ଏନେଇ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

### ଶ୍ରୀମନ୍ଦିର ଉଡ଼ାଇଦେବାକୁ ...

ଲୋକ ଦେଖିବାକୁ ପାଇଥିଲେ। ଚକ୍ ଖଡ଼ିରେ ଗୋଟିଏ ପାର୍ଶ୍ୱରେ ଲେଖାଯାଇଛି ଯେ, ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ। ଆଉ ଏକ ପାର୍ଶ୍ୱରେ କିଛି ଫୋନ୍ ନମ୍ବର ମଧ୍ୟ ଦିଆଯାଇ ଫୋନ୍ କର, ନ କଲେ ମହାତାଣ୍ଡବ ହେବ ବୋଲି ଧମକପୂର୍ଣ୍ଣ ବାର୍ତ୍ତା ଲେଖାଯାଇଛି। ଏହା ଭିତରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାମ ମଧ୍ୟ ଲେଖାଯାଇଛି, ଯାହାକୁ ପଢ଼ିବା ପରେ ଶ୍ରଦ୍ଧାଳୁ ଛାନିଆ ହୋଇପଡ଼ିଥିଲେ। 'ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ' ବୋଲି ଦୁଇଟି ସ୍ଥାନରେ କଡ଼ା ଚେତାବନୀ ଦିଆଯାଇଥିଲା। ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ପରିକ୍ରମା ମାର୍ଗର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ଧମକପୂର୍ଣ୍ଣ ଲେଖା ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗ କଡ଼ା ସୁରକ୍ଷା ବଳୟ ଭିତରେ ରହିଛି। ଏହା ଶ୍ରୀମନ୍ଦିର ସିକ୍ୟୁରିଟି ଜୋନ୍ ଭାବେ ସରକାର ପ୍ରଶାସନିକ ରେକର୍ଡ କରିଛନ୍ତି। ହେଲେ ଏହି ସୁରକ୍ଷା ଜୋନ୍ ଭିତରେ ଏପରି କାର୍ଯ୍ୟ କିପରି ହେଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବାରମ୍ବାର ଗୃହ ମନ୍ତ୍ରଣାଳୟ ଓ ଏନ୍‌ଏସ୍‌ଜି ପକ୍ଷରୁ ପରାମର୍ଶ ଦିଆଯାଇଛି।ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଲାଗିଥିବା ସମସ୍ତ ସିସିଟିଭି କାର୍ଯ୍ୟକ୍ଷମ ହୋଇନାହିଁ। କେବଳ ଲୋକ ଦେଖାଣିଆ ଭାବେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ଲଗାଯାଇଛି ବୋଲି ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉକ୍ତ ଲେଖାକୁ ଲିଭାଇଥିଲା। ପରେ ଜଣେ ବ୍ୟକ୍ତିଙ୍କୁ ଧରି ସିଂହଦ୍ୱାର ଥାନାରେ ଅଟକ ରଖିଛି ପଚରାଉଚରା କରିଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର କହିଛନ୍ତି, ବୁଧବାର ସକାଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଢ଼ୀମା' ମନ୍ଦିରରେ ଶ୍ରୀମନ୍ଦିରକୁ ନେଇ କିଛି ଆପତ୍ତିଜନକ ଲେଖା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଲେଖାଯାଇଥିବାରୁ ଏହାକୁ ପୋଲିସ ଗୁରୁତର ସହ ନେଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପରିକ୍ରମା ପ୍ରକଳ୍ପରେ ଲେଖିଥିବା ରଘୁନାଥଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇ ପଚରାଉଚରା ସମୟରେ ସେ ଲେଖିଥିବା ସ୍ୱୀକାର କରିଛନ୍ତି। ତେବେ ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ। ସେ ମାନସିକ ବିକାରଗ୍ରସ୍ତ ଥିବାରୁ ସ୍ପଷ୍ଟ ଭାବେ କିଛି କହିପାରୁ ନାହାନ୍ତି। ମେଡିକାଲ ନିଆଯାଇ ମାନସିକ ସ୍ଥିତି ପରୀକ୍ଷା କରିବା ପରେ ତାଙ୍କ ବିଷୟରେ ଅଧିକ କିଛି ଜଣାପଡ଼ିବ ବୋଲି ଜଣାପଡ଼ିବ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ପୁରୀ ବାସିନ୍ଦା ଆକାଶ ନାୟକ କହିଛନ୍ତି, 'ନିଶ୍ଚିତ ଭାବରେ, ସୁରକ୍ଷା ବ୍ୟବସ୍ଥାକୁ ଢିଲା କରାଯାଇଛି। ଆତଙ୍କବାଦୀ ଧମକ୍ ଦିଆଯାଇଛି। ପୋଲିସ ଠିକ୍ ଭାବରେ ପାଟ୍ରୋଲିଂ କରୁ ନ ଥିବାରୁ ଏପରି ଘଟଣା ଘଟିଛି। ପୋଲିସ ଏହାର ଠିକ୍ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି କହିଛନ୍ତି।

### ପିପିଲିରେ ପୋଡ଼ିହୋଇ ...

ସଙ୍କଟାପନ୍ନ ରହିଛି। ତେବେ ଅର୍ଚ୍ଚନା ପୋଡ଼ି ହେବାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ପ୍ରକାଶ ଯେ, ନରେଶ ଜୟପୁରଛକ ବୁଲାଣିଠାରେ ଏକ ବ୍ରଦର୍ସ ଜିମ୍ ସେଣ୍ଟର ଖୋଲିଛନ୍ତି। ପାରିବାରିକ ବିଶୃଙ୍ଖଳା ଯୋଗୁ ଆଜକୁ ବର୍ଷେ ହେଲା ନରେଶ ନବୀନ ନିବାସରେ ୪ ନଂ. ଘରେ ସ୍ତ୍ରୀ ଅର୍ଚ୍ଚନା ଏବଂ ୫ବର୍ଷର ଝିଅ ସହ ଭଡ଼ାରେ ରହୁଛନ୍ତି। ବୁଧବାର ସନ୍ଧ୍ୟାରେ ନବୀନ ନିବାସରୁ ଚିତ୍କାର ଶୁଣି ସମ୍ମୁଖରେ ଥିବା ଲୋକମାନେ ଯାଇ ଅର୍ଚ୍ଚନାଙ୍କୁ ଜଳୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ନିଆଁକୁ ଆୟତ୍ତ କରି ଗୁରୁତର ଅବସ୍ଥାରେ ତାଙ୍କୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପିପିଲି ମେଡିକାଲରେ ଡାକ୍ତର ହର୍ଷ ବେହେରା ଚିକିତ୍ସା ପରେ କହିଛନ୍ତି, ମହିଳା ଜଣଙ୍କ ଶତକଡ଼ା ୯୦ ଭାଗ ପୋଡ଼ି ଯାଇଛନ୍ତି। ଅପରପକ୍ଷରେ ନରେଶଙ୍କ ବାପା କୃଷ୍ଣଚନ୍ଦ୍ର ଦାଶ କହିଛନ୍ତି, ଘରେ ଧୂପ ଦେଉଥିବାବେଳେ ଅର୍ଚ୍ଚନା ପୋଡ଼ିହୋଇଯାଇଛନ୍ତି। କିନ୍ତୁ ଅର୍ଚ୍ଚନାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିମାନେ କହିଛନ୍ତି, ଉକ୍ତ ଘର ମଧ୍ୟରେ କିରୋସିନ ଜାର୍ ଏବଂ ଦିଆସିଲି ପଡ଼ିଥିଲା। ଅର୍ଚ୍ଚନା କେମିତି ପୋଡ଼ି ହେଲେ ତାହା ଅସ୍ପଷ୍ଟ ହୋଇ ରହିଛି। ଖବରପାଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଘଟଣାସ୍ଥଳରେ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଏବଂ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପିପିଲି ଅଞ୍ଚଳରେ ଖବର ପ୍ରଚାର ହେବାକ୍ଷଣି ପିପିଲି ପୌରାଞ୍ଚଳ ମଣ୍ଡଳ ସଭାପତି ସୁକାନ୍ତ ଭଞ୍ଜ, ପୌରାଞ୍ଚଳ ଅଧ୍ୟକ୍ଷ ଏସ୍.କେ. ବାବୁ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ମନ ଯାହାଠି ରସେ,**
**ପୋକଶୁଙ୍ଘା ଫୁଲରେ ଭଅଁର ବସେ ।**

ଯିଏ ଯାହାକୁ ଭଲ ପାଏ, ତାର ସବୁ ଗୁଣ ତା' ଆଖିକୁ ସୁନ୍ଦର ଲାଗିଥାଏ। ପ୍ରେମାସ୍ପଦର କୌଣସି ମନ୍ଦଗୁଣ ପ୍ରେମିକା ବା ପ୍ରେମିକ ଆଖିକୁ ଦେଖାଯାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯହିଁ ନ ଥିବ ରକତ ମିଶା**
**ତହିଁ ନ ଥିବ ସାଇପଡ଼ିଶା ।**

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜ ଭିତରେ ଚଳିବାକୁ ହେଲେ ତାକୁ ନିଜ ଜ୍ଞାତି କୁଟୁମ୍ବ ତଥା ସାଇପଡ଼ିଶା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ନିଜ ସୁଖ ଦୁଃଖରେ ଏହି ଆତ୍ମୀୟମାନେ ହିଁ ପାଖରେ ଛିଡ଼ା ହୋଇଥାନ୍ତି ଓ ସାହା ଭରସା ଯୋଗାଇଥାନ୍ତି। ତେବେ ଯେଉଁ ଗ୍ରାମରେ ବା ଅଞ୍ଚଳରେ ଆପଣାର କୁଟୁମ୍ବ ନ ଥାନ୍ତି ସେଠାକାର ପଡୋଶୀମାନେ କେବେ ନିଜର ହୋଇପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ଏମ୍ଏଲ୍ଏ ଲାଡ୍ ୱେବ୍ ପୋର୍ଟାଲ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ 'ଏମ୍ଏଲ୍ଏ ଲାଡ୍' ଓ 'ସିଏମ୍-ଏସ୍ଏ' ର ସରଳୀକୃତ ଗାଇଡ୍‌ଲାଇନ ଉନ୍ମୋଚିତ କରିଛନ୍ତି। ଏହାସହ ଏମ୍ଏଲ୍ଏ ଲାଡ୍ ୱେବ୍ ପୋର୍ଟାଲର(https://mlalads.odisha.gov.in) ମଧ୍ୟ ଶୁଭାରମ୍ଭ ହୋଇଛି। କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ କ୍ୟାବିନେଟ୍ ସହଯୋଗୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡ଼ିକୁ ଶୀଘ୍ର ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ। ଏହି ନୂଆ ଗାଇଡ୍‌ଲାଇନରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡ଼ିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହାସହ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ(କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ସିଏମ୍-ଏସ୍ଏ ଗାଇଡ୍‌ଲାଇନର ମଧ୍ୟ ସରଳୀକରଣ କରାଯାଇଛି। ଏହାଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି। ଏହି ନୂତନ 'ଏମ୍ଏଲ୍ଏ ଲାଡ୍ ୱେବ୍‌ପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ। ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ। ଏହାସହ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିସ କରାଯାଇଥିବା ପ୍ରକଳ୍ପଗୁଡିକର ତଥ୍ୟ ଏହି ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ।

ସୂଚନାଯୋଗ୍ୟ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତାନ୍ତ ଆବଶ୍ୟକ ଭିତ୍ତିଭୂମି ଗଠନ କରିବାରେ ଏକ ମଜଭୁତ ମାଧ୍ୟମ ହୋଇପାରିଛି। ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟ ବରାଦ କରାଯାଇଛି। ଏହି ନୂତନ ଗାଇଡ୍‌ଲାଇନ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି। ପଡ଼ୋଶୀ ରାଜ୍ୟଗୁଡିକର 'ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ'ର ଅଧ୍ୟୟନ କରାଯାଇଛି। କ୍ଷେତ୍ରସ୍ତରରେ ଉପୁଜୁଥିବା ସମସ୍ୟାଗୁଡିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହି ପ୍ରକ୍ରିୟାରେ ସଂଶ୍ଲିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ୍‌ଲାଇନ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଛନ୍ତି।



- ଏମ୍ଏଲ୍ଏ ଲାଡ୍' ଓ 'ସିଏମ୍-ଏସ୍ଏ' ର ସରଳୀକୃତ ଗାଇଡ୍‌ଲାଇନ ଉନ୍ମୋଚିତ
- ପ୍ରକଳ୍ପର ସୁପାରିସଠାରୁ କାର୍ଯ୍ୟାଦେଶ ମିଳିବା ଯାଏଁ ସମୟ ଅବଧି ୩୦ ଦିନ
- ବିଧାୟକମାନେ ସୁପାରିସ କରିଥିବା ପ୍ରକଳ୍ପର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ

# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

## ଥାନାରେ ଅଭିଯୋଗ କଲେ ମୃତକଙ୍କ ଭାଇ

ଭବାନୀପାଟଣା/ଟିଟିଲାଗଡ଼/ ବଲାଙ୍ଗୀର, ୧୩।୮ (ଉତ୍ତମ କୁମାର ଦାଶ/ଶରତ ଚନ୍ଦ୍ର ମିଶ୍ର/ ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ କଣ୍ଡରା ଗ୍ରାମରୁ ବୁଧବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଧାନଫସଲ କ୍ଷତି ଓ ଗ୍ରୁପ ଋଣ ଶୁଝି ନ ପାରି ଜଣେ ଚାଷୀ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଦୁର୍ଗା ଚରଣ ଭୋଇ(୪୭)। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଧାନଫସଲ କ୍ଷତି ହେବା ସହ ଗ୍ରୁପ ଋଣ ଟଙ୍କା ଶୁଝି ନ ପାରିବାରୁ ଦୁର୍ଗା ମାନସିକ ଚାପରେ ଆସି ବୁଧବାର ପୂର୍ବାହ୍ନରେ ଘାସ ମରା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସିନ୍ଧେକେଲା ଓ ପରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଭାସ୍କର ଭୋଇ ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କ ବଡ଼ଭାଇ ଫସଲ କ୍ଷତି ଓ ଗ୍ରୁପ ଟଙ୍କା ଶୁଝି ନ ପାରିବାରୁ ମାନସିକ ଚାପରେ ବିଷ ପିଇ ଆତ୍ମହତ୍ୟା କରିଥିବା ଦର୍ଶାଇଛନ୍ତି। ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ମେଡିକାଲ ପକ୍ଷରୁ ଜଣାପଡିଛି। ମୃତ ଚାଷୀଙ୍କ ୧୧ ବର୍ଷର ପୁତ୍ର ଓ ୬ ବର୍ଷର କନ୍ୟା ସନ୍ତାନ ଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।



ମୃତ ଚାଷୀ ଦୁର୍ଗା ଚରଣ ଭୋଇ।

# ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ହେବ 'ଶକ୍ତିଶ୍ରୀ ସେଫ୍ କ୍ୟାମ୍ପେନ'

ଭୁବନେଶ୍ୱର, ୧୩।୮ (ସୁଚିସ୍ମିତା ସାହୁ)

ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନୂଆ ପ୍ରୟାସ ଆରମ୍ଭ କରିଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ଶକ୍ତିଶ୍ରୀ ସେଫ୍ କ୍ୟାମ୍ପେନ' କାର୍ଯ୍ୟକ୍ରମ କରାଯିବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନ କିପରି ଠିକ୍ ରହିବ ଓ କୌଣସି ପରିସ୍ଥିତିରେ ବି କେହି ଯେମିତି ଦୁର୍ଭାଗ୍ୟଜନକ ପଦକ୍ଷେପ ନ ନିଅନ୍ତି, ସେଥିପାଇଁ ଶକ୍ତିଶ୍ରୀ ଯୋଜନାରେ ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହିତ ସମସ୍ତଙ୍କୁ ସହଯୋଗ କରିବା ଦରକାର। ଯଦି କେହି କୌଣସି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ହେଉଛନ୍ତି, ତାଙ୍କୁ ବୁଝାଇବାକୁ ପଡ଼ିବ। ସବୁ ପରିସ୍ଥିତିରେ ପିଲାଙ୍କୁ ବୁଝାଶୁଝା କରିବାକୁ ପଡିବ। ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପିତାମାତା ଓ ଶିକ୍ଷକଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୮୦%ଙ୍କୁ ସିଧାସଳଖ, ୨୦% ଗ୍ରୁପ୍-ଡି'ରୁ ନିଯୁକ୍ତି

## ଅମଲା କର୍ମଚାରୀଙ୍କ ପାଇଁ ବଡ଼ ନିଷ୍ପତ୍ତି

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ଓଡ଼ିଶା ଅମଲା ସେବକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୪ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ମିନିଷ୍ଟେରିଆଲ ସର୍ଭିସେସ୍(କମର୍ସିଆଲ ଟ୍ୟାକ୍ସେସ୍ ଆଣ୍ଡ ଜିଏସ୍‌ଟି ରେଞ୍ଜ୍ ଆଣ୍ଡ ସବ୍‌ଅର୍ଡିନେଟ୍ ଅଫିସେସ୍) ନିୟମ-୨୦୨୫କୁ ଅନୁମୋଦନ ମିଳିଛି। ଏ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଏହି ଅନୁମୋଦନ ଦ୍ୱାରା କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦ ପ୍ରତିଶତ ଜୁନିୟର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ମାଧ୍ୟମରେ ଏବଂ ୨୦ପ୍ରତିଶତ ଗ୍ରୁପ୍-ଡି' କର୍ମଚାରୀଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ।

ମୁଖ୍ୟ ସଚିବ ପୁଣି କହିଛନ୍ତି, ଅର୍ଥ ବିଭାଗ ଅଧୀନ ବାଣିଜ୍ୟକର ଓ ଜିଏସ୍‌ଟି ସଂଗଠନ ପାଇଁ ଏକ ନୂତନ ନିଯୁକ୍ତି ନିୟମାବଳୀ ଗଠନ କରାଯାଇଛି। ଏହି ନିୟମାବଳୀ ବାଣିଜ୍ୟକର ଓ ଜିଏସ୍‌ଟି କମିଶନରେଟ୍ ଅଧୀନ କାର୍ଯ୍ୟାଳୟଗୁଡ଼ିକରେ ନିଯୁକ୍ତି ଓ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ନୂତନ ନିୟମାବଳୀ ଅନୁସାରେ, ବିଭିନ୍ନ ବିଭାଗ ଅଧୀନ ଜିଲା ଅମଲାସ୍ତରୀୟ କ୍ୟାଡର ପାଇଁ ଏକକ ଦରମା ଗଠନ ନୀତି ପ୍ରଣୟନ କରାଯାଇଛି। ଏଣିକି କୌଣସି ସାଧାରଣ କ୍ୟାଡର ରହିବ ନାହିଁ। ପ୍ରତ୍ୟେକ ବିଭାଗ ନିଜ ନିଜ ଅଧୀନ ଜିଲା ଅମଲାସ୍ତରୀୟ କ୍ୟାଡର ପାଇଁ ପୃଥକ୍ ନିଯୁକ୍ତି ନିୟମାବଳୀ ପ୍ରଣୟନ କରିବେ, ଯାହା ନିଯୁକ୍ତି ପ୍ରଣାଳୀ ଓ ସେବାସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ଏହି ନୂତନ ନିୟମାବଳୀ ଅନୁସାରେ ଗଠିତ କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟ (ସ୍ତର-୪), ସିନିୟର ଆସିଷ୍ଟାଣ୍ଟ (ସ୍ତର-୮), ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ସ୍ତର-୯), ସେକ୍ସନ ଅଫିସର (ସ୍ତର-୧୦), ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର (ସ୍ତର-୧୧) ପଦବୀ ରହିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

### ସଂଗ୍ରହାଳୟ କ୍ୟାଡର ପ୍ରଚଳନକୁ କ୍ୟାବିନେଟ୍‌ର ଅନୁମୋଦନ

ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ନିମନ୍ତେ କ୍ୟାଡର ନିୟମାବଳୀ ପ୍ରଚଳନକୁ ବୁଧବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟର ସଂଗ୍ରହାଳୟ ଗୁଡିକର ସୁପରିଚାଳନା ଓ ସମନ୍ୱୟ ଲାଗି ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ୨୦୨୩ରେ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଗ୍ରହଣ କରିଛି। ଏହି ଅବସରରେ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ଲାଗି କ୍ୟାଡ୍‌ର ନିୟମାବଳୀ ପ୍ରଚଳନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ନିୟମାବଳୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗଙ୍କ ଅନୁମୋଦନ ଲାଭ କରିବା ପରେ ଓଡିଶା ଲୋକ ସେବା ଆୟୋଗଙ୍କ ସ୍ୱୀକୃତି ପାଇଛି। ଏହାଦ୍ୱାରା ରାଜ୍ୟରେ ଥିବା ରାଜ୍ୟ ସଂଗ୍ରହାଳୟ ଓ ଅନ୍ୟ ସମସ୍ତ ସଂଗ୍ରହାଳୟ ଗୁଡିକର ସୁସମନ୍ୱୟ ଓ ସୁପରିଚାଳନା ହୋଇପାରିବ ସେ କହିଥିଲେ।

# ଅଙ୍ଗଦାନ ଶ୍ରେଷ୍ଠ ମହନୀୟତା: ଡ. ମହାଲିଙ୍ଗ

## ମୃତ୍ୟୁ ପୂର୍ବରୁ ୮ ଅଙ୍ଗ ଦେଇହେବ: ଏଡିଏମ୍ଇଟି



ସ୍ୱେଚ୍ଛାକୃତ ଅଙ୍ଗଦାନ ପାଇଁ ଜଣେ ଅଙ୍ଗଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି।

### ବିଶ୍ୱ ଅଙ୍ଗଦାନ ଦିବସ-୨୦୨୫

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ଅଙ୍ଗଦାନଠାରୁ ବଳି ଆଉ କିଛି ମହତ୍ କାର୍ଯ୍ୟ ନାହିଁ। ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନରେ ଅଙ୍ଗଦାତାମାନେ ନୂତନ ଜୀବନ ଭରିଦିଅନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ବୁଧବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଶ୍ୱ ଅଙ୍ଗଦାନ ଦିବସ-୨୦୨୫ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ଅଦ୍ୟାବଧି ଓଡ଼ିଶାରେ ୧୪ଟି ଚିକିତ୍ସାଳୟକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯାଇଛି। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା 'ସୂରଜ ପୁରସ୍କାର' ଅଙ୍ଗଦାନ କ୍ଷେତ୍ରରେ ପ୍ରେରଣା ଯୋଗାଉଛି। ଅଙ୍ଗଦାତାମାନେ ମୃତ୍ୟୁ ପରେ ସୁସ୍ଥ ଏବଂ ମୂଲ୍ୟବାନ୍ ଅଙ୍ଗ ଦାନକରି ଅନ୍ୟମାନଙ୍କ ଜୀବନ ବଞ୍ଚାଇଥିବାରୁ ମନ୍ତ୍ରୀ ଅଙ୍ଗଦାତା ଏବଂ ତାଙ୍କ ପରିବାରକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ରାଜ୍ୟ ଅଙ୍ଗଦାନ କାର୍ଯ୍ୟକ୍ରମର କ୍ଷେତ୍ରୀୟ ଅଧିକାରୀ ତଥା ଏଡିଏମ୍ଇଟି ଡାକ୍ତର ଉମାକାନ୍ତ ଶତପଥୀ କହିଛନ୍ତି, ଜଣେ ବ୍ୟକ୍ତି ତାଙ୍କ ମସ୍ତିଷ୍କ ମୃତ୍ୟୁ ପୂର୍ବରୁ ୮ଟି ଅଙ୍ଗ ଦାନ କରିପାରିବେ। ବଞ୍ଚିଥିବାବେଳେ ମଧ୍ୟ ଲିଭର ଓ ଇଣ୍ଟେଷ୍ଟାଇନ୍‌ରୁ ଖଣ୍ଡେ ଲେଖାଏ ଅଙ୍ଗ ଦାନ ହୋଇପାରିବ। ରାଜ୍ୟରେ ୨୦୧୨ରେ ପ୍ରଥମେ କଟକ ବଡ଼ ଡାକ୍ତରଖାନାରେ କିଡ୍‌ନୀ ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେତେବେଳେ ଚଣ୍ଡୀଗଡ଼ ପ୍ରଭୃତି ବାହାର ରାଜ୍ୟରୁ ଡାକ୍ତରମାନେ ଆସି ଏହି ପ୍ରତିରୋପଣ କରୁଥିଲେ। ମାତ୍ର ୨୦୧୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୟଂକ୍ରିୟ ଭାବେ ଏହି ଅସ୍ତ୍ରୋପଚାର କରାଯାଉଛି। ସେହିପରି ୨୦୨୪ରେ ଲିଭର ପ୍ରତିରୋପଣ କାର୍ଯ୍ୟ ହାତକୁ ନିଆଯାଇଛି। ଇତିମଧ୍ୟରେ ୨ଜଣଙ୍କ ଲିଭର ପ୍ରତିରୋପଣ କରାଯାଇପାରିଛି। ଏହି ପ୍ରକ୍ରିୟା ଅତ୍ୟନ୍ତ ଜଟିଳ। ଏଥିପାଇଁ ହାଇଦ୍ରାବାଦ୍‌ସ୍ଥିତ ଏଆଇଜି ଏବଂ ଚେନ୍ନାଇସ୍ଥିତ ଏସିଏମ୍ଆଇ ସହ ସରକାର ସହବନ୍ଧିତ ହୋଇଛନ୍ତି।

ଡା. ଶତପଥୀ କହିଛନ୍ତି, କିଡ୍‌ନୀ ପ୍ରତିରୋପଣଠାରୁ ଲିଭର ପ୍ରତିରୋପଣ ଅତ୍ୟନ୍ତ ଜଟିଳ। ଏଥିପାଇଁ ବହୁ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି। ପ୍ରଥମେ ଲିଭର ମ୍ୟାଚ୍ କରାଯିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଅଙ୍ଗଦାତାଙ୍କ ସ୍ୱାସ୍ଥ୍ୟକୁ ଭଲ ଭାବେ ଯାଞ୍ଚ କରାଯାଇଥାଏ। ଏହି ପ୍ରତିରୋପଣ ପାଇଁ ୧୫ରୁ ଅଧିକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ଙ୍କ ଆବଶ୍ୟକ ପଡ଼ିଥାଏ ଏବଂ ଏହା ସମୟସାପେକ୍ଷ।

ଉଲ୍ଲେଖଯୋଗ୍ୟ, ସ୍ୱର୍ଗତ ସୂରଜ ବେହେରାଙ୍କ ମାତାପିତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତପୁତ୍ରର ଅଙ୍ଗ ଦାନକରି ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହିତ କରିଥିଲେ। ଏହାକୁ ନେଇ ୨୦୨୦ରୁ ପ୍ରତିବର୍ଷ ଅଗଷ୍ଟ ୧୩ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ 'ସୂରଜ ପୁରସ୍କାର' ପ୍ରଦାନ କରାଯାଉଛି। ହୃତ୍‌ପିଣ୍ଡ, ବୃକକ୍ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଅଧିକ ଅଙ୍ଗ ଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି। ଏହି ଅବସରରେ ଅଙ୍ଗ ଦାନ କରିଥିବା ବିଭିନ୍ନ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଧାୟକ ଅରୁଣଙ୍କ ସମ୍ପାଦିତ 'ସାଇତା ସତ' ପୁସ୍ତକ, 'ବେହାଲ ବର୍ଷା' ସଙ୍ଗୀତ ଉନ୍ମୋଚିତ

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ବୁଧବାର ବିଧାୟକ ଅରୁଣ କୁମାର ସାହୁଙ୍କ ସମ୍ପାଦିତ 'ସାଇତା ସତ' ପୁସ୍ତକ ଏବଂ 'ବେହାଲ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟର ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଏବଂ କଳା ଓ ସଙ୍ଗୀତର ଅତିଥି ଭାବେ ବର୍ଷୀୟାନ ଅଭିନେତା ଚୌଧୁରୀ ବିକାଶ ଦାସ ଯୋଗଦେଇଥିଲେ। ପ୍ରକାଶକ ବିଜୟ ମହାପାତ୍ରଙ୍କ ବି.କେ. ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଇତା ସତ'ରେ ଚମତ୍କାର ଭାବେ ସତ ଓ ମିଛର ପରିଭାଷା ବର୍ଣ୍ଣନା ସହ ଦାର୍ଶନିକ ତତ୍ତ୍ୱ ମାଧ୍ୟମରେ ସାର କଥାଟି କିପରି ଶେଷକୁ ସଂରକ୍ଷିତ ହୋଇ ରହି 'ସାଇତା ସତ' ହୋଇଯାଏ ତାହା ଉପସ୍ଥାପିତ ହୋଇଛି। ସେହିପରି ସଙ୍ଗୀତକାର ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ ଗାଇଥିବା ଅରୁଣ ସାହୁଙ୍କ ରଚିତ 'ବେହାଲ୍ ବର୍ଷା' ସଙ୍ଗୀତରେ ପ୍ରେମ, ପ୍ରତିଶ୍ରୁତି ଓ ପ୍ରଣୟର ସୁନ୍ଦର ସଙ୍ଗମ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଦର୍ଶକ ଭାବେ ବରିଷ୍ଠ ରାଜନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ କୁମାର ଦାସବର୍ମା, ବିଧାୟକ ସୁଶାନ୍ତ ରାଉତ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରମୁଖ କଳା, ସାହିତ୍ୟ, ସଙ୍ଗୀତ ଓ ରାଜନୀତି କ୍ଷେତ୍ରର ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଚିରାଚରିତ କାର୍ଯ୍ୟକ୍ରମ ଶୈଳୀରୁ ବାହାରି ଅରୁଣ ସାହୁଙ୍କ ପରିକଳ୍ପନାରେ ସାହିତ୍ୟ ଓ ସଙ୍ଗୀତର ଅପୂର୍ବ ସମନ୍ୱୟରେ ଏପରି କାର୍ଯ୍ୟକ୍ରମ ଓଡ଼ିଶାରେ ନିଆରା ବୋଲି ମତ ପ୍ରକାଶ ପାଇବା ସହ କାର୍ଯ୍ୟସୂଚୀ ଅନୁଯାୟୀ ସମାନ ସନ୍ଧ୍ୟା ୬ଟା୧୮ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭ଟା୩୩ରେ ଶେଷ ହେବାକୁ ନେଇ ଉପସ୍ଥିତ ଦର୍ଶକ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ।




# ଗୈରିକ ଦଳ ପାଇଁ ୩୦ ହଜାର କୋଟି ସ୍ୱାହା : କଂଗ୍ରେସ

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ଛାତ୍ରୀ ପୋଡ଼ି, ଗଣବଳାତ୍କାର, ନାରୀ ନିର୍ଯାତନା ରାଜ୍ୟବାସୀଙ୍କୁ କଲବଲ କରୁଛି। ହେଲେ ରାଜ୍ୟ ସରକାର ତଥା ପୋଲିସ ପ୍ରଶାସନ ନିଘୋଡ଼ ନିଦରେ ଶୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ କହିଛନ୍ତି, ଭାଜପା କେବଳ ରଙ୍ଗମାରାରେ ବ୍ୟସ୍ତ। ଏହି ରଙ୍ଗକାର୍ଯ୍ୟ ପାଇଁ ସରକାର ୩୦ ହଜାର କୋଟି ସ୍ୱାହା କରିବାକୁ ଯାଉଛନ୍ତି। ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ମନ୍ତ୍ରିମଣ୍ଡଳର ଏକ ଜରୁରିକାଳୀନ ସଭାରେ ସମସ୍ତ ସରକାରୀ କୋଠାବାଡ଼ିର ରଙ୍ଗ ଗେରୁଆ କରିବା ପାଇଁ ନିଷ୍ପତ୍ତି ହୋଇଛି। ଯେଉଁ ଦଳ ପୂର୍ବ ସରକାରର ରଙ୍ଗମରା କାର୍ଯ୍ୟକୁ ନେଇ ବିଧାନସଭାରେ ଗର୍ଜନ କରୁଥିଲା, ଶାସନକୁ ଆସିଲା ପରେ ସେଇ ଦଳର ସ୍ୱର ପରିବର୍ତ୍ତନ କିଭଳି ହୋଇଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖପାତ୍ର କୃଷ୍ଣଚନ୍ଦ୍ର ପତି କହିଥିଲେ, ସରକାର ପୂର୍ବରୁ ବସ୍ ରଙ୍ଗକୁ ଗେରୁଆରେ ପରିବର୍ତ୍ତନ କରିବା ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ପୁଣି ଓମ୍‌ଫେଡ୍ କ୍ଷୀର ପ୍ୟାକେଟ୍‌ର ରଙ୍ଗ ମଧ୍ୟ ବଦଳାଇ ଦିଆଯାଇଛି। ବର୍ତ୍ତମାନ ୩୦ ହଜାର କୋଟିର ରଙ୍ଗ ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ଏବଂ ପ୍ରଦେଶ କଂଗ୍ରେସ ଏହାର ଦୃଢ଼ ବିରୋଧ କରିବ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି।

# ସୁରକ୍ଷା ଜରୁରୀ

**ଆଜି ଲିଜାର୍ଡ ଡେ'**

ପ୍ରତିବର୍ଷ ଅଗଷ୍ଟ ୧୪ରେ 'ବିଶ୍ୱ ଲିଜାର୍ଡ ଡେ' ପାଳନ କରାଯାଇଆସୁଛି। ପରିସଂସ୍ଥାର ସନ୍ତୁଳନରେ ଏମାନେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି। କୀଟ ନିୟନ୍ତ୍ରକ ଭାବେ ମଧ୍ୟ ଏମାନେ ବିବେଚିତ ହୁଅନ୍ତି। ସମଗ୍ର ବିଶ୍ୱରେ ପ୍ରାୟ ୬ ହଜାର ଲିଜାର୍ଡ ପ୍ରଜାତିର ସରୀସୃପ ଦେଖାଯାଆନ୍ତି। ଗୋଧିଠାରୁ ଆରମ୍ଭକରି ଏଣ୍ଡୁଅ, ଝିଟିପିଟି ପର୍ଯ୍ୟନ୍ତ ସବୁ ଲିଜାର୍ଡ ପ୍ରଜାତିର। କିନ୍ତୁ ବିଭିନ୍ନ କାରଣରୁ ଏବେ ଅଧିକାଂଶ ସଙ୍କଟରେ ଅଛନ୍ତି। ଚୋରା କାରବାର ଯୋଗୁ ଏମାନଙ୍କ ଶିକାର ଦିନକୁ ଦିନ ବଢ଼ିଚାଲିଛି। ପୁଣି ଛୋଟ ବଡ଼ ଜଙ୍ଗଲ କଟା ତଥା ପୋଡ଼ି ଆଦି କେତେକ କାରଣରୁ ଏମାନଙ୍କ ବାସସ୍ଥାନ ହ୍ରାସ ପାଇ ବିପଦସଙ୍କୁଳ ହୋଇଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ଏବେ ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଅସଲ ଲକ୍ଷ୍ୟ।

ଉକ୍ତ ଲିଜାର୍ଡ ପ୍ରଜାତିର ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଅନ୍ତର୍ଭୁକ୍ତ। ଏମାନଙ୍କୁ ଶିକାର କରିବା କିମ୍ବା ଘରେ ଆଣି ପୋଷିବା ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ସଂପୂର୍ଣ୍ଣ ମନା। ଏହାକୁ ଉଲ୍ଲଂଘନ କଲେ ୭ବର୍ଷ ଜେଲ କିମ୍ବା ୧ ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ଓଡ଼ିଶାରେ ଦେଖାଯାଉଥିବା ଲିଜାର୍ଡ ଗୁଡିକ ହେଉଛି ଚେମେଲେଓନ ବା ବହୁରୂପୀ ଏଣ୍ଡୁଅ, ଲେଓପାର୍ଡ ଗେକୋ ବା କାଳକୂଟ, ଇଣ୍ଡିଆନ ଗୋଲଡେନ ଗେକୋ, ବେଙ୍ଗଲ ମନିଟର, ୟେଲୋ ମନିଟର ଏବଂ ୱାଟର ମନିଟର। ସେହିପରି ଓଡ଼ିଶାରେ ପ୍ରାୟ ୩ଟି ପ୍ରଜାତିର ମନିଟର ଲିଜାର୍ଡ ବା ଗୋଧି ଦେଖାଯାଆନ୍ତି। ବେଙ୍ଗଲ ମନିଟର ଏବଂ ୟେଲୋ ମନିଟର ପ୍ରାୟ ସବୁଆଡେ ଦେଖାଯାଉଥିବାବେଳେ କେବଳ ଭିତରକନିକାରେ ୱାଟର ମନିଟର ଦେଖା ଯାଆନ୍ତି। ତେବେ ଚମଡା ଏବଂ ମାଂସ ପାଇଁ ଶିକାର ଦ୍ୱାରା ଏହି ଗୋଧିମାନଙ୍କର ଜୀବନ ସଙ୍କଟାପନ୍ନ ହୋଇ ପଡିଥିଲା। ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଫଳରେ ଯଦିଓ ଗୋଧି ଶିକାର କମିଛି, କିନ୍ତୁ ଏବେ ମଧ୍ୟ ରାଜ୍ୟରେ ଅନେକ ଜିଲାରେ ଗୋଧି ଶିକାର ଚାଲିଛି। ଖଞ୍ଜଣି ବାଦ୍ୟ ଯନ୍ତ୍ର ତିଆରିରେ ଏହି ଗୋଧି ଚମଡା ହିଁ ବ୍ୟବହାର ହୋଇଥାଏ। ଖଞ୍ଜଣି ବ୍ୟବହାର ବନ୍ଦ ନହେଲେ ଗୋଧି ଶିକାର ବନ୍ଦ ହେବା କଷ୍ଟକର ବୋଲି ବନ୍ୟପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।

ରିପୋର୍ଟ: **ବନ୍ଦନା ସେଠୀ**



# ବଢ଼ିଲା ପିଏମ୍ ଫସଲବୀମା ପଞ୍ଜୀକରଣ ଅବଧି

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ଫସଲବୀମା ପଞ୍ଜୀକରଣ ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଥିବା ରାଜ୍ୟ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।



ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। **-ଶ୍ରୀଅରବିନ୍ଦ**



# ଭାରତରେ ଆର୍ଯ୍ୟ



ଦେବଦତ୍ତ ପଟ୍ଟନାୟକ

ବିଭିନ୍ନ କାହାଣୀକୁ ବ୍ୟବହାର କରି ଇଂରେଜମାନେ ଦୀର୍ଘଦିନ ଧରି ଉପନିବେଶବାଦକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିଥିଲେ। ୧୮୫୭ ବିଦ୍ରୋହ ପୂର୍ବରୁ ସେମାନେ କହିଥିଲେ ଯେ, ଇଂରେଜମାନେ ମୁସଲମାନ ଶାସକଙ୍କ ଦମନରୁ ହିନ୍ଦୁଧର୍ମକୁ ରକ୍ଷା କରୁଛନ୍ତି। ଏହା ସହ ମିଛ ପ୍ରଚାର କରୁଥିଲେ ଯେ, ଆଫଗାନିସ୍ତାନରେ କମ୍ପାନୀର ସ୍ୱାର୍ଥ ପାଇଁ ସେମାନେ ଭାରତୀୟ ସୈନ୍ୟଙ୍କୁ ବ୍ୟବହାର କରୁନାହାନ୍ତି, ବରଂ ହଜାର ବର୍ଷ ପୂର୍ବରୁ ଗଜନୀର ମହମ୍ମଦ ଚୋରି କରି ନେଇଯାଇଥିବା ସୋମନାଥ ମନ୍ଦିରର କବାଟଗୁଡ଼ିକୁ ପାଇବା ଲାଗି ସେମାନଙ୍କୁ କାମରେ ଲଗାଉଛନ୍ତି। ୧୮୫୭ ବିଦ୍ରୋହ ପରେ ସ୍ୱାଧୀନତା ସଂଗ୍ରାମ ଓ ଜାତୀୟତାବାଦ ଅଧିକ ଦାନା ବାନ୍ଧିଥିଲା। ସେହି ସମୟରେ ଇଂରେଜମାନେ କହିଥିଲେ, ବ୍ରାହ୍ମଣମାନେ ଜାତି, ସତୀ ଏବଂ ବାଲ୍ୟବିବାହ ଭଳି କୁତ୍ସିତ ପରମ୍ପରାଗୁଡ଼ିକୁ ସମାଜ ଉପରେ ଲଦି ଦେଇଥିବାବେଳେ ସେମାନେ ହିଁ ଭାରତକୁ ସଭ୍ୟତା ଆଣିଛନ୍ତି। ଏଭଳି ପ୍ରଚାର ଯୋଗୁ ବେଙ୍ଗଲୀ ବୁଦ୍ଧିଜୀବୀମାନେ ଇଂଲିଶ୍ ଓ ଖ୍ରୀଷ୍ଟିଆନ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ହିନ୍ଦୁପ୍ରଥାକୁ ବିରୋଧ କରିବା ସହ ସମାଲୋଚନା ଆରମ୍ଭ କରିଦେଇଥିଲେ ଏବଂ ସଂସ୍କାର ଅଭିଯାନ ଚଳାଇଥିଲେ। ସଂସ୍କାର ଅଭିଯାନ ରୂଢ଼ିବାଦୀଙ୍କୁ କ୍ରୋଧିତ କରିଥିଲା। ୧୮୯୪ରେ ଚନ୍ଦ୍ରନାଥ ବସୁ 'ହିନ୍ଦୁତ୍ୱ' ଶବ୍ଦ ଉଚ୍ଚାରଣ ସହ ଦୃଢ଼ତାର ସହ କହିଥିଲେ ଯେ, ବେଦର ସିଦ୍ଧାନ୍ତ ଓ ବାଣୀ ଅନୁଯାୟୀ ହିନ୍ଦୁମାନେ ଆର୍ଯ୍ୟ ବା ସଭ୍ୟ ଏବଂ ହିନ୍ଦୁଙ୍କ ପରମ୍ପରାଗୁଡ଼ିକରେ କୌଣସି ସଂସ୍କାରର ଆବଶ୍ୟକତା ନାହିଁ।

୧୮୬୦ ଦଶକରେ, 'ଆର୍ଯ୍ୟ ଜାତି' ଶବ୍ଦ ୟୁରୋପୀୟ ବୁଦ୍ଧିଜୀବୀଙ୍କ ପରିସରରେ ସୃଷ୍ଟି ହୋଇଥିଲା ଏବଂ ଏହା ମ୍ୟାକ୍ସ ମୁଲର ପାଇଁ ସମ୍ଭବ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ଆର୍ଯ୍ୟ ଶବ୍ଦ କେବଳ ଭାରତ-ଇରାନୀୟଙ୍କ ପାଇଁ ବ୍ୟବହାର ହେଉଥିଲା। ପରେ ଯେତେବେଳେ ଭାଷାବିତ୍‌ମାନେ ଲାଟିନ୍ ଓ ସଂସ୍କୃତ ମଧ୍ୟରେ ସମ୍ପର୍କ ଥିବା ଦେଖିଥିଲେ, ସେତେବେଳେ ଆର୍ଯ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମ୍ପର୍କ ଅଛି ବୋଲି ସିଦ୍ଧାନ୍ତରେ ପହଞ୍ଚିଥିଲେ। ଅର୍ଥାତ୍ ଭାରତକୁ ଶାସନ କରୁଥିବା ଇଂରେଜମାନେ ଭାରତୀୟଙ୍କ ଦୂର ସମ୍ପର୍କୀୟ। ଏହାକୁ ନେଇ ଭାରତୀୟ ପ୍ରତିଷ୍ଠିତ କୁଳୀନ ବର୍ଗ ଭାବିଥିଲେ ଯେ, ସେମାନଙ୍କ ଶାସକଙ୍କ ସହିତ ସେମାନଙ୍କର ସମ୍ପର୍କ ଅଛି, ଯାହା ପାଇଁ ସେମାନେ ଗର୍ବ ଅନୁଭବ କରିଥିଲେ। କିନ୍ତୁ ଧୀରେ ଧୀରେ ଏହି କାହାଣୀର ରଣନୀତିକ ବାସ୍ତବତା ସାମ୍ନାକୁ ଆସିଲା ଏବଂ ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଅସନ୍ତୁଷ୍ଟ ଥିଲେ। ଏହାକୁ ଲକ୍ଷ୍ୟ କରି ଭାରତରେ ଇଂରେଜମାନେ ତିଷ୍ଠି ରହିବା ପାଇଁ ଆଉ ଏକ ନୂଆ କାହାଣୀ ରଚିବା ଆରମ୍ଭ କରିଦେଲେ। ସେମାନେ କହିଥିଲେ, ଅନେକ ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ପ୍ରଥମେ ବ୍ରାହ୍ମଣ ଭାବେ ଭାରତରେ ପ୍ରବେଶ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଇଂରେଜ ଭାବେ ଏବେ ପ୍ରବେଶ କରିଛନ୍ତି।



ଲୋକମାନ୍ୟ ତିଳକ ବେଦର ବାକ୍ୟ ବ୍ୟବହାର କରି ଆର୍ଯ୍ୟଙ୍କ ମୂଳ ଜନ୍ମ ସ୍ଥାନ ଉତ୍ତର ଗୋଲାର୍ଦ୍ଧ ବୋଲି ଦର୍ଶାଇଥିଲେ। ଭାରତୀୟଙ୍କୁ ଭାରତ ସମ୍ପର୍କିତ କାହାଣୀସବୁ କହୁଥିବା ବିଦେଶୀଙ୍କୁ ଦୟାନନ୍ଦ ସରସ୍ୱତୀ ଭଲ ପାଉ ନ ଥିଲେ। ସେ କହିଥିଲେ, ପ୍ରକୃତ ମଣିଷ ତ୍ରିଭିସ୍ତପରୁ ଆସିଥିଲେ, ଯାହା ଏବେ ତିବ୍ବତରେ ଅଛି। ଆର୍ଯ୍ୟ କହିଲେ, ସଭ୍ୟ ମଣିଷଙ୍କୁ ବୁଝାଏ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଦୃଢ଼ତାର ସହ କହିଥିଲେ, ବେଦରେ କୌଣସି ବିଦେଶୀ ଦେଶ କଥା ଉଲ୍ଲେଖ ନାହିଁ, ଏହା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଛି। ହରପ୍ପା ମଧ୍ୟ ଆବିଷ୍କୃତ ହୋଇ ନ ଥିଲା। ୧୯୨୦ ଦଶନ୍ଧିରେ ହରପ୍ପା ସଭ୍ୟତା ଆବିଷ୍କୃତ ହୋଇଥିଲା। ଏହାର ପତନର କାରଣ ବୁଝାଇବାକୁ ଯାଇ ମର୍ଟିମେର ହ୍ୱିଲର ଆର୍ଯ୍ୟାନ ଇନଭାସନ ଥିଓରି (ଏଆଇଟି-ଅର୍ଥାତ୍ ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିବା ସିଦ୍ଧାନ୍ତ) ସାମ୍ନାକୁ ଆଣିଥିଲେ। ଏଥିରେ କୁହାଯାଇଥିଲା ଯେ, ଆର୍ଯ୍ୟମାନେ ସ୍ଥାନୀୟ ଲୋକଙ୍କୁ କ୍ରୀତଦାସ କରି ରଖୁଥିଲେ ଏବଂ ସେମାନଙ୍କୁ ଶୂଦ୍ର କରିଥିଲେ। ଅର୍ଥାତ୍ ସେମାନେ ଆକ୍ରମଣକାରୀ ଥିଲେ। ଏହି ସିଦ୍ଧାନ୍ତ ସ୍ୱାଧୀନତା ସଂଗ୍ରାମରେ କମ୍ପନ ସୃଷ୍ଟି କରିଥିଲା। ନୈତିକ ଦୃଷ୍ଟିରୁ କୁଳୀନ ହିନ୍ଦୁମାନେ, ବିଶେଷକରି ମୂଳବାସିନ୍ଦା ବ୍ରାହ୍ମଣଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା। ବିଆର୍ ଆମ୍ବେଡକର ଏହି ଚିନ୍ତାଧାରାକୁ ଗ୍ରହଣ କରିନେଇଥିଲେ, ଯେଉଁଭଳି ନୂଆ କରି ସାମ୍ନାକୁ ଆସିଥିବା ମୁସଲମାନ ଲବି କରିଥିଲା।

ଏହି ସମୟରେ ବୁଦ୍ଧଙ୍କ ବିଷୟରେ ୟୁରୋପୀୟମାନେ ଜାଣିସାରିଥିଲେ ଏବଂ ସେମାନେ ତାଙ୍କୁ 'ଏସିଆର ଆଲୋକ' ଭାବେ ଦେଖୁଥିଲେ। ବୌଦ୍ଧଧର୍ମର 'ସମସ୍ତେ ସମାନ' ବିଚାରଧାରା ହିନ୍ଦୁଧର୍ମର ଜାତି ବ୍ୟବସ୍ଥାର ବିପରୀତ ମନେହେଉଥିଲା। ପ୍ରାଚ୍ୟର ବିଦ୍ୱାନ୍‌ମାନେ ଏହି ବିପରୀତ ବିଚାରଧାରାକୁ ତୀବ୍ର କରିଥିଲେ। ୟୁରୋପୀୟମାନେ ଯୁକ୍ତି ବାଢ଼ିଥିଲେ ଯେ, ବ୍ରାହ୍ମଣମାନେ ବୌଦ୍ଧଧର୍ମକୁ ଧୀରେ ଧୀରେ ହଟାଇ ଦେଇଛନ୍ତି। ବୌଦ୍ଧଧର୍ମ ହିନ୍ଦୁଧର୍ମକୁ ଦୁର୍ବଳ କରିଦେଉଛି ଏବଂ ଏହାର ଶାନ୍ତିବାଦ ସହ ଅହିଂସା ନୀତି ପାଇଁ ଆମେ ଆମ ମିଲିଟାରି ଶକ୍ତି ହରାଇଛୁ ବୋଲି ସଭର୍‌କର ବିଶ୍ୱାସ କରୁଥିଲେ। ଏହିସବୁ ସିଦ୍ଧାନ୍ତଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଥିଲା ଅତ୍ୟନ୍ତ ପରିବର୍ତ୍ତନଶୀଳ ଏବଂ ଇତିହାସ ଦୃଷ୍ଟିକୋଣରୁ ଭୁଲ୍। ତଥାପି ସେହିସବୁ ସିଦ୍ଧାନ୍ତଗୁଡ଼ିକ ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜକୁ ଗଢ଼ିଛି। ଏହି ସମୟରେ ଦଳିତ ସାହିତ୍ୟରେ ବ୍ରାହ୍ମଣଙ୍କ ବିରୋଧରେ ଯୁକ୍ତି ଏବଂ ୧୯୯୦ ଦଶନ୍ଧିରେ ୟୁରୋପୀୟଙ୍କ ଦ୍ୱାରା ଉପସ୍ଥାପିତ 'ଆଉଟ ଅଫ୍ ଇଣ୍ଡିଆନ୍ ଥିଓରି'(ଓଆଇଟି), ଅର୍ଥାତ୍ ଭାରତୀୟ ଉପମହାଦେଶର ମୂଳବାସିନ୍ଦା ଆର୍ଯ୍ୟଙ୍କୁ ନେଇ ୟୁରୋପୀୟଙ୍କ ସଂଶୟାତ୍ମକ ତଥ୍ୟର ଉତ୍‌ଥାନ ଏବଂ ହିନ୍ଦୁତ୍ୱକୁ କୋଏନରାଡ ଏଲିଷ୍ଟ ଓ ଡାଭିଡ ଫ୍ରାୱ୍ଲେଙ୍କ ଭଳି ଆମେରିକୀୟଙ୍କ ସମର୍ଥନ ସାମ୍ନାକୁ ଆସିଥିଲା। ଭାରତ ମାନବ ସଭ୍ୟତାର କେନ୍ଦ୍ର ନୁହେଁ ବୋଲି ଦର୍ଶାଇବା ପାଇଁ ସେମାନେ ଷଡ଼ଯନ୍ତ୍ର କରିଥିଲେ। ଆର୍ଯ୍ୟମାନେ ହରପ୍ପା ସଭ୍ୟତାର ପ୍ରତିଷ୍ଠାତା ଥିଲେ ଏବଂ ସେମାନେ ଭାରତରୁ ୟୁରୋପକୁ ଯାଇଥିଲେ ବୋଲି ସେମାନେ ସ୍ୱୀକାର କରୁ ନ ଥିଲେ। ଏବେ ଯେଉଁମାନେ ଏହି ସିଦ୍ଧାନ୍ତକୁ ବିରୋଧ କରୁଛନ୍ତି, ସେମାନେ ଉପହସିତ ଏପରିକି ହିଂସାର ଶିକାର ହେଉଛନ୍ତି।

ନାଜି ଜର୍ମାନୀର ଉତ୍ଥାନରେ ଆର୍ଯ୍ୟଙ୍କ ସହ ୟୁରୋପୀୟଙ୍କ ନିବିଡ଼ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ସମ୍ପ୍ରତି ଆର୍ଯ୍ୟଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଗବେଷଣା ଚାଲିଛି। ପ୍ରତ୍ନତତ୍ତ୍ୱବିତ୍, ଭାଷାବିତ୍ ଏବଂ ଆନୁବଂଶିକ ବୈଜ୍ଞାନିକମାନେ ଏବେ ଦୃଢ଼ ନିଶ୍ଚିତ ଯେ, ଆର୍ଯ୍ୟମାନେ ଭାରତକୁ ଇରାନ ବାଟ ଦେଇ ପାଖାପାଖି ଖ୍ରୀଷ୍ଟପୂର୍ବ ୧୫୦୦ରେ ଆସିଥିଲେ। ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁ ହରପ୍ପା ସଭ୍ୟତା ପତନ ପରେ ଏବଂ ଖ୍ରୀଷ୍ଟପୂର୍ବ ୧୮୦୦ରେ ରଥ ଆବିଷ୍କାର ହେବା ପରେ ସେମାନେ ଆସିଥିଲେ। ଯେଉଁ ଅଞ୍ଚଳରୁ ସେମାନେ ଆସିଥିଲେ, ତାହାକୁ ଏବେ କାଜାକସ୍ତାନ କୁହାଯାଉଛି। ଏହା ଏକ ଆକ୍ରମଣ ନ ଥିଲା, ବରଂ ଥିଲା ପ୍ରାୟ ପୁରୁଷମାନଙ୍କର ଏକ ପ୍ରବାସନ ବା ସ୍ଥାନାନ୍ତର, ଯାହା ଅନେକ ଶତାବ୍ଦୀ ଧରି ଜାରି ରହିଥିଲା। ପ୍ରବାସନ ସମୟରେ ଆଫଗାନିସ୍ତାନ ନିକଟରେ ସେମାନେ ଏକ ପ୍ରକାର ଉତ୍ତେଜନାବର୍ଦ୍ଧକ ଔଷଧୀୟ ଗଛ ଇଫେଡ୍ରା (ସୋମ) ଦେଖିଥିଲେ। ଏହା ମଧ୍ୟ ସେମାନଙ୍କ ସଙ୍ଗୀତର ଏକ ଅଂଶ ଥିଲା। କିନ୍ତୁ ସେମାନେ ଗଙ୍ଗା ନିକଟରେ ପହଞ୍ଚିଲା ବେଳକୁ ଏହାର ବିକଳ୍ପ ପାଇଯାଇଥିଲେ। ଘୋଡ଼ା, ରଥ ତିଆରି କୌଶଳ, ଏକ ଦକ୍ଷ ସେନା ଏବଂ ଏକ ଯାଯାବର ଜୀବନଶୈଳୀ ସହ ଆର୍ଯ୍ୟମାନେ ଭାରତକୁ ଏକ ଭାଷା ମଧ୍ୟ ଆଣିଥିଲେ। ଗାଙ୍ଗେୟ ସମତଳ ଅଞ୍ଚଳରେ ଏହି ଭାଷାର କ୍ରମବିକାଶ ଘଟିଥିଲା, ଯାହାକୁ ଏବେ କୁହାଯାଉଛି ବୈଦିକ ସଂସ୍କୃତ। ଧର୍ମ ଶବ୍ଦର ମୂଳ ଅକ୍ଷର 'ଧ'। ଏହା ପୂର୍ବରୁ ଦକ୍ଷିଣ ଏସିଆ ବାହାରେ ଥିବା କୌଣସି ଆର୍ଯ୍ୟ ଭାଷା (ଇଣ୍ଡୋ ୟୁରୋପୀୟ)ରେ ଦେଖିବାକୁ ମିଳେ ନାହିଁ। ଏହି ବୈଦିକ ଭାଷା ଏବଂ ଏହା ସହ ଜଡ଼ିତ ପୁରୋହିତ ସଂସ୍କୃତି ଅନେକ ହଜାର ବର୍ଷ ଧରି ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୫୦୦ ମଧ୍ୟରେ ସମଗ୍ର ଉପମହାଦେଶରେ ପ୍ରସାର ଲାଭ କରିଛି। ଏହି ଭାଷା ତାମିଲ ସାହିତ୍ୟର ସୁବର୍ଣ୍ଣଯୁଗ କୁହାଯାଉଥିବା ସଙ୍ଗମ ସମୟରେ ତାମିଲ କବିଙ୍କର ଅତି ପ୍ରିୟ ଥିଲା।

-devduttofficial@gmail.com

# ଶାଶ୍ୱତ ସମ୍ପର୍କର ଅବକ୍ଷୟ



ଡ. ଚିନ୍ତାମଣି ପଣ୍ଡା

ଗୁରୁ-ଶିଷ୍ୟର ସମ୍ପର୍କ ଅତି ମାନବୀୟ ସ୍ତରର। ଏ ନୈସର୍ଗିକ ବନ୍ଧନଟି କାମନାରହିତ ସିନା କିନ୍ତୁ ଭାବାବେଗ ଭରା ସମ୍ବେଦନଶୀଳ। ତ୍ରେତୟା ଯୁଗର ଗୁରୁ ବଶିଷ୍ଠ, ବିଶ୍ୱାମିତ୍ରଙ୍କର ଅନୁଶାସନ ଯେତିକି କଠୋର, ଦ୍ୱାପରର ଗୁରୁ ସନ୍ଦିପନୀ ତଥା ଦ୍ରୋଣାଚାର୍ଯ୍ୟଙ୍କର ଶିଷ୍ୟ ପରୀକ୍ଷା ସେତିକି ମାର୍ମିକ ତଥା ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଗୁରୁକୁଳୀୟ ପରମ୍ପରାରେ ଶିଷ୍ୟମାନେ ଯେ ଖାଲି ବିଦ୍ୱାନ ହେଉଥିଲେ ତା' ନୁହେଁ ବରଂ ଚରିତ୍ରବାନ୍ ଓ ସର୍ବଗୁଣ ବିଶାରଦ ହୋଇପାରୁଥିଲେ। କଳିଯୁଗରେ ଶିକ୍ଷାଦାନ ବ୍ୟବସ୍ଥା ଜଙ୍ଗଲର ଗୁରୁକୁଳୀୟ ପରମ୍ପରାରୁ ଜନବସତି ଆଡ଼କୁ ମୁହାଁଇଲା ପରେ ଗ୍ରାମ୍ୟ ଆଖଡ଼ାଶାଳ ତଥା ଚାହାଳି ଘରମାନଙ୍କରେ ଆତ୍ମପ୍ରକାଶ କଲା। ତଥାପି ତଦାନିନ୍ତନ ଗୁରୁରୂପୀ ଅବଧାନମାନେ ଶିଷ୍ୟ ରୂପରେ ପାଇଥିବା ଛାତ୍ରମାନଙ୍କୁ କଡ଼ା ଅନୁଶାସନ ଭିତରେ ବାନ୍ଧିରଖୁଥିଲେ। କ୍ରମବିବର୍ତ୍ତନ ବାଦରେ ଗ୍ରାମ୍ୟ ଚାହାଳିର ରୂପରେଖ ବଦଳି ଚାଟଶାଳୀରେ ଓ ଇଂରେଜମାନଙ୍କ ଅମଳରେ ପ୍ରାଥମିକ ବିଦ୍ୟାଳୟର କାୟାକଳ୍ପ ଧାରଣ କଲା। ଅବଧାନ, ପଣ୍ଡିତମାନଙ୍କ ଜାଗାରେ ଶିକ୍ଷକମାନେ ଅଧ୍ୟାପନାର କର୍ଣ୍ଣଧାର ସାଜିଲେ। ଲର୍ଡ ଉଇଲିୟମ ବେଣ୍ଟିକ୍‌ଙ୍କ ସମୟରେ ବିଦ୍ୟାଳୟର ବିକାଶ ଘଟି ଉଚ୍ଚବିଦ୍ୟାଳୟ ଏବଂ ଲର୍ଡ କର୍ଜନଙ୍କ ସମୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ହେଲା। ଧୀରେ ଧୀରେ ନାରୀ ଶିକ୍ଷାର ପ୍ରସାର ଘଟି ସ୍ୱାଧୀନୋତ୍ତର ଭାରତରେ ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାର ନିଶ୍ଚିତ କରାଗଲା। ଶିକ୍ଷାର ବ୍ୟବସାୟୀକରଣ ପରେ ଅଧୁନା ନିଜ ଉଦ୍ୟୋଗରେ ଗଢ଼ି ଉଠିଥିବା ଘରୋଇ ଶିକ୍ଷାଦାନ କେନ୍ଦ୍ରଗୁଡ଼ିକ ପ୍ରତିଯୋଗିତା ଭିତ୍ତିରେ ଆତ୍ମପ୍ରକାଶ କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁ-ଶିଷ୍ୟ ସମ୍ପର୍କଟି ମଧ୍ୟ ଅବକ୍ଷୟମୁଖୀ ହୋଇ ଛାତ୍ର-ଶିକ୍ଷକ ସମ୍ପର୍କକୁ ରୂପାନ୍ତରିତ ହୋଇଯାଇଛି। କିନ୍ତୁ ଚାହାଳି କିମ୍ବା ଚାଟଶାଳୀର କଡ଼ା ଅନୁଶାସନ ବିଦ୍ୟାଳୟର ଦଣ୍ଡମୁକ୍ତ ଅଞ୍ଚଳରେ ସମାଧି ନେଇଛି। ତତ୍କାଳୀନ ଚାଟଶାଳୀରେ ଅବଧାନଙ୍କ ବୟସ ତୁଳନାରେ ଛାତ୍ରୀଟିର ବୟସର ତାରତମ୍ୟ ଯଥେଷ୍ଟ ଅଧିକ ଥିବାରୁ କଡ଼ା ଅନୁଶାସନ ହେତୁରୁ ହେଉ କିମ୍ବା ବାତ୍ସଲ୍ୟ ମମତା ଦୃଷ୍ଟିରୁ, ସମ୍ପର୍କ କଳଙ୍କିତ ହେବାର ନିଜର ନାହିଁ। ଏହି ବୟସର ବ୍ୟବଧାନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଯଥେଷ୍ଟ ସଂକୀର୍ଣ୍ଣ। ପରିବର୍ତ୍ତିତ ପରିବେଶ ପରିସ୍ଥିତି ଦୃଷ୍ଟିରୁ ଛାତ୍ରୀ-ଶିକ୍ଷକ ସମ୍ପର୍କ ଘୁଣ ଖାଇ ଏକ ସାମାଜିକ ବ୍ୟାଧିରେ ପରିଣତହେବାକୁ ବସିଲାଣି। ଉପାନ୍ତରୁ ଉପକୂଳ ପ୍ରତିଟି ଟିକିନିଖି ଖବର ଲୋକଲୋଚନକୁ ଆସିବା ହେତୁରୁ ପ୍ରତିଦିନ ଏ ସମ୍ପର୍କର ଦୁରବସ୍ଥା ସମ୍ବନ୍ଧୀୟ ଘଟଣାମାନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। ଥରେ ଭାବନ୍ତୁତ, ଏକ ଆବେଗ ଭରା ଐଶ୍ୱରୀକ ସମ୍ପର୍କରେ ପତନ ଘଟାଇ ଆମେ ତାକୁ ରସାତଳଗାମୀ କରିସାରିଲେଣି କିନା ? ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଦୀର୍ଘ ବର୍ଷ ଅଧ୍ୟାପନା କରିବା ଭିତରେ ଅନେକ ଉପଲବ୍ଧି ହାସଲ କରିଛି। ଏକଦା ଛାତ୍ରଟିଏ ବିଳମ୍ବରେ ଶ୍ରେଣୀଗୃହକୁ ଆସିବାରୁ ତାଗିଦା ପରିବର୍ତ୍ତେ କାରଣ ପଚାରନ୍ତେ ସେ ନିଃସଙ୍କୋଚରେ ଡେରିରେ ଉଠିଥିବା କଥା ପ୍ରକାଶ କଲା, ତହୁଁ ଅପତ୍ୟ ସ୍ନେହରେ କୌତୁହଳୀ ହୋଇ ଦନ୍ତ ମାର୍ଜନ କରିଛ କି ନା ପଚାରି ଦେବାରୁ ଭରା ଶ୍ରେଣୀରେ ଅତି ନିର୍ଭୀକ ଭାବରେ ନା କହି ଆସନରେ ବସିଲା। ବୁଝିବା କଥା, ଏହା ହେଉଛି ନିଚ୍ଛକ ଗୁରୁଭକ୍ତି। ଛାତ୍ର-ଶିକ୍ଷକ ସମ୍ପର୍କରେ ଆତ୍ମୀୟତା ବଢ଼ିଗଲେ ଯାଇ ପରସ୍ପର ପରସ୍ପରର ସୁବିଧା ଅସୁବିଧା ବାଣ୍ଟିପାରନ୍ତି। ଛାତ୍ର ବା ଛାତ୍ରୀଟିର ମନରେ ଏହି ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମୟ ଦେଇ ତା'ର ଯଥେଷ୍ଟ ନିକଟତର ହେବାକୁ ପଡ଼େ, ଏହି ସମ୍ପର୍କଟି ମମତାର ଉତ୍କର୍ଷରେ ପହଞ୍ଚିଗଲେ ଛାତ୍ରୀଛାତ୍ରମାନେ ସମ୍ମୋହିତ ହେଲା ପରି ଶିକ୍ଷକ/ଶିକ୍ଷିକାଙ୍କର ବ୍ୟକ୍ତିତ୍ୱ ଆଗରେ ମୁଣ୍ଡ ନୁଆଁଇ ଥାନ୍ତି ଏବଂ ତାଙ୍କ ମନରେ ଭୟ ହେତୁରୁ ନୁହେଁ ଭାବାବେଗ ହେତୁରୁ ଗୁରୁଭକ୍ତିର ଉଦ୍ରେକ ହୁଏ। ଥରେ ଭକ୍ତି ଜାଗ୍ରତ ହେଲେ ସମସ୍ତ ନିର୍ଦ୍ଦେଶ ମାନି ବସ ଉଠ ବି ହୋଇପାରେ, କାରଣ ଛାତ୍ରୀଛାତ୍ରମାନେ ସାବାଳିକା ସାବାଳକ ହେଲେ ବି ଶିକ୍ଷକଙ୍କ ଆଗରେ ଶିଶୁ ସୁଲଭ। ଶାରୀରିକ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶିକ୍ଷାନବିସଙ୍କୁ ଦୁଷ୍କର୍ମ କରିବାକୁ ପଛାଉ ନାହାନ୍ତି। ଏହା ଶାଶ୍ୱତ ସମ୍ପର୍କର ଅବକ୍ଷୟ ନିଶ୍ଚୟ।

ମୋ:୮୧୪୦୬୬୦୧୬

## ଏଇ ଭାରତରେ

ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂର କରିବା ଲାଗି ବିଭିନ୍ନ ବର୍ଜ୍ୟରୁ ଏହାର ବିକଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ରେହା କୋଠାରି ଓ ରିଶିକା ରେଡ୍ଡୀ। ଲକ୍‌ଡାଉନ ସମୟରେ ସମସ୍ତେ ଘରକୁ ସାମଗ୍ରୀ ମଗାଉଥିଲେ ଏବଂ ଏହା ଯୋଗୁ ଘରେ ପ୍ଲାଷ୍ଟିକ୍ କିମ୍ବା ଜରି ପ୍ୟାକେଜିଂ ବର୍ଜ୍ୟ ବଢ଼ିଯାଇଥିଲା। ଏହାକୁ ଲକ୍ଷ୍ୟକରି ଏହାର ପରିବେଶ ଉପଯୋଗୀ ବିକଳ୍ପ ଖୋଜିବା ଲାଗି ସେମାନେ ଏକାଠି ଗବେଷଣା ଆରମ୍ଭ କରିଦେଇଥିଲେ। ରିଶିକାଙ୍କ ପରିବାର ପ୍ରିଣ୍ଟିଂ ବିଜନେସ୍ ସହ ଜଡ଼ିତ ଥିବା ହେତୁ ସେ ସହଜରେ ଗବେଷଣାରେ ସକ୍ଷମ ହୋଇପାରିଲେ। ଏବେ ସେମାନେ କଫି, ଛତୁ, କଦଳୀ ଚୋପା, ଟମାଟୋ ବର୍ଜ୍ୟରୁ ପ୍ୟାକେଜିଂ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଏହିସବୁ ସାମଗ୍ରୀ ସହଜରେ ଓ କମ୍ ସମୟରେ ମାଟିରେ ମିଶିଯାଉଛି। ଏହି ଦୁଇ ମହିଳା ଉଦ୍ୟୋଗୀ 'ଦି ମେଣ୍ଡ ପ୍ୟାକେଜିଂ' କମ୍ପାନୀ ପ୍ରତିଷ୍ଠାକରି ପ୍ୟାକେଜିଂ ସାମଗ୍ରୀ ତିଆରି କରୁଛନ୍ତି। ଏହି କମ୍ପାନୀକୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ଏବେ କମ୍ପାନୀରେ ୭୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ ହେଉଛି। କମ୍ପାନୀ ୨୮୦ ଜଣ ଭେଣ୍ଡରଙ୍କ ସହ କାମ କରି ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଏକ ମଜଭୁତ ଯୋଗାଣ ନେଟ୍‌ୱର୍କ ପ୍ରତିଷ୍ଠା କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୪ ଅଗଷ୍ଟ ୧୯୭୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟ ସୁଖଲାଲ ହାଥୀ ହରିଆନାର ରାଜ୍ୟପାଳ ରୂପେ ଏବଂ ବିଦେଶ ତୁକାରାମ କୁଲକର୍ଣ୍ଣି ପଣ୍ଡିଚେରୀର ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଛନ୍ତି।
- ପ୍ୟାରିସ୍‌ର ଏକ ୬ ମହଲା ବିଶିଷ୍ଟ ହୋଟେଲରେ ଅଗ୍ନିକାଣ୍ଡ ଘଟି ୨ ପର୍ଯ୍ୟଟନକାରୀଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ।
- ଗୋଷ୍ଠୀନିରପେକ୍ଷ ଶୀର୍ଷ ସମ୍ମିଳନୀରେ ରୁମାନିଆ, ପର୍ତ୍ତୁଗାଲ ଓ ଫିଲିପାଇନ୍ସ ଅତିଥି ଭାବେ ଯୋଗଦେଇପାରିବେ ବୋଲି ବୈଦେଶିକ ମନ୍ତ୍ରୀ ସମ୍ମିଳନୀରେ ନିଷ୍ପତ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 7 | 3 |
| | | 3 | | | 6 | | 2 | |
| | | 8 | | | | | | |
| 7 | | | | | | 1 | | 6 |
| | | | 8 | 4 | | 7 | | |
| | | | 3 | | | | | |
| | | | 4 | 1 | | 3 | 5 | |
| 2 | | | 5 | 9 | | 4 | | |
| | 5 | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 7 | 4 | 9 | 6 | 8 | 3 |
| 6 | 4 | 3 | 8 | 2 | 1 | 7 | 9 | 5 |
| 7 | 8 | 9 | 5 | 6 | 3 | 1 | 2 | 4 |
| 4 | 2 | 8 | 6 | 9 | 7 | 3 | 5 | 1 |
| 1 | 9 | 6 | 2 | 3 | 5 | 8 | 4 | 7 |
| 3 | 5 | 7 | 1 | 8 | 4 | 9 | 6 | 2 |
| 8 | 7 | 4 | 9 | 1 | 2 | 5 | 3 | 6 |
| 5 | 6 | 2 | 3 | 7 | 8 | 4 | 1 | 9 |
| 9 | 3 | 1 | 4 | 5 | 6 | 2 | 7 | 8 |

ଗତକାଲିର ଉତ୍ତର

# କପୋତ ଆଜି ଉଡ଼ନ୍ତା ମୂଷା



ଡ. ବିମଳ ଷଡ଼ଙ୍ଗୀ

ଏ କନିଷ୍ଠ ପ୍ରେମ ଓ ଭରସାର ପ୍ରତୀକ, ସେବା, ସମର୍ପଣ ଓ ସାଥିରେ ରହିବାର ଚିହ୍ନ ଏବଂ ମାନବର ଦାମ୍ପତ୍ୟ ଜୀବନର ଆଦର୍ଶ ରୂପେ ବ୍ୟବହୃତ ହୁଏ 'କପୋତ କପୋତୀ'। ସତରେ କେତେ ଶାନ୍ତ, କମନୀୟ ସେମାନଙ୍କର ଶବ୍ଦ, ରୂପ ଓ ଗୁଣ। କାହିଁ କେତେକାଳରୁ ମଣିଷର ସାଥୀ ସେମାନେ। ସେଇଥିପାଇଁ ଖ୍ରୀ:ପୂ: ୫୦୦୦ ବର୍ଷ ପୂର୍ବରୁ ଏକ ଗୃହପାଳିତ ପକ୍ଷୀ ରୂପେ ସ୍ୱୀକୃତିପ୍ରାପ୍ତ ଶାନ୍ତି ଓ ମୈତ୍ରୀର ପ୍ରତୀକ କପୋତ ବା ପାରା। ତଥ୍ୟ ଅନୁସାରେ ୧୮୦୦ ମସିହାରୁ ଭାରତ ଓ ୟୁରୋପରେ ଡାକସେବାର ସେମାନେ ଥିଲେ ଏକ ମାଧ୍ୟମ। ତା' ସହିତ ଯୁଦ୍ଧ ଓ ବିପଦ ସମୟରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସଙ୍କେତ ନେବା ଆଣିବାରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏକଦା ବ୍ରିଟିଶ୍ ଦ୍ୱାରା ତାଲିମପ୍ରାପ୍ତ ଚେରଆମି ନାମକ ଏକ କପୋତକୁ ଯୁକ୍ତରାଷ୍ଟ୍ର ଆମେରିକାର ସେନା ସଙ୍କେତ ବାହକ ଭାବରେ ବ୍ୟବହାର କରିଥିଲା। ୧୯୧୮ ଅକ୍ଟୋବରରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଫ୍ରାନ୍ସର ଆର୍ଗୋନ ଜଙ୍ଗଲରେ ନିଜ ଛାତିରେ ଗୁଳି, ଗୋଟିଏ ଆଖି ନଷ୍ଟ ଏବଂ ଗୋଟିଏ ଗୋଡ଼ ହରାଇ ଘଞ୍ଚ ଜଙ୍ଗଲରେ ଲୁଚି ଲୁଚି ଯାଇ ପ୍ରାୟ ୧୯୪ ସୈନିକଙ୍କ ଜୀବନ ବଞ୍ଚାଇଥିଲା ସେହି କପୋତ । ଆଜି ସେହି ଶାନ୍ତ ସାହାଯ୍ୟକାରୀ କପୋତର ବଂଶଧରଙ୍କୁ 'ଉଡ଼ନ୍ତା ମୂଷା' ବୋଲି ଅଭିହିତ କରିବା ଖାଲି ଏକ ଅପମାନଜନକ ଶବ୍ଦ ନୁହେଁ, ବରଂ ସବୁଠାରୁ ବହୁଚର୍ଚ୍ଚିତ ଅପମାନ ମଧ୍ୟରୁ ଗୋଟିଏ। ଏପରି ଭାଷା କେବଳ ଅରୁଚିକର ନୁହେଁ ବରଂ ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରି ନ ଥିବା କିଛି ବ୍ୟକ୍ତିଙ୍କ ଆଳାପ ଭଳି ମନେହୁଏ।

ସାମ୍ପ୍ରତିକ ସମୟରେ ଜଣାଶୁଣା ନୀଳରଙ୍ଗର କପୋତ ଯାହାକୁ ଠାକୁର ପାରା ମଧ୍ୟ କୁହାଯାଏ, ସେଗୁଡ଼ିକ ଆଜି ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସାଧାରଣତଃ ଗ୍ରାମ ଓ ସହରାଞ୍ଚଳରେ ଥିବା କୋଠାଘରର ବାଲ୍‌କୋନି, କାନ୍ଥର ଖୋପ ଓ ଛାତ ଉପରେ ବାସ କରୁଥିବା ଏହି ଶାନ୍ତ ଓ ସୁନ୍ଦର ପକ୍ଷୀକୁ ବର୍ତ୍ତମାନ ଆସ୍ପର୍ଗିଲୋସିସ ନାମକ ଏକ ରୋଗର ବାହକ ଭାବରେ ବର୍ଣ୍ଣନା କରାଯାଇଛି। ଆସ୍ପର୍ଗିଲୋସିସ ହେଉଛି ଆସ୍ପର୍ଗିଲସ ଫ୍ୟୁମିଗାଟସର ଏକ କ୍ଷୁଦ୍ରତମ ବାୟୁଗତ ବୀଜାଣୁ ଉତ୍ପାଦନର କାରକ। ଯେତେବେଳେ ଏହି ବୀଜାଣୁଗୁଡ଼ିକ ବିଶେଷକରି ଦୁର୍ବଳ ପ୍ରତିରୋଧ କ୍ଷମତା ବା ପୂର୍ବରୁ ଫୁସଫୁସ ରୋଗଥିବା କିମ୍ବା ଧୂଳିମୟ ଦୂଷିତ ପରିବେଶରେ ଦୀର୍ଘ ସମୟ ଧରି ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରବେଶ କରିଥାଏ ସେତେବେଳେ ସେମାନଙ୍କୁ ସହଜରେ ସଂକ୍ରମିତ କରିଥାଏ ଓ ଶ୍ୱାସକ୍ରିୟାଜନିତ ରୋଗ ସୃଷ୍ଟି କରିଥାଏ। ତଥାପି, ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆସ୍ପରଗିଲସ ସର୍ବବ୍ୟାପୀ ଯାହା କମ୍ପୋଷ୍ଟଖତ, ଧୂଳି, ପୁରୁଣା କୋଠା ସାମଗ୍ରୀ, ଏୟାର-କଣ୍ଡିସନିଂ ସିଷ୍ଟମ,ପାଣିଳିକରୁ ସୃଷ୍ଟ କାନ୍ଥର ନଷ୍ଟ ହୋଇଥିବା ପ୍ଲାଷ୍ଟରିଂ, ବିଭିନ୍ନ ପକ୍ଷୀଙ୍କ ମଳ, ଗାଧୁଆ ଘରର ଓଦା ସନ୍ତସନ୍ତିଆ କୋଣ, ଅପରିଷ୍କାର ନଳୀ କିମ୍ବା ଅଣଦେଖା ହୋଇଥିବା ପୁରୁଣା ଉଦ୍ଭିଦର ଅବଶେଷ, ଅପରିଷ୍କାର ମାଟି ଏବଂ ଏପରିକି ମସଲା ଗୁଣ୍ଡରେ ମଧ୍ୟ ଏହା ରହିଥାଏ। ଏହା ଓଦା ଏବଂ ଉତ୍ତମ ବାୟୁ ଚଳାଚଳ ନ ଥିବା ଅଞ୍ଚଳରେ ସହଜରେ ବ୍ୟାପିଥାଏ। ବୀଜାଣୁଟି ଦୈନନ୍ଦିନ ଜୀବନର ନିଃଶ୍ୱାସ ନେବା ସମୟରେ ଏକ ଅଂଶ ଭାବରେ ପ୍ରବେଶ କରିଥିଲେ ମଧ୍ୟ ସାଧାରଣତଃ



ସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ କ୍ଷତିକାରକ ନୁହେଁ। ସେଥିପାଇଁ ପ୍ରାକୃତିକ ଭାବରେ ଘଟୁଥିବା ରୋଗଟିର ବିସ୍ତାର ପାଇଁ କେବଳ ପାରାଗୁଡ଼ିକୁ ଦାୟୀ କରିବା ବୈଜ୍ଞାନିକ ଭାବରେ ଭିତ୍ତିହୀନ। ପ୍ରକୃତ ସମସ୍ୟା ହେଉଛି ପରିବେଶଗତ ପରିଚ୍ଛନ୍ନତା। ପାରାମାନଙ୍କ ବା ଗୃହପାଳିତ ଅନ୍ୟ ପକ୍ଷୀମାନଙ୍କ ପକ୍ଷ ଝାଡ଼ିଦେଲେ ଯେଉଁ ଧୂଳିକଣା ବାହାରେ ସେଥିରେ ବି ଏହି ବୀଜାଣୁ ରହିପାରନ୍ତି। ତେବେ ପାରାମାନଙ୍କର ସଂଖ୍ୟା ସହରାଞ୍ଚଳଗୁଡ଼ିକରେ ଅତିମାତ୍ରାରେ ବୃଦ୍ଧିପାଇବା କେବଳ ମନୁଷ୍ୟକୃତ। ଆମର ମନେରଖିବା ଉଚିତ ଯେ ୧୯୭୦ ପୂର୍ବରୁ ଭାରତରେ କୋଠାଘର କହିଲେ କେବଳ ମଠ, ମନ୍ଦିର, ଧର୍ମଶାଳା, ସରକାରୀ ଅଫିସ, କିଛି ଧନିକ ଶ୍ରେଣୀ ଇତ୍ୟାଦି ମଧ୍ୟରେ ସୀମିତ ଥିଲା। ପାରାଗୁଡ଼ିକ ପ୍ରାୟତଃ ମନ୍ଦିରଗୁଡ଼ିକରେ ଅଧିକ ଦେଖାଯାଉଥିଲେ ଓ ସେଠାରେ ସହଜରେ ଖାଦ୍ୟ ମିଳୁଥିଲା। ମାତ୍ର କାଳକ୍ରମେ ସହର ଓ ଗ୍ରାମାଞ୍ଚଳରେ କୋଠାଘରଗୁଡ଼ିକର ବୃଦ୍ଧି ସହିତ ଆମର ଅଧିକ ଧର୍ମ ବିଶ୍ୱାସ ଏବଂ ପାରାମାନଙ୍କ ପ୍ରତିସମ୍ମାନ ଓ ଶ୍ରଦ୍ଧାଯୋଗୁ ପାରା ବା କପୋତମାନଙ୍କୁ ମନ୍ଦିର ପାଖରୁ ଆମ ନିକଟକୁ ଟାଣି ଆଣିଲା। ସେମାନଙ୍କୁ ନିୟମିତ ଖାଦ୍ୟ ଓ ଦାନା ମିଳିବାଦ୍ୱାରା ମଣିଷମାନଙ୍କ ପ୍ରତି ବିଶ୍ୱାସ ବୃଦ୍ଧି ପାଇଲା ଓ କ୍ରମଶଃ ସେମାନେ ମନ୍ଦିର ଛାଡ଼ି କୋଠାଘରଗୁଡ଼ିକୁ ସୁରକ୍ଷିତ ବାସସ୍ଥାନ ଭାବି ରହିଲେ ଓ ସେମାନଙ୍କ ବଂଶ ବୃଦ୍ଧିପାଇଲା। ତେଣୁ ସେମାନଙ୍କ ବଂଶବୃଦ୍ଧି ପାଇଁ ଆମେ ଦାୟୀ, ସେମାନେ ନୁହନ୍ତି। ଆମେ ଅଜାଣତରେ ସେମାନଙ୍କୁ ରହିବା, ଖାଦ୍ୟ ଯୋଗାଇବା, ବସା ନିର୍ମାଣ କରିବା ଏବଂ ସଂଖ୍ୟା ବୃଦ୍ଧି କରିବାକୁ ନିମନ୍ତ୍ରଣ କରିଛୁ। ବର୍ତ୍ତମାନ ବୁଲିପଡ଼ି ସେମାନଙ୍କୁ ଗାଳିଦେବା କେବଳ ବିଡ଼ମ୍ବନାପୂର୍ଣ୍ଣ ନୁହେଁ, ଏକ ଘୋର ଅନ୍ୟାୟ କାରଣ ସେମାନେ ତ ପକ୍ଷୀ।

ଘୃଣା ବିନା ଏହି ସମସ୍ୟାର ସମାଧାନ ମଧ୍ୟ ଆମ ହାତରେ ଅଛି। ଯଦି କପୋତ ବା ପାରାଙ୍କ ଅତ୍ୟଧିକ ସଂଖ୍ୟା ପ୍ରକୃତରେ ଏକ ଚିନ୍ତାର ବିଷୟ, ତେବେ ଏହାକୁ ପରିଚାଳନା କରିବାର ମାନବୀୟ ଏବଂ ପ୍ରଭାବଶାଳୀ ଉପାୟ ଅଛି। ପ୍ରଥମ ଏବଂ ସର୍ବୋପରି, ସେମାନଙ୍କୁ ଖାଇବାକୁ ଦେବା ବନ୍ଦ କରିବାକୁ ପଡ଼ିବ। ଯେତେବେଳେ ଖାଦ୍ୟର ଉତ୍ସ ବନ୍ଦହୋଇଯିବ, କପୋତ ବା ପାରାମାନେ ଅନ୍ୟତ୍ର ଖାଦ୍ୟ ଖୋଜିବାକୁ ଚାଲିଯିବେ। ଦ୍ୱିତୀୟତଃ, ଘର ଏବଂ କୋଠାଗୁଡ଼ିକୁ ବିଭିନ୍ନ ପ୍ରକାରର ଜାଲି ଦ୍ୱାରା ପ୍ରତିରୋଧ କରିବା ଏକ ଜରୁରୀ ପଦକ୍ଷେପ। ଜାଲି କିମ୍ବା ଗଡ଼ାଣିଆ ସ୍ଥାନ ସ୍ଥାପନ କରିବା ଯାହା ଫଳରେ ସେମାନେ ନୂଆ ବସା କରିପାରିବେ ନାହିଁ। ବାଲକୋନି, କାନ୍ଥରେ ଥିବା ଗାତ, ଲିଫ୍ଟର ଫାଟ ଏବଂ ଅନ୍ୟାନ୍ୟ ସ୍ଥାନକୁ ସିଲ୍ କରିବା ଦ୍ୱାରା ସମ୍ଭାବ୍ୟ ବାସସ୍ଥାନର ପ୍ରବେଶକୁ ରୋକାଯାଇପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦକ୍ଷେପଗୁଡ଼ିକ ସକ୍ରିୟ ହେବା ଉଚିତ, ପ୍ରତିକ୍ରିୟାଶୀଳ ନୁହେଁ।

ଇଣ୍ଟରନେଟ୍ ଯୁଗରେ ଫେସବୁକ, ହ୍ୱାଟ୍ସଆପ, ଲିଙ୍କଡଇନ,ଟୁଇଟର ଇତ୍ୟାଦି କପୋତ ବା ପାରାଗୁଡ଼ିକର ଡାକ ଓ ତା'ର ସେବା ଓ ସଙ୍କେତ ବାହକ ସେବାକୁ ଇତିହାସର ଗର୍ଭକୁ ଠେଲିଦେଇଛି ଓ ସେମାନଙ୍କୁ ବାର୍ତ୍ତାବାହକ ଏବଂ ଯୁଦ୍ଧ ନାୟକରୁ ସୁବିଧାଜନକ ଭାବରେ ଦୋଷଦେଇ ଅବୈଜ୍ଞାନିକ ଭାବରେ ଉଡନ୍ତା ମୂଷା ନାମରେ ଅପମାନିତ କରିଚାଲିଛି। ଏହା ମଣିଷର ସାର୍ଥପର, ଅବୈଜ୍ଞାନିକ ଓ ଅମାନବିକ ଗୁଣର ଖୋଲା ପରିଚୟକୁ ସ୍ପଷ୍ଟ ଭାବରେ ସୂଚିତ କରୁଛି। ଏଣୁ ଠିକ୍ ତଥ୍ୟ ଉପସ୍ଥାପନ କରିବାର ମାଧ୍ୟମ କେବଳ ବୈଜ୍ଞାନିକ ଦୃଷ୍ଟିକୋଣର ବିଚାର ଦ୍ୱାରା ହିଁ ସମ୍ଭବ। ବିପଦରେ ସହାୟ ହୋଇଥିବା ବନ୍ଧୁକୁ ଅପମାନ କଲେ ତାକୁ କୃତଘ୍ନ ବା ବିଶ୍ୱାସଘାତକ କୁହାଯିବ, ମଣିଷ ନୁହେଁ।

ମୋ:୯୪୩୭୧୨୩୮୯୨

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଜାଖାନା ସଂଶୋଧନ ପ୍ରହସନ ହେବ କି

ମହାଶୟ,

ବହୁ ବ୍ୟକ୍ତିଙ୍କ ଦୀର୍ଘବର୍ଷର ଦେହାନ୍ତ ପରେ ବି ସେମାନଙ୍କ ନାମ ଜମି ରେକର୍ଡରେ ଗଡ଼ିଚାଲିଛି ଏବଂ ଏଥିପାଇଁ ପିଢ଼ି ପରେ ପିଢ଼ି ଡକ୍ୟୁମେଣ୍ଟ ପାଇଁ ବହୁ ହୀନସ୍ତା ହେଉଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ସରକାର କଲମ୍-୨ (ପ୍ରଜାଖାନା ସଂଶାଧନ) ଜରିଆରେ ରେକର୍ଡ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଇ ରାଜସ୍ୱ କର୍ମକର୍ତ୍ତା ଲୋକଙ୍କ ଘରେ ପହଞ୍ଚି ସେବା ଯୋଗାଇଦେବା ବିଷୟ କୁହାଯାଇଛି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ କାମରେ ସମ୍ପୂର୍ଣ୍ଣ ବିପରୀତ। ଯେଉଁମାନଙ୍କ ନାମରେ ଭୂଲିପି ନାହିଁ ସେମାନେ ମୃତ୍ୟୁ ଓ ଉତ୍ତରାଧିକାରୀ ପ୍ରମାଣପତ୍ର ସହ ଆବଶ୍ୟକ ସ୍ଥଳେ ସତ୍ୟପାଠ ଓ ଦଲିଲ ନକଲ ଦାଖଲକରି ତହସିଲକୁ ନ୍ୟାୟ ମାଗିଲେ ରେକର୍ଡ ସଂଶୋଧିତ ହେବ ବୋଲି ପ୍ରଚାର ଚାଲିଛି। ତେବେ ପ୍ରଜାଖାନା ସଂଶୋଧନରେ କେବଳ ଜମାନବନ୍ଦୀ(ଖତିୟାନ ସଂଖ୍ୟା) ନମ୍ବର ଅନୁସାରେ ଅଭିଯୋଗ ଦେବାକୁ କହିଲାବେଳେ ପ୍ରାପ୍ତିସ୍ୱୀକାର ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି।

**- ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାବର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି-
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରମୋଦ



@ ପ୍ରଶାନ୍ତ



@ ବିକାଶ



@ ମିହିର



@ ଭଗବାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରକ୍ତଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉ: ରାଜ୍ୟପାଳ



ବୈଠକରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ୨ ମନ୍ତ୍ରୀ ଓ ସଚିବ।

## ଭାରତୀୟ ରେଡକ୍ରସ୍ ସୋସାଇଟି ରାଜ୍ୟ ଶାଖାର କାର୍ଯ୍ୟନିର୍ବାହୀ କମିଟି ବୈଠକ

ଭୁବନେଶ୍ୱର,୧୩ା୮(ସୁଚିସ୍ମିତା ସାହୁ)

ରକ୍ତ ଦାନର ଗୁରୁତ୍ୱ ସମ୍ପର୍କରେ ଯୁବ ଗୋଷ୍ଠୀ ବିଶେଷକରି ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧିକ ସଚେତନତା ସୃଷ୍ଟି କରାଯିବା ଜରୁରୀ। ବର୍ଷକୁ ୨ରୁ ୩ଥର ରକ୍ତଦାନ ଶିବିର ଆୟୋଜନ କରାଯାଉ। ଏଥିରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ରକ୍ତଦାନ ଅଭିଯାନରେ ସାମିଲ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ତଥା ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖା ଅଧ୍ୟକ୍ଷ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ବୁଧବାର ରାଜଭବନର ସ୍ୱଅଭିଷେକ ହଲ୍‌ରେ ରେଡକ୍ରସର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ରାଜ୍ୟପାଳ ରକ୍ତଦାନ କରି ଅନ୍ୟର ଜୀବନ ରକ୍ଷା କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସେ କହିଲେ, ରକ୍ତ ଦାନ ସମ୍ପର୍କରେ ଏବେବି ଲୋକଙ୍କ ମନରେ ଭୁଲ୍ ଧାରଣା ରହିଛି। ବ୍ୟାପକ ସଚେତନତା ସୃଷ୍ଟି ମାଧ୍ୟମରେ ଏପରି ଭ୍ରାନ୍ତ ଧାରଣା ଦୂର କରାଯାଇ ପାରିବ। ରାଜ୍ୟରେ ଥାଲାସେମିଆ ଓ ସିକିଲ ସେଲ ରୋଗର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ରୋଗୀଙ୍କୁ ସହଜରେ ରକ୍ତ ଉପଲବ୍ଧ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ଝିଅ ଓ ମହିଳାଙ୍କ ମଧ୍ୟରେ କମ୍ ହିମୋଗ୍ଲୋବିନ ସ୍ତର ଥିବାରୁ ରକ୍ତଦାନ ଶିବିରରେ ସେମାନଙ୍କ ଅଂଶ ଗ୍ରହଣ କମ୍ ରହୁଛି। ସ୍କୁଲ ପିଲାଙ୍କ ମଧ୍ୟରେ ଦୃଷ୍ଟି ସମସ୍ୟା ବୃଦ୍ଧି ପାଉଥିବାରୁ ରାଜ୍ୟପାଳ ଚିନ୍ତା ପ୍ରକଟ କରି ଏହି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ପାଇଁ ଆହ୍ୱାନ ଜଣାଇଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖା ପକ୍ଷରୁ ସମୟୋଚିତ ଆର୍ଥିକ ରିପୋର୍ଟ ଦାଖଲ ପାଇଁ ସଂପୃକ୍ତ କର୍ମକର୍ତ୍ତାଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଉଥିବାବେଳେ ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ବିବରଣୀ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩ା୮ା୨୦୨୫

| ୪,୦୫,୮୭୩ ଟଙ୍କା | |
|---|---|
| ସୁନା | ୫୫୦ ମିଲିଗ୍ରାମ୍ |
| ରୁପା | ୫୯.୪୦୦ ଗ୍ରାମ୍ |

# ଏସ୍‌ସିବିରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ



କଟକ,୧୩ା୮(ଶିଲ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ବିଶ୍ୱ ଅଙ୍ଗଦାନ ଦିବସରେ କାଡାଭରିକ ପଦ୍ଧତିରେ କିଡ୍‌ନୀ ପ୍ରତିରୋପଣ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ୨ଜଣ ରୋଗୀଙ୍କ ଏସ୍‌ସିବିରୁ ଏଚ୍‌ଏଲ୍‌ଏ ମ୍ୟାଚିଂ ପାଇଁ ପଠାଯାଇଛି। ଏପରି କି ଯେଉଁ ରୋଗୀଙ୍କ ଏଚ୍‌ଏଲ୍‌ଏ ମେଳ ଖାଇବ, ସେହି ରୋଗୀଙ୍କ କିଡ୍‌ନୀ ପ୍ରତିରୋପଣ କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରତିରୋପଣ ହୋଇ ନ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱର ସମ୍ ହସ୍ପିଟାଲରେ ଜଣେ ରୋଗୀଙ୍କ ଚିକିତ୍ସା ଅବସ୍ଥାରେ ମସ୍ତିଷ୍କାଘାତ (ବ୍ରେନ୍ ଡେଡ୍) ହୋଇଛି। ପରେ ପରିବାର ଲୋକଙ୍କ ସହମତିକ୍ରମେ ଅଙ୍ଗଦାନର ପ୍ରକ୍ରିୟା ଆରମ୍ଭ କରାଯାଇଛି। ତେବେ ଏସ୍‌ସିବିରେ ପ୍ରତିରୋପଣ ଆବଶ୍ୟକ କରୁଥିବା ରୋଗୀଙ୍କ ମଧ୍ୟରୁ ୨ଜଣଙ୍କୁ ଚୟନ କରାଯାଇଛି ଏବଂ ଏଚ୍‌ଏଲ୍‌ଏ ମ୍ୟାଚିଂ ପରୀକ୍ଷା ପାଇଁ ପଠାଯାଇଛି। ଶୋଟୋ ଟିମ୍ ଏସ୍‌ସିବିକୁ ଆଲୋକେଶନ ଦେବା ପରେ ହିଁ ଏହି ପ୍ରତିରୋପଣ ବିଳମ୍ବିତ ରାତିରେ କରାଯିବ ବୋଲି ସୂଚନା ମିଳିଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELOP-T-08-2025

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ MEMU କାର ସେଡ୍, ଖୋର୍ଦ୍ଧା ରୋଡ଼ ଠାରେ ନନ୍-କୋର୍ କାର୍ଯ୍ୟକଳାପ ଗୁଡ଼ିକର ବହିଃସ୍ରୋତ।

**ବିଜ୍ଞାପିତ ମୂଲ୍ୟ (₹) :** 7,00,69,678.92, EMD (₹) : 5,00,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2025 ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2025 ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-469/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୬।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା** ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦ ଘଟିକାରେ** ଖୋଲାଯିବ। **କ୍ର.ସଂ; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି (୧) ଇ-କେଜିପି-ସାଉଥ୍-୪୫-୨୦୨୫;** ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଖଡ଼ଗପୁର–ଲକ୍ଷ୍ମଣନାଥ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ସେତୁ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୫୭ ଗୋଟି ସେତୁ)। **₹୮୩,୭୨,୧୯,୬୮୪.୨୩; ₹୪୩,୩୬,୧୦୦.୦୦; (୨) ଇ-କେଜିପି-ସାଉଥ୍-୪୬-୨୦୨୫;** ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଲକ୍ଷ୍ମଣନାଥ ରୋଡ୍–ନୂଆଗାଁ ମୟୂରଭଞ୍ଜ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିକ୍ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୪୯ ଗୋଟି ସେତୁ)। **₹୮୦,୯୬,୫୩,୭୫୬.୧୪; ₹୪୧,୯୮,୩୦୦.୦୦; (୩) ଇ-କେଜିପି-ସାଉଥ୍-୪୭-୨୦୨୫;** ଏଡିଇଏନ୍/ବିଏଲ୍‌ଏସଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ନୂଆଗାଁ ମୟୂରଭଞ୍ଜ ରୋଡ୍–ଭଦ୍ରକ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିକ୍ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୭୪ ଗୋଟି ସେତୁ)। **₹୭୮,୩୩,୮୭,୧୩୫.୬୪; ₹୪୦,୬୬,୯୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦.୦୦ (କ୍ର.ସଂ ୧ରୁ ୩ ପାଇଁ); **ଖୋଲାଯିବା ତାରିଖ:** ତା୦୩ା୦୯ା୨୦୨୫ରିଖ (କ୍ର.ସଂ. ୧ରୁ ୩ ପାଇଁ); **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୩୬ ମାସ (କ୍ର.ସଂ. ୧ରୁ ୩ ପାଇଁ); **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ରୁ ୩ ପାଇଁ ତା୨୦ା୦୮ା୨୦୨୫ରିଖରୁ ତା୦୩ା୦୯ା୨୦୨୫ରିଖ **୧୫.୦୦ ଘଟିକା** ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-517)

## GOVERNMENT OF ODISHA

No.B-353

**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**

Mail ID : sepwdsbp@rediffmail.com

**e-Procurement**

**BID IDENTIFICATION NO. CCENC (R AND B) / 05 / 2025-26**

No. 2688 Dtd.29.07.2025

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road Work** as detailed in the DTCN from the eligible class of contractors.
2. No. of works : **14 (Fourteen) (Road Works)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special" Class**
5. Date & Time of available in website & receipt of Bids from **18.08.2025 to 17.00 hours of 03.09.2025.**
6. Date of opening of Technical Bid **04.09.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur

OIPR-34035/11/0033/2526

## जमशेदपुर अधिसूचित क्षेत्र समिति का कार्यालय, जमशेदपुर

New Kalimati Road, Sakchi-831001, E-mail ID-jnacjsr@gmail.com

JNAC

पत्रांक–2266 दिनांक–12.08.2025

**–:शुद्धि पत्र:–**

जमशेदपुर अधिसूचित क्षेत्र समिति के द्वारा आमंत्रित ई0 निविदा आमंत्रण सूचना सं0–10 / 2025–26 जिसका PR No. 358963 Urban Development (25-26):D में अपरिहार्य तकनीकी कारणों से निम्नवत संशोधित किया जाता है :–

| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) | |
|---|---|---|---|
| क्र0 सं0 | विवरणी | पूर्व में प्रकाशित | संशोधित |
| 2 | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 | Construction cost :- ₹ 3,02,32,094.00 Operation & Maintenance cost :- ₹ 31,17,705.00 Total cost :- ₹ 3,33,49,799.00 |
| 5 (a) | Time of Completion | 1Year | 1 year including one month of trial run. |
| (b) | Defect Liability Period | 1Year | Defect liability period 1 years after satisfactory completion of project. |
| (c) | O&M Period | 1Year | 1 year after satisfactory completion of project. |
| 6 | Date/Time of publication of tender on website | 11.08.2025 at 05:00 Pm | 21.08.2025 at 05:00 Pm |
| 7 | Document downloading Start date | 11.08.2025 at 05:00 Pm | 21.08.2025 at 05:00 Pm |
| 8 | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall | 25.08.2025 at 03:00 Pm, JNAC Conference Hall |
| 9 | Bid Submission Start date | 18.08.2025 at 05:00 Pm | 28.08.2025 at 11:00 Am |
| 10 | Bid Submission end date | 25.08.2025 at 05:00 Pm | 08.09.2025 at 05:00 Pm |
| 11 | Bid Opening date | 26.08.2025 (Online) 03:00PM | 09.09.2025 (Online) 03:00PM |

शेष सभी नियम एवं शर्तें यथावत रहेगी।

उप नगर आयुक्त,
जमशेदपुर अधिसूचित क्षेत्र समिति, जमशेदपुर

PR 359493 Urban Development(25-26)#D

## GOVERNMENT OF CHHATTISGARH, WATER RESOURCES DEPARTMENT

**OFFICE OF THE EXECUTIVE ENGINEER**
**KHARUNG WATER RESOURCES DIVISION BILASPUR, DISTT.-BILASPUR(C.G.)**
**e-PROCUREMENT TENDER NOTICE**

eProcurement Portal: https://eproc.cgstate.gov.in

(FIRST CALL)

**NIT No.: 05,06,07/SAC/2025-26** **Dated:12.08.2025**

Online Tenders are invited for the following works upto 02.09.2025 at 17.30 Hour

01.Name of Work:- RENOVATION/REPAIR OF C.C. LINING STRENGTHENING & RECONSTRUCTION OF STRUCTURE AND CANAL BANKS OF POUNSARA DISTRIBUTARY, BAIMA MINOR AND BAIMA SUB MINOR OF RBC KHARUNG TANK SCHEME.
**Tender System No.173531, Probable Amount of Contract: Rs.283.49 Lakhs**

**02. Name of Work:** REPAIR/RENOVATION OF C.C.LINING IN BETWEEN RD 41130 M. TO 46160 M, RECONSTRUCTION OF FOOT BRIDGE AT RD 42030 M, CROSS DRAINAGE AT RD 67320 M. AND 05 NOS. OF FALL OF LBC MAIN CANAL OF KHARUNG TANK SCHEME.
**Tender System No.173539, Probable Amount of Contract:- Rs.256.64 Lakhs**

**03. Name of Work:** REPAIR & MAINTENANCE OF C.C. LINING OF KHAIRKHUNDI MINOR IN BETWEEN RD 0 M. TO RD 720 M, SARWANDEORI MINOR IN BETWEEN RD 0 M. TO RD 1300 M, LAKHRAM MINOR IN BETWEEN RD 0 M. TO RD 1780 M, LAKHRAM SUB MINOR IN BETWEEN RD 0 M. TO RD 1240 M, SINGHRI SUB MINOR IN BETWEEN RD 0 M. TO RD 440 M, PARSADA DISTRIBUTARY IN BETWEEN RD 0 M. TO RD 5710 M & MINOR CANALS OF RBC OF KHARUNG TANK SCHEME.
**Tender System No.173541, Probable Amount of Contract:- Rs.214.37 Lakhs (Probable Amount of Contract based on SOR 01.05.2025)**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 19.08.2025, at 17.31 Hours. (IST) onwards.**

**NOTE:** 1- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

**Sd./- EXECUTIVE ENGINEER**
**KHARUNG W.R. DIVISION,**
**BILASPUR (C.G.)**

G- 252602796/10

## पीएम श्री जवाहर नवोदय विद्यालय, बोद्ध

(नवोदय विद्यालय समिति की एक इकाई)
सिक्षा मंत्रालय, स्कूली शिक्षा एंव साक्षरता विभाग, भारत सरकार
गांव : पालझार, पोस्ट ऑफिस : सालकी, जिला : बोद्ध, राज्य : ओडिशा, पिन कोड : ७६२०२६

PM SHRI

**PM SHRI JAWAHAR NAVODAYA VIDYALAYA, BOUDH**

(A unit of Navodaya Vidyalaya Samiti)
Ministry of Education, Deptt. of School, Education & Literacy, Govt. of India
Village : Paljhar, PO : Salki, Distt : Boudh, State : Odisha, Pin : 762026
Email : jnvboudh@gmail.com School Code : 19060 CBSE Affl. No. 1540023 UDISE No : 21220107102
Website - https://www.navodaya.gov.in/nvs/nvs-school/Boudh/en/home/
GSTIN NO. - 21BBNJ00254CIDE

F. No. - 5-5/2025/PM SHRI/JNVBDH/1238 Date : 13.08.2025

### NOTIFICATION FOR WALK-IN-INTERVIEW

A walk-in-interview will be conducted on 22nd August - 2025 at 10.00 AM at PM SHRI School, Jawahar Navodaya Vidyalaya, Paljhar, Dist. - Boudh (Odisha) for the following temporary engagement of Teacher/Experts for 2025-26 under PM SHRI Project for short-term duration.

| Sl. No. | Position | No. of Posts | Essential Qualification | Monthly Remuneration | Duty Modalities |
|---|---|---|---|---|---|
| 01. | **Yoga Trainer** | **01** | Graduate with 1 year Post Graduate Diploma in Yoga OR Post Graduate with Diploma/Certificate in Yoga OR Bachelor's Degree in Yoga | **Rs.1,042/-** per session (Maximum **Rs.12,500/-** per months for 8 months. | 03 Session in a week for 08 months. |
| 02. | **Sports Coach** | **01** | B.P. Ed, M.P. Ed, specialization in Judo/Taekwondo/Wrestling/Kabaddi/Basketball/Athletics/Kho-Kho/Volleyball | **Rs.1,250/-** per session (Maximum **Rs.20,000/-** per months for 5 months. | 04 Session in a week for 05 months. |
| 03. | **Dance Expert** | **01** | Certificate/Diploma in any of the Indian Classical/Folk Dance forms. | **Rs.1,042/-** per session (Maximum **Rs.25,000/-** per months for 8 months. | 06 Session per week X 4 Week = 24 Sessions/ Month |
| 04. | **Music Expert** | **01** | Skilled in instruments like Keyboard/Congo/Flute/Harmonium/Tablas/Dholak. | **Rs.1,042/-** per session (Maximum **Rs.25,000/-** per months for 8 months. | 06 Session per week X 4 Week = 24 Sessions/ Month |
| 05. | **Self Defence Trainer (Female)** | **01** | A female graduate with an experience of coaching self-defense, Priority will be given on the basis of experience. | **Rs.1,042/-** per session (Maximum **Rs.12,500/-** per months for 8 months. | Training program should be conducted 03 Session in a week for 08 months. |

1. The maximum age limit is 50 Years.
2. The engagement is purely on temporary basis. Not TA/DA is payable for attending the walk in-interview. Willing candidates are requested to attend the interview with biodata & original testimonials with one set of self-attested copy & 01 passport size photograph, interested candidates are requested to attend the interview on 22nd August 2025 at 10.00 AM.
3. For further inquiries kindly contact the school office / Principal between 09.00 AM to 01.00 PM (Contact Number-9621270889)

Sd./- PRINCIPAL
PM SHRI JNV, Paljhar, Boudh (O)

## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

### ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୬.୦୮.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଫିରିଙ୍ଗିଆ ଶାଖା, ପୋ: ଫିରିଙ୍ଗିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ କର୍ଣ୍ଣ, ମୋ.: ୮୨୮୦୦୮୮୮୧୨** | | |
| ୧. | **ଚନ୍ଦ୍ରମଣୀ ଦିଗାଲ,** ସା: ବପଙ୍ଗା, ବାଲନ୍ଦାପଡା, ଗୋଛାପଡା, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୦୪ | ଟ.୧୨,୦୦୦/- + ସୁଧ ଏବଂ ଦେୟ | ୬.୪୦ |
| ୨. | **ଆଲୋକ ସାହାଣୀ,** ସା: ତେଲପାଲି, ସରୁକୁଇ, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୩୫ | ଟ.୨୭,୦୦୦/- + ସୁଧ ଏବଂ ଦେୟ | ୮.୮୦ |
| ୩. | **ଜ୍ଞାନ ରଞ୍ଜନ ବିଶୋଇ,** ସା: ଡିଣ୍ଡିରା ଗାଁ, ଫିରିଙ୍ଗିଆ - ୭୬୨୦୧୧ / ୧୦୩୬୦୬୧୦୦୨୦୦୩୬ | ଟ.୪୪,୦୦୦/- + ସୁଧ ଏବଂ ଦେୟ | ୧୭.୦୯ |
| | **କୋଣାର୍କ ଶାଖା, କୋଣାର୍କ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୯୭୭୮୦୩୧୬୩୮** | | |
| ୧. | **ପ୍ରକାଶ ଚନ୍ଦ୍ର ବିଶ୍ୱାଳ,** ସା: ସାରଡା, କୋଣାର୍କ - ୭୫୨୧୧୧ / ୨୦୦୬୦୬୧୦୦୩୯୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | **ସମ୍ଭୁନାଥ ଗୋଛାୟତ,** ସା: ତାରିଣୀ ନଗର, ସାଲିଆ ସାହି, ଭୁବନେଶ୍ୱର - ୭୫୧୦୧୩ / ୧୮୩୯୦୬୧୦୦୧୫୯୪୦ | ଟ.୯୩,୦୦୦/- + ସୁଧ ଏବଂ ଦେୟ | ୨୬.୩୫ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୮.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## FORM NO. 14

[See Regulation 33(2)]
by Publication.

**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
C/71, Sector-7, CDA, Cuttack-753014, Odisha

**DEMAND NOTICE**

NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/97/2021 Dt.29.07.2025

**ODISHA GRAMEEN BANK**
Versus
**PRASANNA KUMAR MAJHI & OTHERS**

To,
**CD1(a) Dutia Majhi,** W/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(b) Sameer Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(c) Madhab Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(d) Nilamani Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(e) Netrananda Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(f) Geeta Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(g) Puja Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(h) Liza Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(i) Padmini Majhi,** D/o- Late Prasanna Kumar Majhi, At/PO: Kusanpuri, Via: Barpali, Dist.: Baragarh, PIN: 768029.
**CD 2 Alekh Majhi,** S/o- Upendra Majhi, At: Ichhapur, PO: Kandapala, Baragarh, Odisha-768045.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/418/2016** an amount of **Rs.12,62,542.00 (Rupees Twelve Lakhs Sixty Two Thousands Five Hundred Forty Two Only)** along with pendentellite and future interest @ 10% Simple Interest Yearly w.e.f. **21.03.2016** till realization and costs of **Rs.15,000/- (Rupees Fifteen Thousands Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03.10.2025** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **29.07.2025.**

**Sd/- Saroj Kumar Biswal,**
**Recovery Officer,**
**DEBTS RECOVERY TRIBUNAL, CUTTACK**

## ସଂକ୍ଷେପରେ

### ଆଜି ଦେଶାତ୍ମବୋଧ କବିତା ପାଠୋତ୍ସବ

**ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି):** ପ୍ରତିବର୍ଷ ପରି ଚଳିତବର୍ଷ ସଦ୍‌ଭାବନା ସଭାଗୃହ ପରିସରରେ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଦେଶାତ୍ମବୋଧ କବିତା ପାଠୋତ୍ସବର ଆୟୋଜନ କରାଯାଇଛି। ପୁରୀ ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧୪ ଅପରାହ୍ନ ୩ଟାରେ ଏହି ପାଠୋତ୍ସବ ଜିଲା ପ୍ରଶାସନ ଓ ପୁରୀ ସାହିତ୍ୟ ଉତ୍ସବ ସମିତିର ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଏଥିରେ କବି, କବୟିତ୍ରୀ, ସାହିତ୍ୟିକମାନେ ଯୋଗଦେବାକୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

### ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ପ୍ରଶିକ୍ଷଣ

**କଣାସ, ୧୩।୮ (ବିଭୂତି ଭୂଷଣ ତ୍ରିପାଠୀ):** ପ୍ରତି ବୁଥ୍‌ରେ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ନିମନ୍ତେ କଣାସ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତି ବୁଥ୍‌ର ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି। ତହସିଲ୍‌ଦାର ହିମାଂଶୁ ଭୂଷଣ ଗିରି ଓ ବିଭିନ୍ନ ପ୍ରଶିକ୍ଷକ ଏଥିରେ ଟିକିନିଖି ତଥ୍ୟ ବୁଝାଇଥିଲେ। ସୁସ୍ଥ ଗଣତନ୍ତ୍ର ନିମନ୍ତେ ନିର୍ଭୁଲ ଭୋଟର ତାଲିକା ଆବଶ୍ୟକ ବୋଲି କହିଥିଲେ। ଏଥିରେ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

### କଲେଜକୁ ଆସି ଛାତ୍ରୀ ନିଖୋଜ

**ନିମାପଡ଼ା, ୧୩।୮ (ବିଚିତ୍ରାନନ୍ଦ ସାହୁ):** ଗୋପ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା କଲେଜ ଛାତ୍ରୀ ନିମାପଡ଼ା ଅଞ୍ଚଳର ଏକ କଲେଜକୁ ପଢ଼ିବାକୁ ଆସି ନିଖୋଜ ହୋଇଛନ୍ତି। ଛାତ୍ରୀ ଜଣକ ମଙ୍ଗଳବାର ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ପାଇ ନ ଥିଲେ। ଏ ସମ୍ପର୍କରେ ନିଖୋଜ ଛାତ୍ରୀଙ୍କ ଭାଇ ବୁଧବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ.୨୫୬/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଜୋର୍‌ଦାର ଉଦ୍ୟମ ଚଳାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

### ଗ୍ରାମରକ୍ଷୀଙ୍କୁ ହତ୍ୟା ଉଦ୍ୟମ : ଜେଲ୍ ଗଲେ ଯୁବକ

**ଯୋଗେଶ୍ୱରପୁର, ୧୩।୮ (ରଶ୍ମିରଞ୍ଜନ ସାହୁ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଗ୍ରାମରକ୍ଷୀଙ୍କୁ ପାଇକସାହି ଗ୍ରାମର ଜଣେ ଯୁବକ ହତ୍ୟା ଉଦ୍ୟମ କରି ଜେଲ୍ ଯାଇଥିବା ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଦୁର୍ଗାପୁର ଗ୍ରାମର ଗ୍ରାମରକ୍ଷୀ ସ୍ୱରାଜ ମଲିକ କୋର୍ଟରୁ ଆସିଥିବା କିଛି ସମନ ନେଇ ଲୋକଙ୍କୁ ଦେବା ପାଇଁ ଯାଉଥିବା ବେଳେ ଜହ୍ନିମାଳିଆ ପାଖ ପାଇକସାହି ଗ୍ରାମର ପିଣ୍ଟୁ ଲେଙ୍କା ନାମକ ଜଣେ ଯୁବକ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଭଙ୍ଗା ମଦ ବୋତଲରେ ହତ୍ୟା ଉଦ୍ୟମ କଲାବେଳେ କେତେଜଣ ବ୍ୟକ୍ତି ଗ୍ରାମରକ୍ଷୀଙ୍କୁ ଉଦ୍ଧାର କରିଥିଲେ। ଏ ବିଷୟରେ ଗ୍ରାମରକ୍ଷୀ ସ୍ୱରାଜ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଏକ ମାମଲା ରୁଜୁକରି ପିଣ୍ଟୁଙ୍କୁ କୋର୍ଟଚାଲାଣ କରିଥିଲେ।

# ଶ୍ରୀମନ୍ଦିରରେ ରାହୁରେଖା ଲାଗି ନୀତି ସମ୍ପନ୍ନ

**ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସୁନା ରାହୁରେଖା ଲାଗିନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରାହୁରେଖା ଲାଗି କରିଛନ୍ତି। ଏଥିପାଇଁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଝୋବାକଣ୍ଠି ମଇଲମ କରିଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରି ରଖିଥିଲେ। ପୂର୍ବରୁ ଦେଉଳକରଣ, ତଢ଼ଉକରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାରଘରୁ ରାହୁରେଖା କଢ଼ାଯାଇଥିଲା। ଏହି ରାହୁରେଖାକୁ ବଣିଆମାନେ ସଫାକରି ରଖିଥିଲେ। ତେବେ ନୀତି ପାଇଁ ଦିନ ୨ଟା ୨୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରେ ବିଜେ କରିଥିଲେ। ପରେ ଦିନ ପ୍ରାୟ ୨ଟା ୩୦ରେ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଦଇତାପତି ସେବକ ରାହୁରେଖା ଲାଗି କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତିମହାପାତ୍ରଙ୍କ ହାତକୁ ବଢ଼ାଇଥିଲେ। ପତିମହାପାତ୍ର ରାହୁରେଖାଗୁଡ଼ିକୁ ସଂସ୍କାର କରି ବଡ଼ବାଡ଼ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କଠାରୁ ଆରମ୍ଭ କରି ତିନିବାଡ଼ର ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ନୀତି ସମ୍ପନ୍ନ ହେବା ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରରୁ ସନ୍ଧ୍ୟା ୬ଟା ୫୫ରେ ପ୍ରସ୍ଥାନ କରିଥିଲେ। ଏହାପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଇବା ପରେ ଶ୍ରୀବିଗ୍ରହମାନଙ୍କୁ ମଇଲମ କରାଯାଇ ବେଶ ବଢ଼ିଥିଲା।

# ପୁରୀରୁ ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ପୁରୀ-ଲାଲ୍‌ଗଡ଼ ଏକ୍ସପ୍ରେସ୍‌ର ସମ୍ପ୍ରସାରଣ



ପୁରୀ ଲାଲ୍‌ଗଡ଼ ଏକ୍ସପ୍ରେସ୍‌ର ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ଅତିଥିମାନେ ହର୍‌ଘର୍ ତ୍ରିରଙ୍ଗା ପ୍ରଦର୍ଶନ କରୁଛନ୍ତି।

**ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)**

ଭାରତୀୟ ରେଳର ଟ୍ରେନ୍ ନଂ.୨୦୪୭୨/୨୦୪୭୧ ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ରାଜସ୍ଥାନର ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଓ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପୁରୀ ରେଳଷ୍ଟେଶନରେ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଟ୍ରେନ୍ ଚଳାଚଳକୁ ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଏହି ଅବସରରେ ଯୋଗଦେଇ ଜାତୀୟ ସଂହତି ଏବଂ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ରଣନୈତିକ ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ପୁରୀକୁ ରାଜସ୍ଥାନର ଥର୍ ମରୁଭୂମି ନିକଟରେ ଥିବା ଗଙ୍ଗାନଗର ସହିତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନରେ ବିସ୍ତୃତ ଏକକ ରେଳ କରିଡର୍ ମାଧ୍ୟମରେ ସଂଯୋଗ କରୁଛି। ଏହି ଟ୍ରେନ୍ ଏବେ ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ତୀର୍ଥଯାତ୍ରୀ, ଛାତ୍ର, ବ୍ୟବସାୟୀ ଏବଂ ପ୍ରବାସୀ ଶ୍ରମିକଙ୍କ ପାଇଁ ଏକ ସୁଲଭ ଏବଂ ସିଧାସଳଖ ସାପ୍ତାହିକ ଗମନାଗମନ ସେବା ପ୍ରଦାନ କରୁଛି ବୋଲି କହିଥିଲେ। ଏହି ଟ୍ରେନ୍ ପାଇଁ ଥିବା ସମୟସୂଚୀ ଅନୁଯାୟୀ ପୁରୀ ଏବଂ ଲାଲ୍‌ଗଡ଼ ମଧ୍ୟରେ ଟ୍ରେନ୍‌ର ପୂର୍ବ ସମୟ ଉଭୟ ପାର୍ଶ୍ୱରୁ ଅପରିବର୍ତ୍ତିତ ରହିଛି। ଲାଲ୍‌ଗଡ଼ ପରେ ଏହି ଟ୍ରେନ୍ ଲୁଙ୍କାରଣସର, ସୁରତଗଡ଼, ରାୟସିଂହନଗର ଏବଂ କରଣପୁରରେ ରହଣି କରି ରାତି ୨ଟା ୫ରେ ଶ୍ରୀଗଙ୍ଗାନଗରରେ ପହଞ୍ଚିବ। ଫେରିବା ସମୟରେ ଏହି ଟ୍ରେନ୍ ଶ୍ରୀଗଙ୍ଗାନଗରରୁ ଅପରାହ୍ନ ୨ଟା ୧୦ରେ ଛାଡ଼ି ଲାଲ୍‌ଗଡ଼ରେ ସନ୍ଧ୍ୟା ୬.୩୦ରେ ପହଞ୍ଚିବ ଏବଂ ସନ୍ଧ୍ୟା ୬ଟା ୩୨ରେ ପୁରୀ ଅଭିମୁଖେ ଯାତ୍ରା କରିବ।

## ତ୍ରିରଙ୍ଗା ସମସ୍ତଙ୍କୁ ରାଷ୍ଟ୍ରପ୍ରେମରେ ବାନ୍ଧିରଖେ

### ଛାତ୍ରୀଛାତ୍ରଙ୍କ ବିଶାଳ ତ୍ରିରଙ୍ଗା ଯାତ୍ରା

**କାକଟପୁର/ଅସ୍ତରଙ୍ଗ, ୧୩।୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ୍)**

ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରିଶ୍ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କଲେଜ ପରିସରରୁ ହାତରେ ତ୍ରିରଙ୍ଗା ଧରି ହରିଣହୁଳା ପର୍ଯ୍ୟନ୍ତ ଯାଇଥିଲେ। ସମାଜରେ ଲୋକମାନେ କିପରି ଦେଶପ୍ରେମ ଓ ଦେଶଭକ୍ତିରେ ନିଜକୁ ସାମିଲ କରିବେ ଏବଂ ସମସ୍ତଙ୍କ ମନରେ ରାଷ୍ଟ୍ରପ୍ରେମର ଭାବନା ଜାଗ୍ରତ ହେବ, ଏହି ଥିଲା ଶୋଭାଯାତ୍ରାର ମୁଖ୍ୟ ଲକ୍ଷ୍ୟ। ଜାତୀୟ ପତାକା ପ୍ରତ୍ୟେକ ଭାରତୀୟଙ୍କ ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ। ଏହି ପତାକାକୁ ସମ୍ମାନ ଜଣାଇ ଉଚ୍ଚସ୍ଥାନରେ ରଖିବା ସମସ୍ତଙ୍କ ଦାୟିତ୍ୱ। ଏହି ତ୍ରିରଙ୍ଗା ମାଧ୍ୟମରେ ରାଷ୍ଟ୍ରବାଦ୍, ଜାତୀୟତାବାଦ୍, ଦେଶପ୍ରେମ ଜାଗ୍ରତ କରିବା ହେଉଛି ମୂଳ ଉଦ୍ଦେଶ୍ୟ। ଶୋଭାଯାତ୍ରାରେ ଅଧ୍ୟାପକ ବିଜୟ କୁମାର ଦାଶ, ସୁନୀଲ ରାଉତ, ଜୟନ୍ତ କୁମାର ଦାଶ, ଅଧ୍ୟାପିକା ରଶ୍ମିରେଖା ସାହୁ, ରାଜଲକ୍ଷ୍ମୀ କରଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ କଲେଜ ନିକଟରୁ କାକଟପୁର ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲେ।

## ଭଡ଼ାଘରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

### ଝିଅକୁ ବାପା ମାରିଦେଇଥିବା ଅଭିଯୋଗ ଆଣିଲେ ମା'

**ନିମାପଡ଼ା, ୧୩।୮ (ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମର ଏକ ଭଡ଼ାଘରୁ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ବୁଧବାର ସକାଳେ ଛାତ୍ରୀଙ୍କ ବାପା ଓ ସାବତ ମା' ଦିନମଜୁରିଆ କାମ କରିବାକୁ ଯାଇଥିଲେ। ଛାତ୍ରୀ ଜଣକ ଘରର ଆଜବେଷ୍ଟସ ଓରାରେ ବେକରେ ଓଢ଼ଣି ବାନ୍ଧି ଝୁଲି ପଡ଼ିଥିବା ପଡ଼ୋଶୀମାନେ ଦେଖି ତାଙ୍କ ବାପାଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଓ ସ୍ଥାନୀୟ ଲୋକେ ଝିଅକୁ ଉଦ୍ଧାର କରି ନିମାପଡ଼ା ମେଡିକାଲ୍‌କୁ ନେଇଥିଲେ। ହେଲେ ମେଡିକାଲ୍‌ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଏସମ୍ପର୍କରେ ମୃତା ଛାତ୍ରୀଙ୍କ ବାପା ମାନସ କୁମାର ପ୍ରଧାନ ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୧/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଛାତ୍ରୀଙ୍କର ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ମୃତା ଛାତ୍ରୀଙ୍କ ନିଜଘର ନିମାପଡ଼ା ଥାନା ଅନ୍ତର୍ଗତ ଗଡ଼ତୋରିହିଁ ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷରେ ବୁଧବାର ବିଳମ୍ବିତ ରାତିରେ ଛାତ୍ରୀଙ୍କ ନିଜ ମା' ସତ୍ୟଭାମା ପ୍ରଧାନ ନିମାପଡ଼ା ଥାନାରେ ପହଞ୍ଚି ଝିଅକୁ ତା' ବାପା ଏବଂ ସାବତ ମା' ମାରି ଟାଙ୍ଗି ଦେଇଥିବା ଅଭିଯୋଗ ଆଣିଛନ୍ତି। ପୋଲିସ ଏହି ଅଭିଯୋଗକୁ ଗ୍ରହଣ କରି ଏଦିଗରେ ତଦନ୍ତ କରାଯିବ ବୋଲି କହିଛି। ପ୍ରକାଶ ଯେ, ପାରିବାରିକ କଳହ କାରଣରୁ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ଆଜକୁ ୩ରୁ ୪ ବର୍ଷ ହେବ ନିଜ ବାପ ଘର କୋଣାର୍କ ଥାନା ଅନ୍ତର୍ଗତ ମାଧିପୁରଠାରେ ରହୁଛନ୍ତି।

## ହର୍ ଘର ତ୍ରିରଙ୍ଗା, ହର୍ ଘର ସ୍ୱଚ୍ଛତା କାର୍ଯ୍ୟକ୍ରମ




ପୁରୀ ପୌରପାଳିକା ପକ୍ଷରୁ ପୌରସଦନଠାରେ ତ୍ରିରଙ୍ଗା ମେଳା ଓ ତ୍ରିରଙ୍ଗା କନ୍‌ସର୍ଟ ଅନୁଷ୍ଠିତ।

**ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)**

ହର୍‌ଘର୍‌ତ୍ରିରଙ୍ଗା ହର୍‌ଘର୍‌ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନ୍ତର୍ଗତ ତ୍ରିରଙ୍ଗା ମେଳା ଓ ତ୍ରିରଙ୍ଗା କନ୍ସର୍ଟ ବୁଧବାର ପୁରୀ ପୌରପାଳିକା ପକ୍ଷରୁ ଟାଉନହଲ୍ ପରିସରରେ ଅନୁଷ୍ଠିତ ହୋଇଛି। ଏହାକୁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିବା ସହ ସ୍ୱଚ୍ଛତା ପାଇଁ ଆମ ସମସ୍ତଙ୍କୁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ହର୍ ଘର୍ ତ୍ରିରଙ୍ଗା ଓ ହର୍ ଘର୍ ସ୍ୱଚ୍ଛତାର ବାର୍ତ୍ତା ଆଜି ସମୟର ଆହ୍ୱାନ। ଏହାକୁ ଆମେ ସମ୍ମିଳିତ ଭାବେ ସଫଳ କରିବା ବୋଲି ସେ କହିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ଆମ ଦେଶମାତୃକାର ସୁରକ୍ଷା ଓ ଅଖଣ୍ଡତା ପାଇଁ ପ୍ରତିବଦ୍ଧ ହେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦେଶପ୍ରେମ ଓ ସ୍ୱଚ୍ଛତା ପାଇଁ ପ୍ରତ୍ୟେକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ ସହାୟିକା ରେଶ୍ମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପରେ ଦେଶାତ୍ମବୋଧ ଓ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୂର୍ଣ୍ଣଚନ୍ଦ୍ର ନାୟକ ସଭାପତି ମନୋନୀତ




ବୈଠକରେ ଉପସ୍ଥିତ ଜିଲାର ଖବରଦାତାମାନେ।

### ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

**ପିପିଲି, ୧୩।୮ (ଦୁର୍ଗା ମାଧବ ମିଶ୍ର/ ପ୍ରଭାତ ମହାପାତ୍ର)**

ପିପିଲିସ୍ଥିତ ମାଣିକ ଗାର୍ଡେନ୍‌ଠାରେ ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ସଭାରେ ରାଜ୍ୟର ଅନ୍ୟତମ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ବିଶିଷ୍ଟ ସାହିତ୍ୟିକ ଓ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ ଏବଂ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ସଭାପତି ହରିହର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ସଂଘକୁ ଶକ୍ତିଶାଳୀ କରି ଖବରଦାତାଙ୍କ ନ୍ୟାଯ୍ୟ ଦାବି ହାସଲ କରିବାର ଆବଶ୍ୟକତା ରହିଛି। ଖବରଦାତା ସଞ୍ଜୟ ପତି ବରିଷ୍ଠ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଜିଲାର ସଭାପତି ପାଇଁ ପ୍ରସ୍ତାବ ରଖିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ କରତାଳି ଦେଇ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ନବନିଯୁକ୍ତ ସଭାପତିଙ୍କ ପ୍ରସ୍ତାବକ୍ରମେ ଆଦିତ୍ୟ ରାଉତଙ୍କୁ ସାଧାରଣ ସମ୍ପାଦକ, ସମୀର କରଙ୍କୁ କୋଷାଧ୍ୟକ୍ଷ ଏବଂ ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ତୁଷାର ଦୀକ୍ଷିତ, ବିଚିତ୍ରାନନ୍ଦ ସାହୁ ଓ ଅକ୍ଷୟ ବେହେରାଙ୍କୁ ପରାମର୍ଶଦାତା ଭାବେ ମନୋନୀତ କରାଯାଇଛି। ସଞ୍ଜୟ ପତି ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ବିଜୟ କୁମାର ମହାପାତ୍ର, ହେମନ୍ତ ସେଠୀ, ଆଦିତ୍ୟ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଉଚ୍ଚ ଜୁଆରରେ ଖୋଲିଲା କେଲୁଣୀ ମୁହାଣ

### ଶୈବପୀଠ ପାଇଁ ବଢୁଛି ବିପଦ

**କାକଟପୁର/ଅସ୍ତରଙ୍ଗ, ୧୩।୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ୍)**



କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ରର ଉଚ୍ଚ ଜୁଆରରେ କ୍ରମଶଃ ଖୋଲିବାରେ ଲାଗିଛି ଅସ୍ତରଙ୍ଗ ନିକଟସ୍ଥ କେଲୁଣୀ ମୁହାଣ। ଫଳରେ ନିକଟରେ ଥିବା ବେଲେଶ୍ୱର ଶୈବପୀଠ ପ୍ରତି ବିପଦ ବଢୁଛି। ଗଙ୍ଗା ନଦୀଠାରୁ ପୁରାତନ ନଦୀ ହେଉଛି ପ୍ରାଚୀନଦୀ। ଏହି ନଦୀର ଅବବାହିକାରେ ଅନେକ ମଠ ଏବଂ ମନ୍ଦିର ଗଢ଼ିଉଠିଛି। ସେଥିମଧ୍ୟରୁ ଏକାଦଶ ମାଧବ ଏବଂ ଦ୍ୱାଦଶ ଶମ୍ଭୁ ପୀଠ ଏହି ନଦୀ ଅବବାହିକାରେ ଦେଖିବାକୁ ମିଳିଥାଏ। ଅସ୍ତରଙ୍ଗ ନିକଟ କେଲୁଣୀ ମୁହାଣ ନିକଟରେ ରହିଥିବା ସର୍ବପ୍ରାଚୀନ ବେଲେଶ୍ୱର ଶୈବପୀଠ।

ପ୍ରାଚୀ, ଦେବୀ ଏବଂ କାଦୁଆ ନଦୀର ସଙ୍ଗମସ୍ଥଳ କେଲୁଣୀ ମୁହାଣ ତ୍ରିକୋଣ ଭୂମିରେ ରହିଛି ବେଲେଶ୍ୱର ଶୈବପୀଠ। ଶ୍ରଦ୍ଧାଳୁମାନେ ଜୁଆର ଭଙ୍ଗା ସମୟରେ ଡଙ୍ଗାରେ ପାର ହୋଇ ଆସିଥାନ୍ତି ଏବଂ ଜୁଆର ଛାଡ଼ିଯିବା ପରେ ନଦୀପଠାରେ ଚାଲି ଚାଲି ଯାଇଥାନ୍ତି। ଏଠିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଶ୍ରଦ୍ଧାଳୁଙ୍କୁ ଏଠାକୁ ବାରମ୍ବାର ଆସିବାକୁ ଆକର୍ଷିତ କରିଥାଏ। ସମୁଦ୍ର, ପ୍ରାଚୀ, ଦେବୀ ଏବଂ କାଦୁଆ ନଦୀ ସଙ୍ଗମର ଦୃଶ୍ୟ ଶୈବପୀଠକୁ ସ୍ୱତନ୍ତ୍ର ଭାବେ ଚିତ୍ରଣ କରିଛି। ବେଲେଶ୍ୱର ପୀଠ ପାଇଁ କେଲୁଣୀ ମୁହାଣ ଓ ପ୍ରାଚୀ ନଦୀର ମୁହାଣ ଧାର କାଳ ସାଜିଛି। ହେଲେ ନଦୀର ପ୍ରଖରସ୍ରୋତ ଶୈବପୀଠର ବାଲିବନ୍ଧକୁ କ୍ଷୟକରି ଚାଲିଛି, ଫଳରେ ଶୈବପୀଠ ପରିସରରେ ଥିବା ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି।

କେନ୍ଦ୍ରୀୟ ବଙ୍ଗୋପସାଗରରେ ୧୩ରୁ ଲଘୁଚାପ ସୃଷ୍ଟି ହୋଇଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଲଘୁଚାପ ସୃଷ୍ଟି ଫଳରେ ସମୁଦ୍ର ଉଚ୍ଚଜୁଆର କୂଳ ଲଂଘୁଛି। ପ୍ରାଚୀ ଏବଂ ଦେବୀ ନଦୀର ସଙ୍ଗମସ୍ଥଳ କେଲୁଣୀ ମୁହାଣରୁ ଆସୁଥିବା ଜୁଆର ଏବଂ ଭଙ୍ଗାର ସ୍ରୋତ ଦିନକୁ ଦିନ ବେଲେଶ୍ୱର ମନ୍ଦିରକୁ ନିଜ ଗର୍ଭରେ ଲୀନ କରିବାକୁ ଯେମିତି ପ୍ରତିଯୋଗିତା କରୁଛି। ନଦୀଠାରୁ ମାତ୍ର ଅଳ୍ପ କେତେମିଟର ଦୂରରେ ରହିଥିବା ମନ୍ଦିର ପ୍ରତି କେଲୁଣୀ ମୁହାଣ ଖୋଲିବା ପରେ କ୍ରମଶଃ ବଢୁଛି ବିପଦ। ପୂର୍ବରୁ ବେଲେଶ୍ୱର ଶୈବପୀଠକୁ ସୌନ୍ଦର୍ଯ୍ୟକରଣ ପାଇଁ ୫-ଟି ପକ୍ଷରୁ ୯ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅନୁଦାନ ଆସିଥିଲେ ମଧ ଏହି ପୀଠଟି ଏବେ ମୁହାଣ ମୁହଁରେ ନିଶ୍ଚିହ୍ନ ହେବାକୁ ବସିଛି। ଏହାକୁ ନେଇ ଚିନ୍ତାରେ ସ୍ଥାନୀୟ ଅଞ୍ଚଳବାସୀ। ମନ୍ଦିର ସୁରକ୍ଷା ପାଇଁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅନେକ ସମୟରେ ନିଜେ ବାଲିବସ୍ତା ପକାଇ ମନ୍ଦିର ସୁରକ୍ଷାଦେବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ବର୍ତ୍ତମାନ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉଚ୍ଚଜୁଆର ଯୋଗୁ ଖୋଲିଯାଇଛି କେଲୁଣୀ ମୁହାଣ। ଏହାର ପ୍ରଭାବରେ ବେଲେଶ୍ୱର ମନ୍ଦିର ପ୍ରତି ବିପଦ ଦେଖାଦେଇଛି। ଅନେକ ସମୟରେ ଉଚ୍ଚ ଜୁଆର, ନଦୀର ସ୍ରୋତ ବାଲିବସ୍ତାକୁ ଭସାଇ ନେଇଯାଇଛି। ବହୁ ପୁରାତନ ଶୈବପୀଠ ପ୍ରତି ଜିଲା ଓ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଇ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଫଟୋରେ ଖବର



ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀ ପରେଡ୍‌ରେ ଭାଗ ନେବାକୁ ଥିବା ସାହିଯାତ ପ୍ରଦର୍ଶନ ପାଇଁ ଅଭ୍ୟାସ କରାଯାଉଛି।



ପୁରୀର ବିଭିନ୍ନ ସାହିରେ ମହିଳାମାନେ ବୁଦ୍ଧି ବାମନ ପୂଜା କରୁଛନ୍ତି।




ସିଦ୍ଧ ମହାବୀର ନିକଟସ୍ଥ ମାରୁତି ନଗରରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ୨୧ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର,୧୩।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଶୁକ୍ରବାର ରାଜ୍ୟସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସକାଳ ୭ଟାରୁ ୧୧ଟା ୩୦ ଯାଏ ସେଠାରେ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ତଦାରଖ କରିଥିଲେ। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଆଇପିଏସ୍ ଅଫିସର ଅନନ୍ୟା ଅଓ୍ୱସ୍ତିଙ୍କ ନେତୃତ୍ୱରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡରେ ପ୍ରାୟ ୫୦ଟି କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ। ଏଥିମଧ୍ୟରେ ୧୨୦ ଇନ୍‌ଫ୍ୟାନଟ୍ରି

**ପୂର୍ଣ୍ଣ ଅଭ୍ୟାସ ପରେଡ**
- ପରେଡର ନେତୃତ୍ୱ ନେବେ ଆଇପିଏସ୍ ଅଫିସର ଅନନ୍ୟା ଅଓ୍ୱସ୍ତି
- ସହରରେ କଡ଼ା ସୁରକ୍ଷା, ତଦାରଖ କଲେ ପୋଲିସ ଡିଜି

ବାଟାଲିୟନ, ଆଇଟିବିପି, ସିଆର୍‌ପିଏଫ୍, ବିଏସ୍‌ଏଫ, ରେଳ ସୁରକ୍ଷା ବଳ ସହ ଓଡ଼ିଶା ପୋଲିସ ଅଧୀନ ବିଭିନ୍ନ ବିଭାଗ, ଅଗ୍ନିଶମ, ଏନ୍‌ସିସି ଏବଂ ସ୍କାଉଟଗାଇଡ ଆଦି ରହିଛନ୍ତି। ଚଳିତବର୍ଷ ଆନ୍ଧ୍ର ପ୍ରଦେଶର ସଶସ୍ତ୍ର ବଳ ପରେଡରେ ଭାଗ ନେଇଛନ୍ତି। ଏଥିସହ ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମଧ୍ୟ ଅଂଶଗ୍ରହଣ କରି କଳାକୌଶଳ ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ଯୋଜନା ରହିଛି। ପୂର୍ଣ୍ଣ ଅଭ୍ୟାସ ପରେଡରେ ବିଭିନ୍ନ କଣ୍ଟିଜେଣ୍ଟ ପ୍ରଦର୍ଶନ କରିବା ସହ କମାଣ୍ଡାଣ୍ଟ ଅନନ୍ୟା ମଧ୍ୟ ଦୃଢ ନେତୃତ୍ୱ ନେଇଥିଲେ।


ଆଇପିଏସ୍ ଅଫିସର ଅନନ୍ୟା ଅଓ୍ୱସ୍ତିଙ୍କ ନେତୃତ୍ୱରେ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ଼।

ଅପରପକ୍ଷରେ ସ୍ୱାଧୀନତା ଦିବସ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଗାନ୍ଧୀମାର୍ଗ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏଥିପାଇଁ ୨୧ ପ୍ଲାଟୁନ୍ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୫ଜଣ ଡିସିପି ପାହ୍ୟା ଅଫିସର, ୫ଜଣ ଅତିରିକ୍ତ ଡିସିପି, ୮ଜଣ ଏସିପି, ୨୧ ଇନ୍ସପେକ୍ଟର ଓ ୧୦୦ ଜଣ ଏସ୍‌ଆଇ/ଏଏସ୍‌ଆଇ ରହିବେ। ଗାନ୍ଧୀମାର୍ଗର ଚତୁଃପାର୍ଶ୍ୱରେ ଥିବା ଛକଗୁଡ଼ିକରେ ମଧ୍ୟ ପୋଲିସ ଫୋର୍ସ ମୁତୟନ ହେବେ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ସ୍ୱାଧୀନତା ଦିବସ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି। ମଙ୍ଗଳବାରଠାରୁ ରାତ୍ରିକାଳୀନ ବ୍ଲକିଂ ଓ ଚେକିଂ ଜୋରଦାର ହୋଇଛି। ଏହି ଉତ୍ସବ ଆୟୋଜନ ସଫଳ ଭାବେ ହେବ ବୋଲି ମୀନା ଆଶାବ୍ୟକ୍ତ କରିଛନ୍ତି।

# ୨୫ ଶିଶୁ ଲେଖକଙ୍କୁ 'କଳିକା' ସମ୍ମାନ


ଅତିଥିଙ୍କ ଗହଣରେ ସମ୍ମାନିତ ଶିଶୁ ଲେଖକମାନେ।

ଭୁବନେଶ୍ୱର,୧୩।୮ (ସୁଚିସ୍ମିତା ସାହୁ)

ବରମୁଣ୍ଡାସ୍ଥିତ ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଗପ ଓ କବିତା ଲେଖାଲେଖି କରୁଥିବା ୨୫ଜଣ ଶିଶୁ ଲେଖକଙ୍କୁ 'କଳିକା' ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିହାର ରଞ୍ଜନ ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଦିଲୀପ ପ୍ରଧାନ, ସୋମନାଥ ବାରିକ ଯୋଗଦେଇ ପିଲାଙ୍କୁ ଆଗାମୀ ଦିନରେ ଜଣେ ସଫଳ କବି, ଲେଖକ ଭାବେ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରକାଶିତ ପ୍ରାଚୀର ଫର୍ଦ୍ଦ 'କଳିକା' ସଂଖ୍ୟାକୁ ଉନ୍ମୋଚନ କରି ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ରାୟ କହିଲେ, ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ମୋ କଥା ମୋ ଲେଖା' ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୫ଜଣଙ୍କ ନିର୍ବାଚିତ ଲେଖା 'କଳିକା' ପ୍ରାଚୀର ଫର୍ଦ୍ଦରେ ସ୍ଥାନ ପାଇଛି। 'କଳିକା' ସମ୍ପାଦିକା କମଳିନୀ ସାହୁ ଓ ଶିକ୍ଷୟିତ୍ରୀ ପ୍ରତିମା କୁମାରୀ ନନ୍ଦ ବକ୍ତବ୍ୟ ମାଧ୍ୟମରେ ଶିଶୁ ଲେଖକଙ୍କୁ ଉତ୍ସାହିତ କରିଥିଲେ।

# ବାଲି ବୋଝେଇ ହାଇୱା ଜବତ, ୨ ଚାଳକ ଗିରଫ

ବାଲିଅନ୍ତା, ୧୩। ୮ (ନୀଳମାଧବ ସାହୁ): ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ଅଭିଯୋଗରେ ପାହାଳ ପୋଲିସ ୨ ଟି ହାଇୱା ଗାଡ଼ିକୁ ଜବତ କରିଛି। ଏହି ଘଟଣା ପୋଲିସ ୨ ଚାଳକଙ୍କୁ ଗିରଫ କରିଛି। ସେମାନେ ହେଲେ ଦାଶରଥି ସେଠୀ(୩୨) ଓ ମନୋରଞ୍ଜନ ସାମଲ ( ୫୨) । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଆଇଆଇସି ଅଶ୍ୱିନୀ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଥାନାର ୨ଟି ପୃଥକ୍ ଟିମ୍ ମଙ୍ଗଳବାର ରାତିରେ ପାଟ୍ରୋଲିଂ ଓ ବ୍ଲକି ଡ୍ୟୁଟି କରୁଥିଲେ। ଏହି ସମୟରେ ୨ଟି ହାଇୱା ଗାଡ଼ି ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ କର୍ମଚାରୀମାନେ ଅଟକାଇ ଥିଲେ। ଗାଡ଼ିର ଛାନ୍‌ଭିନ୍ ସମୟରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ପୋଲିସର ନଜରକୁ ଆସିଥିଲା। ପଚରାଉଚରା ସମୟରେ ଗାଡ଼ି ଚାଳକ ଦ୍ୱୟ ବାଲି ଚାଲାଣର କୌଣସି ବୈଧ ଅନୁମତି ପତ୍ର ପୋଲିସକୁ ଦେଖାଇ ପାରି ନ ଥିଲେ। ଏନେଇ ପୋଲିସ ୨ ଟି ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

# ନିରଞ୍ଜନ ରାଉତଙ୍କୁ 'ଅଙ୍ଗିକ ଗୁରୁଶ୍ରେଷ୍ଠ ସମ୍ମାନ'




ଭୁବନେଶ୍ୱର,୧୩।୮ (ସୌମ୍ୟରଞ୍ଜନ ରାଉତ)

ଆଙ୍ଗିକ ଅନୁଷ୍ଠାନ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ ପାରମ୍ପରିକ ପୂଜନ ସହିତ 'ଅଙ୍ଗିକ ଗୁରୁଶ୍ରେଷ୍ଠ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିଭଳି କଥକ ନୃତ୍ୟଗୁରୁ ଅସୀମବନ୍ଧୁ ଭଟ୍ଟାଚାର୍ଯ୍ୟ, ସିତାର ବାଦକ ଗୁରୁ ସପ୍ତେଶର ଚକ୍ରବର୍ତ୍ତୀ ଏବଂ ଓଡ଼ିଶୀ ଗୁରୁ ମମତା ଓଝାଙ୍କୁ 'ଅଙ୍ଗିକ ଗୁରୁଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଗୁରୁ ଅସୀମବନ୍ଧୁ ଓ ସାଥୀଙ୍କ ଦ୍ୱାରା ଚିତ୍ତାକର୍ଷକ କଥକ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଶ୍ରାବଣୀ ମିତ୍ରଙ୍କ ନୃତ୍ୟ ନିର୍ଦ୍ଦେଶନାରେ କବିଗୁରୁ ରବୀନ୍ଦ୍ରନାଥଙ୍କ ବିଖ୍ୟାତ ନୃତ୍ୟନାଟିକା 'ଚଣ୍ଡାଳିକା'ର ପ୍ରଥମ ଓଡ଼ିଆ ଅନୁବାଦ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଭୂମିକାରେ ନୃତ୍ୟଶିଳ୍ପୀ ମଲ୍ଲିକା ମିତ୍ର ନିଖୁଣ ଅଭିନୟ କରିଥିଲେ। ଅତିଥି ଭାବରେ ଓଡ଼ିଶୀ ଗୁରୁ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ପ୍ରୋଜେକ୍ଟ ଛାଉଣୀର ମୁଖ୍ୟ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ଅତିଥି ପରିଚୟ, ସମ୍ପାଦିକା ଗୁରୁ ଶ୍ରାବଣୀ ମିତ୍ର ବିବରଣୀ ପାଠ, ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା ଓ ଉପଦେଷ୍ଟା ଡ. କଲିମୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଆସାମରେ ଡାକ୍ତରଙ୍କୁ ଠକେଇ, ୩ ଗିରଫ

ଭୁବନେଶ୍ୱର,୧୩।୮(ସତ୍ୟଜିତ୍ ରାଉତ): ଆସାମ ଗୁଆହାଟୀର କାମାକ୍ଷା ମନ୍ଦିରରେ ପୂଜା ଖର୍ଚ୍ଚ ଆଳରେ ଡାକ୍ତରଙ୍କୁ ୪୧ ହଜାର ଟଙ୍କା ଠକେଇ ଅଭିଯୋଗରେ ଶହୀଦନଗର ପୋଲିସ ୩ଜଣ ଠକଙ୍କୁ ଗିରଫ କରିଛି। ସେମାନେ ହେଲେ ବୌଦ୍ଧ ସଦର ଥାନା ଅଞ୍ଚଳର ଗଗନ ପାଣିଗ୍ରାହୀ(୩୦), ଅନୁଗୋଳ କିଶାନନଗର ଅଞ୍ଚଳର ସୌମ୍ୟରଞ୍ଜନ ପ୍ରଧାନ(୩୨) ଓ ବୌଦ୍ଧ ଟାଉନର ଦାଶରଥୀ ପ୍ରଧାନ(୩୫)। କୋର୍ଟ ଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଗଷ୍ଟ ୯ରେ ଅଭିଯୋଗକାରୀ ଡାକ୍ତର ବିଶ୍ୱଜିତ୍ ମିଶ୍ରଙ୍କୁ ସୌମ୍ୟରଞ୍ଜନ କଲ୍ କରି ନିଜକୁ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ବୋଲି ପରିଚୟ ଦେଇ ଗୁଆହାଟୀ କାମାକ୍ଷା ମନ୍ଦିରରେ ପୂଜା ଖର୍ଚ୍ଚ ପାଇଁ ୪୧ହଜାର ଟଙ୍କା ମାଗିଥିଲେ। ବିଶ୍ୱଜିତ୍ ତାଙ୍କ କ୍ଲିନିକ୍‌ରେ ବ୍ୟସ୍ତ ଥିବାରୁ ତାଙ୍କ ସହାୟକ ରାଜେଶ ସାହୁ ଅଭିଯୁକ୍ତ ଗଗନ ପାଣିଗ୍ରାହୀଙ୍କ ନାମରେ ପଞ୍ଜୀକୃତ ଥିବା ମୋବାଇଲ୍ ନମ୍ବର(୮୬୫୮୧୭୪୬୧୫) ସହିତ ଲିଙ୍କ୍ ହୋଇଥିବା ଆକାଉଣ୍ଟରେ ଟଙ୍କା ପଠାଇ ଦେଇଥିଲେ। ପୁଣିଥରେ ଟଙ୍କା ମାଗିବାରୁ ବିଶ୍ୱଜିତ୍‌ଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୭୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ପୂର୍ବତଟ ରେଳପଥର ଆନ୍ତଃସ୍କୁଲ କୁଇଜ ପ୍ରତିଯୋଗିତା

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ଆନ୍ତଃସ୍କୁଲ କୁଇଜ ପ୍ରତିଯୋଗିତା - ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର, କଟକ ଏବଂ ଖୋର୍ଦ୍ଧାର ୧୧ଟି ସ୍କୁଲକୁ ପ୍ରତିନିଧିତ୍ୱ କରୁଥିବା ୮୩ଟି ଦଳ (ପ୍ରତ୍ୟେକରେ ଦୁଇଜଣ ଛାତ୍ର) ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛତା ଅଭିଯାନ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର ରାଉଣ୍ଡ ପ୍ରତିଯୋଗିତାରେ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ରାଉଣ୍ଡ ପରେ ୬ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ଗ୍ରାଣ୍ଡ ଫିନାଲେକୁ ଉନ୍ନିତ ହୋଇଥିଲେ। ଡିଏଭି ପବ୍ଲିକ ସ୍କୁଲ ଚନ୍ଦ୍ରଶେଖରପୁର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଡିଏଭି ୟୁନିଟ-୮ ଦ୍ୱିତୀୟ ଏବଂ ଲୟୋଲା ସ୍କୁଲ ତୃତୀୟ ସ୍ଥାନରେ ହାସଲ କରିଛନ୍ତି। କୁଇଜ ମାଷ୍ଟର ମାନସ ନାୟକ ଏବଂ କମଲ ରାଠି କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଢ଼ଙ୍ଗରେ ଉପସ୍ଥାପନ କରିଥିଲେ। ବିଜେତା ଦଳଗୁଡ଼ିକୁ ସ୍ୱାଧୀନତା ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

# ୧୬ରେ ଆଦିତ୍ୟ ମେମୋରିଆଲ କୁଇଜ୍




ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ଓ ଲୟୋଲା ସ୍କୁଲ ପକ୍ଷରୁ ଆସନ୍ତା ୧୬ ତାରିଖରେ ୧୫ତମ ଆଦିତ୍ୟ ମେମୋରିଆଲ କୁଇଜ୍-୨୦୨୫ ଅନୁଷ୍ଠିତ ହେବ। ବୁଧବାର ଲୟୋଲା ସ୍କୁଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍କୁଲ ପ୍ରିନ୍ସିପାଲ ଫାଦର ଏ ଅମଲାଦୋଶ, ଭାଇସ୍ ପ୍ରିନ୍ସିପାଲ ନନ୍ଦିତା ପଟ୍ଟନାୟକ, ଫାଉଣ୍ଡେଶନର ଟ୍ରଷ୍ଟି ମିହିର ସାହୁ ଏବଂ ସିଦ୍ଧିରୂପା ନନ୍ଦ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱରର ଏକ୍ସଆଇଏମ୍‌ବି ଅଡିଟୋରିୟମରେ ସକାଳ ୮ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ କୁଇଜ୍ କାର୍ଯ୍ୟକ୍ରମ ଚାଲିବ। ଏହାକୁ କୁଇଜ୍ ମାଷ୍ଟର ମାନସ ନାୟକ ପରିଚାଳନା କରିବେ। ଓଡ଼ିଶାରୁ ୧୬ଟି ସ୍କୁଲ ଏବଂ ଅନ୍ୟ ରାଜ୍ୟର ୫ ସ୍କୁଲର ୧୫୨ ଜଣ ଅଂଶଗ୍ରହଣକାରୀ ୭୬ଟି ଦଳରେ ପ୍ରତିଯୋଗିତା କରିବେ। ପ୍ରଥମ ବିଜେତା ଦଳ ପାଇଁ ୧୨,୫୦୦ ଟଙ୍କା ପୁରସ୍କାର ରାଶି ରହିଥିବାବେଳେ ଦ୍ୱିତୀୟ ୭,୫୦୦ ଏବଂ ତୃତୀୟ ବିଜେତା ଦଳକୁ ୩୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ୩୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ନଗଦ ପୁରସ୍କାର ପାଇଁ ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିବେ ଓ ଏହାସହିତ ସ୍ୱତନ୍ତ୍ର ଦର୍ଶକ ପୁରସ୍କାର ମଧ୍ୟ ପାଇବେ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେବେ। ପୁରସ୍କାର ବଣ୍ଟନ ଉତ୍ସବ ରେରା ଭୁବନେଶ୍ୱରର ଅଧ୍ୟକ୍ଷ ଅସିତ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, କୁଇଜ୍‌ରେ ପାରଦର୍ଶିତା ଦେଖାଉଥିବା ଲୟୋଲା ସ୍କୁଲର ଛାତ୍ର ସ୍ୱର୍ଗତ ଆଦିତ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। କର୍କଟ ସମାଧାନ ପାଇଁ ସଚେତନତା ଏବଂ ସମର୍ଥନ ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆଣିବା ମଧ୍ୟ ଏହାର ଲକ୍ଷ୍ୟ ରହିଛି।

# ଲୋଭ ହିଁ ସାମାଜିକ ମୂଲ୍ୟବୋଧ ହ୍ରାସର ମୂଳ କାରଣ

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ବର୍ତ୍ତମାନ ଯୁଗରେ ଲୋଭ ହିଁ ସାମାଜିକ ମୂଲ୍ୟବୋଧ ହ୍ରାସର ମୂଳ କାରଣ। ଦୁଇଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏନ୍. ସନ୍ତୋଷ ହେଗଡେ ଏହା କହିଛନ୍ତି। ବୁଧବାର କିଟ୍ ଲ' ସ୍କୁଲ ଛାତ୍ରୀଛାତ୍ରଙ୍କୁ 'ଫଲ୍ ଇନ୍ ସୋସିଆଲ ଭ୍ୟାଲୁଜ୍ ଆଣ୍ଡ ଇଟ୍ସ କନ୍‌ସିକ୍ୟୁଏନ୍ସେସ୍', ଉପରେ ବକ୍ତବ୍ୟ ପ୍ରଦାନ କରି ସେ କହିଲେ, ଲୋଭ ଏପରି ଏକ ରୋଗ, ଯାହା ପାଇଁ କୌଣସି ଔଷଧ ନାହିଁ। ଏହା ଆମର ସାମାଜିକ ମୂଲ୍ୟବୋଧ ପତନର ମୂଳ କାରଣ। ଟଙ୍କା ଏବଂ କ୍ଷମତା ପଛରେ ପଡ଼ି ମଣିଷ ନୈତିକ ଅଖଣ୍ଡତାକୁ କ୍ଷୁଣ୍ଣ କରିଛି ଏବଂ ସମାଜର ମୂଳଦୁଆକୁ ଦୁର୍ବଳ କରିଛି। ମୂଲ୍ୟବୋଧର ଚାରିକାନ୍ଥ ମଧ୍ୟରେ ମହତ୍ତ୍ୱାକାଂକ୍ଷା ମାନବବାଦରେ ଭିତ୍ତିଭୂମି ହେବା ଉଚିତ। ଛାତ୍ରୀଛାତ୍ରମାନେ ମହତ୍ତ୍ୱାକାଂକ୍ଷା ପରିତ୍ୟାଗ ନ କରିବା ଉଚିତ। ଯେଉଁମାନେ ଆପଣଙ୍କଠାରୁ କମ୍ ଧନୀ ସେମାନଙ୍କ ବିଷୟରେ ଭାବନ୍ତୁ। ଲୋଭ ମୁଦ୍ରାସ୍ଫୀତି ସୃଷ୍ଟି କରେ, ଟଙ୍କାର ମୂଲ୍ୟ ହ୍ରାସ କରେ ଏବଂ ସାମାଜିକ ଭାରସାମ୍ୟକୁ କ୍ଷୟ କରେ। ଶାନ୍ତିର ଅଭାବ ଆଜି ଆମ ସମାଜର ସବୁଠାରୁ ବଡ଼ ସମସ୍ୟା ମଧ୍ୟରୁ ଗୋଟିଏ। ନିଜ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ, ମୁଁ ଅଗଣିତ ଲୋକଙ୍କୁ ଆମ ସମ୍ବିଧାନ ଅଧୀନରେ ସୁଶାସନ ସୁନିଶ୍ଚିତ କରିବା ପାଇଁ ଯନ୍ତ୍ରଣା ଭୋଗୁଥିବା ଦେଖିଛି। ସାମାଜିକ ମୂଲ୍ୟବୋଧ ଉପରେ ଆମର ସମୃଦ୍ଧ ପ୍ରମାଣ ସତ୍ତ୍ୱେ ସମାଜ ଆଜି ନ୍ୟାୟ ଅପେକ୍ଷା ଧନ ଏବଂ ପ୍ରଭାବକୁ ପ୍ରାଥମିକତା ଦିଏ ବୋଲି ହେଗ୍‌ଡେ କହିଛନ୍ତି। କାର୍ଯ୍ୟକ୍ରମରେ କିଟ୍ ଲ ସ୍କୁଲର ପ୍ରଫେସର ଏମିରେଟସ ଏନ୍. ଏଲ୍. ମିତ୍ର ଏବଂ ନିର୍ଦ୍ଦେଶକ ପ୍ରଫେସର ରୋଜ ଭାର୍ଗିସ ମଧ୍ୟ ବକ୍ତବ୍ୟ ରଖିଥିଲେ।



ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏନ୍. ସନ୍ତୋଷ ହେଗଡେଙ୍କ ସହ ଅନ୍ୟମାନେ।

# ଦେଶୀମଦ ଜବତ, ୧ ଗିରଫ

ବାରଙ୍ଗ,୧୩।୮(ଲିଙ୍ଗରାଜ ରାଉତ): ରାଜଧାନୀ ଉପକଣ୍ଠ ଦାରୁଠେଙ୍ଗ ନୂଆଗଡ଼ ସାହିରେ ବୁଧବାର କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗର ଏକ ଦଳ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉରେ ବେଆଇନ ଭାବେ ପ୍ୟାକିଂ ହେଉଥିବା ୫ଶହ ୬ ଲିଟର ଦେଶୀମଦ, ଗୋଟିଏ ସିଲିଂ ମେସିନ ଓ ଏକ ବାଇକ୍ ଜବତ ହୋଇଛି। ଏହି ଘଟଣାରେ ଅବକାରୀ ବିଭାଗ ଶ୍ରୀଧର ସାସମଲ (୫୧)ଙ୍କୁ ଅବକାରୀ ଆଇନ ଅନୁଯାୟୀ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ଦେଶୀମଦ ଓ ମେସିନର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

# ୬୦ ଯୁବଶିଳ୍ପୀଙ୍କ ତୂଳୀରେ ସଂଗ୍ରାମୀଙ୍କ ବଳିଦାନର ଚିତ୍ର

**'ଭାରତ ସ୍ୱାଧୀନତା' ଚିତ୍ରକଳା ଶିବିର, 'ହର୍ ଘର୍ ତିରଙ୍ଗା' ପଦଯାତ୍ରା**

ପୁରୁଣା ଭୁବନେଶ୍ୱର, ୧୩।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଚାରୁକଳା ମହାବିଦ୍ୟାଳୟ ଏବଂ ରାଷ୍ଟ୍ରୀୟ ଲଳିତକଳା କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଧଉଳିଠାରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏକାଡେମୀର କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା, ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଡ.ପଞ୍ଚାନନ ସାମଲ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ୬୦ଜଣ ଯୁବଶିଳ୍ପୀଙ୍କୁ ନେଇ 'ଭାରତ ସ୍ୱାଧୀନତା' ଶୀର୍ଷକ ଏକ ଜଳରଙ୍ଗ ଚିତ୍ରକଳା ଶିବିର ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଡ. ସାମଲ ଶିଳ୍ପୀମାନଙ୍କୁ ନିଜ ଚିତ୍ରରେ ଓଡ଼ିଶାର ସାଧୀନତା ସଂଗ୍ରାମୀଙ୍କ ଚିତ୍ର ସହ ଭାରତ ସ୍ୱାଧୀନତାର ମହାନ୍ ନେତାଙ୍କ ଚିତ୍ର ସ୍ଥାନ ଦେବାକୁ ଉତ୍ସାହିତ କରିଥିଲେ। ଏକାଡେମୀ ସଚିବ ବେଦାଲା ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଶିଳ୍ପୀଙ୍କ ତୂଳୀରେ ସୁବାସ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ଭଗତ୍ ସିଂହ, ଝାନ୍‌ସି ରାଣୀ ଲକ୍ଷ୍ମୀବାଈ ପ୍ରମୁଖଙ୍କ ତ୍ୟାଗ ଓ ଭାରତ ସ୍ୱାଧୀନତାର ନିଚ୍ଛକ ପ୍ରତିଫଳନ ସୁନ୍ଦର ଭାବେ ଚିତ୍ରିତ ହୋଇଥିଲା। ପରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ହାତରେ ତ୍ରିରଙ୍ଗା ପତାକା ଧରି ଭାରତ ମାତାଙ୍କ ଜୟଗାନ କରି ଶାନ୍ତିସ୍ତୁପରୁ ଦୟାନଦୀ ଘାଟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ଭୂପତିଭୂଷଣ ପଣ୍ଡା ଓ ସୋଫିଆ ୟାସ୍ମିନ ପରିଚାଳନା କରିଥିଲେ। କେଦାର ନାୟକ, ସରୋଜ କୁମାର ରାଉତ,ରଶ୍ମିରଞ୍ଜନ ପଟ୍ଟନାୟକ, ୟାନିତା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ।


ଚିତ୍ରକଳା ଶିବିର ଅବସରରେ ବାହାରିଥିବା 'ହର୍ ଘର୍ ତିରଙ୍ଗା' ପଦଯାତ୍ରା।

# ଶ୍ରୀଲ ପ୍ରଭୁପାଦ ସେବା, ମାନବତାର ଜୀବନ୍ତ ପ୍ରତୀକ: ମୁଖ୍ୟମନ୍ତ୍ରୀ

କଟକ,୧୩।୮ (କାର୍ତ୍ତିକ ସାହୁ)

ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ ହେଉଛନ୍ତି ଶ୍ରୀଲ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ। ୧୦୦ ବର୍ଷ ଧରି କଟକର ଶ୍ରୀସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏବଂ ନୈତିକତାର ପ୍ରଦୀପ ପ୍ରଜ୍ୱଳିତ କରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମଠାରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ କହିଲେ, ପରମପୂଜ୍ୟ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ କେବଳ ଜଣେ ମହାନ୍ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନ ଥିଲେ। ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ ଏବଂ ଜୀବନକୁ ଭଗବାନଙ୍କ ସେବାରେ ନିୟୋଜିତ କରିବାର ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି। ଶ୍ରୀସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗ ଦର୍ଶନ କରିଆସୁଛି। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗୃତ କରିନାହିଁ ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିକୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

**ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଓ ଶ୍ରୀ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ**



ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମଠାରେ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଅନ୍ୟମାନେ।

ଗୌଡ଼ୀୟ ମିଶନର ସଭାପତି ଶ୍ରୀମଦ ଭକ୍ତି ସୁନ୍ଦର ସନ୍ନ୍ୟାସୀ ଗୋସ୍ୱାମୀ ମହାରାଜ କହିଥିଲେ ଯେ, ଶ୍ରୀଲ ପ୍ରଭୁପାଦ ହେଉଛନ୍ତି ଜ୍ଞାନ ଆହରଣର ଏକ ଗ୍ରନ୍ଥ, ଯାହାକୁ ଜୀବନ ଭରି ଅଧ୍ୟୟନ କଲେ ମଧ୍ୟ ସରିବନି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଶ୍ରୀମଦ ଭକ୍ତି ବିଚାର ଭାରତୀ ମହାରାଜ, ଗୌଡୀୟ ମିଶନର କମିଟି ମେମ୍ବର ଉମେଶ ଖଣ୍ଡେଲୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଗୌଡୀୟ ବୈଷ୍ଣବ ସମ୍ମିଳନୀର ସଭ୍ୟ ଭକ୍ତିବୋଧାୟନ ବେଦାନ୍ତ ମହାରାଜ ସ୍ୱାଗତ ଭାଷଣ ଓ ଭକ୍ତି ରୂପକ ରାଧାନ୍ତି ମହାରାଜ ଧନ୍ୟବାଦ ଦେଇଥିଲେ।

# ଐତିହ୍ୟ ଗାଁ ମାନ୍ୟତା ଅପେକ୍ଷାରେ ଚମ୍ପାଇଲୋ

## ବ୍ରିଟିଶ ବିରୋଧୀ ଲଢେଇର ଅସ୍ମିତାକୁ ଧରିରଖିଛି

ଖୋର୍ଦ୍ଧା, ୧୩।୮ (ପ୍ରଭାତ ପାଣିଗ୍ରାହୀ)



ତାମ୍ରଫଳକ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହ ଗ୍ରାମବାସୀ।

ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କୁ ମନେପକାଇବାବେଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଚମ୍ପାଇଲୋ ଗାଁ ଆଖି ସାମ୍ନାକୁ ଚାଲିଆସେ। ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ହେଉଛି ଚମ୍ପାଇଲୋ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ତମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ଡାକରାରେ ଏହି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଆଜାଦ୍ ହିନ୍ଦ୍ ଫୌଜରେ ସାମିଲ ହୋଇ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଚମ୍ପାଇଲେ ଗ୍ରାମ ଏବେ ବି ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅସ୍ତିତ୍ୱ ଏବଂ ଅସ୍ମିତାକୁ ଜାବୁଡ଼ି ଧରିଛି। ତେବେ ଅବହେଳିତ ରହିଥିବା ଚମ୍ପାଇଲୋ ଏପର୍ଯ୍ୟନ୍ତ ଐତିହ୍ୟ ଗ୍ରାମ ମାନ୍ୟତା ପାଇପାରିନାହିଁ।

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପିଚୁକୁଳିଠାରୁ ଦେଢ଼ କିମି ଦୂରରେ ଚମ୍ପାଇଲୋ ଗ୍ରାମ ଅବସ୍ଥିତ। ଗାନ୍ଧିଜୀଙ୍କ ଡାକରାରେ ଏହି ଗ୍ରାମର ବିଶ୍ୱନାଥ ସାମନ୍ତ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ୧୮୦୩ରେ ଇଂରେଜମାନେ ପ୍ରଥମେ ଓଡ଼ିଶା ଏବଂ ପରେ ଖୋର୍ଦ୍ଧାଗଡ଼ ଅକ୍ତିଆର କରିଥିଲେ। ୧୮୧୭ ପାଇକ ବିଦ୍ରୋହ ପରେ ଖୋର୍ଦ୍ଧାର ପତନ ଆରମ୍ଭ ହୋଇଥିଲା। ଇଂରେଜଙ୍କ ଅତ୍ୟାଚାର ଓ ଦାରିଦ୍ର୍ୟ କଷାଘାତରେ ଏହି ଅଞ୍ଚଳର ଅନେକ ଲୋକ ଭିଟାମାଟି ଛାଡ଼ି ରୋଜଗାର ଆଶାରେ ରେଙ୍ଗୁନକୁ ପଳାଇଥିଲେ। ସେଠାରେ ୨୩ ଜଣ ଯୁବକ ଶ୍ରମିକ ଭାବେ କାମ କରୁଥିଲେ। ଏହି ସମୟରେ ସୁଭାଷ ବୋଷ ଆଜାଦ ହିନ୍ଦ ଫୌଜ ଗଠନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚମ୍ପାଇଲେ ଗ୍ରାମର ଲଛମନ ଶତ୍ରୁଶଲ୍ୟ, ବିଶ୍ୱନାଥ ସାମନ୍ତ, ଅର୍ଜୁନ ଫତେସିଂ, ଡମ୍ବରୁଧର ସ୍ୱାଇଁ, ପତିତପାବନ ବଳିୟାରସିଂ, ଭଗବାନ ସାମନ୍ତସିଂହାର, ଧୋବି ବରାଡ଼, ବେଲ ବରାଡ଼, ସୁରେନ୍ଦ୍ର ସୁନ୍ଦରାୟ, ଜଗନ୍ନାଥ ସାହୁ, ଭୋବନି ଦଳସିଂହାର, ଲୋକନାଥ ରଣସିଂ, ଚୈତନ୍ୟ ଗୁମାନସିଂ, ଦୈତାରୀ ଚମ୍ପତିରାୟ, ମଗୁଲି ମହାନ୍ତି, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଅପର୍ତ୍ତି ମାର୍ଥା ଏବଂ ଅଚ୍ୟୁତ ସାମନ୍ତରାୟ ପ୍ରମୁଖ ଏଥିରେ ସାମିଲ ହୋଇ ମାତୃଭୂମିକୁ ପରାଧୀନତାରୁ ମୁକ୍ତି ଲାଗି ଲଢେଇ କରିଥିଲେ। ସେମାନଙ୍କ ମଧ୍ୟରୁ କେହି ଜୀବିତ ନାହାନ୍ତି। ତେବେ ସେମାନଙ୍କ ଦାୟାଦମାନେ ଅଛନ୍ତି।

ସଂଗ୍ରାମୀଙ୍କ ଦାୟାଦ ପ୍ରମୋଦ ପ୍ରତାପ ସିଂ ଏବଂ ଯୁଧିଷ୍ଠିର ଉତ୍ତରାୟଙ୍କ ସମେତ କେତେଜଣ ଗ୍ରାମବାସୀ କହିଛନ୍ତି, ବ୍ରିଟିଶ୍ ବିରୋଧରେ ଲଢ଼େଇର ପଦଚିହ୍ନ ସ୍ୱରୂପ ବିଶ୍ୱନାଥ ସାମନ୍ତଙ୍କୁ ସରକାର କେବଳ ମାନପତ୍ର ପ୍ରଦାନ କରିଛନ୍ତି, କିନ୍ତୁ ତାଙ୍କ ସ୍ମୃତିରକ୍ଷା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ସେହି ସମୟରେ ଖୋର୍ଦ୍ଧା ସବ୍‌ଡିଭିଜନ୍‌ରେ ପ୍ରଥମ ରାଜବନ୍ଦୀର ମାନ୍ୟତା ପାଇଥିବା ବିଶ୍ୱନାଥଙ୍କୁ ସ୍ୱାଧୀନ ଭାରତରେ ଉପଯୁକ୍ତ ସମ୍ମାନ ଦିଆଯାଇନାହିଁ। ଏହି ଗ୍ରାମରେ ସଂଗ୍ରାମୀ ଭବନ, ଶହୀଦ ସ୍ତମ୍ଭ ମଧ୍ୟ ନିର୍ମାଣ କରାଯାଇନାହିଁ। ଇତିହାସରେ ଏହି ଗ୍ରାମକୁ ଯଥୋଚିତ ସମ୍ମାନ ପ୍ରଦାନ କରାଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇଥିବା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣୀୟ ଉଦ୍ଦେଶ୍ୟରେ ରାଜ୍ୟ ସରକାର ସେମାନଙ୍କ ପରିବାରକୁ ତାମ୍ରଫଳକ ଧରାଇଦେଇ ଅନ୍ୟ କୌଣସି ବ୍ୟବସ୍ଥା କରିନାହାନ୍ତି। ଖଦି ଆନ୍ଦୋଳନ ସମୟରେ ଏଠାରେ ନିର୍ମାଣ ହୋଇଥିବା ଖଦି କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ସ୍ୱାଧୀନତା ଲାଗି ୨୦ ଜଣ ସଂଗ୍ରାମୀ ଯୁବକଙ୍କୁ ଦେଇଥିବା ଏହି ମାଟିର ଗୌରବମୟ ଇତିହାସ ବିଲୁପ୍ତ ହେବାକୁ ବସିଛି। ନେତାଜୀ ସୁଭାଷଙ୍କ ସାଥିରେ ଲଢ଼ିଥିବା ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନାର୍ଥେ ସେମାନଙ୍କ ପ୍ରତିମୂର୍ତ୍ତି ଓ ଶହୀଦ ସ୍ତମ୍ଭ ନିର୍ମାଣ ସହ ଚମ୍ପାଇଲୋକୁ ଐତିହ୍ୟ ଗ୍ରାମ ମାନ୍ୟତା ପ୍ରଦାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଜିଲା ପ୍ରଶାସନର ଆନ୍ତରିକତା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ଗ୍ରାମ ଅବହେଳିତ ହୋଇ ରହିଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

# ଦିଲ୍ଲୀ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେବେ ପ୍ରଦୀପ ବାରିକ



ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୋଲଗଡ, ୧୩।୮ (ଦେବବ୍ରତ ହୋତା)

ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାଠାରେ ହେବାକୁ ଥିବା ୭୯ତମ ସ୍ୱାଧୀନତା ଦିବସ ପାଳନ ସମାରୋହରେ ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ବାରିକ ଯୋଗଦେବେ। ରାଜ୍ୟରୁ ୧୦ ଜଣ ପଞ୍ଚାୟତ ପ୍ରତିନିଧି ଏହି ସମାରୋହରେ ଯୋଗଦେବାକୁ ଚୟନ ହୋଇଛନ୍ତି। ଏଥିପାଇଁ ବାରିକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଟି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ତାଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି। ଭୁବନେଶ୍ୱରରୁ ଦିଲ୍ଲୀ ଯିବା ସମୟରେ ସମସ୍ତ ୧୦ ନିର୍ବାଚିତ ପ୍ରତିନିଧି ଓ ତାଙ୍କ ପରିବାରବର୍ଗଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଶୁଭେଚ୍ଛା ଜଣାଇଛନ୍ତି। ସରପଞ୍ଚ ବାରିକ ପ୍ରଥମ ଥର ନିର୍ବାଚିତ ହୋଇ ପଞ୍ଚାୟତର ସାମଗ୍ରିକ ବିକାଶ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଆଦର୍ଶ ସରପଞ୍ଚ ଭାବେ ସରକାରଙ୍କଠାରୁ ପୁରସ୍କୃତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ସୌଜନ୍ୟରୁ ମଧ୍ୟ ସେ ପଞ୍ଚାୟତ ପ୍ରତିନିଧିମାନଙ୍କ ବିଭିନ୍ନ ରାଜ୍ୟର ବିକଶିତ ପଞ୍ଚାୟତ ପରିଦର୍ଶନ ଓ ଛତିଶଗଡ଼ରେ ଆୟୋଜିତ ପଞ୍ଚାୟତର ବିକାଶ ନେଇ ଶିକ୍ଷଣ କର୍ମଶାଳାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସେ ବୋଲଗଡ଼ ବ୍ଲକ ସରପଞ୍ଚ ସଂଘର ସଭାପତି ରହିଛନ୍ତି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଡିଆର୍‌ୟୁସିସି ବୈଠକ

ଭୁବନେଶ୍ୱର, ୧୩।୮ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ବୁଧବାର ଜଟଣୀର ଖୋର୍ଦ୍ଧା ରୋଡ୍‌ରେ ଥିବା ରେଳମଣ୍ଡଳ ମୁଖ୍ୟାଳୟଠାରେ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି (ଡିଆର୍‌ୟୁସିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳପଥ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବାଣିଜ୍ୟ ଏବଂ ଶିଳ୍ପ ଚାମ୍ବର, ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (ପିଏସୟୁ), ଯାତ୍ରୀ ସଂଘ, ଗ୍ରାହକ ମଞ୍ଚ ଏବଂ ଅନ୍ୟାନ୍ୟ ହିତାଧିକାରୀ ଗୋଷ୍ଠୀର ପ୍ରତିନିଧିଙ୍କ ସମେତ ବହୁ ବିଶିଷ୍ଟ ଡିଆର୍‌ୟୁସିସି ସଦସ୍ୟ ଯୋଗଦେଇଥିଲେ। ବୈଠକରେ ଯାତ୍ରୀଙ୍କ ସହ ଜଡିତ ବିଭିନ୍ନ ପ୍ରସଙ୍ଗରେ ଗଠନମୂଳକ ଆଲୋଚନା ଓ ମତ ବିନିମୟ ହୋଇଥିଲା। ଯାତ୍ରୀ ସୁବିଧା ଓ ସେବା ବୃଦ୍ଧି, ଜନସାଧାରଣଙ୍କ ଦାବିର ସମାଧାନ ଏବଂ ବିକାଶମୂଳକ କାର୍ଯ୍ୟକଳାପ ପାଇଁ ଯୋଜନା ଆଦି ଉପରେ ଆଲୋଚନା କରାଯାଇଥିଲା। ସଦସ୍ୟମାନେ ନୂତନ ଟ୍ରେନ ପ୍ରଚଳନ, ସେବା ସମ୍ପ୍ରସାରଣ ଏବଂ ଆଞ୍ଚଳିକ ଆବଶ୍ୟକତା ପୂରଣ କରିବା ସହ ଟ୍ରେନଗୁଡ଼ିକ ପାଇଁ ଅତିରିକ୍ତ ରହଣି ବ୍ୟବସ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥାପନ କରାଯାଇଥିବା ପରାମର୍ଶକୁ ପ୍ରାଥମିକତା ଦିଆଯିବ ଏବଂ ସ୍ଥାନୀୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ଏବଂ ରେଳ ବ୍ୟବହାରକାରୀଙ୍କ ପାଇଁ ଉନ୍ନତ ସୁବିଧା ଓ ଉତ୍ତମ ସେବା ପ୍ରଦାନ ସୁନିଶ୍ଚିତ କରାଯିବ ବୋଲି ପ୍ରବନ୍ଧକ ତ୍ରିପାଠୀ କହିଛନ୍ତି। ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳପଥ ପ୍ରବନ୍ଧକ ପ୍ରଦୀପ କୁମାର ବେହେରା ଏବଂ ଶୁଭ୍ର ଜ୍ୟୋତି ମଣ୍ଡଳ ଡିଆର୍‌ୟୁସିସି ସଚିବ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନୀଲ କୁମାର ପ୍ରମୁଖ ଯୋଗଦେଇଥିଲେ।



ବୁଧବାର ମଧ୍ୟାହ୍ନରେ ଜଟଣୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବର୍ଷା ହୋଇଛି। ଖୋର୍ଦ୍ଧା -ପିପିଲିକୁ ସଂଯୋଗ କରୁଥିବା ଜଟଣୀ ମୁଖ୍ୟରାସ୍ତାର କୁଦିଆରୀ ଫ୍ଲାଏ ଓଭର ବ୍ରିଜ ଆରମ୍ଭରେ ବର୍ଷାପାଣି ଜମିରହିଛି। (ଫଟୋ- ରବୀନ୍ଦ୍ରନାଥ ମହାକୁଡ଼)

# ଶ୍ରୀଜଗନ୍ନାଥଙ୍କ ନାଁରେ ପିଜା ବିକ୍ରି କରୁଛି ଇସ୍କନ

ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)

ପୁଣି ଇସ୍କନ ପକ୍ଷରୁ ମହାପ୍ରଭୁଙ୍କୁ ଅପମାନ କରାଯାଇଛି। ଅଦିନିଆ ରଥଯାତ୍ରା କରି ଇସ୍କନ ମହାପ୍ରଭୁଙ୍କୁ ଅପମାନ କରୁଥିବା ବେଳେ ଏବେ ମହାପ୍ରଭୁଙ୍କ ନାଁ ବ୍ୟବହାର କରି ଖାଦ୍ୟ ବିକ୍ରୟ କରୁଥିବା ଦେଖିବାକୁ ମିଳୁଛି। ଏବେ ଇସ୍କନ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଁରେ ପିଜା ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ପ୍ରମୋଟ୍ କରି ୟୁଟ୍ୟୁବ୍‌ର ଅତୁଳ କ୍ରିଷ୍ଣା ସେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ଶେୟାର କରିଛନ୍ତି, ଏହି ପ୍ରମୋଶନ ୟୁଟ୍ୟୁବ୍‌ରେ ମହାପ୍ରସାଦ ବୋଲି ମଧ୍ୟ କହୁଛନ୍ତି। ଏହା ତାଙ୍କର ଅଫିସିଆଲ ଆକାଉଣ୍ଟ ନା ଫେକ୍ ଆକାଉଣ୍ଟ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ଆକାଉଣ୍ଟରେ ଅତୁଳ କ୍ରିଷ୍ଣାଙ୍କ ଏକାଧିକ ଭିଡିଓ ଥିବା ଦେଖିବାକୁ ମିଳିଛି। ଇସ୍କନ ଜଗନ୍ନାଥ ନାମ, ଜଗନ୍ନାଥ ସଂସ୍କୃତିକୁ ସବୁ ସମୟରେ ଯେପରି କଦର୍ଥ କରୁଛି, ତାହା ଜଗନ୍ନାଥ ସଂସ୍କୃତିକୁ କ୍ଷୁଣ୍ଣ କରୁଛି। ଇସ୍କନ ଉପରେ ଅଙ୍କୁଶ ଲଗାଇବାରେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ବିଫଳ ହୋଇଛନ୍ତି। ଏହି ଭିଡିଓରେ ଦେଖିବାକୁ ମିଳୁଛି ୟୁଟ୍ୟୁବର ତଥା ଇସ୍କନ ଭକ୍ତ ଅତୁଳ କ୍ରିଷ୍ଣା ଏକ ରେଷ୍ଟୁରାଣ୍ଟ ଭଳି ସ୍ଥାନରେ ବସିଛନ୍ତି। ସେ ଉପବାସ ରଖିଥିବା କଥା କହୁଛନ୍ତି। ଦିନସାରା ସେ ବ୍ରତ କରିଛନ୍ତି। ସକାଳେ କେବଳ ଚଣା ଖାଇଥିଲେ, ବର୍ତ୍ତମାନ ତାଙ୍କର ଖାଇବା ସମୟ ହେଲାଣି। ବର୍ତ୍ତମାନ ସେ ପିଜା ଖାଇବେ, ଯାହାର ନାମ ହେଉଛି ଜଗନ୍ନାଥ ପିଜା। ଏହାକୁ ଇସ୍କନ ଭକ୍ତମାନେ ପ୍ରସ୍ତୁତ କରିଛନ୍ତି। ମହାପ୍ରସାଦ କି ଜୟ, ଜଗନ୍ନାଥ ପିଜା କି ଜୟ ବୋଲି କହି ପିଜା ଖାଇ ପିଜାର ପ୍ରମୋଟ କରୁଥିବା ଦେଖିବାକୁ ମିଳିଛି। ପିଜା ବିନା ପିଆଜ, ରସୁଣରେ ଇସ୍କନ ଭକ୍ତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଏବଂ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି।

# ୧୧୬ ଲିଟର ମଦ ସହ ବାଇକ ଜବତ: ୪ ଗିରଫ

ବେଗୁନିଆ, ୧୩।୮ (ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ତଥା ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୧୬ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ କରାଯାଇଛି। ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସିକୋ ଗ୍ରାମର ସନ୍ତୋଷ କୁମାର ଚହଟରାୟ, ଜଟିଆ ଚହଟରାୟ, ହୀରାପୁର ଗ୍ରାମର ବସନ୍ତ କୁମାର ବେହେରା ଓ ଚଟୁଆ ଗ୍ରାମର ସନ୍ତୋଷ ସାହୁ। ଅଭିଯୁକ୍ତମାନଙ୍କୁ ବେଗୁନିଆ କୋର୍ଟରେ ହାଜର କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଖୋର୍ଦ୍ଧା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଅଧ୍ୟାପିକା ପୁଷ୍ପଲତା ଦେଈଙ୍କୁ ବିଦାୟ ସମ୍ବର୍ଦ୍ଧନା



ଅତିଥିମାନେ 'ଅଭିନନ୍ଦନିକା' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ଟାଙ୍ଗୀ, ୧୩।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅଧୀନ କୁହୁଡ଼ି ଜନତା ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପିକା ପୁଷ୍ପଲତା ଦେଈଙ୍କ ସେବା ନିବୃତ୍ତ ଅବସରରେ ମଙ୍ଗଳବାର ଶିକ୍ଷା ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଟୁକୁନା ପ୍ରଧାନ ସଭାପତିତ୍ୱ କରିଥିଲେ। ନିରାକାରପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାସ ବିଶେଷ ଅତିଥି ଏବଂ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବାଳକୃଷ୍ଣ ମିଶ୍ର, ଶିକ୍ଷାବିତ୍ ଉତ୍ତମ ପାଇକରାୟ, ନାରୁଣୀ ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ବେହେରା, ଅଧ୍ୟାପିକା ରଶ୍ମିତା ଜେନା, ଶୁଭ୍ରଜ୍ୟୋସ୍ନା ବିଶ୍ୱାଳ, ଚେତନା ଚର୍ଚ୍ଚିତା ଚମ୍ପତିରାୟ, ସ୍ୱାତୀ ସ୍ୱାଗତିକା ସାହୁ ଏବଂ କୀର୍ତ୍ତିମୟୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷା ବିଭାଗ ପକ୍ଷରୁ ଅଧ୍ୟାପକ ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ସମ୍ପାଦନାରେ ପ୍ରସ୍ତୁତ 'ଅଭିନନ୍ଦନିକା' ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାରେ ଅଧ୍ୟାପକ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ସୋନାଲି ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟାପିକା ପୁଷ୍ପଲତା ଦେଈଙ୍କ ଉତ୍ତମ ଆଚରଣ, ଉଚ୍ଚାରଣ, ନିଷ୍ଠାପର ଶିକ୍ଷାଦାନ, ବିଚକ୍ଷଣ ବାଗ୍ମିତା ଓ ମହାନୁଭବତାର କଥା ଅତିଥିମାନେ କହିଥିବାବେଳେ ଅଧ୍ୟାପନା ଶୈଳୀ, ପରିସଂଖ୍ୟାନରେ ବିଚକ୍ଷଣ ବିଦ୍‌ବତ୍ତା ଓ ଛାତ୍ରବତ୍ସଳ ଥିଲେ ବୋଲି ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ କହିଥିଲେ।

# ଶ୍ରୀମନ୍ଦିରରେ ରାହୁରେଖା ଲାଗି ନୀତି ସମ୍ପନ୍ନ

ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସୁନା ରାହୁ ରେଖା ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରାହୁରେଖା ଲାଗି କରିଛନ୍ତି। ଏଥିପାଇଁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଖୋବାକଣ୍ଠି ମଇଲମ କରିଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରି ରଖିଥିଲେ। ପୂର୍ବରୁ ଦେଉଳକରଣ, ତଢ଼ଉକରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ କଢ଼ାଯାଇଥିଲା। ଏହି ରାହୁ ରେଖାକୁ ବଣିଆମାନେ ସଫା କରି ରଖିଥିଲେ। ତେବେ ନୀତି ପାଇଁ ଦିନ ୨ଟା ୨୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଜ ଘରେ ବିଜେ କରିଥିଲେ। ପରେ ଦିନ ପ୍ରାୟ ୨ଟା ୩୦ରେ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଦଇତାପତି ସେବକ ରାହୁରେଖା ଲାଗି କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତିମହାପାତ୍ରଙ୍କ ହାତକୁ ବଢାଇଥିଲେ। ପତିମହାପାତ୍ର ରାହୁରେଖାଗୁଡ଼ିକୁ ସଂସ୍କାର କରି ବଡ଼ବାଡ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କ ଠାରୁ ଆରମ୍ଭ କରି ତିନିବାଡ଼ର ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ନୀତି ସମ୍ପନ୍ନ ହେବା ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରୁ ସନ୍ଧ୍ୟା ୬ଟା ୫୫ରେ ପ୍ରସ୍ଥାନ କରିଥିଲେ। ଏହାପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଇବା ପରେ ଶ୍ରୀବିଗ୍ରହମାନଙ୍କୁ ମଇଲମ କରାଯାଇ ବେଶ ବଢ଼ିଥିଲା।

# ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ୫୦ ପ୍ରକଳ୍ପ

ବୋଲଗଡ଼, ୧୩।୮ (ଦେବବ୍ରତ ହୋତା)

ବୋଲଗଡ଼ ସରସ୍ୱତୀ ଶିଶୁମନ୍ଦିରରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ସଙ୍କୁଳ ଅଧୀନ ୧୦ଟି ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରେ ସମୁଦାୟ ୧୭୪ଜଣ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ୫୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମେଳାକୁ ପରିଚାଳନା କମିଟି ସଭାପତି ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ବାସୁଦେବ ବେହେରା ଓ ସମ୍ମାନୀତ ଅତିଥି ଭାବେ ସଂକୁଳ ପ୍ରମୁଖ ସାନନ୍ଦ କୁମାର ସାହୁ ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଖବରଦାତା ନିରଞ୍ଜନ ନାୟକ ଯୋଗଦେଇଥିଲେ। ବିଚାରକ ଭାବେ ଶିକ୍ଷାବିତ ପ୍ରଭାକର ସାହୁ, ଗୌରଚରଣ ସାମନ୍ତସିଂହାର, ମଞ୍ଜୁବାଳା ଷଡ଼ଙ୍ଗୀ, ଗୋପୀନାଥ ପ୍ରଧାନ, ଅଭିଳାଷ ପଟ୍ଟନାୟକ, ପରେଶ ମହାନ୍ତି ପ୍ରମୁଖ ବିଭିନ୍ନ ବର୍ଗର ଉତ୍ତମ ପ୍ରକଳ୍ପ ଚୟନ କରିଥିଲେ। ପରେ ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟସଂଯୋଜକ ଆଚାର୍ଯ୍ୟ ଦେବପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ମାତୃ ଭାରତୀ ମା'ମାନେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

# 'ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶ ଅନୁସରଣ କର'




'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ବେଗୁନିଆ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତିଙ୍କ ସହ ଅନ୍ୟମାନେ।

ବେଗୁନିଆ, ୧୩।୮ (ହରପ୍ରସନ୍ନ ପଣ୍ଡା)

ଉଚ୍ଚଶିକ୍ଷା ବିଭାଗ ଓ ବେଗୁନିଆ ମହାବିଦ୍ୟାଳୟ ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ବିଧୁଭୂଷଣ ରାଉତ, ଜୟକୃଷ୍ଣ ପାଣିଗ୍ରାହୀ, ସତ୍ୟଜିତ ଦାସ, ଡ. ସୋମନାଥ ବିଷୋୟୀ, ନବକିଶୋର ବିଷୋୟୀ, ଉମେଶ ମହନ୍ତ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ସୁଭାଷ ମେଲକା, ଦେବଯାନୀ ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ହେଉଛନ୍ତି ରାଷ୍ଟ୍ରର ଭବିଷ୍ୟତ। ଜୀବନକୁ ବାଜି ଲଗାଇ ଦେଶ ମାତୃକାର ଟେକ ରଖିଯାଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆଦର୍ଶ ଅନୁସରଣ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସେମାନଙ୍କ ଉତ୍ସର୍ଗୀକୃତ ସେବା ଓ ତ୍ୟାଗ ଯୋଗୁ ଭାରତ ଏକ ବିକାଶଶୀଳ ରାଷ୍ଟ୍ରରେ ପରିଣତ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରୋଭର ରେଞ୍ଜର ବିଭାଗ ସହିତ ସମସ୍ତ ବିଭାଗର ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକମାନେ ମିଳିତ ହୋଇ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ସ୍ୱାଗତ ଜଣାଇବା ସହ ପଦଯାତ୍ରାରେ ବାହାରିଥିଲେ। ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧକ ସଙ୍ଗୀତ ଗାନ ସହ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ପୋଷ୍ଟ ଅଫିସ ଛକ ଦେଇ ଥାନା ଛକ ପର୍ଯ୍ୟନ୍ତ ସହର ପରିକ୍ରମା କରିଥିଲେ।

**କନ୍ଦରପୁର ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ରାଲି**

କଟକ ସଦର,(ସୁଶାନ୍ତ କୁମାର ଜେନା): ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଭାଜପା ମଣ୍ଡଳ ପକ୍ଷରୁ ବୁଧବାର ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ରାଲି ନାହାଭଙ୍ଗାରୁ ବାହାରି ଫକିରପଡ଼ା, କନ୍ଦରପୁର ବଜାର, ଅଥଙ୍ଗା, ବମ୍ଫୁରି, ମହୃରା, ରଘୁନାଥପୁର କେନାଲ ବନ୍ଧ କୁସିଙ୍ଗା ପରମହଂସ ମନ୍ଦିର ନିକଟରେ ଶେଷ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସଦର ସଂଯୋଜକ ସୁରେଶ ଚନ୍ଦ୍ର ଜେନା, ପୂର୍ବତନ ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ମଣ୍ଡଳ ସାଧାରଣ ସମ୍ପାଦକ ରାଧାମୋହନ ମହଲା ଓ ବିନୋଦ, ଯୋଗେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୀଲ ପ୍ରଭୁପାଦ ସେବା, ମାନବତାର ଜୀବନ୍ତ ପ୍ରତୀକ: ମୁଖ୍ୟମନ୍ତ୍ରୀ

କଟକ,୧୩।୮(କାର୍ତ୍ତିକ ସାହୁ)

## ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଓ ଶ୍ରୀ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ



ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମଠାରେ ଶ୍ରୀଳ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଅନ୍ୟମାନେ।

ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ ହେଉଛନ୍ତି ଶ୍ରୀଲ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ। ୧୦୦ ବର୍ଷ ଧରି କଟକର ଶ୍ରୀସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏବଂ ନୈତିକତାର ପ୍ରଦୀପ ପ୍ରଜ୍ୱଳିତ କରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମଠାରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ କହିଲେ, ପରମପୂଜ୍ୟ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ କେବଳ ଜଣେ ମହାନ୍ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନ ଥିଲେ। ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ ଏବଂ ଜୀବନକୁ ଭଗବାନଙ୍କ ସେବାରେ ନିୟୋଜିତ କରିବାର ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି। ଶ୍ରୀସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗ ଦର୍ଶନ କରିଆସୁଛି। ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗୃତ କରିନାହିଁ ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିଙ୍କୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭକ୍ତିଭାବର ପ୍ରକୃତ ସଂଜ୍ଞା ଓ ଉଦ୍ଦେଶ୍ୟ ହେଉଛି ମାନବର ଅନ୍ତରାତ୍ମାକୁ ଶୁଦ୍ଧି କରିବା। ଏହି ଦିଗରେ ଶ୍ରୀଲ ପ୍ରଭୁପାଦ ଆମକୁ ମାର୍ଗଦର୍ଶନ କରିଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗୌଡ଼ୀୟ ମିଶନର ସଭାପତି ଶ୍ରୀମଦ ଭକ୍ତି ସୁନ୍ଦର ସନ୍ନ୍ୟାସୀ ଗୋସ୍ୱାମୀ ମହାରାଜ କହିଥିଲେ ଯେ, ଶ୍ରୀଲ ପ୍ରଭୁପାଦ ହେଉଛନ୍ତି ଜ୍ଞାନ ଆହରଣର ଏକ ଗ୍ରନ୍ଥ, ଯାହାକୁ ଜୀବନ ଭରି ଅଧ୍ୟୟନ କଲେ ମଧ ସରିବନି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଶ୍ରୀମଦ ଭକ୍ତି ବିଚାର ଭାରତୀ ମହାରାଜ, ଗୌଡୀୟ ମିଶନର କମିଟି ମେମ୍ବର ଉମେଶ ଖଣ୍ଡେଲୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଗୌଡୀୟ ବୈଷ୍ଣବ ସମ୍ମିଳନୀର ସଭ୍ୟ ଭକ୍ତି ବୋଧାୟନ ବେଦାନ୍ତ ମହାରାଜ ସ୍ୱାଗତ ଭାଷଣ ଓ ଭକ୍ତି ରୂପକ ରାଧାନ୍ତି ମହାରାଜ ଧନ୍ୟବାଦ ଦେଇଥିଲେ।

# ୪୦ ଫୁଟ୍ ଉଚ୍ଚତାର ଥ୍ରୀ-ଡି ତୋରଣ

କଟକ,୧୩।୮(ଶିଳ୍ପା ପ୍ରିୟଦର୍ଶିନୀ)

**ବିଶ୍ୱରୂପ କ୍ଲବ, ନୂଆପଡ଼ା**



ନୂଆପଡ଼ାରେ ଅବସ୍ଥାପିତ ବିଶ୍ୱରୂପ କ୍ଲବ। ୨୦୦୩ ମସିହାରୁ କ୍ଲବ ନୂଆ ଢଙ୍ଗରେ ଗଣେଶ ପୂଜା ଆୟୋଜନ କରି ଆସୁଛି। ଏହାସହ କ୍ଲବ ପକ୍ଷରୁ ଚଳିତବର୍ଷ ଗଣେଶ ପୂଜା ପାଇଁ ମଧ୍ୟ ବିଶେଷ ଆୟୋଜନ କରାଯାଇଛି। ଏହି କ୍ଲବରେ ୧୮ ଜଣ ସଦସ୍ୟ ରହିଥିବାବେଳେ ସଭାପତି ସୋମେନ ବେଉରା ଓ ସମ୍ପାଦକ ସ୍ମୃତିରଞ୍ଜନ ଜେନା ରହିଛନ୍ତି। କ୍ଲବ ସମ୍ପାଦକ ସ୍ମୃତିରଞ୍ଜନ ଦେଇଥିବା ସୂଚନାମୁତାବକ, ଚଳିତବର୍ଷ ଗଣେଶ ପୂଜା ପାଇଁ କ୍ଲବ୍ ପକ୍ଷରୁ ୯ ଫୁଟ୍ ଉଚ୍ଚତାର ହାତୀ ଡିଜାଇନର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯିବ। ପ୍ରଥମକରି ୪୦ ଫୁଟ୍ ଉଚ୍ଚତାର ଥ୍ରୀ-ଡି ତୋରଣ କରାଯିବ। ଏହି ତୋରଣଟି ଐତିହାସିକ ଦୁର୍ଗର ଡିଜାଇନ ରହିଛି। ଏହାସହ ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। କ୍ଲବ ପକ୍ଷରୁ ପୂଜା ପାଇଁ ପାଖାପାଖି ସାଢ଼େ ୩ ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ଖିରି ଭୋଗ କରାଯାଇ ବଣ୍ଟାଯିବ। ୭ ତାରିଖ ଭସାଣି ଯାତ୍ରା କରାଯିବ। ପ୍ରଥମେ ପ୍ରଭୁ ମେଳଣରେ ସାମିଲ ହେବେ ପରେ ବିସର୍ଜନ କରାଯିବ। ଭସାଣି ପାଇଁ ଯାଜପୁରରୁ ଏ-ୱାନ୍ ହାତ ବାଜା ସହ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ବକ୍ସି ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ କଲେ ବିଧାୟିକା

କଟକ,୧୩।୮(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ବୁଧବାର ମିଶନ ରୋଡସ୍ଥିତ ବକ୍ସି ପ୍ରାଥମିକ ବିଦ୍ୟାଳୟର ୩ଟି ନୂତନ ଶ୍ରେଣୀ ଗୃହର ଉଦ୍‌ଘାଟନ କରିଛନ୍ତି। ଏହି ବିଦ୍ୟାଳୟ ଭଗ୍ନ ଅବସ୍ଥାରେ ଥିବାବେଳେ ବିଧାୟକ ଉନ୍ନୟନ ପାଣ୍ଠିରୁ ଏହାର ନିର୍ମାଣ ଆରମ୍ଭ କରାଯାଇଥିଲ। ବିଧାୟିକା ଏହାର ଅବଶିଷ୍ଟ କାର୍ଯ୍ୟ ଶେଷ କରାଇବା ନେଇ ପଦକ୍ଷେପ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା। ବିଶପ ଏସ୍.କେ. ନନ୍ଦ ବିଧାୟିକାଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ସ୍ଥାନୀୟ କର୍ପୋରେଟର ଲିଜାରାଣୀ ରାଉତ, ବିଦ୍ୟାଳୟ ସମ୍ପାଦକ ରେଭ୍ ପରିତୋଷ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସୁଦିପ୍ତା ପାତ୍ରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଖୁଣ୍ଟୁଣୀ,୧୩।୮(ସଚ୍ଚିଦାନନ୍ଦ ପଣ୍ଡା)

ଶହୀଦ ବୀର ଯବାନ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଆଠଗଡରେ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଛି। ଖୁଣ୍ଟୁଣୀଠାରେ ବୁଧବାର ଭାଜପା ବିଧାନସଭା ପ୍ରାର୍ଥୀ ଅଭୟ ବାରିକଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଖୁଣ୍ଟୁଣୀ ବସଷ୍ଟାଣ୍ଡଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରାରେ ଅଭୟଙ୍କ ସହିତ ପବିତ୍ର ଆଚାର୍ଯ୍ୟ, ଶୋଭମ ପ୍ରିୟଦର୍ଶୀ, ସ୍ମୃତିପ୍ରଭା ବିଶ୍ୱାଳ, ସୁରେଶ ମିଶ୍ର, ପ୍ରଭାତ ଜେନା, ତପନ ପ୍ରଧାନ, ସୌମ୍ୟରଞ୍ଜନ ପଣ୍ଡା, ପରେଶ କୁମାର ସାହୁ, ଚିତ୍ତରଞ୍ଜନ ନାୟକ, ବଂଶୀଧର ରାଉତ, ପବିତ୍ର ମୋହନ ମହାନ୍ତି ଓ ଶିଶିର ଦଳେଇ ପ୍ରମୁଖ ଶତାଧିକ ଭାଜପା କର୍ମୀ ହାତରେ ତ୍ରିରଙ୍ଗା ଧରି ଖୁଣ୍ଟୁଣୀ ବଜାର ଗ୍ରାମ ପରିକ୍ରମା କରିଥିଲେ।

### ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣ୍ଟାପଡା,୧୩।୮(ସୁରନାରାୟଣ ସାହୁ)

କଣ୍ଟପଡା ବ୍ଲକ ଅନ୍ତର୍ଗତ ଅଡଶପୁରସ୍ଥିତ ପ୍ରାଚୀ ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିଆଳି ନିର୍ବାଚନମଣ୍ଡଳୀ ବିଧାୟକ ଛବି ମଲିକ ଶିବିର ଉଦଘାଟନ କରିଥିଲେ। ଭୀମ ଭୋଇ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ବହୁ ସଂଖ୍ୟାରେ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପଞ୍ଜୀକୃତ ବ୍ୟକ୍ତିମାନଙ୍କ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଟଶପଡା ତହସିଲଦାର ପ୍ରଶନ୍ନ କୁମାର ସାମନ୍ତରାୟ, କଣ୍ଟାପଡା ବ୍ଲକ ବିଡିଓ ସ୍ୱପିତା ନାୟକ, ଏବିଡିଓ ରୁବି ତପସ୍ୱନୀ ଦାସ, ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ, କଟକ ସଦର ଉପଖଣ୍ଡ ପୋଲିସ ଅଧିକାରୀ କିରଣ ହେମ୍ବ୍ରମ, ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡା ପ୍ରମୁଖ ଯୋଗଦେଇଥିଲେ। କଣ୍ଟାପଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ଦାସ ଶିବିର ପରିଚାଳନା କରିଥିଲେ।

# ଉଚ୍ଚ ଅଧିକାରୀଙ୍କୁ ଜଣାଇଲା ପରେ ଫଳ ଶୂନ୍ୟ

କଟକ ସଦର,୧୩।୮(ସୁଶାନ୍ତ କୁମାର ଜେନା)

**ଉତ୍ତରାଧିକାରୀ ଆବେଦନପତ୍ର ନାକଚ ପ୍ରସଙ୍ଗ**

ଜମିଜମା ରେକର୍ଡ ସଂଶୋଧନ ପାଇଁ ସ୍ଥାନୀୟ ଜନସେବା କେନ୍ଦ୍ରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଉତ୍ତରାଧିକାରୀ ପ୍ରମାଣ ପତ୍ର ପାଇଁ କଟକ ସଦର ତହସିଲରେ ଆବେଦନ କରିଥିଲେ। ଆର୍‌ଆଇ ରିପୋର୍ଟ ଯିବାର ୧୫ ଦିନ ଅବଧି ପରେ ସେହି ଆବେଦନ ଖାରଜ କରି ଦିଆଯାଇଛି। ସେଥିପାଇଁ କନ୍ଦରପୁର, ବିରିବାଟି, ୪୨ ମୌଜା ଅଞ୍ଚଳର ଆବେଦନ କରିମାନେ ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ଜନସେବା କେନ୍ଦ୍ରର ପରିଚାଳକମାନେ ବୈଷୟିକ ତ୍ରୁଟି ପାଇଁ ଆବେଦନ ଖାରଜ କରାଯାଇଛି। ଏଭଳି ଦାୟିତ୍ୱହୀନ କାର୍ଯ୍ୟ ସମ୍ପର୍କରେ ସଦର ଉପଜିଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଆବେଦନକାରୀମାନେ ଟ୍ୱିଟ କରି ଜଣାଇଥିଲେ। ବରଂ ଫଳ ଶୂନ୍ୟ ମିଳିଛି। କଟକ ସହରକୁ ଯାଇ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାରଙ୍କୁ ନ ଭେଟିଲେ ଆଉ ପ୍ରମାଣ ପତ୍ର ମିଳି ପାରିବ ନାହିଁ ବୋଲି ସମ୍ପୃକ୍ତ ଜନସେବା କେନ୍ଦ୍ର ପକ୍ଷରୁ ବର୍ତ୍ତମାନ କୁହାଯାଇଛି। ଏ ନେଇ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳି ପାରିଲା ନାହିଁ।

# ନକଲି ଆଧାର କାର୍ଡଧାରୀ ଯୁବକ ଗିରଫ

**ବିଚାରାଧୀନ କଏଦୀଙ୍କୁ ଦେଖା କରିବା ବେଳେ ଧରାପଡ଼ିଲେ**

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୧୩।୮ (ଆଶୁତୋଷ ଦାସ/ ମାନସ ସାମଲ)

ନକଲି ଆଧାରକାର୍ଡଧାରୀ ଯୁବକକୁ ଗିରଫ କରିଛି ଚୌଦ୍ୱାର ପୋଲିସ। ଗିରଫ ଯୁବକ ଜଣକ କଟକ ଚାନ୍ଦିନୀଚୌକ ଅନ୍ତର୍ଗତ ବୁଢ଼ୀ ଠାକୁରାଣୀ ଅଞ୍ଚଳର ସୁଶାନ୍ତ କୋକଟେ। ଚୌଦ୍ୱାର ସର୍କଲ ଜେଲର ଥାନାରେ ଅଭିଯୋଗରୁ ପ୍ରକାଶ ଯେ, ଯୁବକ ନକଲି ଆଧାରକାର୍ଡ ଦେଖାଇ ପୂର୍ବରୁ ଜେଲରେ ଥିବା ଜଣେ ବିଚାରାଧୀନ କଏଦୀଙ୍କୁ ନିଜର ସମ୍ପର୍କୀୟ ବୋଲି ଦର୍ଶାଇ ତାଙ୍କ ସହ ପୂର୍ବରୁ ଭେଟ କରିଥିବା ବେଳେ ଦ୍ୱିତୀୟ ଥର କଏଦୀଙ୍କୁ ଭେଟ କରିବାକୁ ଯିବା ପାଇଁ ଆଧାର ଯାଞ୍ଚବେଳେ ତାହା ନକଲି ବୋଲି ଜଣାପଡ଼ିଥିଲା। ପୋଲିସ ସୂଚନା ଅନୁଯାୟୀ ସୁଶାନ୍ତଙ୍କ ଭାଇ ଲୋକେଶ ବାବା ନାରୁତେ କଟକ ସଦର ଥାନା ଅଧୀନରେ ଏକ ମାମଲାରେ ଗିରଫ ହୋଇ ଜୁଲାଇ ୬ରେ ଚୌଦ୍ୱାର ଜେଲକୁ ଆସିଥିଲେ। ଲୋକେଶଙ୍କୁ ଭେଟ କରିବା ପାଇଁ ନିଜର ନାମ ସୁଶାନ୍ତ ନାରୁତେ, ମହାରାଷ୍ଟ୍ର ବୋଲି ଏକ ନକଲି ଆଧାର କାର୍ଡ଼ ଜେଲ କର୍ମଚାରୀଙ୍କୁ ଦେଖାଇ ଅଭିଯୁକ୍ତ ଲୋକେଶଙ୍କୁ ଭେଟିଥିଲେ। ତେବେ ସୁଶାନ୍ତ ପୁନର୍ବାର ଲୋକେଶଙ୍କୁ ଭେଟିବା ପାଇଁ ଆସିଥିବା ବେଳେ ଆଧାରକାର୍ଡ ନକଲି ବୋଲି ଜଣପଡିଥିଲା। ସୁଶାନ୍ତଙ୍କ ନାମରେ ପୁରୀର କୁମ୍ଭାରପଡା, ଭୁବନେଶ୍ୱରର ନୟାପଲ୍ଲୀ ଥାନାରେ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ଥିବା ଜଣାପଡିଛି। ପୋଲିସ ଏକ ମାମଲା (ନଂ.୪୮୫/୨୫) ରୁଜୁକରି କୋର୍ଟଚାଲାଣ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୁଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ଉର୍ଦ୍ଦୁ କବି ସମ୍ମିଳନୀ

କଟକ,୧୩।୮(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁଶାଏରା) କଟକସ୍ଥିତ ପାନ୍ଥନିବାସରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, କଟକ ଭାଇଚାରାର ସହର ଏବଂ ଏଠାରେ ସବୁ ଭାଷାଭାଷୀ ଓ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ରହିଥିବା ସୁସମ୍ପର୍କ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ଉର୍ଦ୍ଦୁ କବି ଜନାବ ସୟଦ ମହମ୍ମଦ ଅକଦାସ, ଉର୍ଦ୍ଦୁ ଏକାଡେମୀର ସଭାପତି ଜନାବ ଖାଲିଦ ରହିମ ଓ ଉପସଭାପତି ଜନାବ ନଫିସ ମଞ୍ଜୁର ହାସନ ଯୋଗଦେଇଥିଲେ। ଉର୍ଦ୍ଦୁ ଏକାଡେମୀର ସଚିବ ଶୁଚିସ୍ମିତା ମନ୍ତ୍ରୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୦ଜଣ କବି ଉର୍ଦ୍ଦୁ କବିତା ପାଠ କରିଥିଲେ।

# କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ



କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ,୧୩।୮(କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ ଦିବସ ଡାକରାରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମୂହ, ବିଭିନ୍ନ କୃଷକ ସଙ୍ଗଠନର ନେତୃବର୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ, କୃଷକ ଓ ଜନବିରୋଧୀ ନୀତିକୁ ଦୃଢ଼ ବିରୋଧ କରିଛନ୍ତି।

ପ୍ରକାଶ ଯେ, ଆମେରିକାର ଟାରିଫ୍ ଧମକକୁ ପ୍ରତ୍ୟାଖ୍ୟାନ କରି ରୁଷିଆ ସମେତ ଅନ୍ୟାନ୍ୟ ଦେଶ ସହ ବାଣିଜ୍ୟ କରିବାରେ ଭାରତର ସାର୍ବଭୌମ ଅଧିକାର ଜାରି ରଖିବା, ଭାରତ-ବ୍ରିଟେନ ସିଇଟିଏକୁ ତୁରନ୍ତ ସମୀକ୍ଷା ଓ ସଂଶୋଧନ କରାଯାଇ ଏବଂ ଜନସାଧାରଣଙ୍କ ମତାମତ ବିନା ଏହାକୁ ସଂସଦରେ ଅନୁମୋଦନ ବନ୍ଦ କରିବା, ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ଆଲୋଚନା ବନ୍ଦ କରି, କର୍ପୋରେଟ ଶୋଷଣକୁ ରୋକିବା, ଚାରୋଟି ଶ୍ରମ ବିରୋଧୀ କୋଡ୍ ରଦ୍ଦ କରିବା, ସି୨+୫୦% ଅନୁଯାୟୀ ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ଦେବା ଓ ଋଣଛାଡ଼ କରିବା, ସରକାରୀ ଉଦ୍ୟୋଗ ଓ ସେବାର ବେସରକାରୀକରଣ ବନ୍ଦ କରିବା, ଜଳ, ଜଙ୍ଗଲ, ଜମି ଉପରେ ଜବରଦସ୍ତ ଅଧିଗ୍ରହଣ ଓ ପରିବେଶ ଧ୍ୱଂସକାରୀ ପ୍ରକଳ୍ପ ବନ୍ଦ କରିବା ଆଦି ଦାବିଗୁଡ଼ିକୁ ବିକ୍ଷୋଭ ବେଳେ ଉପସ୍ଥାପନ କରାଯାଇଥିଲା। ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିନୋଦ ବେହେରା, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, କେଶବ ଚନ୍ଦ୍ର ଷଡ଼ଙ୍ଗୀ, ସୁଶାନ୍ତ ସାମଲ, ବଦ୍ରିନାରାୟଣ ଦାସ, ଉମେଶ ନାୟକ, ବସନ୍ତ ନାୟକ, ଡମ୍ବରୁଧର ସାହୁ, ସୌଭାଗ୍ୟ କେତନ ସାମଲ, ପ୍ରସନ୍ନ ମହାପାତ୍ର, ଅଭୟ ସ୍ୱାଇଁ, ପ୍ରିୟଦର୍ଶନ ପାଢ଼ୀ, ରବୀନ୍ଦ୍ରନାଥ ଧଳ, ଅଶୋକ ତା, କିଶୋର ଦଳାଇ, ନିହାର ରଞ୍ଜନ ଦାସ, ସାନନ୍ଦ ସେଠୀ, ଭ୍ରମରବର ସାହୁ, ଶୋଭା ଦେହୁରୀ, ବିଶ୍ୱଜିତ ସାହୁ, ରମେଶ ବେହେରା, କାଳନ୍ଦୀ ମହାଳିକ, ସ୍ୱାଧୀନୀ ବେହେରା ପ୍ରମୁଖ ବିକ୍ଷୋଭ ନେତୃତ୍ୱ ନେଇଥିଲେ।

# ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ସ୍ତରୀୟ କଂଗ୍ରେସ ସଭାପତି ଚୟନ ନେଇ ବୈଠକ


ବୈଠକରେ ଯୋଗଦେଇଥିବା କଂଗ୍ରେସର ନେତୃମଣ୍ଡଳୀ।

ମଙ୍ଗୁଳି-ଜଗତପୁର,୧୩।୮(ମାନସ ସାମଲ)

କଟକ ଜିଲାର ସମସ୍ତ ବ୍ଲକରେ ଜାତୀୟ କଂଗ୍ରେସ ପକ୍ଷରୁ ନୂତନ ସଭାପତି ଚୟନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ନିର୍ଜିଗ୍ଧିତ ନୂତନ କଂଗ୍ରେସ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଆକ୍ୟୁବ ଖାନ୍‌ଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜିଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ପର୍ଯ୍ୟବେକ୍ଷକ ଆଇନଜୀବୀ ହିମାଂଶୁ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକରେ ଥିବା ବିଭିନ୍ନ ବର୍ଗର ଯଥା ଅନୁସୂଚିତ ଜାତି, ଉପଜାତି, ମହିଳା, ଯୁବକ, ସାଧାରଣବର୍ଗ, ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ଚୟନ କରି ରାଜ୍ୟ ସଭାପତିଙ୍କ ନିକଟକୁ ସୁପାରିଶ ମଞ୍ଜୁର ପାଇଁ ପଠାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶୁତୋଷ ବରାଳ, ଉମାବତୀ ସାମଲ, ସେକ ମୁବାରକ ହୁସେନ, ଜାଭେଦ ମିର୍ଜା, ଅମୃତ ମହାନ୍ତି, ନିର୍ମଳ ସାମଲ, କାସିମ ଖାନ, ଇରଫାନ୍‌ଖାନ, ତ୍ରିନାଥ ମଲ୍ଲିକ, ଅମୂଲି ମାଝୀ, ନିହାର ସାମଲ, ରଞ୍ଜନ ସାମଲ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# 'ଚରିତ୍ର ନିର୍ମାଣ ପାଇଁ ସଂସ୍କୃତ ଭାଷା ଲୋଡ଼ା'

କଟକ,୧୩।୮(କାର୍ତ୍ତିକ ସାହୁ)

ବିଦ୍ୟାଧରପୁର ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାନ୍ତି ଅଧକ୍ଷତା କରି କହିଲେ, ସଂସ୍କୃତ ହେଉଛି ଦେବଭାଷା ତଥା ଆଦିଭାଷା। ଭଗବତ୍ ଗୀତା, ରାମାୟଣ, ମହାଭାରତ ଆଦି ସଂସ୍କୃତ ଭାଷାରେ ରଚିତ। ମୁଖ୍ୟ ଅତିଥି ବିଦ୍ୟାଧରପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ସାହୁ ଚରିତ୍ର ନିର୍ମାଣ ପାଇଁ ସଂସ୍କୃତ ଭାଷା ଲୋଡ଼ା ବୋଲି କହିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ସଂସ୍କୃତରେ ଲିଖିତ ଗୀତା, ଭାଗବତ ପଢ଼ିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ କବିତା ଆଚାର୍ଯ୍ୟ ସଂସ୍କୃତ ଭାଷାରୁ ସମସ୍ତ ଭାଷାର ଉତ୍ପତ୍ତି ବୋଲି କହିଥିଲେ। ବାସନ୍ତୀ ବେହେରା ଧନ୍ୟବାଦ ଦେଇଥିଲେ।


ବିଦ୍ୟାଧରପୁର ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ଅବସରରେ ଉପସ୍ଥିତ ଅତିଥି।

# ସିଏମ୍‌ସି ଦୁର୍ନୀତିର ତଦନ୍ତ କର ନ ହେଲେ ଆନ୍ଦୋଳନ

କଟକ,୧୩।୮(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ନଗର ଜିଲା କଂଗ୍ରେସ ପକ୍ଷରୁ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କମିଶନରଙ୍କୁ ଦାବିପତ୍ର ଦେଲା କଟକ ନଗର ଜିଲା କଂଗ୍ରେସ**

ସିଏମ୍‌ସିରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଉଛି। ଏହିକ୍ରମରେ ବୁଧବାର କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସିଏମ୍‌ସି କମିଶନରଙ୍କୁ ଭେଟିଥିଲେ। କଟକ ମହାନଗର ନିଗମରେ ହୋଇଥିବା ଅନିୟମିତତା ଓ ଦୁର୍ନୀତି ବିରୋଧରେ ଆଲୋଚନା କରିବା ସହ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜନଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ରରେ ଓଡ଼ିଶାର ପୁରୁଣା ରାଜଧାନୀ ତଥା ସର୍ବପୁରାତନ ସହର କଟକ ରହିଥିବାବେଳେ ରାଜ୍ୟର ୯ଟି ସହର ମଧ୍ୟରୁ କଟକ ସହର ୮ମ ସ୍ଥାନରେ ରହିବା ସହରବାସୀଙ୍କୁ ଲଜ୍ଜିତ କରିଛି। ଆମ ସହର, ଆମ ପରିବେଶ କେଉଁ ସ୍ଥିତିରେ ରହିଛି ସେଥିପାଇଁ ସିଏମ୍‌ସିର ସମଗ୍ର ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଦାୟୀ। ସିଏମ୍‌ସି ଦୁର୍ନୀତିର ଘଣ୍ଟାଘର ପାଲଟିଛି, ସହରର ବିଭିନ୍ନ ପାର୍କ ପାଇଁ ସିଟି ଇଞ୍ଜିନିୟରଙ୍କ ଅନୁମୋଦନରେ ୫ କୋଟି ଟଙ୍କାର ଜିମ ଉପକରଣ କ୍ରୟ କରାଯିବା ଏବଂ ବିନା କାଉନସିଲ କମିଟି ବା କୌଣସି ପ୍ରସ୍ତାବ ନ ଥାଇ ୩.୫୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସତ୍ତ୍ୱେ ମଧ୍ୟ କୌଣସି ସ୍ଥାନରେ ଜିମ ଉପକରଣ ଲଗା ନ ଯିବା, ଶହୀଦ ଭବନ ନିର୍ମାଣ କାମ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ତାହା କେବେ କାର୍ଯ୍ୟକ୍ଷମ ହେବ ପ୍ରଶ୍ନବାଚୀରେ ରହିଛି। ସେହିଭଳି ତାଳଦଣ୍ଡା କେନାଲ ରାସ୍ତା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ତୁରନ୍ତ ସମସ୍ତ କାର୍ଯ୍ୟର ତଦନ୍ତ କରାଯିବା ସହ ଦୁର୍ନୀତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସିଟି ଇଞ୍ଜିନିୟରଙ୍କୁ ବଦଳି କରାଯିବା ନେଇ ଉଲ୍ଲେଖ କରାଯାଇଛି। ଅନ୍ୟପଟେ କମିଶନର କରଣଦୀପ କୌର ଏଦିଗରେ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ଶରତ ଚନ୍ଦ୍ର ସେଠୀ, ଅନିଲ ବେଉରା, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଲିଜାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସାକ୍ଷୀଗୋପାଳ କଲେଜରେ 'ଇନୋଭେଶନ, ଷ୍ଟାର୍ଟଅପ୍' କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ,୧୩।୮(ଭରତ ରାଉତ):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ବୁଧବାର ବାଣିଜ୍ୟ ବିଭାଗ ଓ ଅର୍ଥନୀତି ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ଇନୋଭେଶନ ଏବଂ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ ଦୀପ ଅର୍ପଣ ସହିତ ସଂସ୍କୃତ ବିଭାଗର ଅଧ୍ୟାପିକା ସସ୍ମିତା ପ୍ରଧାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଉପ ଆଞ୍ଚଳିକ ପରିଚାଳିକା ସସ୍ମିତା ମିଶ୍ର ଯୋଗଦେଇ ଆଜିର ଦୁନିଆରେ ଇନୋଭେଶନ ଏବଂ ଷ୍ଟାର୍ଟଅପ୍‌ର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ପୁଙ୍ଖାନୁପୁଙ୍ଖ ଧାରଣା ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ଆଲୋଚ୍ୟ ବିଷୟବସ୍ତୁ ଉପରେ ସମ୍ପୂର୍ଣ୍ଣ ମତାମତ ରଖିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଇନୋଭେଶନ ଏବଂ ଷ୍ଟାର୍ଟଅପ୍ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ର ସୂର୍ଯ୍ୟନାରାୟଣ ରଥ, ଆଶୀର୍ବାଦ ଜେନା, ଆକାଂକ୍ଷା ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, ଦେବେନ୍ଦ୍ର ମହାପାତ୍ର, ଆକାଶ ମହାନ୍ତି, ଲିଜା ପରିଡ଼ା, ଅନୁପମ ମିଶ୍ର ପ୍ରମୁଖ ସେମାନଙ୍କ ନିଜସ୍ୱ ପ୍ରସ୍ତୁତ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ ଆକାଂକ୍ଷା ମହାପାତ୍ର ପ୍ରଥମ, ଆକାଶ ମହାନ୍ତି ଦ୍ୱିତୀୟ ଏବଂ ଦେବେନ୍ଦ୍ର ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀ ତଥା ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ଶ୍ରୀଜଗନ୍ନାଥଙ୍କ ନାଁରେ ପିଜା ବିକ୍ରି କରୁଛି ଇସ୍କନ

**ପୁରୀ,୧୩।୮(ଅଜିତ୍ କୁମାର ମହାନ୍ତି)**

ପୁଣି ଇସ୍କନ ପକ୍ଷରୁ ମହାପ୍ରଭୁଙ୍କୁ ଅପମାନ କରାଯାଇଛି। ଅବିଧିଆ ରଥଯାତ୍ରା କରି ଇସ୍କନ ମହାପ୍ରଭୁଙ୍କୁ ଅପମାନ କରୁଥିବା ବେଳେ ଏବେ ମହାପ୍ରଭୁଙ୍କ ନାଁ ବ୍ୟବହାର କରି ଖାଦ୍ୟ ବିକ୍ରୟ କରୁଥିବା ଦେଖିବାକୁ ମିଳୁଛି। ଏବେ ଇସ୍କନ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଁରେ ପିଜା ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ପ୍ରମୋଟ୍ କରି ୟୁଟ୍ୟୁବ୍‌ରେ ଅତୁଳ କ୍ରିଷ୍ଣା ସେ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଶେୟାର କରିଛନ୍ତି, ଏହି ପ୍ରମୋସନ ୟୁଟ୍ୟୁବ୍‌ରେ ମହାପ୍ରସାଦ ବୋଲି ମଧ୍ୟ କହୁଛନ୍ତି। ଏହା ତାଙ୍କର ଅଫିସିଆଲ ଆକାଉଣ୍ଟ ନା ଫେକ୍ ଆକାଉଣ୍ଟ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ଆକାଉଣ୍ଟରେ ଅତୁଳ କ୍ରିଷ୍ଣାଙ୍କ ଏକାଧିକ ଭିଡିଓ ଥିବା ଦେଖିବାକୁ ମିଳିଛି। ଇସ୍କନ ଜଗନ୍ନାଥ ନାମ, ଜଗନ୍ନାଥ ସଂସ୍କୃତିକୁ ସବୁ ସମୟରେ ଯେପରି କଦର୍ଥ କରୁଛି, ତାହା ଜଗନ୍ନାଥ ସଂସ୍କୃତିକୁ କ୍ଷୁଣ୍ଣ କରୁଛି। ଇସ୍କନ ଉପରେ ଅଙ୍କୁଶ ଲଗାଇବାରେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ବିଫଳ ହୋଇଛନ୍ତି। ଏହି ଭିଡିଓରେ ଦେଖିବାକୁ ମିଳୁଛି ୟୁଟ୍ୟୁବର ତଥା ଇସ୍କନ ଭକ୍ତ ଅତୁଳ କ୍ରିଷ୍ଣା ଏକ ରେଷ୍ଟୁରାଣ୍ଟ ଭଳି ସ୍ଥାନରେ ବସିଛନ୍ତି। ସେ ଉପବାସ ରଖିଥିବା କଥା କହୁଛନ୍ତି। ଦିନସାରା ସେ ବ୍ରତ କରିଛନ୍ତି। ସକାଳେ କେବଳ ଟଣା ଖାଇଥିଲେ, ବର୍ତ୍ତମାନ ତାଙ୍କର ଖାଇବା ସମୟ ହେଲାଣି। ବର୍ତ୍ତମାନ ସେ ପିଜା ଖାଇବେ, ଯାହାର ନାମ ହେଉଛି ଜଗନ୍ନାଥ ପିଜା। ଏହାକୁ ଇସ୍କନ ଭକ୍ତମାନେ ପ୍ରସ୍ତୁତ କରିଛନ୍ତି। ମହାପ୍ରସାଦ କି ଜୟ, ଜଗନ୍ନାଥ ପିଜା କି ଜୟ ବୋଲି କହି ପିଜା ଖାଇ ପିଜାର ପ୍ରମୋଟ କରୁଥିବା ଦେଖିବାକୁ ମିଳିଛି। ପିଜା ବିନା ପିଆଜ, ରସୁଣରେ ଇସ୍କନ ଭକ୍ତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି।

## ପୁରୀରେ ପତାକା ଉତ୍ତୋଳନ କରିବେ ଆଇନ ମନ୍ତ୍ରୀ

**ପୁରୀ,୧୩।୮(ଅଜିତ୍ କୁମାର ମହାନ୍ତି)**

ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସ୍ୱାଧୀନତା ଦିବସ ସକାଳ ୯ଟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିବେ। ବିଭିନ୍ନ କଳାକାର, ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅନୁଷ୍ଠାନଗୁଡ଼ିକ ଦ୍ୱାରା ଭାରତୀୟମ୍ ନାମରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବନ ବିଭାଗ, ଉଦ୍ୟାନ ବିଭାଗ ଓ ସମ୍ପର୍କ ଅନୁଷ୍ଠାନ ସହଯୋଗରେ ପରେଡ୍ ପଡ଼ିଆଠାରେ ମୁଖ୍ୟ ଅତିଥି ଚାରା ରୋପଣ କରିବା ପରେ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବେ। ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ରେଡ୍‌କ୍ରସ୍ ସମିତି ଓ ରୋଟାରୀ କ୍ଲବ ସହଯୋଗ କରିବେ। ପରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରିବେ। ଜିଲା ରେଡ୍‌କ୍ରସ ସମିତି, ମୁଖ୍ୟ ଚିକିତ୍ସାଳୟ, ରକ୍ତଭଣ୍ଡାର, ଭାରତ ବିକାଶ ପରିଷଦ ଓ ବଡ଼ଶଙ୍ଖ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୩ଟାରେ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।



ସୂର୍ଯ୍ୟମନ୍ଦିର ପରିସରରେ ବାଲୁକାଶିଳ୍ପୀ ସରିତା ଗୋଛାୟତଙ୍କ ଦ୍ୱାରା ଅଙ୍କାଯାଇଥିବା ୧୦୦ ଫୁଟର ତ୍ରିରଙ୍ଗା।

# ବାଲୁକାକଳାରେ ଜାତୀୟ ପତାକାକୁ ସମ୍ମାନ

**କୋଣାର୍କ,୧୩।୮(ଜ୍ୟୋତିରାଜ ମହାନ୍ତି)**

**୧୦୦ ଫୁଟର ତ୍ରିରଙ୍ଗା ଆଙ୍କିଲେ ବାଲୁକାଶିଳ୍ପୀ ସରିତା ଗୋଛାୟତ**

କୋଣାର୍କସ୍ଥିତ ଐତିହାସିକ ସୂର୍ଯ୍ୟମନ୍ଦିର ପରିସରରେ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରି କୋଣାର୍କ ଅଞ୍ଚଳର ଅନ୍ତର୍ଜାତୀୟ ଶିଳ୍ପୀ ସରିତା ଗୋଛାୟତ ୭୯ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ବାଲୁକା କଳା ମାଧ୍ୟମରେ ୧୦୦ ଫୁଟର ତ୍ରିରଙ୍ଗା ପତାକା ଆଙ୍କିଛନ୍ତି। କେନ୍ଦ୍ର ସରକାରଙ୍କ ହର୍ ଘର ତ୍ରିରଙ୍ଗା ଯାତ୍ରା ଅବସରରେ ଶିଳ୍ପୀ ସରିତା ଓ ସହଯୋଗୀମାନେ ଭାରତ ବର୍ଷର ଏକତା, ଅଖଣ୍ଡତା ଓ ସଂହତି ବଜାୟ ରଖିବା ପାଇଁ ନିଜର ପାରଦର୍ଶିତା ପ୍ରଦର୍ଶନ ପୂର୍ବକ ବାଲୁକା କଳା ମାଧ୍ୟମରେ ଦେଶ ଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରିପାରିଛନ୍ତି। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟ ମନ୍ଦିର ପରିସରରେ କେନ୍ଦ୍ର ସରକାରଙ୍କ ହର୍ ଘର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରମାନେ ଭାରତ ବର୍ଷର ଏକତା, ଅଖଣ୍ଡତା ଓ ଐତିହ୍ୟ ବଜାୟ ରଖିବା ପାଇଁ ସ୍ଲୋଗାନ ମାନ ଦେଇ ତ୍ରିରଙ୍ଗା ପତାକା ଯାତ୍ରା ସମ୍ପାଦନ କରିଥିଲେ। ଏହି ସୁନ୍ଦର କଳାକୃତି ସଂପନ୍ନ ୧୦୦ ଫୁଟର ତ୍ରିରଙ୍ଗା ପତାକା ଦେଖିବାକୁ ସୂର୍ଯ୍ୟ ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଏହି ବାଲୁକା କଳା ପାଇଁ ନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସରିତା ଗୋଛାୟତଙ୍କୁ କୋଣାର୍କ ଅଞ୍ଚଳର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ

**କଣାସ,୧୩।୮(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଶିକ୍ଷା ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣାସ ବ୍ଲକ ଅନ୍ତର୍ଗତ ୧୭ଟି ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକମାନେ ଯୋଗଦେଇ ସାଧନ କେନ୍ଦ୍ର ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଡ୍ରପ୍‌ଆଉଟ୍ ଛାତ୍ରୀଛାତ୍ରଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇଆଣିବା ପାଇଁ କାର୍ଯ୍ୟକାରୀ ହେଉଥିବା 'ଆସ ସ୍କୁଲ ଯିବା' ଯୋଜନାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟର ସମୀକ୍ଷା କରାଯିବା ସହ ଏଥିରେ ଶତପ୍ରତିଶତ ସଫଳତା ପାଇଁ ଶିକ୍ଷାଧିକାରୀ ବେହେରା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟ ୟୁଡାଇସ୍+ କାର୍ଯ୍ୟ ସମ୍ପନ୍ନ କରିବା, ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କାର୍ଯ୍ୟକାରୀ ହେଉଥିବା 'ହର୍ ଘର୍ ତ୍ରିରଙ୍ଗା' ଓ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ଶିକ୍ଷାବର୍ଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ ଠିକ୍ ତଦାରଖ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ ପରିଚାଳନା ସହ 'ଦଶମ' କାର୍ଯ୍ୟକ୍ରମ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶିକ୍ଷାଧିକାରୀ ପରାମର୍ଶ ଦେଇଥିଲେ। ବୈଠକରେ ସହଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୋଗଦେଇଥିଲେ। ଶେଷରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସତ୍ୟବାଦୀ ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ସାକ୍ଷୀଗୋପାଳ,୧୩।୮**
**(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ 'ସତ୍ୟବାଦୀ ଦିବସ-୨୦୨୫' ମଙ୍ଗଳବାର ପାଳିତ ହୋଇଯାଇଛି। ଐତିହ୍ୟସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ତିଥିକୁ ଉତ୍ତରପିଢ଼ିଙ୍କ ପାଖରେ ପୁନର୍ଜୀବିତ କରିବା ପାଇଁ 'ସତ୍ୟବାଦୀ ଦିବସ'ର ସ୍ୱତନ୍ତ୍ର ପରିକଳ୍ପନା କରାଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। କୁଳପତି, ଅତିଥି ଓ ଅଧ୍ୟାପକଙ୍କ ଦ୍ୱାରା ସର୍ବପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ତଥା ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ, ମୁଖ୍ୟବକ୍ତା ଭାବେ ଯୁବ ସାହିତ୍ୟିକ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଗୋପବନ୍ଧୁଙ୍କ ଗଦ୍ୟ, ଭାବ ଓ ଶିଳ୍ପ ଦୃଷ୍ଟି ଉପରେ ନିଜର ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଆଧ୍ୟାତ୍ମିକ ତଥା ସମସ୍ୟାର ସ୍ୱର ସହିତ ସମ୍ଭାବନାର ବାଟ ଗୋପବନ୍ଧୁଙ୍କ ଗଦ୍ୟରେ କିଭଳି ଛତ୍ରେଛତ୍ରେ ପ୍ରତିଫଳିତ ହୋଇଛି ତାହାର ବ୍ୟାଖ୍ୟା କରିଥିଲେ। ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ଧନ୍ୟବାଦ ଦେଇଥିଲେ।

## ଭାଜପାର ହର୍ ଘର ତ୍ରିରଙ୍ଗା ଶୋଭାଯାତ୍ରା

**ଡେଲାଙ୍ଗ,୧୩।୮(ରଶ୍ମିରଞ୍ଜନ ପ୍ରଧାନ):** ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଭାଜପା ପକ୍ଷରୁ ଡେଲାଙ୍ଗ ବ୍ଲକରେ ହର୍ ଘରତ୍ରିରଙ୍ଗା କାର୍ଯ୍ୟକ୍ରମ ଗତ ଦୁଇଦିନ ହେଲା ଚାଲିଥିଲା ବେଳେ ବୁଧବାର ବେରବୋଇସ୍ଥିତ ଗାନ୍ଧୀ ସ୍ମୃତିପୀଠରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବେରବୋଇ ବଜାର, ଉଦୟପୁର ଓ ଡେଲାଙ୍ଗ ଷ୍ଟେଶନ ବଜାର ପରିକ୍ରମା କରିଛି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ତ୍ରିରଙ୍ଗା ଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତକରିଥିଲେ। ମଣ୍ଡଳ ସଭାପତି ସୁଶାନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ସଂଯୋଜକ ଗଙ୍ଗାଧର ବରାଳ, ମିଟୁ କିଶୋର ମିଶ୍ର, ସରପଞ୍ଚ ହରିହର ସ୍ୱାଇଁ, ଆଲୋକ ଛାଟୋଇ ପ୍ରମୁଖଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର କର୍ମୀ, ଆଶାକର୍ମୀ, ମହିଳା ମଞ୍ଚର ସଭାନେତ୍ରୀମାନେ ଏଥିରେ ସାମିଲ ହୋଇଥିଲେ। ବିଦେଶୀ ସାମଗ୍ରୀ ବର୍ଜନ କରି ସ୍ୱଦେଶୀ ସାମଗ୍ରୀ ଆପଣେଇବା ଓ ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତଙ୍କ ଘରେ ତ୍ରିରଙ୍ଗା ପତାକା ଲଗାଇ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

# 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ



ସମୀକ୍ଷା ବୈଠକରେ ଉପସ୍ଥିତ ପ୍ରଧାନଶିକ୍ଷକମାନେ।

**ଅସ୍ତରଙ୍ଗ,୧୩।୮(ପ୍ରଦୀପ୍ତ କୁମାର ଦୀକ୍ଷିତ୍)**

**ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ**

ଡ୍ରପ୍‌ଆଉଟ ରୋକିବାକୁ ରାଜ୍ୟ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଘରକୁ ଘର ବୁଲି ଶିକ୍ଷୟିତ୍ରୀ ଶିକ୍ଷକ ପିଲାଙ୍କ ସର୍ଭେ ପରେ ଏବେ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇଆଣିବା, ଆଦୌ ବିଦ୍ୟାଳୟ ଯାଇ ନ ଥିବା ପିଲାଙ୍କୁ ବୟସ ଅନୁଯାୟୀ ଶ୍ରେଣୀରେ ନାମ ଲେଖାଇବା, ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାଙ୍କ ପାଠପଢ଼ା ଜାରି ରଖିବା ଓ ପୁନର୍ବାର ପଢ଼ା ନ ଛାଡ଼ିବାକୁ ଆବଶ୍ୟକ ପଦକ୍ଷେପ ଏବଂ ପିଲାଙ୍କ ମଧ୍ୟରେ ଶିକ୍ଷଣ ଫଳାଫଳ ସ୍ତରକୁ ଅଭିବୃଦ୍ଧି ଓ ଶିକ୍ଷଣ ବ୍ୟବଧାନ ହ୍ରାସ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ବୁଧବାର ଅନୁଷ୍ଠିତ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଭାରପ୍ରାପ୍ତ ସହଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଦାସ, ପ୍ରିୟଦର୍ଶୀ ବିଶ୍ୱାଳ, ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ମୁଖ୍ୟତଃ ଇକୋ କ୍ଲବ, ଆସ ସ୍କୁଲ ଯିବା, ଆଇସିସି, ବିଦ୍ୟାଳୟକୁ ସମୟାନୁଯାୟୀ ପୂର୍ବାହ୍ନ ୯ଟା ୩୦ ପୂର୍ବରୁ ଓ ଅପରାହ୍ନ ୪ଟା ୩୦ ପରେ ବିଦ୍ୟାଳୟ ପରିତ୍ୟାଗ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଛାତ୍ରୀଛାତ୍ରଙ୍କୁ ଗୁଣବତ୍ତାସମ୍ପନ୍ନ ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଣ୍ଡଳ ଶିକ୍ଷାଧିକାରୀ। ବୈଠକରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୧୨ଜଣ ସାଧନ ସଂଯୋଜକ, ୧୦୭ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
**OFFICE OF THE MUNICIPAL COUNCIL: JATANI**
ସ୍ଥାନ:ଜଟଣୀ, ଜିଲ୍ଲା–ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826
**EXPRESSION OF INTEREST (EOI)**
No.4756 / Jatani, Date- 12.08.2025

**No.C-870:** The Executive Officer, Jatni Municipality, invites sealed Expression of Interest (EOI) from registered and reputed Technical Experts/Consultants/Firms having valid Income Tax Return, GST Registration and Company Registration Certificates to submit technical and financial proposals for **Preparation of Detailed Project Reports (DPRs) under Young Gamechangers Initiative (YGI) in Jatni for implementation of design and beautification plans for two identified public spaces of (1) Mundia Sahi Park & Ground in Ward 7; (2) Maa Uttarayanee Youth Club Ground in Ward 11.** The last date and time for receipt of EOI is dt.25.08.2025 at 03.00 PM and the bids will be opened on the same day at 04.00 PM in the chamber of the Executive Officer, Jatni Municipality, Jatni, in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0044/2526 Sd./- Executive Officer, Jatni Municipality



O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION, NABARANGPUR
e-mail : dhionab@gmail.com (06858-222057)
Tender No. : 8145 Date : 13.08.2025

**No.E-312** : Sealed tenders are invited from registered, reputed and experienced Agencies /Firms/ Individuals for **engagement of Vehicle on Monthly hiring basis at O/o CDM & PHO Nabarangpur,1 vehicle ( Mahindra Neo/Scorpio) for DPMU NHM wing**. Interested_bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of tender must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 03.09.25 by 5.00 PM only** through Speed post/ Regd Post/Courier only and the bids, so received will be opened on 04.09.25 at 11:00 AM in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum
District Mission Director
OIPR-10164/11/0009/2526 NHM Nabarangpur



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
**OFFICE OF THE MUNICIPAL COUNCIL: JATANI**
ସ୍ଥାନ:ଜଟଣୀ, ଜିଲ୍ଲା–ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826
**NOTICE INVITING EXPRESSION OF INTEREST**
No.4751 / Jatani, Date- 12.08.2025

**No.C-869:** The Executive Officer, Jatni Municipality, invites reputed Consultants/ Organisations having valid Income Tax Return, GST Registration and Organisation Registration Certificates to submit technical and financial proposals for Developing Training Package for Capacity Building of Youth on Planning, Designing and Governance of Public Spaces under Young Gamechangers Initiative (YGI) in Jatni. The last date and time for receipt of proposals is dt.25.08.2025 at 02.30 PM and the bids will be opened on the same day at 04.30 PM in the chamber of the Executive Officer, Jatni Municipality, Jatni in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0045/2526 Sd./- Executive Officer, Jatni Municipality



OFFICE OF THE PANCHAYAT SAMITI, NARSINGHPUR
Dist : Cuttack - 754032
**QUOTATION CALL NOTICE**
NO-4126 Date-11.08.2025

**No.i-271** : Sealed quotations are invited from the intending registered firms/ Nurseries & suppliers for supply of Saplings, gabion and fertilisers to 37 nos of GP points of Narsinghpur Block. The prescribed quotation schedule can be obtained from the office of the Block Development Officer, Narsinghpur on payment of Rs-2000/- (Rupees two thousand only) + GST @18% (non-refundable) in shape of cash/ bank draft/ bankers cheque drawn in favour of the Block Development Officer, Narsinghpur payble at Narsinghpur from any nationalised bank from date 14.08.2025 to 22.08.2025 upto 11.00 A.M during office hour except holidays.

The quotation paper along with all documents should reach the undersigned by Regd. Post/ speed post/ courier service or by person on or before date 22.08.2025 upto 01.00 P.M. The quotation will be opened on the same date at 3.30 P.M in presence of the quotationer or their authorised representative if any. The undersigned will not be responsible for any delay in receipt of the quotation paper. The quotation received beyond the schedule date and time will not be considered at all. All items and conditions may be seen in the quotation schedule.
The undersigned has the right to accept, cancel or reject any or all the quotations without assigning any reason thereof.

Sd./- Block Development Officer
OIPR-19046/11/0006/2526 Narasinghpur Block, Dist-Cuttack



**BRAHMAPUR DEVELOPMENT AUTHORITY**
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail : bedaengineers@gmail.com
Phone No. 0680 2292797
**NATIONAL COMPETITIVE BIDDING THROUGH e-PROCUREMENT**
Invitation for Bids (IFB)
No.CAD-1447 No.414/BeDA (Engg.), Dt.11.08.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Water Sports Complex at Sonapur, Ganjam | EM-BeDA-12/2025-26 | 288.00 | "B" Class or Equivalent | 09 (Nine) Calendar Months | 13.08.2025 10.00 Hours | 29.08.2025 17.30 Hours | Engineer Member Brahmapur Development Authority |

- All corrigendum and addenda shall be published in official website only.
- The Bidder shall have to participate in **ON LINE** bidding only.
- Last date for seeking clarification - **Dt.25.08.2025** up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on **Dt.30.08.2025** at 11 Hours.

Sd./- ENGINEER MEMBER
OIPR-13086/11/0008/2526 Brahmapur Development Authority, Brahmapur



GOVERNMENT OF ODISHA No.i-270
**OFFICE OF THE PANCHAYAT SAMITI DHARMASALA, JAJPUR**
**'E' Procurement Notice No. Tender Online 01DMSL/2025-26**
1. **Name of work** : **Building Works**
2. **Total No of Work** : 6 No. of Work
3. **Estimated Cost (Approx.)** : Rs.13.94 lakhs - Rs.15.09 lakhs
4. **Period of Completion** : 180 days
5. **Class of contractors** : C & D

**Other details as follows**
a) Procurement Officer : Block Development Officer, Dharmasala, Jajpur
b) Availability of tender online & submission of bid : 16.08.2025 at 11.00 AM to 01.09.2025 up to 5.00 PM
c) Last date & time of seeking of tender clarification : 30.08.2025 up to 5.00 PM
d) Opening of Tender : 02.09.2025 at 11.00 A.M.
Further details can be seen from the Govt. website **www.tendersodisha.gov.in**

Sd./- Block Development Officer
OIPR-19216/11/0002/2526 Dharmasala



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, RAIRANGPUR**
No.O-585
e-mail ID : eerwrairangpur@yahoo.com
**"e"-Procurement Notice for Road Works**
**Bid Identification No. - RWDRRP-05-2025-26**
1. Name of the work : Periodical maint of post DLP road SH 49 to Aharbandh Neorendraposi Raihari to Jaldiha ODR to Bhagabandi RD road to Sanbantha RD road to Bhanjasara road RD road to Tamalbandh Bijatala to Dumadihi road for the year 2025-26, 2. Estimated Cost : Rs.92.63 lakhs (approximately), 3. Class of Contractor : "B" Class or relevant of works license, 4. Period of Completion : 03 (Three) calendar months, 5. Tender Paper Cost : Rs.10,000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W Division, Rairangpur | RWDRRP-05/2025-26 | 14.08.2025 at 11.00 A.M. | 30.08.2025 up to 5.00 P.M. | 29.08.2025 up to 5.00 P.M. | 01.09.2025 at 11.30 A.M. | Will be intimated later |

Further details can be seen from the website : www.tendersodisha.gov.in
Sd./- Er. Sanjeet Naik
OIPR-25107/11/0025/2526 Executive Engineer, R.W. Division, Rairangpur


See Career Appointment on every Wednesday & Saturday

**ଯୁବତୀଙ୍କୁ ବଳାତ୍କାର କରି ବ୍ଲାକମେଲ୍, ସମ୍ପର୍କୀୟ ଭିଣୋଇ ଗିରଫ**

ଭୁବନେଶ୍ୱର,(ସମ୍ବାଦଦାତା): ଯୁବତୀଙ୍କୁ ବଳାତ୍କାର କରି ଗର୍ଭପାତ କରିବା ଅଭିଯୋଗରେ ସମ୍ପର୍କୀୟ ଭିଣୋଇଙ୍କୁ ଭୁବନେଶ୍ୱର ମହିଳା ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ର ବାପି ଓରଫ ଆରତ ବେହେରା(୩୩)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ସଂସ୍ଥାରେ ଚାକିରି କରୁଥିବାବେଳେ ସାନ ଭଉଣୀଙ୍କ ଶାଶୁ ଘରେ ରହୁଥିଲେ। ସେଠାରେ ରହିବା ବେଳେ ସମ୍ପର୍କୀୟ ଭିଣୋଇ ବାପି ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ।

# ସଂକ୍ଷେପରେ

## ହୁଣ୍ଡି ଭାଙ୍ଗି ଚୋରି, ୩ଗିରଫ

ବାରଙ୍ଗ,୧୩।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଛକସ୍ଥିତ ଜଗନ୍ନାଥ ମନ୍ଦିରର ହୁଣ୍ଡିଭାଙ୍ଗି ଚୋରି ଘଟଣାରେ ନନ୍ଦନକାନନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗନ୍ନାଥ ମନ୍ଦିର ପଛପଟ ଗାଙ୍ଗୀବସ୍ତିରେ ରହୁଥିବା ଟିଟିଆଁ ସମପଡାର ଅରୁଣ ବେହେରା, ରଘୁନାଥପୁର ମାରୁତି ରେସିଡେନ୍ସିରେ ରହୁଥିବା ଗାବକଣ ମଙ୍ଗଳାସାହିର ତ୍ରିଲୋଚନ ଭୋଇ, ରଘୁନାଥପୁର ଟିଓଆସାହିର ସୂର୍ଯ୍ୟକାନ୍ତ ଦାସ। ଏଥିସହ ସେମାନଙ୍କଠାରୁ ନଗଦ ୬ହଜାର ଟଙ୍କା ଜବତ କରିବା ସହ ମାମଲା (ନଂ. ୩୦୧/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପ୍ରକାଶ କୁମାର ପଣ୍ଡା ଜଗନ୍ନାଥ ମନ୍ଦିରର ପୂଜକ ଅଗଷ୍ଟ ୧୦ରେ ସେ ମନ୍ଦିର ପୂଜା କାର୍ଯ୍ୟ ସାରି ବିଶ୍ରାମ ନେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅରୁଣ, ତ୍ରିଲୋଚନ ଓ ସୂର୍ଯ୍ୟକାନ୍ତ ମନ୍ଦିର ଭିତରେ ପ୍ରବେଶ କରିଥିଲେ। ମନ୍ଦିର ଭିତରେ ଥିବା ଦାନବାକ୍ସର ତାଲାଭାଙ୍ଗି ପ୍ରାୟ ୭ହଜାର ଟଙ୍କା ଚୋରି କରି ନେଇଥିଲେ। ପର ଦିନ ଭୋର ୩ଟାରେ ମନ୍ଦିର ଖାଡୁଦାର ଟଙ୍କା ଚୋରି ହୋଇଥିବା ନେଇ ପୂଜକଙ୍କୁ ପ୍ରଥମେ ସୂଚନା ଦେଇଥିଲେ। ପରେ ପୂଜକ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ନନ୍ଦନକାନନ ବସଷ୍ଟାଣ୍ଡରେ ଥିବା ସୁରେଶ କୁମାର ରାଉତଙ୍କ ଶୌଚାଳୟରୁ ପାଣିମୋଟର ଓ ବାଛୁଡ଼ା ପାତ୍ରଙ୍କ ହୋଟେଲରୁ ଆସବାବପତ୍ର ସୋମବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୩ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରି ପଚରାଉଚରା କରିଥିଲା। ଘଟଣାରେ ସମ୍ପୃକ୍ତିଥିବା ନେଇ ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ଅରୁଣଙ୍କ ନାମରେ ପୂର୍ବରୁ ଗୋଟିଏ ମାମଲା, ସୂର୍ଯ୍ୟକାନ୍ତ ଦାସଙ୍କ ନାମରେ ୨ଟି ମାମଲା ରହିଥିବା ପୋଲିସ ତଦନ୍ତରୁ ଜଣାପଡିଛି।

## ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣାଦିଏ ବର୍ଷା

ଭୁବନେଶ୍ୱର,୧୩।୮ (ସୌମ୍ୟରଞ୍ଜନ ରାଉତ)




ଶ୍ରାବଣୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମେଘ ଉତ୍ସବ 'ଶ୍ରାବଣୀ'**

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ମେଘ ଉତ୍ସବ 'ଶ୍ରାବଣୀ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ତଥା ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସାହିତ୍ୟରେ ବର୍ଷାଋତୁର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ମହାକବି କାଳିଦାସଙ୍କଠାରୁ ଆରମ୍ଭ କରି ସମସାମୟିକ ସାହିତ୍ୟିକମାନଙ୍କୁ ବର୍ଷା ସବୁବେଳେ ମୁଗ୍ଧ କରି ଜୀବନ ଧାରାର ଏକ ପ୍ରବାହ ସଦୃଶ ସାହିତ୍ୟ ସୃଷ୍ଟି କରିବାରେ ପ୍ରେରଣା ଦେଇଆସିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଗାଳ୍ପିକ ପ୍ରଫେସର ତରୁଣ କୁମାର ସାହୁ ଓଡ଼ିଆ ସାହିତ୍ୟରେ ମେଘ ଓ ବର୍ଷା ସମ୍ପର୍କିତ ରଚନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ଅମରେଶ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ବର୍ଷାର ବର୍ଣ୍ଣନାକୁ ନେଇ ସମୃଦ୍ଧ ଓ ରଙ୍ଗିମନ୍ତ ବୋଲି କହିବା ସହ ଓଡ଼ିଆ କବିତା ଓ ବର୍ଷା କେଉଁଭଳି ଭାବରେ ପରସ୍ପର ପରିପୂରକ ତାହାର ଚମତ୍କାର ଉଦାହରଣ ରଖିଥିଲେ।

କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରି ମେଘକୁ ସୃଜନଶୀଳତାର ପ୍ରତୀକ ଭାବେ ଅଭିହିତ କରିବା ସହ ଛାତ୍ରଛାତ୍ରୀଙ୍କ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏହିଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ଅନାମିକା ଅଧିକାରୀ ମେଘ ଉତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମେଘ ଉପରେ ଆଧାରିତ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ତବଲା ବାଦନ କରିଥିଲେ। କବିତା ପାଠୋତ୍ସବରେ ଛାତ୍ରଛାତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଖାଦ୍ୟକୁ ଲୋକାଦୃତ କରିବାକୁ ଖୋଲାଯିବ ଫୁଡ୍ କୋର୍ଟ

ଭୁବନେଶ୍ୱର,୧୩।୮ (ସୁଚିସ୍ମିତା ସାହୁ)

**କ୍ଷୁଦ୍ର ମାଣ୍ଡିଆ, ଚାଉଳ କଳ ପରିଚାଳନା ଉପରେ କର୍ମଶାଳା**

କ୍ଷୁଦ୍ର ମାଣ୍ଡିଆ, ଚାଉଳ କଳ ପରିଚାଳନା ଏବଂ ବ୍ୟବସାୟ ପରିଚାଳନା ରଣନୀତି ଉପରେ ଏକ କର୍ମଶାଳା ବୁଧବାର ମିଶନଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଲାଗି କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗ ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ହୋଇଥିଲା। ପ୍ରକଳ୍ପର ମୂଲ୍ୟ ୬୦.୧୭ କୋଟି ଟଙ୍କା ରହିଥିବାବେଳେ ଏହାକୁ ୩ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ମହାସଂଘ ମାଧ୍ୟମରେ ମିଲେଟ, ନିମ୍ନ ଗ୍ଲାଇସେମିକ ଇଣ୍ଡେକ୍ସ ଚାଉଳ ଏବଂ ଅନ୍ୟ ସେକେଣ୍ଡାରି କୃଷି-ଭିତ୍ତିକ ଉତ୍ପାଦ ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ସଂରକ୍ଷଣ ଏବଂ ବିପଣନ ପାଇଁ କ୍ଷୁଦ୍ର କାରଖାନା ପ୍ରତିଷ୍ଠା କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମିଲେଟ ସହିତ ଅନ୍ୟାନ୍ୟ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ଲୋକାଦୃତ କରିବା ପାଇଁ ଫୁଡ୍ କୋର୍ଟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ନିମ୍ନ ଗ୍ଲାଇସେମିକ ଇଣ୍ଡେକ୍ସ (ଜିଆଇ) ଚାଉଳ, ଜିଆଇ ଟ୍ୟାଗ ପାଇଥିବା କଳାଜିରା କିସମ ଏବଂ ମାଣ୍ଡିଆ ସଂଗ୍ରହ, ପ୍ରକ୍ରିୟାକରଣ, ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ମାର୍କେଟିଂ ରଣନୀତିକୁ ଅନ୍ତର୍ଭୁକ୍ତ କରି ଏକ ଛଅ ମାସିଆ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ସଂଗଠନର ସକ୍ରିୟ ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରୟାସକୁ ସଫଳ କରିବା ପାଇଁ କର୍ମଶାଳାର ନିଷ୍କର୍ଷ ମଣ୍ଡଳେ ଓ କାର୍ଯ୍ୟ ଯୋଜନାର ସଫଳତା ଲାଗି ସରକାରଙ୍କୁ ସୁପାରିଶ କରାଯିବ ବୋଲି ଆଲୋଚନା ହୋଇଥିଲା।




ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ୫୦% ଟାରିଫ୍ ଲାଗୁର ପ୍ରତିବାଦ ସହ ଦେଶରେ ଲୁଟୁଥିବା ବହୁରାଷ୍ଟ୍ରୀୟ କମ୍ପାନୀକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଭୂମି ଅଧିକାର ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା। (ଫଟୋ- ବିକାଶ ନାୟକ)

## ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବିରେ ୨୭୦ କି.ମି. ପଦଯାତ୍ରା

ବାରଙ୍ଗ,୧୩।୮ (ଲିଙ୍ଗରାଜ ରାଉତ)

**ଦେବଗଡ଼ରୁ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି ଯୁବକ**




ଦେବଗଡ଼ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉ। ଏଥିସହ ବିଭିନ୍ନ ଦାବିନେଇ ଜିଲାର ଜଣେ ଯୁବକ ଚାଲିଚାଲି ଭୁବନେଶ୍ୱର ଆସୁଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇବାକୁ। ଗତ ୬ରୁ ସେ ଦେବଗଡ଼ରୁ ବାହାରି ପାଖାପାଖି ୨୭୦ କିଲୋମିଟର ବାଟ ଅତିକ୍ରମ କରି ବୁଧବାର ବାରଙ୍ଗରେ ପହଞ୍ଚିଛନ୍ତି। ସେ ହେଲେ ଦେବଗଡ଼ ଜିଲାର ଅର୍ଣ୍ଣବ ପଣ୍ଡା (୪୨)।

ସୂଚନାଯୋଗ୍ୟ, ଦେବଗଡ଼ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଖପାଖ ଅଞ୍ଚଳର ଶତାଧିକ ଲୋକେ ନିର୍ଭରଶୀଳ। ଅଞ୍ଚଳବାସୀଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ପ୍ରଦାନ କରିବା ସହ ଚିକିତ୍ସା ଜନିତ ଆବଶ୍ୟକ ଉପକରଣ ଓ ଔଷଧ ଉପଲବ୍ଧ କରିବା ଆଦି ସମସ୍ୟାକୁ ଦୃଷ୍ଟିରେ ରଖି ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି ହୋଇଛି । ଏନେଇ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଏହାର ପ୍ରତିକାର ଓ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଅର୍ଣ୍ଣବ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇବାକୁ ବାହାରିଛନ୍ତି। ଦିନସାରା ଚାଲିବା ପରେ ଯେଉଁଠି ରାତି ଅଧିକ ହେଉଛି ସେଠାରେ ଟିକେ ବିଶ୍ରାମ ନେଇ ପୁଣି ସକାଳୁ ଯାତ୍ରା ଆରମ୍ଭ କରୁଛନ୍ତି। ଏବେ ଚାଲିଚାଲି ପାଦରେ ବଡ଼ବଡ଼ ଫୋଟୋକା ହେବା ସହ ଗୋଡ଼ ଫୁଲିଗଲାଣି। ତଥାପି ସେ ତାଙ୍କ ଯାତ୍ରା ଜାରି ରଖିଛନ୍ତି।

## ଆଇଗିଣିଆରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ଭରତପୁର ଥାନା ଅନ୍ତର୍ଗତ ଆଇଗିଣିଆ ମୌଜାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମିରେ ଜବରଦଖଲ କରି ଗଢ଼ି ଉଠିଥିବା ପରିବା ଗୋଦାମ ଏବଂ ଭଡ଼ାଘରକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଏନ୍‌ଫୋର୍ସମେଣ୍ଟ ଟିମ ଭାଙ୍ଗି ଦେଇଛି। ଏହି ଉଚ୍ଛେଦରେ ୬ଟି ଆଜବେଷ୍ଟ ଘର, ପାଚେରି ଏବଂ ଗୋଦାମ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଆଇଗିଣିଆର ଖାତା ପ୍ଲଟ ନମ୍ବର ୩୪୮ରେ ସାଧାରଣ ପ୍ରଶାସନ (ଜିଏ) ବିଭାଗର ଜମି ରହିଛି। ଏହାକୁ ବନମାଳୀ ସୁଆଳ ସିଂ ନାମକ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ସେ ଏଠାରେ ଏକ ଛାତ ଘର କରି ପରିବା ଗୋଦାମ କରିଥିଲେ ଓ ୬ଟି ଆଜବେଷ୍ଟସ ଘର କରି ୨ଟି ପରିବାରଙ୍କୁ ଭଡ଼ାସୂତ୍ରରେ ଦେଇଥିଲେ। ଏନେଇ ଜିଏକୁ ଜଣାପଡ଼ିବା ପରେ ବିଭାଗ ମାମଲା ରୁଜୁ କରିଥିଲା। ଏଠାରୁ ଜବରଦଖଲ ଉଚ୍ଛେଦ କରିବାକୁ ଜିଏ ପକ୍ଷରୁ ବିଡିଏକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ସାଧାରଣ ପ୍ରଶାସନ ବିଭାଗର ସହ ନିର୍ଦ୍ଦେଶକ (ସର୍ଭେ ଓ ଏନଫୋର୍ସମେଣ୍ଟ) ଅମିୟ କୁମାର ଦାସଙ୍କ ସହ ବିଡିଏର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ସାମିଲ ଥିଲେ ।

## 'ବିଦେଶୀ ବସ୍ତୁ ବର୍ଜନ, ସ୍ୱଦେଶୀକୁ ଆପଣାନ୍ତୁ'

ଭୁବନେଶ୍ୱର, ୧୩।୮ (ସୌମ୍ୟରଞ୍ଜନ ରାଉତ)

ଭାରତ ପ୍ରତି ଆମେରିକା ଓ ଅନ୍ୟ ଶତ୍ରୁରାଷ୍ଟ୍ରର ଆଭିମୁଖ୍ୟର ଜବାବ ଦେବାକୁ ସରକାରଙ୍କ ସହିତ ସାରାଦେଶ ଅଣ୍ଟା ଭିଡ଼ିଛି। ଏନେଇ ଲୋକଙ୍କୁ ସଚେତନ କରିବା ସହ ଶତ୍ରୁ ରାଷ୍ଟ୍ର ଓ ବିଦେଶୀ କମ୍ପାନୀ ବିରୋଧରେ ଜନଆନ୍ଦୋଳନ ସୃଷ୍ଟି କରିବାକୁ ସ୍ୱଦେଶୀ ଜାଗରଣ ମଞ୍ଚ ଏବଂ ଓଡ଼ିଶା ବ୍ୟବସାୟୀ ସଂଘ ପକ୍ଷରୁ ବୁଧବାର ରସୁଲଗଡ଼ଠାରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଜନସାଧାରଣ ଆମେରିକା ଓ ଅନ୍ୟ ବିଦେଶୀ ବସ୍ତୁ ବର୍ଜନ କରିବାକୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଜାଗରଣ ମଞ୍ଚର ଓଡ଼ିଶା ପ୍ରାନ୍ତ ସଂଯୋଜକ ନିର୍ମଳ ଷଡ଼ଙ୍ଗୀ, ପ୍ରାନ୍ତ ପ୍ରଚାର ପ୍ରମୁଖ ବିଜୟ କୁମାର ରାଉତରାୟ, ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମଞ୍ଚର ଭୁବନେଶ୍ୱର ମହାନଗର ନିଗମ ସଂଯୋଜକ ଦୁଃଶାସନ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଡିଆର୍‌ୟୁସିସି ବୈଠକ

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ବୁଧବାର ଜଟଣୀର ଖୋର୍ଦ୍ଧା ରୋଡ଼ରେ ଥିବା ରେଳମଣ୍ଡଳ ମୁଖ୍ୟାଳୟଠାରେ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି (ଡିଆର୍‌ୟୁସିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳପଥ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବାଣିଜ୍ୟ ଏବଂ ଶିଳ୍ପ ଚାମ୍ବର, ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (ପିଏସ୍‌ୟୁ), ଯାତ୍ରୀ ସଂଘ, ଗ୍ରାହକ ମଞ୍ଚ ଏବଂ ଅନ୍ୟାନ୍ୟ ହିତାଧିକାରୀ ଗୋଷ୍ଠୀର ପ୍ରତିନିଧିଙ୍କ ସମେତ ବହୁ ବିଶିଷ୍ଟ ଡିଆର୍‌ୟୁସିସି ସଦସ୍ୟ ଯୋଗଦେଇଥିଲେ। ବୈଠକରେ ଯାତ୍ରୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଗଠନମୂଳକ ଆଲୋଚନା ଓ ମତ ବିନିମୟ ହୋଇଥିଲା। ବୈଠକରେ ଉପସ୍ଥାପନ କରାଯାଇଥିବା ପରାମର୍ଶକୁ ପ୍ରାଥମିକତା ଦିଆଯିବ ଏବଂ ସ୍ଥାନୀୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ଏବଂ ରେଳ ବ୍ୟବହାରକାରୀଙ୍କ ପାଇଁ ଉନ୍ନତ ସୁବିଧା ଓ ଉତ୍ତମ ସେବା ପ୍ରଦାନ ସୁନିଶ୍ଚିତ କରାଯିବ ବୋଲି ପ୍ରବନ୍ଧକ ତ୍ରିପାଠୀ କହିଛନ୍ତି। ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳପଥ ପ୍ରବନ୍ଧକ ପ୍ରଦୀପ କୁମାର ବେହେରା ଏବଂ ଶୁଭ୍ର ଜ୍ୟୋତି ମଣ୍ଡଳ ଡିଆର୍‌ୟୁସିସି ସଚିବ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ପ୍ରମୁଖ ଯୋଗଦେଇଥିଲେ।

## ୧.୫ ଏକରରେ ମିଆୱାକି ଜଙ୍ଗଲ ଶୁଭାରମ୍ଭ କଲା ବିଏମ୍‌ସି

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

'ମା' ପାଇଁ ଗଛଟିଏ' ବାର୍ତ୍ତାକୁ ନଗରବାସୀଙ୍କ ନିକଟରେ ପହଞ୍ଚାଇବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପ୍ରୟାସ ଜାରି ରଖିଛି। ଚନ୍ଦକା ବନଖଣ୍ଡ ସହଯୋଗରେ ବିଏମ୍‌ସି ବୁଧବାର ୬ ନମ୍ବର ୱାର୍ଡରେ ୧.୫ ଏକର ଜମିରେ ମିଆୱାକି ଜଙ୍ଗଲର ଶୁଭାରମ୍ଭ କରିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣାଙ୍କ ସହ ଅତିରିକ୍ତ କମିଶନର, ଚନ୍ଦକା ଡିଏଫ୍‌ଓ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସମେତ ବିଏମ୍‌ସି ଓ ବନ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ସାମିଲ ହୋଇ ଚାରା ରୋପଣ କରିଥିଲେ। ଏହି ଉଦ୍ୟମ ସହରୀକରଣରୁ ହେଉଥିବା ତାପମାତ୍ରା ବୃଦ୍ଧିକୁ ହ୍ରାସ ଏବଂ ତାପମାତ୍ରା ହ୍ରାସ କରିବାରେ ସହାୟକ ହେବ। ଏଠାରେ ଥିବା ସରକାରୀ ପଡିଆ ଜମିରେ ମିଆୱାକି ପଦ୍ଧତିରେ ୧୧ ହଜାର ଚାରା ରୋପଣ ପାଇଁ ଯୋଜନା କରାଯାଇଛି। ଏହି ସ୍ଥାନରେ ପ୍ରାତଃ ଭ୍ରମଣର ସୁବିଧା ମଧ୍ୟ କରାଯିବ। ସହର ମଧ୍ୟରେ ନିୟମ ଅନୁଯାୟୀ ଏହିପରି ସ୍ଥାନଗୁଡିକର ବିକାଶ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଡିଏଭି ୟୁନିଟ୍-୮ରେ ବେଦ ସପ୍ତାହ

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ବେଦର ମହତ୍ତ୍ୱ ଓ ବୈଦିକ ବିଚାରଧାରାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ-୮ରେ ବେଦ ସପ୍ତାହ ପାଳନ ହୋଇଯାଇଛି। ବିଶ୍ୱ କଲ୍ୟାଣ ପାଇଁ ପ୍ରାତଃରେ ଏକ ଯଜ୍ଞ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ରୀଛାତ୍ର ସମ୍ମିଳିତ ହୋଇ ଆହୁତି ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆର୍ଯ୍ୟ ସମାଜର ଅନୁଗାମୀ ତଥା ପ୍ରଖ୍ୟାତ ବୈଦିକ ବକ୍ତା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ ଆଧ୍ୟାତ୍ମିକତା ଓ ନୈତିକ ମୂଲ୍ୟବୋଧ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ପୁରାତନ ଜ୍ଞାନ, ସଂସ୍କୃତି ଓ ଆଦର୍ଶଗୁଡ଼ିକୁ ନିଜ ଜୀବନରେ ସଦୁପଯୋଗ କରିବାକୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ମଣିଷର ପ୍ରକୃତ ପରିଭାଷାକୁ ଉପଲବ୍ଧି କରିବା, ନିଜ ପିତାମାତା ଓ ଗୁରୁଜନଙ୍କୁ ସମ୍ମାନ ଦେବା ସହ ପରମେଶ୍ୱରଙ୍କ ପ୍ରତି କୃତଜ୍ଞ ରହି ସଂସାରକୁ ଶ୍ରେଷ୍ଠ କରି ଗଢ଼ିତୋଳିବାକୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ସଭାପତି ସନ୍ତୋଷ ଉପାଧ୍ୟାୟ, ଅନୁପମା ଉପାଧ୍ୟାୟ, ଅଧ୍ୟକ୍ଷା ଇପ୍‌ସିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
**OFFICE OF THE MUNICIPAL COUNCIL: JATANI**
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

**EXPRESSION OF INTEREST (EOI)**
No.4756 / Jatani, Date- 12.08.2025

**No.C-870:** The Executive Officer, Jatni Municipality, invites sealed Expression of Interest (EOI) from registered and reputed Technical Experts/Consultants/Firms having valid Income Tax Return, GST Registration and Company Registration Certificates to submit technical and financial proposals for **Preparation of Detailed Project Reports (DPRs) under Young Gamechangers Initiative (YGI) in Jatni for implementation of design and beautification plans for two identified public spaces of (1) Mundia Sahi Park & Ground in Ward 7; (2) Maa Uttarayanee Youth Club Ground in Ward 11.** The last date and time for receipt of EOI is dt.25.08.2025 at 03.00 PM and the bids will be opened on the same day at 04.00 PM in the chamber of the Executive Officer, Jatni Municipality, Jatni, in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0044/2526 — Sd./- Executive Officer, Jatni Municipality



**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, NABARANGPUR**
e-mail : dhionab@gmail.com (06858-222057)

Tender No. : 8145 — Date : 13.08.2025

**No.E-312** : Sealed tenders are invited from registered, reputed and experienced Agencies /Firms/ Individuals for engagement of Vehicle on Monthly hiring basis at O/o CDM & PHO Nabarangpur,1 vehicle ( Mahindra Neo/Scorpio) for DPMU NHM wing. Interested bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of tender must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 03.09.25 by 5.00 PM only** through Speed post/ Regd Post/Courier only and the bids, so received will be opened on 04.09.25 at 11:00 AM in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director NHM Nabarangpur
OIPR-10164/11/0009/2526



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
**OFFICE OF THE MUNICIPAL COUNCIL: JATANI**
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

**NOTICE INVITING EXPRESSION OF INTEREST**
No.4751 / Jatani, Date- 12.08.2025

**No.C-869:** The Executive Officer, Jatni Municipality, invites reputed Consultants/ Organisations having valid Income Tax Return, GST Registration and Organisation Registration Certificates to submit technical and financial proposals for Developing Training Package for Capacity Building of Youth on Planning, Designing and Governance of Public Spaces under Young Gamechangers Initiative (YGI) in Jatni. The last date and time for receipt of proposals is dt.25.08.2025 at 02.30 PM and the bids will be opened on the same day at 04.30 PM in the chamber of the Executive Officer, Jatni Municipality, Jatni in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0045/2526 — Sd./- Executive Officer, Jatni Municipality



**OFFICE OF THE PANCHAYAT SAMITI, NARSINGHPUR**
Dist : Cuttack - 754032
**QUOTATION CALL NOTICE**
NO-4126 Date-11.08.2025

**No.i-271** : Sealed quotations are invited from the intending registered firms/ Nurseries & suppliers for supply of Saplings, gabion and fertilisers to 37 nos of GP points of Narsinghpur Block. The prescribed quotation schedule can be obtained from the office of the Block Development Officer, Narsinghpur on payment of Rs-2000/- (Rupees two thousand only) + GST @18% (non-refundable) in shape of cash/ bank draft/ bankers cheque drawn in favour of the Block Development Officer, Narsinghpur payble at Narsinghpur from any nationalised bank from date 14.08.2025 to 22.08.2025 upto 11.00 A.M during office hour except holidays.

The quotation paper along with all documents should reach the undersigned by Regd. Post/ speed post/ courier service or by person on or before date 22.08.2025 upto 01.00 P.M. The quotation will be opened on the same date at 3.30 P.M in presence of the quotationer or their authorised representative if any. The undersigned will not be responsible for any delay in receipt of the quotation paper. The quotation received beyond the schedule date and time will not be considered at all. All items and conditions may be seen in the quotation schedule.
The undersigned has the right to accept, cancel or reject any or all the quotations without assigning any reason thereof.

Sd./- Block Development Officer Narasinghpur Block, Dist-Cuttack
OIPR-19046/11/0006/2526



**BRAHMAPUR DEVELOPMENT AUTHORITY**
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail : bedaengineers@gmail.com
Phone No. 0680 2292797
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB)**
No.CAD-1447 — No.414/BeDA (Engg.), Dt.11.08.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Water Sports Complex at Sonapur, Ganjam | EM-BeDA-12/2025-26 | 288.00 | "B" Class or Equivalent | 09 (Nine) Calendar Months | 13.08.2025 10.00 Hours | 29.08.2025 17.30 Hours | Engineer Member Brahmapur Development Authority |

- All corrigendum and addenda shall be published in official website only.
- The Bidder shall have to participate in **ON LINE** bidding only.
- Last date for seeking clarification - **Dt.25.08.2025** up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on **Dt.30.08.2025** at 11 Hours.

Sd./- ENGINEER MEMBER Brahmapur Development Authority, Brahmapur
OIPR-13086/11/0008/2526



GOVERNMENT OF ODISHA — No.i-270
**OFFICE OF THE PANCHAYAT SAMITI DHARMASALA, JAJPUR**
**'E' Procurement Notice No. Tender Online 01DMSL/2025-26**

1. **Name of work** : **Building Works**
2. **Total No of Work** : 6 No. of Work
3. **Estimated Cost (Approx.)** : Rs.13.94 lakhs - Rs.15.09 lakhs
4. **Period of Completion** : 180 days
5. **Class of contractors** : C & D

**Other details as follows**
a) Procurement Officer : Block Development Officer, Dharmasala, Jajpur
b) Availability of tender online & submission of bid : 16.08.2025 at 11.00 AM to 01.09.2025 up to 5.00 PM
c) Last date & time of seeking of tender clarification : 30.08.2025 up to 5.00 PM
d) Opening of Tender : 02.09.2025 at 11.00 A.M.

Further details can be seen from the Govt. website **www.tendersodisha.gov.in**

Sd./- Block Development Officer Dharmasala
OIPR-19216/11/0002/2526



**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**
e-mail ID : eerwrairangpur@yahoo.com
No.O-585
**"e"-Procurement Notice for Road Works**
**Bid Identification No. - RWDRRP-05-2025-26**

1. Name of the work : Periodical maint of post DLP road SH 49 to Aharbandh Neorendraposi Raihari to Jaldiha ODR to Bhagabandi RD road to Sanbantha RD road to Bhanjasara road RD road to Tamalbandh Bijatala to Dumadihi road for the year 2025-26, 2. Estimated Cost : Rs.92.63 lakhs (approximately), 3. Class of Contractor : "B" Class or relevant of works license, 4. Period of Completion : 03 (Three) calendar months, 5. Tender Paper Cost : Rs.10,000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W Division, Rairangpur | RWDRRP-05/2025-26 | 14.08.2025 at 11.00 A.M. | 30.08.2025 up to 5.00 P.M. | 29.08.2025 up to 5.00 P.M. | 01.09.2025 at 11.30 A.M. | Will be intimated later |

Further details can be seen from the website : www.tendersodisha.gov.in

Sd./- Er. Sanjeet Naik Executive Engineer, R.W. Division, Rairangpur
OIPR-25107/11/0025/2526


See Career Appointment on every Wednesday & Saturday

**ଚକାପଦାରେ ହର୍ ଘର୍ ତ୍ରିରଙ୍ଗା**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦା ଗ୍ରାମର ବାବା ସ୍ୱପ୍ନେଶ୍ୱର କ୍ଲବ ଆନୁକୂଲ୍ୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏକ ନମ୍ବର ୱାର୍ଡ ସଭ୍ୟା ସବିତା ନନ୍ଦ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ଚାରାରୋପଣ, ପ୍ଲାଷ୍ଟିକ୍ ଦ୍ରବ୍ୟ ବର୍ଜନ, ପୋଖରୀ, ନଳକୂପ ଓ ଗ୍ରାମ ଶ୍ମଶାନ ସଫେଇ କରିବା ସହ ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବା ପାଇଁ ସ୍ଥିର କରାଯାଇଛି ବୋଲି କାର୍ଯ୍ୟକ୍ରମର ସଂଯୋଜକ ବଳଭଦ୍ର ରଣା ପ୍ରକାଶ କରିଛନ୍ତି। ଏଥିରେ ପବିତ୍ର ରଣା, ରଘୁନାଥ ରଣା, ବିଭୁ ରଣା, ଚିଣ୍ଟୁ ରଣା, କାଳନ୍ଦୀ ରଣା, ସୁଦୀପ୍ତ ପଣ୍ଡା ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଜେଲ ଗଲେ ୪ ଆନ୍ତଃ ଜିଲା ଡକାୟତ

## ଅସୁରେଶ୍ୱର ଜୁଏଲାରିରେ ବୋମାମାଡ଼, ଡକାୟତି ଘଟଣା

- ୨୦ ଗ୍ରାମ ସୁନା, ୨ ବାଇକ୍, ୪ ମୋବାଇଲ, ଟଙ୍କା ଜବତ
- ୪ଦିନ ଆଗରୁ କରିଥିଲେ ଷଡ଼ଯନ୍ତ୍ର

ନିଶ୍ଚିନ୍ତକୋଇଲି, ୧୩।୮ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ବଜାରର ଏକ ଜୁଏଲାରି ଉପରେ ବୋମାମାଡ଼ କରି ଡକାୟତି ଘଟଣାରେ ପୋଲିସ ୪ ଆନ୍ତଃ ଜିଲା ଡକାୟତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ଡକାୟତଙ୍କ ପାଖରୁ ୨୦ ଗ୍ରାମ ସୁନା ଅଳଙ୍କାର, ୨ ବାଇକ୍, ୫୦୦ ଗ୍ରାମ ବିସ୍ଫୋରକ ଦ୍ରବ୍ୟ, ୪ ମୋବାଇଲ, ୨୩ ହଜାର ଟଙ୍କା ଜବତ କରିଛି। ଡକାୟତମାନେ ଘଟଣା ଘଟିବା ୪ଦିନ ପୂର୍ବରୁ ଏହି ଗହଣା ଦୋକାନକୁ ଟାର୍ଗେଟ କରିଥିଲେ। ଦୋକାନର ଫଟୋ, ରୋଡ଼ ମ୍ୟାପ୍ ଓ କେଉଁଠି ସିସିଟିଭି କ୍ୟାମେରା ଅଛି, ତାହାର ମଧ୍ୟ ସନ୍ଧାନ କରି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଡକାୟତି ଘଟାଇଥିବା କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୪ ତାରିଖ ରାତ୍ରି ୮ଟା ୩୦ ମିନିଟ୍‌ରେ କୂଳଗାଁ ଇଶାଲୋର ନିରଞ୍ଜନ ସାହୁଙ୍କ ଅସୁରେଶ୍ୱର ବଜାରରେ ଥିବା ଗହଣା ଦୋକାନ ଉପରେ ସଶସ୍ତ୍ର ଡକାୟତ ବୋମାମାଡ଼ କରି ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ନଂ.୧୫୩/୨୫ରେ ମାମଲା ରୁଜୁ ହୋଇଥିଲା। ଡକାୟତମାନଙ୍କୁ ଧରିବା ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ୪ଜଣ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପୋଲିସ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ମଧ୍ୟ ସହାୟତା ନେଇ ବିଭିନ୍ନ ଜାଗାରେ ଚଢ଼ାଉ କରିଥିଲା। ତେବେ ମୋବାଇଲ ଟ୍ରାକିଂ କରି ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଦିଲୀପ କୁମାର ପରିଡ଼ା(୨୮), ନୟାଗଡ଼ ସଦର ଥାନା ଅଞ୍ଚଳର ଦୀପକ ନାୟକ(୨୧), କଟକ ଜିଲା ଗୁରୁଡ଼ିଝାଟିଆ ଥାନା ଅଞ୍ଚଳର ସରୋଜ କର(୩୦), ଲାଲବାଗ ଥାନା ଅଞ୍ଚଳର ସେକ୍ ହାଇଦର (୩୧)ଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ମୋବାଇଲରୁ ସଶସ୍ତ୍ର ଡକାୟତିର ବ୍ଲୁ ପ୍ରିଣ୍ଟ ପୋଲିସ ହାତରେ ଲାଗିଥିଲା। ଡକାୟତମାନେ ୪ଦିନ ପୂର୍ବରୁ ଉକ୍ତ ଦୋକାନ ଓ ରାସ୍ତାର ସ୍କେଚ ମ୍ୟାପ ପ୍ରସ୍ତୁତ କରିଥିବା ସମସ୍ତଙ୍କ ମୋବାଇଲରୁ ପୋଲିସ ଉଦ୍ଧାର କରିଥିଲା। ତେବେ ତଦନ୍ତ ପରେ ଜଣାପଡ଼ିଛି ଯେ, ଦିଲୀପଙ୍କ ନାମରେ ଜଗତପୁର, କେନ୍ଦ୍ରାପଡ଼ା, ନୟାଗଡ଼ ଥାନାରେ ଏକାଧିକ ମାମଲା ରହିଛି। ଦୀପକଙ୍କ ନାମରେ ଜଗତପୁର, ଉଦଳା ଓ ବାଲିପାଟଣା ଥାନାରେ ୪ ମାମଲା ରହିଛି। ସେହିଭଳି ହାଇଦରଙ୍କ ନାମରେ ଲାଲବାଗ, ବିଡାନାସୀ, ବାଦାମବାଡ଼ି ଥାନାରେ ୪ରୁ ଊର୍ଦ୍ଧ୍ୱ ମାମଲା ରହିଛି। ତେବେ ଏହି ଡକାୟତମାନଙ୍କୁ ଧରିବା ପାଇଁ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ ଦାସ ତଦନ୍ତ ଆରମ୍ଭ କରି ବିଭିନ୍ନ ଜାଗାରେ ଚଢ଼ାଉ କରିଥିଲେ। ପୋଲିସ ତ୍ୱରିତ ପଦକ୍ଷେପ ନେଇ ଡକାୟତମାନଙ୍କୁ କାବୁ କରିପାରିଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।



ଗିରଫ ଡକାୟତମାନେ, ଜବତ ହୋଇଥିବା ସୁନା ଅଳଙ୍କାର, ମୋବାଇଲ, ଟଙ୍କା।

## ସଂକ୍ଷେପରେ

### କଳାପାଟ ଶିଳ୍ପ ତାଲିମ କେନ୍ଦ୍ରରେ ନିଶାମୁକ୍ତ ଭାରତ ଅଭିଯାନ

ତିଗିରିଆ, ୧୩।୮ (ଜାଫର ଖାଁ): ତିଗିରିଆ ବ୍ଲକ କଳାପାଟ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ବୁଧବାର ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ୍ରମେ ଅନୁଷ୍ଠାନର ଅଧକ୍ଷା କଲ୍ୟାଣୀ ମହାପାତ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇଲେକ୍ଟ୍ରିକାଲ ବିଭାଗ ବରିଷ୍ଠ ଶିକ୍ଷକ ନିରଞ୍ଜନ ପଣ୍ଡା, ଶିକ୍ଷକ ରାଜକିଶୋର ରାଉତ, ମୁଖ୍ୟ ପରିଚାଳକ ମାନସ କୁମାର ମିଶ୍ର, ଶିକ୍ଷକ ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପସ୍ଥିତ ଛାତ୍ରମାନଙ୍କୁ ନିଶାସେବନ ଯୋଗୁ ଯୁବପିଢ଼ି କିଭଳି ପଥଭ୍ରଷ୍ଟ ହେଉଛନ୍ତି ଓ ପାରିବାରିକ, ସାମାଜିକ ଜୀବନରେ ବିଶୃଙ୍ଖଳିତ ହେଉଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଉପସ୍ଥିତ ଛାତ୍ରମାନଙ୍କୁ ନିଶାଠାରୁ ଦୂରେଇ ରହିବାକୁ ଶପଥପାଠ ସହ ଶୋଭାଯାତ୍ରା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସ୍ୱାସ୍ଥ୍ୟ ଶିବିରରେ ୧୦୦ ରୋଗୀଙ୍କ ଚିକିତ୍ସା

ବାଙ୍କୀ, ୧୩।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ୍ ଅନ୍ତର୍ଗତ ବାଆଁରା ଗ୍ରାମର ଶ୍ରୀସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ଆୟୁର୍ବେଦ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହା ଶ୍ରୀ ଶ୍ରୀବିଶ୍ୱବିଦ୍ୟାଳୟର ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ, ଚିକିତ୍ସାଳୟ ଓ ସୁବୁଦ୍ଧେଶ୍ୱର ମନ୍ଦିର ଉନ୍ନୟନ ପରିଚାଳନା କମିଟିର ମିଳିତ ସହଯୋଗ ହୋଇଥିଲା। ଏଥିରେ ବାତରୋଗ, ଚର୍ମ, ଚକ୍ଷୁ, ଅର୍ଶ, ସ୍ତ୍ରୀରୋଗ, ମଧୁମେହ ରୋଗର ନିଦାନ ଓ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଛି। ଏହାକୁ ମହାବିଦ୍ୟାଳୟର ସହକାରୀ ଡିନ୍ ଡା. ଦୁର୍ଗାପ୍ରସାଦ ଦାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଶିବିରରେ ଡା. ରମାକାନ୍ତ ରାଉତ, ଡା. ଦୁର୍ଗାପ୍ରସାଦ ଦାସ, ଡା. ରବିନାରାୟଣ ତ୍ରିପାଠୀ, ଡା. ଦେବାଶିଷ ଶତପଥୀ ପ୍ରମୁଖ ଉପସ୍ଥିତ ରହି ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ। ଶିବିର ପରିଚାଳନାରେ ଗୌରାଙ୍ଗ ଚରଣ ରାଉତ, ନରେନ୍ଦ୍ର କୁମାର ରାଉତ, ପ୍ରତାପ ଚନ୍ଦ୍ର ସିଂହ, ବିଶ୍ୱନାଥ ସାହୁଙ୍କ ସମେତ ମନ୍ଦିରର ସଦସ୍ୟମାନେ ସହଯୋଗ କରିଥିଲେ।

### କୃମିନାଶ ଦିବସ

ବାଙ୍କୀ, ୧୩।୮ (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଉପଖଣ୍ଡ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୃମିନାଶ ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ବାଙ୍କୀ ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ସରକାରୀ, ବେସରକାରୀ ବିଦ୍ୟାଳୟ ଓ କଲେଜରେ ଏହି କାର୍ଯ୍ୟକ୍ରମ କରାଯାଇଛି। ୧ରୁ ୧୯ ବର୍ଷ, ଗର୍ଭବତୀ ଓ ସମସ୍ତ ମହିଳାଙ୍କୁ ଔଷଧ ଦିଆଯାଇଥିଲା। ଏଥିସହ ସରଣ୍ଡା ବିଦ୍ୟାପୀଠରେ ଡା. ସାହୁଙ୍କ ଉପସ୍ଥିତିରେ ପିଲାଙ୍କୁ ଔଷଧ ଦିଆ ଯାଇଥିଲା। ବୁଧବାର ୨୫,୩୩୬ ଔଷଧ ସେବନ କରିଥିବା ଡା. ସାହୁ କହିଛନ୍ତି। ବିପିଏମ୍ ଚିତ୍ତରଞ୍ଜନ ଦାଶ ଓ ପିଏଚ୍‌ଓ ମାନଭଞ୍ଜନ ଦଳେଇ ପରିଚାଳନା କରିଥିଲେ। ଶେଫାଳିକା ଦାଶ, ମନୋଜ ସାହୁ, ପ୍ରୀତିମତା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ


ରୋଗୀଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଛି।

## ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବଡ଼ମ୍ବା, ୧୩।୮ (ମାୟାଧର ମଲ୍ଲିକ) : କଟକ ଜିଲା ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଖରୋଡ଼ ଗାଁର ରାଜେଶ ବେହେରା (୨୪)।

ରାଜେଶଙ୍କୁ ଜ୍ୱର ହେବାରୁ ସେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ଆସିଥିଲେ। ସେଠାରେ ମେଡିସିନ ସ୍ପେଶାଲିଷ୍ଟ ଡା. ସୁନୀଲ କୁମାର ସାହୁ ରାଜେଶଙ୍କୁ ଦେଖି ଏକ ଇଞ୍ଜେକ୍ସନ ନେବାକୁ ପ୍ରେସ୍କ୍ରାଇବ କରିଥିଲେ। ପ୍ରେସ୍କ୍ରାଇବ ଅନୁଯାୟୀ ଇଞ୍ଜେକ୍ସନକୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ନର୍ସଙ୍କ ଦ୍ୱାରା ଦିଆଯାଇଥିଲା। ପରେ ରାଜେଶଙ୍କ ବ୍ଲଡ୍ ପ୍ରେସର ହଠାତ୍ ଲୋ ହେବା ସହ ମୃତ୍ୟୁ ହୋଇଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଡାକ୍ତର ସାହୁଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ। ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଦୋଳଗୋବିନ୍ଦ ଜେନାଙ୍କୁ ପଚାରିବାରେ ରୋଗୀଙ୍କଠାରେ ଫିଡ୍‌ସ ଥିଲା। ଫଳରେ ପ୍ରବଳ ତାତି ଦେଖାଯାଇଥିଲା। ତାଙ୍କୁ ଭୁଲ୍ ଇଞ୍ଜେକ୍ସନ ଦିଆଯାଇନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କୁ ପଚାରିବାରେ ରୋଗୀଙ୍କ ଭୁଲ୍ ଇଞ୍ଜେକ୍ସନରେ ମୃତ୍ୟୁ ଅଭିଯୋଗକୁ ନେଇ ଏକ ଅପମୃତ୍ୟୁ ମାମଲା (୨୧/୨୫) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ମାନସିକ ଚିନ୍ତା, ଯନ୍ତ୍ରଣାଠାରୁ ଦୂରେଇ ରୁହ



ସଚେତନତା କାଯ୍ରକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ଓ ଅନ୍ୟମାନେ।

## ଅଂଶୁପା ସ୍ନାତକ ମହାବିଦ୍ୟାଳୟ

ବାଙ୍କୀ, ୧୩।୮ (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଉପଖଣ୍ଡ ସରଣ୍ଡାଗଡ଼ସ୍ଥିତ ଅଂଶୁପା ସ୍ନାତକ ମହାବିଦ୍ୟାଳୟରେ ବୁଧବାର ମହାବିଦ୍ୟାଳୟ ଅଧକ୍ଷ ଧରଣୀଧର ଜେନାଙ୍କ ଅଧ୍ୟକ୍ଷତାରେ 'ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ସଚେତନତା, ସୁସ୍ଥ ଯୁବ ମାନସ ଦୀପ୍ତିମାନ ଭବିଷ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ମାନସିକ ରୋଗ ବିଶେଷଜ୍ଞ ଡା. ଜ୍ୟୋତି ପ୍ରକାଶ, ସି. କେ. ଆଚାର୍ଯ୍ୟ , ସମ୍ମାନିତ ଅତିଥି ଚଇତାଳି ସୋମ, ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନସିକ ଚିନ୍ତା ଓ ଯନ୍ତ୍ରଣାଠାରୁ ଦୂରେଇ ରହିବା, କଲେଜରେ କେବଳ ପାଠ ପଢ଼ିବା, ଶିକ୍ଷୟିତ୍ରୀ ଶିକ୍ଷକ ଓ ସହପାଠୀଙ୍କ ସହ ଉତ୍ତମ ବ୍ୟବହାର ରଖିବା, ପରିବେଶ ସୁରକ୍ଷା ପାଇଁ ନିଜକୁ ସମର୍ପିତ କରିବା। ଏତଦ୍ ବ୍ୟତୀତ ଯଦି କୌଣସି ପରିସ୍ଥିତିରେ କିଛି ଘଟଣା ଘଟେ, ତେବେ ମାନସିକ ଚାପ ରହିଲେ ମଧ୍ୟ ତାହାକୁ ସାମ୍ନା କରିବା ଓ ସମାଧାନ ଦିଗରେ ପରିବାର ଏବଂ ବିଶ୍ୱସ୍ତ ବନ୍ଧୁମାନଙ୍କ ସହଯୋଗ ନେବା, ଆତ୍ମହତ୍ୟା କରିବା କିମ୍ବା ଉଦ୍ୟମ କରିବା ଦ୍ୱାରା ସମସ୍ୟାର ସମାଧାନ ହୁଏନାହିଁ ବୋଲି ମୁଖ୍ୟ ଅତିଥି ଓ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଆଲୁମିନିର ଅଙ୍କିତ ଜେନା, ସୁରଞ୍ଜନା ଆଚାର୍ଯ୍ୟ ଓ କାଳିଆ ବେହେରା ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

# କେନାଲରେ ଗାଧୋଇବା ବେଳେ ଗୋଡ଼ ଖସି ଛାତ୍ରୀ ନିଖୋଜ

ସାଲେପୁର, ୧୩।୮ (ଅରବିନ୍ଦ ଭୂୟାଁ)

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ନରଦାସ୍ଥିତ ପଞ୍ଚାମୁଣ୍ଡାଇ କେନାଲରେ ଗାଧୋଉ ଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରୀ ବୁଧବାର ପୂର୍ବାହ୍ଣରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ନରଦା ଗ୍ରାମର ପ୍ରହଲ୍ଲାଦ ସ୍ୱାଇଁଙ୍କ ଝିଅ ସୁଚିତ୍ରା(୧୩)। ସୁଚିତ୍ରା କେନାଲରେ ଗାଧୋଉଥିବା ବେଳେ ଗୋଡ଼ ଖସି ଯାଇଥିଲା। କେନାଲରେ ପାଣି ପୂର୍ଣ୍ଣଥିବାବେଳେ ସେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ କର୍ମଚାରୀ ଓ ପୋଲିସ ଖୋଜାଖୋଜି ଜାରି ରଖିଥିଲେ ହେଁ ସୁଚିତ୍ରାଙ୍କ ପତ୍ତା ମିଳିପାରିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରହିଛି।

# ବଜ୍ରପାତରେ ୩ ବଖରା ଭସ୍ମୀଭୂତ

ସାଲେପୁର, ୧୩।୮ (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ରାଇସୁଙ୍ଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଧୂଆଁସାହି ଗାଁରେ ବୁଧବାର ଗୀତାଞ୍ଜଳି ପଣ୍ଡାଙ୍କ ୨ ବଖରା ଓ କୈଳାସ ମିଶ୍ରଙ୍କ ୧ ବଖରା ଉପରେ ବଜ୍ରପାତ ଯୋଗୁ ଭସ୍ମୀଭୂତ ହୋଇଛି। ଏଥିରେ ସେମାନଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ସାଲେପୁର ଓ କୁଆଁପାଳ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲା ପ୍ରଶାସନ ପାଖରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ମହାବିଦ୍ୟାଳୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

ସାଲେପୁର, ୧୩।୮ (ଅରବିନ୍ଦ ଭୂୟାଁ): ସାଲେପୁର ଫାର୍ମାସୀ ମହାବିଦ୍ୟାଳୟ ପରିସରରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ ଡ. ଅଶ୍ୱିନୀ କୁମାର୍ ସେନାପତି ବର୍ତ୍ତମାନ ପଠନ ଅଭ୍ୟାସର ଅଭିବୃଦ୍ଧି ପାଇଁ ଅଧୀକ ଗ୍ରନ୍ଥାଗାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି ଅଧ୍ୟାପକ ଡ. ଏଚକେ ସନ୍ଦୀପ କୁମାର ଗ୍ରନ୍ଥାଗାରଗୁଡ଼ିକ ଡିଜିଟାଲାଇଜ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗ୍ରନ୍ଥାଗାରିକ ବିଜ୍ଞାନର ଜନକ ପଦ୍ମଶ୍ରୀ ଏସ୍‌ଆର ରଙ୍ଗନାଥନଙ୍କ ସ୍ମୃତିରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ପ୍ରବୀର୍ କୁମାର ସିହ୍ନା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅଧକ୍ଷ ତାଙ୍କ ଭାଷଣରେ ପଦ୍ମଶ୍ରୀ ରଙ୍ଗନାଥନଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଗ୍ରନ୍ଥାଗାର ବିଜ୍ଞାନର ଗୁରୁତ୍ୱ ଉପରେ ବିଚାର ରଖିଥିଲେ। ଏଥିସହ କାର୍ଯ୍ୟକ୍ରମରେ ମୁଖ୍ୟ ଗ୍ରନ୍ଥାଗାରିକ ଦେବାଶିଷ କର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀ ଯୋଗଦେଇଥିଲେ।

# ନିଶାଖୋର ବ୍ୟକ୍ତିଙ୍କ ସାମାଜିକ, ଶାରୀରିକ କ୍ଷତି ହୁଏ


ନିଶାମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ବାଙ୍କୀରେ ନିଶାମୁକ୍ତ ଭାରତ ଅଭିଯାନ

ବାଙ୍କୀ, ୧୩।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଖଣ୍ଡସ୍ଥ ବାଆଁରା ମିଳିତ ଉଚ୍ଚ ବିଦ୍ୟାଳୟଠାରେ ନିଶାମୁକ୍ତ ଭାରତ ଅଭିଯାନର ବୁଧବାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ନିଶା ନିବାରଣ ଓ ନିଶାଦ୍ରବ୍ୟକୁ ବର୍ଜନ କରିବା ସକାଶେ ନାଟକ ମାଧ୍ୟମରେ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଆୟୁର୍ବେଦିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିଶାସେବନରୁ କିପରି ମୁକ୍ତ ହେବ ଓ ଏହା ସାମାଜିକ ବ୍ୟାଧି ଭାବେ ନାଟକ ମାଧ୍ୟମରେ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଆୟୋଜିତ ନିଶାମୁକ୍ତ ଭାରତ ଅଭିଯାନକୁ ଶ୍ରୀଶ୍ରୀ ଆୟୁର୍ବେଦିକ ମହାବିଦ୍ୟାଳୟର ସହକାରୀ ଡିନ୍ ଡା. ଦୁର୍ଗାପ୍ରସାଦ ଦାସ ଉଦ୍‌ଘାଟନ କରିବା ସହିତ ନିଶାସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ନିଶାସେବନ ଏକ ବ୍ୟାଧି ଓ ଏହାଦ୍ୱାରା ବିଭିନ୍ନ ପ୍ରକାରର ରୋଗ ହୋଇଥାଏ। ନିଶାଖୋର ବ୍ୟକ୍ତିଙ୍କ ସାମାଜିକ, ମାନସିକ ଓ ଶାରୀରିକ କ୍ଷତି ହୁଏ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ରମାକାନ୍ତ ରାଉତ, ଡା. ରବିନାରାୟଣ ତ୍ରିପାଠୀ ଓ ଡା. ଧ୍ରୁବ ପ୍ରସାଦ ଯୋଗଦେଇ ମାଦକ ଦ୍ରବ୍ୟ ଓ ଏହାର କ୍ଷତିକାରକ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁରୁଚରଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୌରାଙ୍ଗ ଚରଣ ରାଉତ, ନିରଞ୍ଜନ ବେହେରା ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଓ ଜନସାଧାରଣ ଯୋଗ ଦେଇଥିଲେ।


ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
**OFFICE OF THE MUNICIPAL COUNCIL: JATANI**
ସ୍ଥାନ:ଜଟଣୀ, ଜିଲ୍ଲା–ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

**EXPRESSION OF INTEREST (EOI)**
No.4756 / Jatani, Date- 12.08.2025

**No.C-870:** The Executive Officer, Jatni Municipality, invites sealed Expression of Interest (EOI) from registered and reputed Technical Experts/Consultants/Firms having valid Income Tax Return, GST Registration and Company Registration Certificates to submit technical and financial proposals for **Preparation of Detailed Project Reports (DPRs) under Young Gamechangers Initiative (YGI) in Jatni for implementation of design and beautification plans for two identified public spaces of (1) Mundia Sahi Park & Ground in Ward 7; (2) Maa Uttarayanee Youth Club Ground in Ward 11.** The last date and time for receipt of EOI is dt.25.08.2025 at 03.00 PM and the bids will be opened on the same day at 04.00 PM in the chamber of the Executive Officer, Jatni Municipality, Jatni, in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0044/2526 **Sd./- Executive Officer, Jatni Municipality**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
**OFFICE OF THE MUNICIPAL COUNCIL: JATANI**
ସ୍ଥାନ:ଜଟଣୀ, ଜିଲ୍ଲା–ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

**NOTICE INVITING EXPRESSION OF INTEREST**
No.4751 / Jatani, Date- 12.08.2025

**No.C-869:** The Executive Officer, Jatni Municipality, invites reputed Consultants/ Organisations having valid Income Tax Return, GST Registration and Organisation Registration Certificates to submit technical and financial proposals for Developing Training Package for Capacity Building of Youth on Planning, Designing and Governance of Public Spaces under Young Gamechangers Initiative (YGI) in Jatni. The last date and time for receipt of proposals is dt.25.08.2025 at 02.30 PM and the bids will be opened on the same day at 04.30 PM in the chamber of the Executive Officer, Jatni Municipality, Jatni in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0045/2526 **Sd./- Executive Officer, Jatni Municipality**

**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, NABARANGPUR**
e-mail : dhionab@gmail.com (06858-222057)

**Tender No. : 8145** **Date : 13.08.2025**

**No.E-312** : Sealed tenders are invited from registered, reputed and experienced Agencies /Firms/ Individuals for **engagement of Vehicle on Monthly hiring basis at O/o CDM & PHO Nabarangpur,1 vehicle ( Mahindra Neo/Scorpio) for DPMU NHM wing**. Interested_bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of tender must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 03.09.25 by 5.00 PM only** through Speed post/ Regd Post/Courier only and the bids, so received will be opened on 04.09.25 at 11:00 AM in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

**Sd./- CDM & PHO cum District Mission Director NHM Nabarangpur**
OIPR-10164/11/0009/2526

**OFFICE OF THE PANCHAYAT SAMITI, NARSINGHPUR**
Dist : Cuttack - 754032
**QUOTATION CALL NOTICE**
**NO-4126 Date-11.08.2025**

**No.i-271** : Sealed quotations are invited from the intending registered firms/ Nurseries & suppliers for supply of Saplings, gabion and fertilisers to 37 nos of GP points of Narsinghpur Block. The prescribed quotation schedule can be obtained from the office of the Block Development Officer, Narsinghpur on payment of Rs-2000/- (Rupees two thousand only) + GST @18% (non-refundable) in shape of cash/ bank draft/ bankers cheque drawn in favour of the Block Development Officer, Narsinghpur payble at Narsinghpur from any nationalised bank from date 14.08.2025 to 22.08.2025 upto 11.00 A.M during office hour except holidays.

The quotation paper along with all documents should reach the undersigned by Regd. Post/ speed post/ courier service or by person on or before date 22.08.2025 upto 01.00 P.M. The quotation will be opened on the same date at 3.30 P.M in presence of the quotationer or their authorised representative if any. The undersigned will not be responsible for any delay in receipt of the quotation paper. The quotation received beyond the schedule date and time will not be considered at all. All items and conditions may be seen in the quotation schedule.
The undersigned has the right to accept, cancel or reject any or all the quotations without assigning any reason thereof.

**Sd./- Block Development Officer Narasinghpur Block, Dist-Cuttack**
OIPR-19046/11/0006/2526

**BRAHMAPUR DEVELOPMENT AUTHORITY**
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail : bedaengineers@gmail.com
Phone No. 0680 2292797
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB)**
**No.CAD-1447** **No.414/BeDA (Engg.), Dt.11.08.2025**

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Water Sports Complex at Sonapur, Ganjam | EM-BeDA-12/2025-26 | 288.00 | "B" Class or Equivalent | 09 (Nine) Calendar Months | 13.08.2025 10.00 Hours | 29.08.2025 17.30 Hours | Engineer Member Brahmapur Development Authority |

- All corrigendum and addenda shall be published in official website only.
- The Bidder shall have to participate in **ON LINE** bidding only.
- Last date for seeking clarification - **Dt.25.08.2025** up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on **Dt.30.08.2025** at 11 Hours.

**Sd./- ENGINEER MEMBER Brahmapur Development Authority, Brahmapur**
OIPR-13086/11/0008/2526

**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**
No.O-585
e-mail ID : eerwrairangpur@yahoo.com
**"e"-Procurement Notice for Road Works**
**Bid Identification No. - RWDRRP-05-2025-26**

1. Name of the work : Periodical maint of post DLP road SH 49 to Aharbandh Neorendraposi Raihari to Jaldiha ODR to Bhagabandi RD road to Sanbantha RD road to Bhanjasara road RD road to Tamalbandh Bijatala to Dumadihi road for the year 2025-26, 2. Estimated Cost : Rs.92.63 lakhs (approximately), 3. Class of Contractor : "B" Class or relevant of works license, 4. Period of Completion : 03 (Three) calendar months, 5. Tender Paper Cost : Rs.10,000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W Division, Rairangpur | RWDRRP-05/2025-26 | 14.08.2025 at 11.00 A.M. | 30.08.2025 up to 5.00 P.M. | 29.08.2025 up to 5.00 P.M. | 01.09.2025 at 11.30 A.M. | Will be intimated later |

Further details can be seen from the website : www.tendersodisha.gov.in

**Sd./- Er. Sanjeet Naik Executive Engineer, R.W. Division, Rairangpur**
OIPR-25107/11/0025/2526

GOVERNMENT OF ODISHA No.i-270
**OFFICE OF THE PANCHAYAT SAMITI DHARMASALA, JAJPUR**
**'E' Procurement Notice No. Tender Online 01DMSL/2025-26**

1. **Name of work** : **Building Works**
2. **Total No of Work** : 6 No. of Work
3. **Estimated Cost (Approx.)** : Rs.13.94 lakhs - Rs.15.09 lakhs
4. **Period of Completion** : 180 days
5. **Class of contractors** : C & D

**Other details as follows**
a) Procurement Officer : Block Development Officer, Dharmasala, Jajpur
b) Availability of tender online & submission of bid : 16.08.2025 at 11.00 AM to 01.09.2025 up to 5.00 PM
c) Last date & time of seeking of tender clarification : 30.08.2025 up to 5.00 PM
d) Opening of Tender : 02.09.2025 at 11.00 A.M.

Further details can be seen from the Govt. website **www.tendersodisha.gov.in**

OIPR-19216/11/0002/2526 **Sd./- Block Development Officer Dharmasala**

See Career Appointment on every Wednesday & Saturday

# ଜଟଣୀ ଗଣେଶ ପୂଜା: ଗୁରୁତ୍ୱ ପାଇବ ଐତିହ୍ୟ, ପରମ୍ପରା



ଖବରଦାତା ସମ୍ମିଳନୀରେ ଜଟଣୀ ବ୍ୟବସାୟୀ ମହାସଂଘ ଓ ଭସାଣି କମିଟିର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଜଟଣୀ,୧୩।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ୟବସାୟୀ ମହାସଂଘ ଓ ଭସାଣି କମିଟି ପକ୍ଷରୁ ମିଳିତ ଭାବେ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ବୁଧବାର ଆୟୋଜିତ ହୋଇଯାଇଛି। ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମସ୍ଥ ଖରଣା କଲ୍ୟାଣ ମଣ୍ଡପରେ ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ ଏବଂ ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମକେଶରୀ ରାଉତରାୟଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଟଣୀର ୨୦ଟି ବ୍ୟବସାୟୀ ସଂଘର ସଭାପତି, ସମ୍ପାଦକଙ୍କ ସହିତ ବହୁ ବ୍ୟବସାୟୀ ଯୋଗ ଦେଇଥିଲେ। ମହାସଂଘର ସମ୍ପାଦକ ପୁଲିନ କୁମାର ରାଉତରାୟ, କୋଷାଧ୍ୟକ୍ଷ ରମେଶଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର ଅଗ୍ରୱାଲଙ୍କ ସହ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରସ୍ତୁତି ବୈଠକରେ ଗଣେଶ ଚତୁର୍ଥୀଠାରୁ ଭସାଣି ପର୍ଯ୍ୟନ୍ତ କିପରି ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତରେ ଯାକଜମକରେ ପୂଜା ଆୟୋଜନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟିରେ ରହିଥିବା ସୁବିଧା ଅସୁବିଧାକୁ ଉପସ୍ଥିତ କରାଇ କମିଟି ପକ୍ଷରୁ ଉପସ୍ଥାପିତ କରାଯାଇଥିଲା। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ମିଳୁଥିବା ପ୍ରତିଶ୍ରୁତି ଠିକ ଭାବେ ପାଳନ କରାଯାଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଟଣୀ ଗଣେଶ ଉତ୍ସବରେ ପରମ୍ପରା ଓ ଐତିହ୍ୟକୁ ବଜାୟ ରଖି ଗଣେଶ ଉତ୍ସବ ପାଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସେହିପରି ପ୍ରତିବର୍ଷ ଭଳି ଭସାଣି ପର ଦିନ ଜଟଣୀର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବା, ପୂଜା ସମୟରେ ୨୪ ଘଣ୍ଟା ବିଦ୍ୟୁତ, ସହର ଏବଂ ପୂଜା ପେଣ୍ଡାଲ ଚାରିପାଖର ପରିମଳ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ପେଣ୍ଡାଲରେ ଅଗ୍ନି ନିରାପତ୍ତା, ପାନୀୟଜଳ ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା ଆଦି ନେଇ ଆଲୋଚନା ହୋଇଥିଲା। ସରକାରୀ ଅନୁମତି ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ପ୍ରଶାସନ ପକ୍ଷରୁ ପୂଜା ଆୟୋଜନ ପାଇଁ ପରମିଶନ ଦେବାକୁ ଅନୁରୋଧ କରାଯିବ। ମୂର୍ତ୍ତି ବିସର୍ଜନ ପାଇଁ ସୁବ୍ୟବସ୍ଥିତ ଅସ୍ଥାୟୀ ପୁଷ୍କରିଣୀ ନିର୍ମାଣ କରିବା ଓ ପୂଜାସ୍ଥଳୀଠାରୁ ଆରମ୍ଭ କରି ବିସର୍ଜନସ୍ଥଳ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଆଲୋକୀକରଣ ବ୍ୟବସ୍ଥା କରିବା, ଭସାଣିଯାତ୍ରାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ସାହିବସ୍ତି

**ଭସାଣି ପରଦିନ ବନ୍ଦ ରହିବ ବ୍ୟବସାୟ ପ୍ରତିଷ୍ଠାନ**

ଏବଂ କ୍ଲବ ପକ୍ଷରୁ ପୂଜା ପାଉଥିବା ବିଗ୍ରହଙ୍କ ବିସର୍ଜନ ଯାତ୍ରା ପାଇଁ ପୃଥକ ଶୋଭାଯାତ୍ରା, ସମୟ ଓ ମାର୍ଗ ନିର୍ଦ୍ଧାରଣ କରାଯିବାକୁ ପ୍ରଶାସନକୁ କୁହାଯିବ। ବିସର୍ଜନ ଶୋଭାଯାତ୍ରାରେ ଆସୁଥିବା ମେଢ଼ମାନଙ୍କୁ ସମ୍ବର୍ଦ୍ଧନା ପାଇଁ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳଙ୍କ ପକ୍ଷରୁ ମଞ୍ଚ ନିର୍ମାଣକୁ ବାରଣ ପାଇଁ ଅନୁରୋଧ କରିବା ନେଇ ଆଲୋଚନା କରାଯାଇଛି। ଏହି ଅବସରରେ ଜଟଣୀର ପୂର୍ବତନ ନଗରପାଳ ତଥା ଭସାଣି କମିଟି ସଭାପତି ସଂଗ୍ରାମ କେଶରୀ ରାଉତରାୟ, ବ୍ୟବସାୟୀ ମହାସଂଘ ଯୁଗ୍ମସମ୍ପାଦକ ରମେଶଚନ୍ଦ୍ର ମହାପାତ୍ର, ଜାନକୀବଲ୍ଲଭ ମିଶ୍ର, ସୁରେନ୍ଦ୍ର ସାହୁ, ରବୀନ୍ଦ୍ର ଅଗ୍ରୱାଲ, ଶରତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ତ୍ରିରଙ୍ଗା ଦେଶବାସୀଙ୍କ ସମ୍ମାନ, ଗୌରବ



କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

**ଜିଲ୍ଲା ପ୍ରଶାସନ ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା' ପଦଯାତ୍ରା**

ଖୋର୍ଦ୍ଧା,୧୩।୮ (ପ୍ରଭାତ ପାଣିଗ୍ରାହୀ)

୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବୁଧବାର ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଖୋର୍ଦ୍ଧା ଟାଉନ ହଲ୍ ପର୍ଯ୍ୟନ୍ତ 'ହର୍ ଘର୍ ତ୍ରିରଙ୍ଗା' ପଦଯାତ୍ରା ଆୟୋଜିତ ହୋଇଯାଇଛି। ଆଇନ ଓ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆମ ସମସ୍ତଙ୍କୁ ଦେଶପ୍ରେମ ସୂତ୍ରରେ ବାନ୍ଧିବାରେ ସଫଳ ହେଉଛି। ଜାତୀୟ ପତାକା ଦେଶବାସୀଙ୍କ ପାଇଁ ସମ୍ମାନ ଓ ଗୌରବ ବହନ କରିଥାଏ। ଏହା ହେଉଛି ଆମ ଦେଶର ପ୍ରତୀକ। ଆମ ଜାତୀୟ ପତାକା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ। ଏହା ମଧ୍ୟ ରାଷ୍ଟ୍ରୀୟ ଏକତା, ସହିଷ୍ଣୁତା ଓ ବନ୍ଧୁତାର ପ୍ରତୀକ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ଲଢେଇରେ ସଫଳ ହେବେ ନାହିଁ। ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣିତ କରିଥାଏ ବୋଲି ହରିଚନ୍ଦନ ପ୍ରକାଶ କରିଥିଲେ। ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଦାୟିତ୍ୱ ପ୍ରତି ସଚେତନ ହେବାକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଅମୃତ ଋତୁରାଜ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଭାଜପା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶତାଧିକ ଜନପ୍ରତିନିଧି, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ କର୍ମଚାରୀ ଏବଂ ଜନସାଧାରଣ ଯୋଗଦେଇଥିଲେ।

# ପୌର ପ୍ରଶାସନର ଗଣେଶ ପୂଜା ପ୍ରାକ୍ ପ୍ରସ୍ତୁତି ବୈଠକ



ପୌର ପରିଷଦ ପକ୍ଷରୁ ଆୟୋଜିତ ଗଣେଶ ପୂଜା ପ୍ରସ୍ତୁତି ବୈଠକ।

ଜଟଣୀ,୧୩।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ମା' ଉତ୍ତରାଣୀ କ୍ଲବ ପରିସରରେ ଜଟଣୀ ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗରପାଳ ଅନନ୍ତ ବେହେରା ସଭାପତିତ୍ୱ କରିଥିଲେ। ଜଟଣୀ ଗଣେଶ ପୂଜା ସମୟରେ ପରିମଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଜଳଯୋଗାଣ, ଗମନାଗମନ ସହିତ ଆଇନ ଏବଂ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂଜାକୁ ସରସ ସୁନ୍ଦର କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ନଗରପାଳ ବେହେରା କହିଥିଲେ। ବୈଠକରେ ପୌର ଉପାଧ୍ୟକ୍ଷା ଆରତି ରାଉତ, ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣ ମିଶ୍ର, ଥାନା ଏସ୍ଆଇ, ଅଗ୍ନିଶମ ଅଧିକାରୀ, ଆର୍ ଆଣ୍ଡ ବି ଯନ୍ତ୍ରୀ, ୱାଟକୋ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ, ପୌର କର୍ମଚାରୀଙ୍କ ସହିତ ବିଭିନ୍ନ ସାହି ବସ୍ତି ଓ କ୍ଲବ ପୂଜା କମିଟିର ସଦସ୍ୟ, ସ୍ଥାନୀୟ କାଉନସିଲର ଏବଂ ସାଧାରଣ ଜନତା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଏହି ବୈଠକରେ ଗଣେଶ ପୂଜାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଜଟଣୀ ବ୍ୟବସାୟୀ ମହାସଂଘରୁ କେବଳ ୩ଟି ବ୍ୟବସାୟୀ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲାବେଳେ ଅନ୍ୟ ବ୍ୟବସାୟୀ ସଂଘ, ବିଧାୟକ, ସାଂସଦ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତିକୁ ନେଇ ଅନେକ ପ୍ରଶ୍ନ ଉଠିଛି।

# ଯୁକ୍ତ ୩ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଳମ୍ବ

**ଅଭିଭାବକଙ୍କ ଅସନ୍ତୋଷ, ଶୀଘ୍ର ବିଜ୍ଞପ୍ତି ପ୍ରକାଶ ଦାବି**

ନିରାକାରପୁର,୧୩।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଚଳିତ ଶିକ୍ଷାବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଗତ ଜୁନ୍ ୨୫ରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇ ଜୁଲାଇ ୧୮ରେ ଫଳ ପ୍ରକାଶ ପାଇସାରିଛି। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଯୁକ୍ତ୩ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆଶା ବାନ୍ଧି ବସିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପର୍ଯ୍ୟାୟ କ୍ରମେ ଯୁକ୍ତ ୩ ଶ୍ରେଣୀରେ ଆଡ୍‌ମିଶନ ପ୍ରକ୍ରିୟା ସରି କ୍ଲାସ ଆରମ୍ଭ ହୋଇସାରିଛି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ କଲେଜରେ ଖାଲିପଡ଼ିଥିବା ସିଟ୍‌ଗୁଡ଼ିକରେ ଆଡ୍‌ମିଶନ ପାଇଁ ଅନଲାଇନ ଆବେଦନପତ୍ର ପଠାଇବାକୁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତିକୁ ଅନେକ ଆଶାୟୀ ଅପେକ୍ଷା କରିଛନ୍ତି। ଅନ୍‌ଲାଇନ୍ ଆବେଦନ ପାଇଁ ଯଥାଶୀଘ୍ର ବିଜ୍ଞପ୍ତି ପ୍ରକାଶ କରାଯିବାକୁ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଦାବି କରିଛନ୍ତି। ଆଡ୍‌ମିଶନ ପ୍ରକ୍ରିୟା ତୁରନ୍ତ ଶେଷ ହେଲେ ବିଳମ୍ବରେ ଯୁକ୍ତ ୩ ଶ୍ରେଣୀରେ ନାମ ଲେଖାଇଥିବା ବିଦ୍ୟାର୍ଥୀମାନେ ସେମାନଙ୍କ ପାଠ୍ୟକ୍ରମକୁ ଠିକ୍ ସମୟରେ ଶେଷକରିବାର ସୁଯୋଗ ପାଇବେ ବୋଲି ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି। ଏନେଇ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ଆଗାମୀ ଦିନରେ ବିଜ୍ଞପ୍ତି ଏବଂ ସାମ୍ଭ ନୋଟିସ ପ୍ରକାଶ ପାଇବା ପରେ ଉପଯୁକ୍ତ ଛାତ୍ରଛାତ୍ରୀମାନେ ଆଡ୍‌ମିଶନ କରିପାରିବେ।

# ସଂସ୍କୃତ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ

କୃଷ୍ଣପ୍ରସାଦ,୧୩।୮ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନୂଆପଡ଼ାସ୍ଥିତ ରୁକ୍ମଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଧର୍ମାନନ୍ଦ ପଲାଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ବରିଷ୍ଠ ଅଧ୍ୟାପିକା ଅନସୂୟା ମହାପାତ୍ର ଯୋଗଦେଇ ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଂସ୍କୃତ ଅଧ୍ୟାପକ ଗୋପାଳକୃଷ୍ଣ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା, ସଂସ୍କୃତ ଅଧ୍ୟାପିକା ବାସନ୍ତୀ ସେଠୀ, ଅଧ୍ୟାପକ ଦିଲ୍ଲୀପ କୁମାର ଜେନା, ମନୋଜ କୁମାର ପ୍ରଧାନ, ଧୀରେନ୍ଦ୍ର ପଲେଇ, ବିକାଶ ମହାପାତ୍ର, ସୁକାନ୍ତ ମାନସିଂହ, ଅଧ୍ୟାପିକା ଚିନ୍ମୟା ବିଶ୍ୱାଳ, ବରିଷ୍ଠ କିରାଣି ଲକ୍ଷ୍ମୀଧର ପ୍ରଧାନ, ଗ୍ରନ୍ଥାଗାରିକ ଦୁଷ୍ମନ୍ତ କୁମାର ପ୍ରଧାନ ପ୍ରମୁଖ ସଂସ୍କୃତ ଭାଷା ସପ୍ତାହ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ଳୋକ ଆବୃତ୍ତି, ସଂସ୍କୃତରେ ଅଭିଭାଷଣ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ଗ୍ରନ୍ଥାଗାରିକ ସନାତନ ତରେଇ ଧନ୍ୟବାଦ ଦେଇଥିଲେ।

# ଦିଲ୍ଲୀ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେବେ ଓମ୍ ପ୍ରିୟଦର୍ଶୀ

ଖୋର୍ଦ୍ଧା,୧୩।୮ (ପ୍ରଭାତ ପାଣିଗ୍ରାହୀ)

ନୂଆଦିଲ୍ଲୀର ଲାଲକିଲ୍ଲାରେ ହେବାକୁ ଥିବା ଜାତୀୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଖୋର୍ଦ୍ଧାର ଓମ୍ ପ୍ରିୟଦର୍ଶୀ ଛୋଟରାୟ ଯୋଗଦେବେ। ଭାରତ ସରକାରଙ୍କ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାକୁ ସେ ନିମନ୍ତ୍ରଣ ପାଇଛନ୍ତି। ଏଥିପାଇଁ ତାଙ୍କୁ ପ୍ରତିରକ୍ଷା ମନ୍ତ୍ରାଳୟ ଏବଂ ଏନ୍‌ସିସି ପକ୍ଷରୁ ସୂଚନା ଦିଆଯାଇଥିଲା। ଓମ୍ ପୂର୍ବରୁ ବ୍ରିକ୍ସ, ଜି-୨୦, ବିଶ୍ୱ ପରିବେଶ ସମ୍ମିଳନୀ, କମନୱେଲଥ ଭଳି ଅନେକ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିସାରିଛନ୍ତି।



ଓମ୍ ପ୍ରିୟଦର୍ଶୀ ଛୋଟରାୟ

ଇତିହାସ, ପରିବେଶ ଓ ବୈଦେଶିକ ସମ୍ବନ୍ଧ ଅଧ୍ୟୟନରେ ରୁଚି ରଖିଥିବା ଓମ୍ ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଯୁବଲେଖକ ପୁରସ୍କାରରେ ସମ୍ମାନିତ ହୋଇସାରିଛନ୍ତି। ସେ ପୂର୍ବରୁ ୱାଇ-୨୦ ଯୁବବର୍ଗର କୋଷାଧ୍ୟକ୍ଷ ରହିଥିଲେ। ଏନ୍‌ଆଇଟି ରାଉରକେଲା ଏବଂ ଏନ୍‌ଆଇଆର୍‌ଡିପିଆର୍ ହାଇଦ୍ରାବାଦରୁ ସ୍ନାତକୋତ୍ତର ସମାପ୍ତ କରିଥିବା ଓମ୍ ସମ୍ପ୍ରତି ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟରେ ଯୁବ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି।

# ଦେଶପ୍ରେମ ଜାଗ୍ରତ କରୁଛି ତ୍ରିରଙ୍ଗା ଶୋଭାଯାତ୍ରା

କୃଷ୍ଣପ୍ରସାଦ,୧୩।୮ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ଡିଛିଣି ଶ୍ରୀତ୍ରିଲୋଚନେଶ୍ୱର ଦେବଙ୍କ ପୀଠରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଅଞ୍ଚଳ ପରିକ୍ରମା କରିଛି। 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଆସନ୍ତା ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ପ୍ରତି ଘରେ ଜାତୀୟ ପତାକା ଲଗାଇବାକୁ ତ୍ରିରଙ୍ଗା ଶୋଭାଯାତ୍ରା କରିଆରେ ଲୋକମାନଙ୍କୁ ଅନୁରୋଧ କରାଯାଇଛି। କେନ୍ଦ୍ରରେ ମୋଦି ସରକାର ସାରା ଦେଶକୁ ସୁରକ୍ଷାକୁ ସୁନିଶ୍ଚିତ କରି ଶତ୍ରୁକୁ ପ୍ରତି ସମୟରେ କଡ଼ା ଜବାବ ଦେଉଥିବା ବେଳେ ପ୍ରତିଟି ଲୋକଙ୍କ ମନରେ ଦେଶ ମାତୃକା ପ୍ରତି ସମ୍ମାନ ଓ ଭଲ ପାଇବା ସହ ତ୍ରିରଙ୍ଗା ପ୍ରତି ସମ୍ମାନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯାଇଛି। ସମସ୍ତଙ୍କ ମଧ୍ୟରେ ମାତୃଭୂମିର ମହତ୍ତ୍ୱ, ଭାଇଚାରା ସୃଷ୍ଟି କରିବା ସହ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ଯାତ୍ରା କରାଯାଇଥିବା ବରିଷ୍ଠ ଭାଜପା ନେତା ଦୀନବନ୍ଧୁ ଜେନା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଶରତ ଚନ୍ଦ୍ର ଜେନା, ସୁରେନ୍ଦ୍ର କୁମାର ବିଶ୍ୱାଳ, ଦେବାଶିଷ ଜଗଦେବ ନାୟକ, ପ୍ରଶାନ୍ତ କୁମାର ମାନସିଂହ, ମିଠୁ ସିଂହସାମନ୍ତ, ନାଲୁ ପ୍ରଧାନ, କ୍ଷେତ୍ରବାସୀ ପଲେଇ, ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ସରପଞ୍ଚ ବୀଣାପାଣି ପ୍ରଧାନ, ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ଯୁବ ନେତୃତ୍ୱ ବିଶ୍ୱଜିତ ବିଶ୍ୱାଳ, ମନୋଜ କୁମାର ଜେନା, ପ୍ରିୟବ୍ରତ ସିଂହସାମନ୍ତ, ଭିକାରୀ ବିଶ୍ୱାଳ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।



କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ଡିଛିଣି ଶ୍ରୀତ୍ରିଲୋଚନେଶ୍ୱର ଦେବଙ୍କ ପୀଠରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ଥାନା:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826
EXPRESSION OF INTEREST (EOI)
No.4756 / Jatani, Date- 12.08.2025
No.C-870: The Executive Officer, Jatni Municipality, invites sealed Expression of Interest (EOI) from registered and reputed Technical Experts/Consultants/Firms having valid Income Tax Return, GST Registration and Company Registration Certificates to submit technical and financial proposals for Preparation of Detailed Project Reports (DPRs) under Young Gamechangers Initiative (YGI) in Jatni for implementation of design and beautification plans for two identified public spaces of (1) Mundia Sahi Park & Ground in Ward 7; (2) Maa Uttarayanee Youth Club Ground in Ward 11. The last date and time for receipt of EOI is dt.25.08.2025 at 03.00 PM and the bids will be opened on the same day at 04.00 PM in the chamber of the Executive Officer, Jatni Municipality, Jatni, in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.
OIPR-13041/11/0044/2526 Sd/- Executive Officer, Jatni Municipality

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ଥାନା:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826
NOTICE INVITING EXPRESSION OF INTEREST
No.4751 / Jatani, Date- 12.08.2025
No.C-869: The Executive Officer, Jatni Municipality, invites reputed Consultants/Organisations having valid Income Tax Return, GST Registration and Organisation Registration Certificates to submit technical and financial proposals for Developing Training Package for Capacity Building of Youth on Planning, Designing and Governance of Public Spaces under Young Gamechangers Initiative (YGI) in Jatni. The last date and time for receipt of proposals is dt.25.08.2025 at 02.30 PM and the bids will be opened on the same day at 04.30 PM in the chamber of the Executive Officer, Jatni Municipality, Jatni in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.
OIPR-13041/11/0045/2526 Sd/- Executive Officer, Jatni Municipality

O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION, NABARANGPUR
e-mail : dhionab@gmail.com (06858-222057)
Tender No. : 8145 Date : 13.08.2025
No.E-312 : Sealed tenders are invited from registered, reputed and experienced Agencies /Firms/ Individuals for engagement of Vehicle on Monthly hiring basis at O/O CDM & PHO Nabarangpur,1 vehicle ( Mahindra Neo/Scorpio) for DPMU NHM wing. Interested bidders may send their complete bid in double cover system (Technical & Financial) separate envelops only. Combined bids will not be considered. Category of tender must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. Last date for receipt of Tender documents is 03.09.25 by 5.00 PM only through Speed post/ Regd Post/Courier only and the bids, so received will be opened on 04.09.25 at 11:00 AM in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
Sd./- CDM & PHO cum District Mission Director NHM Nabarangpur
OIPR-10164/11/0009/2526

OFFICE OF THE PANCHAYAT SAMITI, NARSINGHPUR
Dist : Cuttack - 754032
QUOTATION CALL NOTICE
NO-4126 Date-11.08.2025
No.i-271 : Sealed quotations are invited from the intending registered firms/ Nurseries & suppliers for supply of Saplings, gabion and fertilisers to 37 nos of GP points of Narsinghpur Block. The prescribed quotation schedule can be obtained from the office of the Block Development Officer, Narsinghpur on payment of Rs-2000/- (Rupees two thousand only) + GST @18% (non-refundable) in shape of cash/ bank draft/ bankers cheque drawn in favour of the Block Development Officer, Narsinghpur payble at Narsinghpur from any nationalised bank from date 14.08.2025 to 22.08.2025 upto 11.00 A.M during office hour except holidays.
The quotation paper along with all documents should reach the undersigned by Regd. Post/ speed post/ courier service or by person on or before date 22.08.2025 upto 01.00 P.M. The quotation will be opened on the same date at 3.30 P.M in presence of the quotationer or their authorised representative if any. The undersigned will not be responsible for any delay in receipt of the quotation paper. The quotation received beyond the schedule date and time will not be considered at all. All items and conditions may be seen in the quotation schedule.
The undersigned has the right to accept, cancel or reject any or all the quotations without assigning any reason thereof.
Sd/- Block Development Officer Narasinghpur Block, Dist-Cuttack
OIPR-19046/11/0006/2526

BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail : bedaengineers@gmail.com
Phone No. 0680 2292797
NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB)
No.CAD-1447 No.414/BeDA (Engg.), Dt.11.08.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1 | Infrastructure Development of Water Sports Complex at Sonapur, Ganjam | EM-BeDA-12/2025-26 | 288.00 | "B" Class or Equivalent | 09 (Nine) Calendar Months | 13.08.2025 10.00 Hours | 29.08.2025 17.30 Hours | Engineer Member Brahmapur Development Authority |

- All corrigendum and addenda shall be published in official website only.
- The Bidder shall have to participate in ON LINE bidding only.
- Last date for seeking clarification - Dt.25.08.2025 up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on Dt.30.08.2025 at 11 Hours.

Sd/- ENGINEER MEMBER Brahmapur Development Authority, Brahmapur
OIPR-13086/11/0008/2526

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR
E-mail ID : eerwrairangpur@yahoo.com
"e"-Procurement Notice for Road Works
Bid Identification No. - RWDRRP-05-2025-26
No.O-585
1. Name of the work : Periodical maint of post DLP road SH 49 to Aharbandh Neorendraposi Raihari to Jaldiha OCR to Bhagabandi RD road to Sanbantha RD road to Bhanjasara road RD road to Tamalbandh Bijatala to Dumadihi road for the year 2025-26, 2. Estimated Cost : Rs.92.63 lakhs (approximately), 3. Class of Contractor : "B" Class or relevant of works license, 4. Period of Completion : 03 (Three) calendar months, 5. Tender Paper Cost : Rs.10,000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of Seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur Technical | Financial |
|---|---|---|---|---|---|---|
| S.E.R.W Division, Rairangpur | RWDRRP-05/2025-26 | 14.08.2025 at 11.00 A.M | 30.08.2025 up to 5.00 P.M | 29.08.2025 up to 5.00 P.M | 01.09.2025 at 11.30 A.M. | Will be intimated later |

Further details can be seen from the website : www.tendersodisha.gov.in
Sd/- Er. Sanjeet Naik Executive Engineer, R.W. Division, Rairangpur
OIPR-25107/11/0025/2526

GOVERNMENT OF ODISHA No.i-270
OFFICE OF THE PANCHAYAT SAMITI DHARMASALA, JAJPUR
'E' Procurement Notice No. Tender Online 01DMSL/2025-26
1. Name of work : Building Works
2. Total No of Work : 6 No. of Work
3. Estimated Cost (Approx.) : Rs.13.94 lakhs - Rs.15.09 lakhs
4. Period of Completion : 180 days
5. Class of contractors : C & D
Other details as follows
a) Procurement Officer : Block Development Officer, Dharmasala, Jajpur
b) Availability of tender online & submission of bid : 16.08.2025 at 11.00 A.M to 01.09.2025 up to 5.00 PM
c) Last date & time of seeking of tender clarification : 30.08.2025 up to 5.00 PM
d) Opening of Tender : 02.09.2025 at 11.00 A.M.
Further details can be seen from the Govt. website www.tendersodisha.gov.in
Sd/- Block Development Officer Dharmasala
OIPR-19216/11/0002/2526

See Career Appointment on every Wednesday & Saturday

# ପ୍ରେମିକ ସହ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା

**■ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ ଗିରଫ**
**■ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ହତ୍ୟାକାଣ୍ଡ**

ସୁନ୍ଦରଗଡ଼,୧୩।୮
(ଜୟ ନାରାୟଣ ମେଣ୍ଡୁଲି)

ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଜଣେ ମହିଳା ତାଙ୍କ ପ୍ରେମିକ ଓ ସହଯୋଗୀଙ୍କ ସହିତ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡ ସୁନ୍ଦରଗଡ଼ ସହର ଶଙ୍କରାସ୍ଥିତ ହରିଓମ୍ କଲୋନିରେ ମଙ୍ଗଳବାର ରାତିରେ ଘଟିଛି। ମୃତକ ହେଲେ ଧ୍ରୁବ କେରକେଟା(୬୨)। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ତ୍ରୀ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉର୍ମିଳା କେରକେଟା(୩୬), ତାଙ୍କ ପ୍ରେମିକ ସଦର ଥାନା ତସଲାଡିହି ଗ୍ରାମର ସୁବ୍ରତ ମାଝୀ(୨୪) ଏବଂ ସହଯୋଗୀ ବିମଳ ଦଣ୍ଡସେନା(୩୪)। ଖବରପାଇ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଡୁଲି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ସୁନ୍ଦରଗଡ଼ ଟାଉନ ଥାନାରେ ବିଏନ୍‌ଏସ୍ ଧାରା ୧୦୩(୧)/୩(୫)ରେ ଏକ



ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ।

ହତ୍ୟା ମାମଲା (ନଂ. ୩୪୯/୨୫) ରୁଜୁ କରିଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୁନ୍ଦରଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜେରାବେଳେ ଅଭିଯୁକ୍ତମାନେ ଧ୍ରୁବଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୩ରେ ଉର୍ମିଳା ସବ୍‌ଡେଗା ବ୍ଲକ ଜାଇସର ଗ୍ରାମର ଧ୍ରୁବଙ୍କୁ ବିବାହ କରିଥିଲେ। ଧ୍ରୁବ ଗତ ଦେଢବର୍ଷ ହେବ ସବଡେଗା ବ୍ଲକ ଅଫିସରେ ବଡବାବୁ ଭାବେ ଚାକିରିରୁ ଅବସର ନେବା ପରେ ଏକମାତ୍ର ପୁଅଙ୍କୁ ପାଠ ପଢାଇବା ସକାଶେ ସୁନ୍ଦରଗଡ଼ରେ ଭଡାରେ ରହୁଥିଲେ। ସେଠାରେ ଉର୍ମିଳା ଓ ସୁବ୍ରତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ଫୋନରେ ନିୟମିତ କଥାବାର୍ତ୍ତା ହେବା ସହ ରାତିରେ ଧ୍ରୁବ ନିଦ ବଟିକା ଖାଇ ଶୋଇଲା ପରେ ସୁବ୍ରତ ଆସି ଉର୍ମିଳାଙ୍କ ସହ ମିଳାମିଶା କରୁଥିଲେ। ଧ୍ରୁବ ଏହା ଜାଣିବା ପରେ ଉକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ଏହାପରେ ଉର୍ମିଳା ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ଫୋନ୍‌କୁ ନେଇ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଧ୍ରୁବ ଉର୍ମିଳାଙ୍କୁ ଫୋନ୍ ବ୍ୟବହାର କରିବା ପାଇଁ ମନା କରିବାରୁ ସେ ତାଙ୍କ ପ୍ରେମିକଙ୍କୁ ଏକଥା ଜଣାଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ରାତି ୧୨ଟା ପରେ ସୁବ୍ରତ ଓ ବିମଳ ବାଇକ୍ ଯୋଗେ ଉର୍ମିଳାଙ୍କ ଘରକୁ ଆସିଥିଲେ। ଧ୍ରୁବ ଶୋଇଥିବା ବେଳେ ଉର୍ମିଳା, ସୁବ୍ରତ ଓ ବିମଳ ମିଶି ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ହତ୍ୟା ପରେ ସୁବ୍ରତ ଓ ବିମଳ ସେଠାରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ଉର୍ମିଳା ଧ୍ରୁବଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ଏବଂ ନିଦ ବଟିକା ଖାଇ ଅସୁସ୍ଥ ଯୋଗୁ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ। ପରିବାର ଲୋକେ ସୁନ୍ଦରଗଡ ଆସି ଧ୍ରୁବଙ୍କ ବେକରେ ଦାଗ ଓ କ୍ଷତ ଚିହ୍ନ ଦେଖିଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ମୃତକଙ୍କ ଭାଇ ସରୋଜ କେରକେଟା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଜେରା କରିବା ବେଳେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀଭାବେ ସବ୍ ଇନ୍ସପେକ୍ଟର ଭାବଗ୍ରାହୀ ଜେନା ରହିଛନ୍ତି।

# ପୁଣି ୪ ଅଭିଯୁକ୍ତ ଜେଲ ଗଲେ


୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ରାଜନଗର,୧୩।୮
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହେବା ପରେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୋଲିସ ଛାତ୍ରୀଙ୍କ ପିଉସାଙ୍କ ସମେତ ୫ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ହେଲେ ମଙ୍ଗଳବାର କେବଳ ପିଉସା ଚିତ୍ତରଞ୍ଜନ ମଲିକ ଓରଫ ହାପିଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଥିଲା। ଅନ୍ୟ ୪ ଜଣଙ୍କୁ ଛାଡ଼ିଦେବା ପାଇଁ ପୋଲିସ ଉପରେ ବିଭିନ୍ନ ଆଡୁ ଚାପ ପଡ଼ିଥିଲା। ପୋଲିସ ମଧ୍ୟ ସେମାନଙ୍କ ସମ୍ପୃକ୍ତି ନାହିଁ ବୋଲି ପରୋକ୍ଷରେ କହିବାକୁ ପଛାଇ ନ ଥିଲା। ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ ସେମାନଙ୍କୁ ଗିରଫ ଦର୍ଶାଇ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁନ୍ଦୁପୁରୁ ଗାଁର ଜ୍ୟୋତି ରଞ୍ଜନ ଦାଶ(୨୦), ଦୀପକ କୁମାର ଦାଶ(୨୦), ସୌରଭ ଦାଶ(୨୫) ଓ ଆଲୋକ ସାହୁ(୧୯)। ରାଜନଗର ଥାନାରେ ଏ ନେଇ ଏକ ମାମଲା(ନଂ.୨୬୬/୨୦୨୫)ରୁଜୁ ହୋଇଛି। ସମସ୍ତଙ୍କ ଡାକ୍ତରୀମାଇନା କରାଇବା ପରେ ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶନିବାର ରାଖୀପୂର୍ଣ୍ଣିମା ଦିନ ନିଜ ପିଉସାଙ୍କ ସହ ଏହି ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି କିଣିବାକୁ ଓଡପଦାକୁ ଯାଉଥିଲେ। ହେଲେ ପିଉସା ଓଡପଦା ନେବା ପରିବର୍ତ୍ତେ କୁନ୍ଦୁପୁର ମଶାଣିକୁ ପଡ଼ିଥିବା ମାଟିରାସ୍ତା ସଂଲଗ୍ନ ନିଛାଟିଆ ସ୍ଥାନକୁ ନେଇ ଝିଅାରୀକୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଝିଅାରୀ ଓ ପିଉସାଙ୍କ ଉଲଗ୍ନ ଫଟୋ ଉଠାଇଥିଲେ। ଏହାପରେ ଝିଅାରୀଙ୍କୁ ମିଳିତ ଭାବେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଯୁବକମାନେ ପୀଡ଼ିତାଙ୍କୁ ଟଣାଓଟରା କରିବା ସହିତ ମାଡ଼ ମାରି ବଳାତ୍କାର କରିଥିଲେ ବୋଲି ପିଉସା ନିଜେ ଏତଲାରେ ଦର୍ଶାଇଛନ୍ତି।

# ୩ ହଜାର ଲାଞ୍ଚ ନେଇ ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ

ମୁନିଗୁଡ଼ା,୧୩।୮
(ନନ୍ଦ କିଶୋର ପଟ୍ଟନାୟକ)

ଜନ୍ମ ସାର୍ଟିଫିକେଟ ସଂଶୋଧନ ପାଇଁ ୩୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ। ଜନ୍ମ ପ୍ରମାଣପତ୍ର ସଂଶୋଧନ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବାବେଳେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀ କୁଞ୍ଜବିହାରୀ ରାଉତଙ୍କୁ ଜୟପୁର ଭିଜିଲାନ୍ସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ମଧ୍ୟ ଜବତ କରାଯାଇଛି।

ସୂଚନା ଅନୁଯାୟୀ, କନ୍ଧମାଳ ଜିଲା ଦୁର୍ଗାପଙ୍ଗାର ଜଣେ ଗରିବ ଚାଷୀ ତାଙ୍କ ପୁଅର ଜନ୍ମ ପ୍ରମାଣପତ୍ରରେ ସଂଶୋଧନ କରିବା ନିମନ୍ତେ ସ୍ୱାସ୍ଥ୍ୟକର୍ମୀ କୁଞ୍ଜବିହାରୀଙ୍କ ନିକଟକୁ ଯାଇଥିଲେ। ଏହି କାମ ପାଇଁ ସେ ୬ ହଜାର ଟଙ୍କା ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ ହଜାର ନେଇ ସାରିଥିବାବେଳେ ବାକି ଟଙ୍କା ଦେଲେ କାମ କରିବେ ବୋଲି କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଚାଷୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସକାଳେ ବାକି ୩ ହଜାର ଟଙ୍କା ଗ୍ରହଣ କରିବା ସମୟରେ ଜୟପୁର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଛି। ଏ ନେଇ କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୭/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଭିଜିଲାନ୍ସ ଟିମ୍ କୁଞ୍ଜବିହାରୀଙ୍କ ବିଷମକଟକସ୍ଥିତ ଡୁକୁମରୋଡ୍‌ରେ ଥିବା ଘରେ ପହଞ୍ଚି ଅଧିକ ତଦନ୍ତ କରିଥିବା ଜଣାପଡିଛି।

# ଘରୋଇ ମେସ୍‌ରେ ପିଜି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ଧରଣୀଧର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ**

କେନ୍ଦୁଝର,୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ପୁଷ୍ପଲତା ମଲ୍ଲିକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଏକ ଘରୋଇ ମେସ୍‌ରୁ ଜବତ କରାଯାଇଥିବାବେଳେ ବୁଧବାର କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ କଲେଜରୋଡ୍‌ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରୁ ଆଉ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ହେଲେ ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଧୀନ ନୂଆରମ୍ଭାସ ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କ ଝିଅ ଶିବାନୀ ଜେନା(୨୨)। ଏସ୍‌ପି ନୀତିନ କୁଶଲ କର ଡାଗଡୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଶିବାନୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନ(ଆନ୍ଥ୍ରୋପୋଲୋଜି) ବିଭାଗରେ ପିଜି ପ୍ରଥମ ବର୍ଷର ଛାତ୍ରୀଭାବେ ଅଧ୍ୟୟନ କରୁଥିଲେ। ସେ ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରେ ୬ ଜଣ ସହପାଠୀଙ୍କ ସହ ରହୁଥିଲେ। ବୁଧବାର ଅପରାହ୍ନରେ ଶିବାନୀ ରୁମ୍‌ରେ ଏକା ଥିବାବେଳେ ଭିତର ପଟୁ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିବା କୁହାଯାଉଛି। ସହପାଠୀ ଆସି ବାରମ୍ବାର ଫୋନ୍ କରିବା ପରେ ମଧ୍ୟ ସେ ଶୁଣି ନ ଥିଲେ। ପରେ ରୁମ୍‌ର ପଛପଟକୁ ଯାଇ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ଘର ମାଲିକଙ୍କୁ ଜଣାଇବା ସହ ୧୧୨କୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଖବରପାଇ ଛାତ୍ରୀଙ୍କ ମା'ବାପା ପହଞ୍ଚିଥିବା ପୋଲିସ କହିଛି। ଏସ୍‌ପି ନୀତିନ କୁଶଲକର କହିଛନ୍ତି, ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(୭୪/୨୫) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେଉଁ କାରଣରୁ ମୃତ୍ୟୁ ହୋଇଛି, ତଦନ୍ତ ପରେ ଜଣାପଡ଼ିବ। ପ୍ରକାଶଯୋଗ୍ୟ, କିଛି ମାସ ପୂର୍ବେ ଏଭଳି ଏକ ଘରୋଇ ମେସ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ସ୍ଥାନ ଅଭାବରୁ ବହୁ ଛାତ୍ରୀ ଘରୋଇ ମେସ୍‌ରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଣୁ ସେମାନେ ବିଭିନ୍ନ ପ୍ରକାରର ମାନସିକ ଚାପରେ ରହୁଥିବା କୁହାଯାଉଛି। ଏନେଇ ପଦକ୍ଷେପ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସେଲ୍ ଖୋଲିବାକୁ ଦାବି ହେଉଛି।

# ମାଓବାଦୀ ଲିଙ୍କ୍, ଶିକ୍ଷକ ଗିରଫ

## ୨୦୧୧ରୁ ମାମଲା ରୁଜୁ ହୋଇଥିଲା, ୨୦୨୫ରେ ଗିରଫ ହେଲେ


ଗିରଫ ଶିକ୍ଷକ ପ୍ରତାପ କୁମାର ନାୟକ

ମୋହନା,୧୩।୮ (ମନ୍ମଥ ମିଶ୍ର)

ମାଓବାଦୀଙ୍କ ସହ ସମ୍ପୃକ୍ତି ଥିବା ଅଭିଯୋଗରେ ୨୦୧୧ରେ ହୋଇଥିବା ଏକ ମାମଲାରେ ଜଣେ ଶିକ୍ଷକ ଦୁଇଦିନ ତଳେ ଗିରଫ ହୋଇଛନ୍ତି। ସେ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ନୂଆ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ନାୟକ। ସେ ୨୦୦୮ରେ ଏହି ପ୍ରାଥମିକ ବିଦ୍ୟାଳୟରେ ଏକ୍ସ-କ୍ୟାଡର ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ।

ଅଡବା ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ପ୍ରତାପ ପୂର୍ବରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେତେବେଳେ ବିଭିନ୍ନ ସ୍ଥାନରେ ହୋଇଥିବା ମାଓବାଦୀ ହିଂସାରେ ସେ ସାମିଲ ଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ୨୦୧୧ରେ ତାଙ୍କ ନାମରେ ନଂ. ୧୩୫/୧୧ରେ ଅଡବା ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଆଧାରରେ ପ୍ରତାପଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ବୁଧବାର ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା କହିଛନ୍ତି, ଅଡବା, ମୋହନା, ଆର.ଉଦୟଗିରି ଥାନା ଅଞ୍ଚଳରେ ଆହୁରି ଅନେକ ଶିକ୍ଷକଙ୍କ ନାମରେ ମାଓବାଦୀଙ୍କ ସହ ସେମାନଙ୍କ ଲିଙ୍କ୍ ଥିବା, ଗଞ୍ଜେଇ ଚୋରା ଚାଲାଣରେ ଜଡିତ ରହିଥିବା ନେଇ ମାମଲା ରହିଛି। ସେମାନଙ୍କୁ ତୁରନ୍ତ ଥାନାରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଏଥିସହ ବ୍ଲକ ଶିକ୍ଷାଧିକାରୀଙ୍କୁ ମଧ୍ୟ ପୋଲିସ ପକ୍ଷରୁ ଚିଠି କରାଯାଇଛି। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି ତେବେ ସେମାନେ ଯେଉଁଠି ଥିଲେ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଏନେଇ ମୋହନା ବିଇଓ ନରେନ୍ଦ୍ର ବେହେରା କହିଛନ୍ତି, ମୋ ପାଖକୁ କୌଣସି ଚିଠି ଏ ଯାବତ୍ ଆସିନାହିଁ। ଯଦି କୌଣସି ଶିକ୍ଷକଙ୍କ ନାମରେ ଥାନା ପକ୍ଷରୁ ଚିଠି ଆସେ ତେବେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ସହ କାର୍।

ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ଓ ସ୍ୱତନ୍ତ୍ର ଟିମ୍ ବୁଧବାର ଆଠମଲ୍ଲିକସ୍ଥିତ ମହାନଦୀ ବ୍ରିଜ୍ ନିକଟରୁ ଏକ କାର୍ ଓ ଏଥିରେ ଚାଲାଣ ହେଉଥିବା ୫୪ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଚୋରା କାରବାରରେ ସମ୍ପୃକ୍ତି ଅଭିଯୋଗରେ କେନ୍ଦୁଝର ଜିଲା ତେଲକୋଇ ଥାନା ଚୁମୁଣ୍ଡା ଗ୍ରାମର ପ୍ରଦୀପ ରଣାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଏକ କାର୍ (ନଂ. ଓଡି୦୨ବିଡି-୫୬୫୬)ରେ ଫୁଲବାଣୀରୁ କେନ୍ଦୁଝର ଅଭିମୁଖେ ଗଞ୍ଜେଇ ଚାଲାଣ କରାଯାଉଥିବା ସମ୍ପର୍କରେ ଅବକାରୀ ଟିମ୍‌କୁ ସୂଚନା ମିଳିଥିଲା। ଏହାପରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ, ଉପନିରୀକ୍ଷକ ନିରଞ୍ଜନ ସାହୁ, ବଲବୀର ଗଡ଼ନାୟକ, ରୋଜାଲିନ ପଟ୍ଟନାୟକ, ଅମର ଦୀପ କୁଜୁର, ଶଙ୍କର୍ଷଣ ରାଉତ, ରଞ୍ଜିତ ସାହୁ ପ୍ରମୁଖ ପ୍ରମୁଖ ଚଢ଼ାଉ କରିଗଞ୍ଜେଇ ସହ କାର୍‌କୁ ଜବତ କରିଥିଲେ।

# ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା, ଯୁବକ ଗିରଫ

ଭୁବନେଶ୍ୱର,୧୩।୮ (ସତ୍ୟଜିତ୍ ରାଉତ)

ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା କରିବା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ପାରାଦୀପର ସରୋଜ କୁଣ୍ଡୁ (୨୪)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଯୁବତୀ ଏବଂ ସରୋଜଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସରୋଜ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଯୁବତୀ ଜଣକ ପ୍ରତ୍ୟାଖ୍ୟାନ କରିଦେବା ସହ ଦୂରେଇ ଯାଇଥିଲେ। ସେବେଠାରୁ ସରୋଜ ଉକ୍ତ ଯୁବତୀଙ୍କ ଉପରେ ନଜର ରଖିବା ସହ ସବୁବେଳେ ପିଛା କରି ହଇରାଣ କରୁଥିଲେ। ମଙ୍ଗଳବାର ସକାଳେ ଯୁବତୀ ରହୁଥିବା ତମାଣ୍ଡୋ ଫେଜ-୨ସ୍ଥିତ ଘରେ ସରୋଜ ବଳପୂର୍ବକ ପଶି ଗାଳିଗୁଲଜ ଓ ଟଣାଓଟରା କରିଥିଲେ। ବିବାହ ପାଇଁ ରାଜି ନ ହେଲେ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୫୬୨/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ରେଙ୍ଗୀ ବାହାଡ଼ାପଲ୍ଲୀରେ ପୁଣି ହତ୍ୟାକାଣ୍ଡ

ଖଲ୍ଲିକୋଟ/ରମ୍ଭା,୧୩।୮ (ପ୍ରଶାନ୍ତ କୁମାର ମିଶ୍ର/ ବନବାସୀ ସେଠୀ)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅନ୍ତର୍ଗତ ରେଙ୍ଗୀ ବାହାଡାପଲ୍ଲୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ବୁଧବାର ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ହତ୍ୟା କରାଯାଇଛି। ଅଭିମନ୍ୟୁ ବାଇକ୍ ଯୋଗେ ପରିବା ଆଣିବାକୁ ଯାଉଥିବାବେଳେ ରମ୍ଭା ରେଳଲାଇନ ଉତ୍ତର କ୍ୟାବିନଠାରୁ ଅଳ୍ପ ଦୂରରେ କେତେଜଣ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ହାଣି ହତ୍ୟା କରିଛନ୍ତି। ଖବରପାଇ ରମ୍ଭା ଥାନାଧିକାରୀ କୁମାର ମୁଦୁଲି, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ରେଙ୍ଗୀ ବାହାଡାପଲ୍ଲୀ ଗ୍ରାମର ବି. ମନୁ ପ୍ରଧାନଙ୍କୁ ଗତ ୨ ତାରିଖ ରାତିରେ ରମ୍ଭା ରେଳ ଷ୍ଟେଶନ ନିକଟରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ସେହି ଘଟଣାରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ସେହି ଗ୍ରାମର ୨ ଅଭିଯୁକ୍ତ ଜୟ ପ୍ରଧାନ ଓ କେଶବ ପ୍ରଧାନଙ୍କୁ ଗିରଫ କରି ଜେଲ ପଠାଇଥିଲା। ମନୁଙ୍କ ଏକାଦଶାହରେ ଅଭିଯୁକ୍ତ ଜୟଙ୍କ ଭାଇ ଅଭିମନ୍ୟୁ ହତ୍ୟାର ଶିକାର ହୋଇଛନ୍ତି। ତେଣୁ ମନୁ ହତ୍ୟାକାଣ୍ଡ ସହ ଅଭିମନ୍ୟୁ ହତ୍ୟା ଘଟଣାର ଲିଙ୍କ ରହିଥିବା ପୋଲିସ ସନ୍ଦେହ କରୁଛି। ମୃତ ଅଭିମନ୍ୟୁଙ୍କ ଭାଇ ଏମ. ସନ୍ନ୍ୟାସୀ ପ୍ରଧାନଙ୍କ ଅଭିଯୋଗକ୍ରମେ ରମ୍ଭା ଥାନାରେ ନଂ.୬୫୧/୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ମୁଦୁଲି କହିଛନ୍ତି।

# ୫୦୦ ବୋତଲ କଫ୍ ସିରପ୍ ଜବତ: ଜଣେ ଗିରଫ

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ହାଟପଦାପଡା ଠାରେ ବେଆଇନ ଭାବେ କଫ ସିରପ୍ ବିକ୍ରି କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ହାଟପଦାପଡା ନିବାସୀ ରାଜକୁମାର ଓରଫ ରାଜା ଜେନା (୨୮)। ତାଙ୍କ ନିକଟରୁ ୫ ଶହ ବୋତଲ କଫ୍ ସିରପ୍ ଜବତ ହୋଇଛି। ବୁଧବାର ଅପରାହ୍ଣରେ ସ୍ଥାନୀୟ ଟାଉନ ଥାନାଠାରେ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଏହି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ଟାଉନ ଥାନା ପୋଲିସ ହାଟପଦାପଡା ଠାରେ ଜଣେ ଯୁବକ ବେଆଇନ ଭାବେ କଫ୍ ସିରପ ବିକ୍ରି କରୁଥିବା ଖବର ପାଇଥିଲା। ପରେ ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଚଢ଼ାଉ କରିଥିଲେ। ସେଠାରୁ ଅଭିଯୁକ୍ତ ରାଜାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ କଫ୍ ସିରପ ଏବଂ ୪୦୦ ଟଙ୍କା ଜବତ କରିଥିଲେ। ଜବତ କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢ଼ାଉ ସମୟରେ ସେଠାରେ ଥିବା ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିଲେ । ତାଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଏସଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ. ୫୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବଲାଙ୍ଗୀର ଟାଉନ ଥାନା ଏବଂ କଣ୍ଟାବାଞ୍ଜି ଥାନାରେ ଏକାଧିକ ମାମଲା ରହିଛି। ସହରରେ ନିଶା କାରବାର ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ଏସ୍‌ଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଅବନୀ ସାହୁ, ସବ୍‌ଇନ୍ସପେକ୍ଟର ଚର୍ଚ୍ଚିଲ କୁମାର ମହାପାତ୍ର, ବି. ଦେହେରି, ଡି.କେ ଡାଙ୍ଗ, ଡି. କେ. ସେନାପତି ଓ ଅନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ।


ଜବତ କଫ୍ ସିରପ ଓ ଗିରଫ ଅଭିଯୁକ୍ତ।

# ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ

**■ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ**
**■ସୀମାରେ ହାଇ ଆଲର୍ଟ, ସର୍ଚ୍ଚ ଅପରେଶନ ଜାରି**

ବଣାଇଁ,୧୩।୮ (ପ୍ରଦୀପ ତ୍ରିପାଠୀ)



ଝାଡ଼ଖଣ୍ଡ ରାଜ୍ୟ ଜରେଇକେଲା ଥାନା ଅଧୀନ ଗୋଏଲକେରା ମଝିରେ ଥିବା ପୁଷେଇତା ଜଙ୍ଗଲରେ ବୁଧବାର ପୂର୍ବାହ୍ନରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ସେ ହେଲେ ନିଲେଶ ମାଡକାମି ଓରଫ ବରୁଣ ଓରଫ ଅରୁଣ। ତାଙ୍କ ଘର ଛତିଶଗଡ଼ ରାଜ୍ୟ ସୁକୁମା ଜିଲା କୋଣ୍ଟା ଥାନା ଅଞ୍ଚଳରେ ବୋଲି ଚାଇଁବସା ପୋଲିସ ସ୍ପଷ୍ଟ କରିଛି । ମୃତଦେହ ନିକଟରୁ ଏକ ଏସ୍‌ଏଲ୍‌ଆର୍ (ସେଲ୍ଫ ଲୋଡେଡ ରାଇଫଲ) ସହିତ ଅଫୁଟା ଗୁଳି ଥିବା ମାଗାଜିନ ଓ ଏକ ବ୍ୟାଗରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସୁରକ୍ଷା ବାହିନୀ ଜବତ କରିଛି। ମୃତ ମାଓବାଦୀ ଛତିଶଗଡ଼ କ୍ୟାଡରର ଓ ସେ ପ୍ରାୟ ୫ବର୍ଷ ହେବ ଝାଡ଼ଖଣ୍ଡ ଅଞ୍ଚଳରେ ମାଓବାଦୀ ଛୋଟନାଗପୁର ଡିଭିଜନାଲ କମିଟି ଅଧୀନରେ ରହି ବିଭିନ୍ନ ମାଓବାଦୀ ହିଂସା ଘଟାଇବାରେ ସମ୍ପୃକ୍ତ ଥିଲେ। ଛତିଶଗଡ଼ ଛାଡିବା ପରେ ଓଡ଼ିଶା – ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଏରିଆ କମାଣ୍ଡର ଭାବେ ସକ୍ରିୟ ଥିଲେ। ଝାଡ଼ଖଣ୍ଡ ଗୋଏଲକେରା ଥାନା କେସ୍ ନଂ. ୫/୨୦୧୯ ଓ ୬/୨୦୨୦, ସୋଣୁଆଁ ଥାନା କେସ୍ ନଂ. ୨୫/୨୦୨୦, ଟଣ୍ଟୋ ଥାନା ଅଧୀନରେ ୩ଟି କେସ୍ ନଂ. ୧/୨୦୨୩, ୨୬/୨୦୨୩, ୩୦/୨୦୨୩ ତାଙ୍କ ନାଁରେ ରୁଜୁ ହୋଇଥିବା ଚାଇଁବସା ପୋଲିସ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛି ।

ଝାଡ଼ଖଣ୍ଡ ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ୱାଧୀନତା ଦିବସ ପାଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ପଶ୍ଚିମ ସିଂହ ଭୂମ ଚାଇଁବସାର କୋଲହାନ ଜଙ୍ଗଲରେ ୨୨ରୁ ଊର୍ଦ୍ଧ୍ୱ ମାଓବାଦୀ କ୍ୟାମ୍ପ କରିଥିଲେ । ଏଥିରେ ମାଓବାଦୀ ସଙ୍ଗଠନର ଏରିଆ କମାଣ୍ଡର ରବି ସରଦାର, ଜୟକାନ୍ତ, ଅରୁଣ, ସନ୍ଦୀପ, ଶିବା, ରିସିଭ, ଅପଟନ, ସନତ, ଅମିତ ମୁଣ୍ଡା, ଭୁବନେଶ୍ୱର ଓରଫ ସାଲୁକା, ସୋମବାରିଙ୍କ ସମେତ ଅନ୍ୟ ମାଓବାଦୀ ସାମିଲ ହୋଇ ହିଂସା ଘଟାଇବା ନେଇ ଯୋଜନା କରୁଥିଲେ। ଚାଇଁବସା ପୋଲିସ ଓ ୨୦୯ ନମ୍ବର କୋବ୍ରା ବାଟାଲିୟନ ପକ୍ଷରୁ ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଅପ୍ରତ୍ୟାଶିତ ସୁରକ୍ଷା କର୍ମୀଙ୍କୁ ଦେଖି ପ୍ରଥମେ ମାଓବାଦୀ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଯବାବରେ କୋବ୍ରା ବାହିନୀର ଯବାନ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳିବିନିମୟ ପରେ ଆସନ୍ନ ପ୍ରାୟ ସ୍ୱାଧୀନତା ଦିବସରେ କିଛି ଅଘଟଣ ଆଶଙ୍କା ଓ ଓଡିଶା ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ମାଓବାଦୀମାନେ ପତାକା ଉତ୍ତୋଳନ ନ କରିବା ନେଇ ଦେଇଥିବା ଧମକକୁ ଦୃଷ୍ଟିରେ ରଖି ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ସୁରକ୍ଷା ବାହିନୀ ତରଫରୁ ସର୍ଚ୍ଚ ଅପରେଶନକୁ ଜୋରଦାର୍ କରାଯାଇଛି ଏବଂ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି ।

# କଟକରେ ଜୟଆଲୁକ୍କାସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

କଟକ,୧୩।୮ (ଅଭୟ ଦାଶ)




କଟକ କ୍ୟାଣ୍ଟନ୍‌ମେଣ୍ଟରୋଡ୍‌ରେ ବୁଧବାର ଜୟଆଲୁକ୍କାସ୍‌ର ଏକ୍ସକ୍ଲୁସିଭ ଶୋ'ରୁମ୍ ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ସୋଫିଆ ଫିର୍‌ଦୋସ୍, ମେୟର ସୁବାସ ଚନ୍ଦ୍ର ସିଂ, କର୍ପୋରେଟର ସତ୍ୟରାମ ସାହୁ, ଅଭିନେତ୍ରୀ ମାଳବିକା ଶର୍ମା, ପୁନମ ମିଶ୍ର, ଅନିଷା ଶର୍ମାଙ୍କ ସମେତ ଜୟଆଲୁକ୍କାସ୍‌ର ଇଡି ଥୋମାସ୍ ମାଥ୍ୟୁ,ସିଓଓ ହେନ୍‌ରୀ ଜର୍ଜ,ଡିଜିଏମ୍ (ରିଟେଲ) ରାଜେଶ କ୍ରିଷ୍ଣନ୍ ଏବଂ ଡିଜିଏମ୍ (ମାର୍କେଟିଂ) ଅନିଶ ଭର୍ଗିସ୍ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ନୂତନ ଶୋ'ରୁମ୍) ବୁଧବାର କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ସୋଫିଆ ଫିର୍‌ଦୋସ୍, ମେୟର ସୁବାସ ଚନ୍ଦ୍ର ସିଂ, କର୍ପୋରେଟର ସତ୍ୟରାମ ସାହୁ ଏବଂ ଅଭିନେତ୍ରୀ ମାଳବିକା ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ସେହିଭଳି ଉଦ୍‌ଘାଟନୀ ଅବସରରେ ଜୟଆଲୁକ୍କାସ୍ ପକ୍ଷରୁ ହୀରା ଓ ଅନ୍‌କଟ୍ ହୀରା ଅଳଙ୍କାର ଉପରେ ୨୫% ରିହାତି ଏବଂ ୧ଲକ୍ଷ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ସୁନା ଓ ମୂଲ୍ୟବାନ୍ ଷ୍ଟୋନ୍ ଅଳଙ୍କାର ଉପରେ ଗ୍ରାହକଙ୍କ ପାଇଁ ୫ଗ୍ରାମର ରୁପା ବାର୍ ପ୍ରଦାନ କରାଯାଉଛି। ଏପରିକି ପ୍ରତ୍ୟେକ କିଣାକିଣି ଉପରେ ନିଶ୍ଚିତ ମାଗଣା ଉପହାର ଗ୍ରାହକ ପାଇବେ। ସେହିପରି ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ନିର୍ମାଣ କରାଯାଇଥିବା ଜୟଆଲୁକ୍କାସ୍‌ର ନୂତନ ଶୋ'ରୁମ୍ ଏକ ବିଶ୍ୱସ୍ତରୀୟ ତଥା ବିଳାସପୂର୍ଣ୍ଣ ଶପିଂ ଅନୁଭୂତି ପ୍ରଦାନ କରିବ। ଏପରିକି ଗ୍ରାହକମାନେ ଏକ ଚମତ୍କାର ପରିବେଶରେ ସୁନାର ପାରମ୍ପରିକ ଅଳଙ୍କାର, ବିବାହ ଅଳଙ୍କାର ଏବଂ ହୀରା ଓ ମୂଲ୍ୟବାନ୍ ଷ୍ଟୋନ୍ ଆଦି କିଣିପାରିବେ।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ନୂତନ ଶୋ'ରୁମ୍ କଟକ ଭଳି ଐତିହ୍ୟ ଓ ପରମ୍ପରାରେ ପରିପୂର୍ଣ୍ଣ ସହରରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ଓ ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସୂକ୍ଷ୍ମ ତାରକସି, କାରିଗରି କୌଶଳ ପାଇଁ ବିଶ୍ୱ ଦରବାରରେ କଟକ ପ୍ରସିଦ୍ଧି ହାସଲ କରିଥିବାବେଳେ ଏଠାରେ ବ୍ୟବସାୟ ଆରମ୍ଭ କରିବା ଆମ ପାଇଁ ଅତ୍ୟନ୍ତ ଗୌରବ ଓ ସୌଭାଗ୍ୟର ବିଷୟ ପାଲଟିଛି। ଏହି ପରିପ୍ରେକ୍ଷୀରେ ସେ ଗ୍ରାହକମାନଙ୍କୁ ଜୟଆଲୁକ୍କାସ୍‌ରେ ଶପିଂ କରିବା ଲାଗି ଆମନ୍ତ୍ରଣ କରିଛନ୍ତି। ଏତଦ୍‌ବ୍ୟତୀତ ଭାଇଚାରା ଓ ପରମ୍ପରାର ୧ହଜାର ବର୍ଷର ସହରରେ ଜୟଆଲୁକ୍କାସ୍‌ର ଉପସ୍ଥିତିର ଗୁରୁତ୍ୱ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ମାଲ ପରିବହନରେ ପୂର୍ବତଟ ରେଳପଥ ପ୍ରଥମ

## ୧୩୪ ଦିନରେ ୧୦୦ ଏମ୍‌ଟି

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍ ଭାବେ ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ (ଏମ୍‌ଟି) ମାଲ ପରିବହନ କରି ନୂଆ ରେକର୍ଡ ହାସଲ କରିଛି। ଗତ ବର୍ଷ ତୁଳନାରେ ଏହା ୧୦.୭% ବୃଦ୍ଧିକୁ ଦର୍ଶାଉଛି। ସମାନ ପରିମାଣର ମାଲ ପରିବହନ ପାଇଁ ଗତବର୍ଷ ପୂର୍ବତଟ ରେଳପଥକୁ ୧୪୮ ଦିନ ଲାଗିଥିଲା। ପୂର୍ବତଟ ରେଳପଥ ଅଗଷ୍ଟ ୧୨ ସୁଦ୍ଧା ଏହି ସଫଳତା ହାସଲ କରିଛି, ଯାହା ଗତ ବର୍ଷର ସଫଳତା ତୁଳନାରେ ୧୪ ଦିନ ଆଗୁଆ ଭାବରେ ହାସଲ କରିଛି। ମାଲ ପରିବହନରେ ପୂର୍ବତଟ ରେଳପଥର ଏହି ଉଲ୍ଲେଖନୀୟ ସଫଳତାରେ କୋଇଲା, ଲୁହାପଥର ଏବଂ ସିମେଣ୍ଟ ସାମଗ୍ରୀ ପ୍ରମୁଖ ରହିଛି। ଚଳିତ ବର୍ଷ ୫୭.୭୩୪ ଏମ୍‌ଟି କୋଇଲା ଲୋଡ୍ କରିଥିବାବେଳେ ଗତ ବର୍ଷର ସମାନ ସମୟରେ ୫୫.୧୭ ଏମ୍‌ଟି ତୁଳନାରେ ୪.୬% ଅଧିକ । ସେହିପର ଏହା ୨୫.୯୮୪ ଏମ୍‌ଟି ଲୁହାପଥର ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ସମୟରେ ୨୧.୭୫୮ ନିୟୁତ ଟନ ଥିଲା ଏହା ୧୯.୪% ବୃଦ୍ଧିକୁ ପ୍ରତିଫଳିତ କରୁଛି । ଏହାସହ ୦.୪୦୯ ଏମ୍‌ଟି ସିମେଣ୍ଟ ଲୋଡ୍ ହୋଇଛି ଯାହା ଗତ ବର୍ଷ ସମାନ ସମୟରେ ୦.୩୦୮ ନିୟୁତ ଟନ୍ ତୁଳନାରେ ୩୨.୮% ବୃଦ୍ଧି। ଏହା ଚଳିତ ବର୍ଷ ୧.୧୭୧ ନିୟୁତ ଟନ୍ ଖାଦ୍ୟଶସ୍ୟ ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୯୯ ନିୟୁତ ଟନ ଥିଲା ଯାହା ୧୮.୩% ବୃଦ୍ଧି ଅଟେ ଏବଂ ଗତ ବର୍ଷର ୨.୦୫୩ ନିୟୁତ ଟନ ସାର ଲୋଡ୍ ତୁଳନାରେ ଚଳିତ ବର୍ଷ ୨.୮୫୮ ନିୟୁତ ଟନ ସାର ଲୋଡ୍ କରିଛି ଯାହା ୩୯.୨% ବୃଦ୍ଧିକୁ ଦର୍ଶାଉଛି। ଏହି ସଫଳତା ସହ ପୂର୍ବ ତଟ ରେଳପଥ ଭାରତର ୧୭ଟି ରେଳ ଜୋନ୍ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି।

# ୨୦୩୦ ସୁଦ୍ଧା ୫.୨ ବିଲିୟନ ଡଲାରରୁ ଅଧିକ କାରବାର

ଭୁବନେଶ୍ୱର,୧୩।୮

କ୍ରମାଗତ ଭାବେ ଭିଡିଓ ସର୍ଭେଲାନ୍ସ ମାର୍କେଟର ଚାହିଦା ବୃଦ୍ଧି ପାଉଛି। ଏପରିକି ୨୦୩୦ ସୁଦ୍ଧା ୫.୨ ବିଲିୟନ ଡଲାରରୁ ଅଧିକ କାରବାର ରହିବ ବୋଲି ଆଶା କରାଯାଉଛି। ବିଶେଷକରି ଏହା ଜନସାଧାରଣଙ୍କ ସୁରକ୍ଷା ଚିନ୍ତା ଓ ଇଣ୍ଟେଲିଜେଣ୍ଟ ସିଷ୍ଟମଗୁଡ଼ିକର ଗ୍ରହଣୀୟତାରେ ବୃଦ୍ଧି ଦ୍ୱାରା ତ୍ୱରାନ୍ୱିତ ହେଉଛି। ଅପରପକ୍ଷରେ ଡବ୍ଲ୍ୟୁଡି ପର୍ପଲ ଷ୍ଟୋରେଜ ସଲ୍ୟୁଶନଗୁଡ଼ିକ ଭାରତରେ ଏହି ବ୍ୟାପକତାକୁ ସକ୍ଷମ କରୁଛି, ଯାହା କେବଳ ଉଚ୍ଚ କ୍ଷମତାସମ୍ପନ୍ନ ନୁହେଁ ବରଂ ଟ୍ରାଫିକ୍, ହବ୍, ପବ୍ଲିକ ପାର୍କ କିମ୍ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭଳି ବିବିଧ ପରିବେଶରେ ମଧ୍ୟ ବ୍ୟବହାର କରିବା ପାଇଁ ଉପଯୁକ୍ତ ବୋଲି କୁହାଯାଉଛି। ସେହିଭଳି ୱେଷ୍ଟର୍ନ ଡିଜିଟାଲରୁ ଆସିଥିବା ଡବ୍ଲ୍ୟୁଡି ପର୍ପଲ ଓ ଡବ୍ଲ୍ୟୁଡି ପର୍ପଲ ପ୍ରୋ ଭାରତର ବିକଶିତ ସ୍ମାର୍ଟ ସିଟି ସର୍ଭେଲାନ୍ସ ଇକୋସିଷ୍ଟମର କେନ୍ଦ୍ରରେ ରହିଛି। ଏହା ସହରାଞ୍ଚଳ ଭିତ୍ତିଭୂମିରେ ୨୪/୭ ଭିଡିଓ ରେକର୍ଡିଂ, ବାସ୍ତବ ସମୟର ବିଶ୍ଳେଷଣ, ଦୀର୍ଘକାଳୀନ ଡାଟା ସଂରକ୍ଷଣକୁ ସକ୍ଷମ କରୁଛି। ୨୦୧୫ରେ ସ୍ମାର୍ଟସିଟି ମିଶନର ଶୁଭାରମ୍ଭ ସହିତ ଭାରତରେ ସହରଗୁଡ଼ିକର ପରିଚାଳନା ଏବଂ ନାଗରିକଙ୍କୁ ସେବା ପ୍ରଦାନ କରିବାର ଶୈଳୀକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ସୁଦ୍ଧା ୧.୪୭ ଲକ୍ଷ କୋଟି ଟଙ୍କାର ନିବେଶ ସହ ମୋଟ ୮୦୭୫ ପ୍ରକଳ୍ପ ମଧ୍ୟରୁ ୭୩୮୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି।

# ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରରେ ହସ୍ତତନ୍ତ ପ୍ରଦର୍ଶନୀ

ଭୁବନେଶ୍ୱର,୧୩।୮

ଫ୍ୟାଶନ ସମ୍ବଲପୁରୀରେ ଜାତୀୟ ହସ୍ତତନ୍ତ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଫ୍ୟାଶନ ସମ୍ବଲପୁରୀ ପକ୍ଷରୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଅଡିଟୋରିଅମ୍ ଭୁବନେଶ୍ୱରରେ ହସ୍ତତନ୍ତ ପ୍ରଦର୍ଶନୀ ସହ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଅଶୋକ କୁମାର ହୋତା, ଫ୍ୟାଶନ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସାଡର ତଥା ବରିଷ୍ଠ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଫ୍ୟାଶନ ସମ୍ବଲପୁରୀର ପ୍ରତିଷ୍ଠାତା ପୁରୁଷୋତ୍ତମ ସାହୁଙ୍କ ସମେତ ଏନ୍‌ଆଇସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଲୋଚନା ଚକ୍ରରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ଦ୍ୱାରା କ'ଣ ସବୁ ଉପକାରିତା ମିଳିଥାଏ, ସେଇ ସବୁ କଥା ଏହି ଆଲୋଚନାର ବିଷୟବସ୍ତୁ ଥିଲା। ଜଣେ ବୁଣାକାର ସୂତା କାଟି, ପ୍ରାକୃତିକ ରଙ୍ଗ ବ୍ୟବହାରକରି ଅରଟରେ ଅନେକ ଶ୍ରମ ଦେଇ ଲୁଗାଟିଏ ବୁଣିଥାଏ, ଯାହା ଫଳରେ ସମ୍ବଲପୁରୀ ବସ୍ତ୍ର ଆଜି ବିଶ୍ୱ ବିଖ୍ୟାତ ହୋଇପାରିଛି। ଜଣେ ସରକାରୀ ଅବା ବେସରକାରୀ କର୍ମଚାରୀ, ଆମ ରାଜ୍ୟରେ ପ୍ରସ୍ତୁତ ହେଉଥିବା ବସ୍ତ୍ରଟିଏ ପରିଧାନକଲେ ତାହା ପ୍ରଚାର ଓ ପ୍ରସାର ହେବା ସହ ଜଣେ ଶିଳ୍ପୀ ବା ବୁଣାକାରଙ୍କ ପ୍ରତି ପ୍ରୋତ୍ସାହନ ଯୋଗାଇପାରିବା। ଫ୍ୟାଶନ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସାଡର ସାଜିଥିବା ଅଶ୍ରୁମୋଚନ ମହାନ୍ତି ମଧ୍ୟ ହସ୍ତତନ୍ତ ପ୍ରତି କେତେ ଆକୃଷ୍ଟ ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ। ସେ ଗୋଟିଏ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିଥିବାରୁ ଖଦି ପ୍ରତି ପିଲାଟି ଦିନରୁ ଆଗ୍ରହ ଥିବା କଥା କହିଥିଲେ ଏବଂ ପ୍ରାୟ ୨ହଜାରରୁ ଅଧିକ ଗାଁ ବୁଲି ବୁଲି ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବା ପାଇଁ ସେ ଚେଷ୍ଟା କରିଛନ୍ତି। ଫେଶନ୍ ସମ୍ବଲପୁରୀ ପ୍ରତ୍ୟେକ ଆବାସିକ କଲୋନିକୁ ଯାଇ ଲୋକଙ୍କ ଦ୍ୱାରଦେଶରେ ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବାର ପ୍ରଚେଷ୍ଟା ଜାରି ରଖିଥିବାବେଳେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଡିଟୋରିମରେ ଏକ ହସ୍ତତନ୍ତ ପ୍ରଦର୍ଶନୀ କରିଥିଲେ। ଏହି ପ୍ରଦର୍ଶନୀଦ୍ୱାରା କର୍ମଚାରୀମାନେ ବେଶ୍ ଆନନ୍ଦିତ ହେବା ସହ ଉପକୃତ ମଧ୍ୟ ହୋଇଥିଲେ।

# ପ୍ରଥମ ତ୍ରୈମାସରେ ୭୭୭.୪ କୋଟିର ରାଜସ୍ୱ

ଭୁବନେଶ୍ୱର,୧୩।୮

ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ(ଏପିବି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକନିକଟରେଅନୁଷ୍ଠିତହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ଏବଂ ଆଗାମୀ କାର୍ଯ୍ୟପନ୍ଥାଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଏହି ତ୍ରୈମାସିକରେ ବ୍ୟାଙ୍କର ବାର୍ଷିକ ରାଜସ୍ୱ ୩୦୦୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଏହାକୁ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବ୍ୟାଙ୍କରେ ପରିଣତ କରିଛି। ସେହିଭଳି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କ ବାର୍ଷିକ ୨୭.୫% ବୃଦ୍ଧି ସହ ୭୭୭.୪ କୋଟି ଟଙ୍କାର ରାଜସ୍ୱ ହାସଲ କରିଥିବାବେଳେ ଏହାର ନେଟ ପ୍ରଫିଟ/ଶୁଦ୍ଧ ଲାଭ ୪୪.୪% ବୃଦ୍ଧି ହୋଇ ୧୦.୪ କୋଟି ଟଙ୍କା ଏବଂ ଏବିଟଡା ୮୧.୮ କୋଟି ଟଙ୍କା ରହିଛି, ଯାହା ଦୃଢ ପରିଚାଳନାଗତ ପ୍ରଦର୍ଶନ ଓ ଦ୍ରୁତ ଗ୍ରାହକ ଗ୍ରହଣୀୟତା ଦ୍ୱାରା ପରିଚାଳିତ ଏକ ବାର୍ଷିକ ୩୦% ବୃଦ୍ଧିକୁ ପ୍ରତିଫଳନ କରୁଛି। ଏହି ଅବଧିରେ ଗ୍ରାହକଙ୍କ ଜମା ପରିମାଣ ବାର୍ଷିକ ଆଧାରରେ ୨୭.୨% ବୃଦ୍ଧି ହୋଇ ୩୭୪୩ କୋଟି ଟଙ୍କା ଏବଂ ବ୍ୟାଙ୍କର ଆନୁଆଲାଇଜ୍‌ଡ ଗ୍ରସ ମର୍ଚ୍ଚାଣ୍ଡାଇଜ୍ ଭାଲ୍ୟୁ (ଜିଏମଭି) ୪୨୬୦ ବିଲିୟନ ଟଙ୍କା ରହିଛି। ଏୟାରଟେଲ ପେମେଣ୍ଟ୍ସ ବ୍ୟାଙ୍କ ଉପଭୋକ୍ତା ଆଧାର ଦୃଷ୍ଟିରୁ ଭାରତରେ ୩ୟ ସର୍ବବୃହତ ମୋବାଇଲ ବ୍ୟାଙ୍କ ଭାବେ ନିଜର ସ୍ଥିତି ସୁଦୃଢ କରିଛି।

# ଓଡ଼ିଶା ବଜାରରେ ହିରୋର ଅଲ୍ ନ୍ୟୁ ଏଚ୍‌ଏଫ୍-ଡିଲକ୍ସ ପ୍ରୋ



ଭୁବନେଶ୍ୱରର ବରମୁଣ୍ଡା ନିକଟସ୍ଥ ରୋହନ ହିରୋ ଶୋ'ରୁମ୍‌ରେ ବୁଧବାର'ଅଲ୍ ନ୍ୟୁ ଏଚ୍‌ଏଫ୍-ଡିଲକ୍ସ ପ୍ରୋ'ର ଅନାବରଣ ହୋଇଯାଇଛି। ଏହି ଅବସରରେ ୟୁଟ୍ୟୁବର ଇନ୍ଦ୍ରଜିତ ପୋଥାଲଙ୍କ ସମେତ ରୋହନ ହିରୋର ଏମ୍‌ଡି ନୀରୁ ଦୁବେ, ନିର୍ଦ୍ଦେଶକ ରୋହନ ଦୁବେ, ନିର୍ଦ୍ଦେଶିକା ପଲକ ଶୃତି ଦୁବେ, ଜିଏମ୍ (ସେଲ୍‌ସ) ପି.ଆର୍. ଦାସ ଏବଂ ଡିଏସ୍‌ଏମ୍ ଜ୍ୟୋତିରଞ୍ଜନ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



କଟକ ପ୍ରଫେସରପଡ଼ାସ୍ଥିତ ଜେଏମ୍‌ଜି ଅଟୋମୋବାଇଲ୍ସ ଶୋ'ରୁମ୍‌ରେ ବୁଧବାର 'ଅଲ୍ ନ୍ୟୁ ଏଚ୍‌ଏଫ୍-ଡିଲକ୍ସ ପ୍ରୋ'ର ଅନାବରଣ ହୋଇଯାଇଛି। ଏହି ଅବସରରେ ଜେଏମ୍‌ଜି ଅଟୋମୋବାଇଲ୍ସର ମାନେଜିଂ ପାର୍ଟନର ପ୍ରଦୀପ ଅଗ୍ରୱାଲଙ୍କ ସମେତ ଶୋ'ରୁମ୍‌ର ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



କଟକ କନିକାଛକସ୍ଥିତ ସନି ମୋଟର୍ସ ଶୋ'ରୁମ୍‌ରେ ବୁଧବାର 'ଅଲ୍ ନ୍ୟୁ ଏଚ୍‌ଏଫ୍-ଡିଲକ୍ସ ପ୍ରୋ'ର ଅନାବରଣ ହୋଇଯାଇଛି। ଏହି ଅବସରରେ ହିରୋ ମୋଟୋକର୍ପର ଏଏସ୍‌ଏମ୍ ଉଜ୍ଜ୍ୱଳ କୋଉଲି, ଟିଏସ୍‌ଏମ୍ ସୌରଭ ନନ୍ଦ, ଜେଡ୍‌ପିଏମ୍ ଆଶିଷ ହୋତାଙ୍କ ସମେତ ସନି ମୋଟର୍ସର ଏମ୍‌ଡି ଉମରଜିତ ସିଂ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ମହିଳାଙ୍କୁ ସୁରକ୍ଷା ଦେବ ଅଜନ୍ତା ସ୍ମାର୍ଟ ସୁଜ୍




## ଡିଲର୍ସ ମିଟ୍‌ରେ ୩୫୦ ଜୋତା ପ୍ରଦର୍ଶିତ

ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)

ମହିଳାଙ୍କ ସୁରକ୍ଷାରେ ଅଜନ୍ତା ସ୍ମାର୍ଟ ସୁଜ୍ ସହାୟକ ହେବ। ଭାରତୀୟ ଫୁଟ୍‌ୱେର ଶିଳ୍ପରେ ଅଗ୍ରଣୀ ପ୍ରତିଷ୍ଠାନ ଅଜନ୍ତା ସୁଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବୁଧବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଡିଲର ମିଟ୍‌ରେ ଏହାର ଭାଇସ୍ ପ୍ରେସିଡେଣ୍ଟ(ସେଲ୍‌ସ ଆଣ୍ଡ୍ ମାର୍କେଟିଂ) ଧର୍ମବୀର ଜୈନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସ୍ମାର୍ଟ ଜୋତା ବ୍ୟକ୍ତିଙ୍କ ଫୋନ୍ ସହ କନେକ୍ଟେଡ୍ ରହିବ। ଉକ୍ତ ଜୋତା ପିନ୍ଧିଥିବା ବ୍ୟକ୍ତି କଲ୍ କରିପାରିବେ, ମୋବାଇଲର କ୍ୟାମେରାକୁ ନିୟନ୍ତ୍ରଣ କରିପାରିବେ। ଏହା ସହ ଦୈନିକ ଫୁଟ୍ ଷ୍ଟେପ୍ ଗଣନାରେ ମଧ୍ୟ ଏହା ସହାୟକ ହେବ। କୌଣସି ଜରୁରିକାଳୀନ ପରିସ୍ଥିତିରେ ମହିଳାମାନେ ନିଜର ଲୋକେଶନ ପରିବାର କିମ୍ବା ବନ୍ଧୁଙ୍କୁ ଏହି ଜୋତା ମାଧ୍ୟମରେ ଶେୟାର କରିପାରିବେ। ଏପରିକି ଆପଣଙ୍କ ଫୋନ୍ କେଉଁଠି ହଜିଯାଇଥିଲେ ତାହାକୁ ଠାବ ମଧ୍ୟ କରାଯାଇପାରିବ। ଏହି ଜୋତା ପାଦକୁ ମସାଜ ମଧ୍ୟ କରିପାରିବ। ଭାରତରେ ପ୍ରଥମଥର ପାଇଁ ଏପରି ସ୍ମାର୍ଟ ସୁଜ୍ ଉପଲବ୍ଧ ହେବାକୁ ଯାଉଥିବାବେଳେ ଏହାର ଦାମ ୯୯୯୯ଟଙ୍କା ରହିଛି। ତେବେ ଏହି ଜୋତା କେବଳ ମହିଳା ନୁହେଁ ବରଂ ପୁରୁଷଙ୍କ ପାଇଁ ମଧ୍ୟ ଉପଲବ୍ଧ ହେଉଛି। ଜୋତାକୁ ୨ ଘଣ୍ଟା ଚାର୍ଜ କଲେ ପ୍ରାୟ ୪୦ ଘଣ୍ଟା ପର୍ଯ୍ୟନ୍ତ ବ୍ୟବହାର କରିହେବ। ଆୟୋଜିତ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟ ଡିଲରମାନେ ଏକତ୍ରିତ ହୋଇ କମ୍ପାନୀର ମହତ୍ତ୍ୱପୂର୍ଣ୍ଣ ବୃଦ୍ଧି ରଣନୀତିକୁ ଆଗେଇନେବା ପାଇଁ ଆଲୋଚନା କରିଛନ୍ତି। ଏହାସହ ୩୫୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଜୋତା ଓ ଚପଲ ପ୍ରଦର୍ଶିତ ହୋଇଛି। କମ୍ପାନୀ ୨୦୨୬ରେ ୭୦ତମ ବାର୍ଷିକୀ ପାଳନ କରିବାକୁ ଯାଉଛି ଏବଂ ଏହା ସହ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ୨୦୨୮ ସୁଦ୍ଧା ୧,୦୦୦ କୋଟି ଟଙ୍କା ଆୟ ହାସଲ କରିବା ଲକ୍ଷ୍ୟ ରଖିଛି। ଓଡ଼ିଶାର ହାୱାଇ ଚପଲ ବଜାରରେ ୪୦% ଅଂଶୀଦାର ହାସଲ କରିଥିବା ଅଜନ୍ତା ସୁଜ୍ ପଶ୍ଚିମବଙ୍ଗ, ଓଡ଼ିଶାରେ ନିଜର ଉପସ୍ଥିତିକୁ ଦୃଢ଼ କରୁଛି ଏବଂ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଦକ୍ଷିଣାଞ୍ଚଳରେ ଉଚ୍ଚ ସମ୍ଭାବନା ଥିବା ବଜାରକୁ ଟାର୍ଗେଟ କରୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର(ସେଲ୍‌ସ) ପାର୍ଥ ଦାସଗୁପ୍ତା, ଜୋନାଲ ସେଲ୍‌ସ ମ୍ୟାନେଜର ନିକୁଞ୍ଜ ମହାରାଜ, ରିଜିଓନାଲ ସେଲ୍‌ସ ମ୍ୟାନେଜର ଅମରେଶ ତ୍ରିପାଠୀ, ସେଲ୍‌ସ ମ୍ୟାନେଜର ସିଦ୍ଧାର୍ଥ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# କିଆ କାରେନ୍ସ କ୍ଲାଭିସ୍ ଇଭିର ଅନାବରଣ

ଭୁବନେଶ୍ୱର,୧୩।୮



ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ତୃପ୍ତି କିଆ ଶୋ'ରୁମ୍‌ରେ ବୁଧବାର ଦ କାରେନ୍ସ କ୍ଲାଭିସ୍ ଇଭିର ଅନାବରଣ ହୋଇଯାଇଛି। ଏହି ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କିଆ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (କିଆ)ର ବହୁ ପ୍ରତୀକ୍ଷିତ ଇଭି ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଦ କାରେନ୍ସ କ୍ଲାଭିସ୍ ଇଭି'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ତଥା ତୃପ୍ତି କିଆର ପାତ୍ରପଡ଼ାସ୍ଥିତ ଶୋ'ରୁମ୍ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁକୋ ବ୍ୟାଙ୍କର ଏସ୍‌ଏମ୍ (ଆଞ୍ଚଳିକ କାର୍ଯ୍ୟାଳୟ) ମନୋଜ କୁମାର କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୃପ୍ତି କିଆର ଏମ୍‌ଡି ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଦ କାରେନ୍ସ କ୍ଲାଭିସ୍ ଇଭିରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସାମିଲ ରହିଛି। ଏପରିକି ଏହି ମଡେଲ ଏକ ଶକ୍ତିଶାଳୀ ଇଞ୍ଜିନ ଓ ଦକ୍ଷ ବ୍ୟାଟେରି ସହ ଅତ୍ୟାଧୁନିକ ଫିଚରରେ ଅନ୍ତର୍ଭୁକ୍ତ ରହିଛି।

ସେହିଭଳି କିଆର ଏହି ମଡେଲରେ ଅନେକ ପ୍ରକାର ବୈଶିଷ୍ଟ୍ୟ ସାମିଲ ରହିଛି। ଏହି ମଡେଲ କେବଳ ଏହାର ବାହ୍ୟ କିମ୍ବା ଆଭ୍ୟନ୍ତରୀଣ ଡିଜାଇନ ପାଇଁ ଉତ୍କୃଷ୍ଟ ତାହା ନୁହେଁ, ପରନ୍ତୁ ଏହାର ଟେକ୍ନୋଲୋଜି ଓ ଅତ୍ୟାଧୁନିକ ୨୦ଟି ଅଟୋନୋମସ୍ ଆଡାସ୍ ଲେଭେଲ ୨.୦, ଯାହାକି ଆପଣଙ୍କ ସୁବିଧା ଓ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ରହିଛି। ଏହା ମଧ୍ୟ ଆଡପ୍‌ଟିଭ କ୍ରୁଜ୍ କଣ୍ଟ୍ରୋଲ, ଲେନ୍ କିପ୍ ଆସିଷ୍ଟ, କଲିଜନ ଆଭଏଡାନ୍ସ ଏବଂ ଆହୁରି ଅନେକ ନୂତନ ଫିଚର ସମ୍ବଳିତ ରହିଛି, ଯାହା ଆପଣଙ୍କୁ ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରାର ଅନୁଭୂତି ଦେବା ସହିତ ଏଥିରେ ୨ଗୋଟି ବ୍ୟାଟେରି ରହୁଛି। ୪୨କେଡବ୍ଲ୍ୟୁଏଚ୍ ଥରେ ଚାର୍ଜ କଲେ ୪୦୪ କି.ମି. ଏବଂ ୫୧.୪ କେଡବ୍ଲ୍ୟୁଏଚ୍ ଥରେ ଚାର୍ଜ କଲେ ୪୯୦ କି.ମି. ଯିବ। ଏହାର ଅତ୍ୟାଧୁନିକ ଡିଜାଇନ୍ ଏବଂ ଉନ୍ନତ ଫିଚର ମଡେଲକୁ ଆକର୍ଷଣୀୟ କରିଛି। ଏହି ବର୍ଗରେ ଏହା ଏକ ନୂତନ ଚାଳନା ଅଭିଜ୍ଞତା ଦେଇପାରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଇରମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖଣି ଖନନ ପାଇଁ ପରିବେଶ ସୁରକ୍ଷାକୁ ଅଣଦେଖା

## ବାଲାପାଡୁ କ୍ୱାର୍ଜ ଖଣି ଖନନକୁ ଅଞ୍ଚଳବାସୀଙ୍କ ବିରୋଧ

**ରାୟଗଡ଼ା, ୧୩।୮ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ସଦର ବ୍ଲକ୍ ଇରୁକୁବାଡ଼ି ପଞ୍ଚାୟତ ଅନ୍ତର୍ଗତ ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ଅଞ୍ଚଳବାସୀ ଏବଂ ସ୍ଥାନୀୟ ଜନପ୍ରତିନିଧି ବିରୋଧ କରିଛନ୍ତି। ଖଣି ଖନନ ହେଲେ ସେଠାରେ ରହିଥିବା ପ୍ରାକୃତିକ ପରିବେଶ ନଷ୍ଟହେବା ସହ ପାହାଡ଼ରୁ ବାହାରିଥିବା ଚିରସ୍ରୋତା ଝରଣା, ବହୁ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ ଲୋପପାଇଯିବା ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ଇରୁକୁବାଡ଼ିଠାରେ ରାୟଗଡା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଆଞ୍ଚଳିକ ଶାଖା ଓ ଜିଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି ହୋଇଥିଲା । ଜନଶୁଣାଣି ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା କହିଛନ୍ତି।

ସୂଚନାଥାଉକି, ବାଲାପାଡୁ ପାହାଡ଼ର ୫୫.୩୯୪ ହେକ୍ଟର ଅଞ୍ଚଳରେ


ଜଙ୍ଗଲରେ ଭରି ରହିଥିବା ବାଲାପାଡୁ ପାହାଡ଼।

ରହିଥିବା କ୍ୱାର୍ଜ ଓ କ୍ୱାର୍ଜାଇଟ ଖନନ ପାଇଁ ବାଳକୃଷ୍ଣ ପାଢ଼ୀ ନାମକ ଜଣେ ବ୍ୟକ୍ତି ଲିଜ୍‌ରେ ନେଇଛନ୍ତି। ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ହୋଇଥିବା ଜନଶୁଣାଣିରେ ଗ୍ରୀନ୍ ସର୍କଲ, ଆଇଏନ୍‌ସି ନାମକ ଏକ ମାଇନିଂ କନ୍‌ସଲଣ୍ଟାଣ୍ଟ ଖଣି ଖନନ ଦ୍ୱାରା ପରିବେଶ ଓ ଏହା ଉପରେ ପ୍ରଭାବ ସମେତ ୨୦୨୨-୨୩ ମଧ୍ୟରେ ସର୍ଭେକରି ଏକ ରିପୋର୍ଟ ପ୍ରଦାନ କରିଛି । ଉକ୍ତ ରିପୋର୍ଟରେ ବାର୍ଷିକ ୫୪୫୦୦ସିଏମ୍ ଖଣି ଖନନ ପାଇଁ ଯୋଜନା ରହିଛି। ଏହି ଖଣି ଖନନ ଦ୍ୱାରା ପରିବେଶ ଉପରେ କୌଣସି କୁପ୍ରଭାବ ପଡ଼ିବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷେ ଏଠାରେ ଖଣି ଖନନ ହେଲେ ସେଠାରେ ରହିଥିବା ଜଙ୍ଗଲ ନଷ୍ଟହେବା ଯୋଗୁ ଗ୍ରୀଷ୍ମଋତୁରେ ଅହେତୁକ ଗରମ ହେବା ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିଭଳି ବାଲାପାଡୁ ଅଞ୍ଚଳରେ ବୋହିଯାଉଥିବା ବିଭିନ୍ନ ଚିରସ୍ରୋତା ଝରଣା ଆଗାମୀ ଦିନରେ ଲୋପପାଇଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଉକ୍ତ ଝରଣା ଯୋଗୁ ଅଞ୍ଚଳବାସୀ ଆମ୍ବ, ପଣସ, ସପୁରି, ତେନ୍ତୁଳି ଆଦି ଚାଷକରି ନିଜ ଜୀବିକା ନିର୍ବାହ କରୁଥିବା କହିଛନ୍ତି। ରାୟଗଡ଼ା ଜିଲା ମୁଖ୍ୟ ଅବବାହିକା ବା ଜଳ ନିର୍ଭରଶୀଳ ନାଗାବଳୀ ଓ ଝଞ୍ଜାବତୀ ନଦୀ ସମେତ ବିଭିନ୍ନ ଚିରସ୍ରୋତା ଝରଣା ହୋଇଥିବା ବେଳେ ଉକ୍ତ ରିପୋର୍ଟର ପୃଷ୍ଠା ୪ରେ ଋଷିକୁଲ୍ୟା ନଦୀ ବୋଲି ଉଲ୍ଲେଖ ରହିଛି । ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲାରେ ଅବସ୍ଥିତ। ସେହିପରି ଉକ୍ତ ଅଞ୍ଚଳର ତାପମାତ୍ରା ଗ୍ରୀଷ୍ମଋତୁରେ ୪୫ ଡିଗ୍ରୀ ବୋଲି ରିପୋର୍ଟରେ ଲେଖାଯାଇଥିବା ବେଳେ ଘଞ୍ଚ ବୃକ୍ଷଲତା ଓ ପାହାଡ଼ ପାଇଁ ଗ୍ରୀଷ୍ମଋତୁରେ ମଧ୍ୟ ଲୋକେ ଥଣ୍ଡା ଅନୁଭବ କରନ୍ତି ବୋଲି କହିଛନ୍ତି। ଉକ୍ତ ଅଞ୍ଚଳରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଯଥା ଘରଚଟିଆ, ମାଙ୍କଡ଼, ନେଉଳ, ଠେକୁଆ, ପାରା, କୋଇଲି ସମେତ ଜଳଚର ଜୀବଙ୍କ ମଧ୍ୟରେ ପଲିକିଟି, ହେମିପ୍ଲରା, କୋଲିଓପଲ୍ଲାରା, ପ୍ଲନରିଆ, ହିରୁକିନା ଆଦି ରହିଛନ୍ତି। ଏଠାକାର ପାହାଡ଼ରୁ ଖଣି ଖନନ ହେଲେ ଜଙ୍ଗଲ ନଷ୍ଟହେବା ସହ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ଦେଖାଦେଇଛି। ଏଥିସହ ବାଲାପାଡୁ ଖଣି ଅଞ୍ଚଳ ନିକଟରେ ବୋହୁଥିବା ଝରଣା ସମେତ ଭୂତଳ ଜଳ ପ୍ରଭାବିତ ହେବା, ପରିବେଶ ପ୍ରଦୂଷଣ ହେବା ସହ ଚାଷ ନଷ୍ଟହେବା ଆଶଙ୍କା ରହିଥିବା ଇରୁକୁବାଡ଼ିର ପୂର୍ବତନ ସମିତି ସଭ୍ୟ ମିନାରାଓ କରକରିଆ, ନାକିଟି ସମିତି ସଭ୍ୟ ଭୂଷଣ ବିଡ଼ିକା, ଇରୁକୁବାଡ଼ି ସମିତି ସଭ୍ୟ ଦୟାନିଧି କଣ୍ଡାଗରି, ସୁଧାକର କରକରା ଓ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏ ନେଇ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ।

# ବ୍ଲକ୍ ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତା ସଙ୍କୁଚିତ କଲେ ସରକାର

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

- ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଫାଇଲରେ ଦରକାର ନାହିଁ ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ
- ଭୋଟଠାରୁ ବ୍ଲକ୍ ଚୋରି ଭଳି ପାପ ଏ ସରକାର କରିଛନ୍ତି: ବିଜେଡି
- ପଞ୍ଚାୟତସ୍ତରରେ ସରକାରୀ ଦଳର ସଂଖ୍ୟା କମ୍ ଥିବାରୁ ଏଭଳି ନିଷ୍ପତ୍ତି: କଂଗ୍ରେସ
- ଓଡ଼ିଶାର ବିକାଶ ପାଇଁ ଏଭଳି ନିର୍ଣ୍ଣୟ ନିଆଯାଇଛି: ମନ୍ତ୍ରୀ

ଏଣିକି ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାମ ଉପରେ ଆଉ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଦରକାର ନାହିଁ। ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଯେଉଁ କାମ ହେବ ସେହି ଫାଇଲ୍‌ରେ ବିଡିଓ ଦସ୍ତଖତରେ ହେଇଯିବ। ଏହିଭଳି ଭାବେ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତାକୁ ରାଜ୍ୟ ସରକାର ହ୍ରାସ କରିଛନ୍ତି। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଭଳି ନିଷ୍ପତ୍ତି ପରେ ଅନେକ ସ୍ଥାନରେ ବ୍ଲକ୍ ଅଧ୍ୟକ୍ଷମାନେ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଛି। ସୂଚନାଯୋଗ୍ୟ, ପୂର୍ବରୁ ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତର ଆବଶ୍ୟକତା ରହୁଥିଲା। ୨ ଲକ୍ଷରୁ କମ୍ ଟଙ୍କାର ଫାଇଲ୍ ବିଡିଓଙ୍କ ଦସ୍ତଖତରେ ହେଇଯାଉଥିଲା। ଏଣିକି ୨୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ କେବଳ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଦରକାର ହେବ। ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ବିରୋଧୀ କଡା ଭାଷାରେ ସମାଲୋଚନା କରିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରାଜ୍ୟର ପ୍ରାୟ ୯୦ ପ୍ରତିଶତ ବ୍ଲକ୍‌ରେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ସରକାର ବ୍ଲକ ଅଧ୍ୟକ୍ଷ ଏବଂ ଜିଲା ପରିଷଦ ଅଧ୍ୟକ୍ଷଙ୍କ କ୍ଷମତା ଯେଭଳି ସଙ୍କୁଚିତ କଲେ ଏହା ହତ୍ୟା ନା ଆତ୍ମହତ୍ୟା। ଭୋଟ୍ ଠାରୁ ବ୍ଲକ ଚୋରି ପର୍ଯ୍ୟନ୍ତ ଯେଉଁ ପାପ କରିଛନ୍ତି ତାକୁ ଧୋଇବା ଲାଗି ସମୟ ନ ଥିବ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ସି.ଏସ୍. ରାଜନ୍ ଏକ୍କା କହିଛନ୍ତି, ଅଧିକାଂଶ ସମିତି, ସରପଞ୍ଚ, ବ୍ଲକ ଅଧ୍ୟକ୍ଷ ଏବଂ ଜିଲା ପରିଷଦରେ ସରକାରୀ ଦଳର ସଂଖ୍ୟା ବହୁତ କମ୍ ଥିବାରୁ ସେମାନେ ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ରାଜନ୍ କହିଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାର ବିକାଶ କିଭଳି ଅଧିକ ହୋଇପାରିବ ସେଥିଲାଗି ଏଭଳି ନିର୍ଣ୍ଣୟ କରାଯାଇଛି। ଏହାଦ୍ୱାରା କାହା ପ୍ରତି କୁଠାରଘାତ ହେବ ନାହିଁ। ଲୋକ ଏବଂ ଅଞ୍ଚଳର ଉନ୍ନତି ଯେତେବେଳେ ନ ହେବ ସେହି ସମୟରେ ସ୍ୱର ଉଠିଥାଏ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।


## ୭୯ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ରାମଚନ୍ଦ୍ର ଦାସ**
ଶ୍ରୀରାମନଗର ଓଲ୍ଡଟାଉନ୍, ଭୁବନେଶ୍ୱର

ଆଜି ତୁମର ଜନ୍ମଦିନରେ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ଲିଙ୍ଗରାଜ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଚଲାପଥ କୁସୁମିତ କରନ୍ତୁ।
ଧ-1642


# ପଞ୍ଚାୟତିରାଜ ବ୍ୟବସ୍ଥାକୁ ତଳିତଳାନ୍ତ ପାଇଁ ଚକ୍ରାନ୍ତ ଚାଲିଛି: ଭକ୍ତ

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ତଳିତଳାନ୍ତ କରିବାକୁ ବସିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବୁଧବାର ଭକ୍ତ କହିଛନ୍ତି, ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ନଷ୍ଟ କରିବା ଦିଗରେ ସରକାର ସବୁବେଳେ କାର୍ଯ୍ୟ କରି ଆସୁଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଉପେକ୍ଷାକରି ବିଡିଓଙ୍କ ହାତରେ ନିରଙ୍କୁଶ କ୍ଷମତା ପ୍ରଦାନ ପଞ୍ଚାୟତିରାଜ ପରି ପବିତ୍ର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାର ହତ୍ୟା ଛଡ଼ା ଆଉ କିଛି ନୁହେଁ ।

ସେ କହିଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଗ୍ରାମାଞ୍ଚଳରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସମ୍ବିଧାନର ୭୩ତମ ସମ୍ବିଧାନ ସଂଶୋଧନ ଆଇନ ପ୍ରଣୟନ କରି ପଞ୍ଚାୟତ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଥିଲା । ଏହି ଆଇନ ଅନୁସାରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା ଏବଂ ପଞ୍ଚାୟତସ୍ତରରୁ ଆରମ୍ଭକରି ଜିଲାସ୍ତର ପର୍ଯ୍ୟନ୍ତ କ୍ଷମତା ମଧ୍ୟ ହସ୍ତାନ୍ତର କରାଗଲା । କିନ୍ତୁ ଓଡ଼ିଶା ସରକାର ପଞ୍ଚାୟତ ବ୍ୟବସ୍ଥାର ଖୋଲା ଉଲ୍ଲଂଘନ କରି ନିର୍ବାଚିତ ପ୍ରତିନିଧିମାନଙ୍କ ଅଧିକାରକୁ କ୍ଷୁଣ୍ଣ କରିବା ପାଇଁ ପ୍ରୟାସ କରିଛନ୍ତି, ଏହା ଏକ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଚକ୍ରାନ୍ତ । ପ୍ରଦେଶ କଂଗ୍ରେସ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ଼ ଭାବେ ବିରୋଧ କରୁଛି । ଏଥିପାଇଁ କଂଗ୍ରେସ ରାଜନୈତିକ ଲଢ଼େଇ ସହ ଆଇନଗତ ଲଢ଼େଇ କରିବ ବୋଲି ଭକ୍ତ କହିଛନ୍ତି।

# ଚାଷୀ ପଞ୍ଜୀକରଣ ସନ୍ତୋଷଜନକ ନୁହେଁ

## ଛୁଟିଦିନ, ରବିବାରରେ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ରାଜ୍ୟରେ ଚାଷୀ ପଞ୍ଜୀକରଣ ନିରୁତ୍ସାହଜନକ। ଗତବର୍ଷ ତୁଳନାରେ ଅନ୍‌ଲାଇନ ଚାଷୀ ପଞ୍ଜୀକରଣ ସେଭଳି ହୋଇନାହିଁ। ତେଣୁ ଛୁଟିଦିନ ଓ ରବିବାରରେ ଏହି ପଞ୍ଜୀକରଣ କାର୍ଯ୍ୟ କରିବାକୁ ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ସମସ୍ତ ଉପନିବନ୍ଧକଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ବୁଧବାର ନିବନ୍ଧକଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପତ୍ରରେ କୁହାଯାଇଛି, ରାଜ୍ୟର କେତେକ ଜିଲାରେ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ), ବୃହତ୍ କୃଷି ବିପଣନ ସହକାରୀ ସମିତି(ଲାମ୍ପ୍ସ), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀ ପଞ୍ଜୀକରଣର ଅଗ୍ରଗତି ସନ୍ତୋଷଜନକ ହୋଇନାହିଁ। ଗତବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ପଞ୍ଜୀକରଣ ତୁଳନାରେ ଅନେକ ଜିଲାରେ ଚାଷୀ ପଞ୍ଜୀକରଣ କମ୍ ହୋଇଛି। କେତେକ ପ୍ରାଥମିକ ପଣ୍ୟ ସଂଗ୍ରହ କେନ୍ଦ୍ର(ପିପିସି) ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିଛନ୍ତି, କିନ୍ତୁ ଅଗ୍ରଗତି ନାମମାତ୍ର। ଖାଦ୍ୟ ଯୋଗାଣ ବିଭାଗ ଦ୍ୱାରା ପଞ୍ଜୀକରଣ କାର୍ଯ୍ୟ ପାଇଁ ଚଳିତ ମାସ ୨୦କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହାସହିତ ଅନେକ ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ଦ୍ୱାରା ଚାଷୀ ନିବନ୍ଧନରେ ଅଗ୍ରଗତି କମ୍ ରହିଛି, ଯାହା ଚିନ୍ତାର ବିଷୟ। ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ମିଶନ ଶକ୍ତିଙ୍କ ସହ ପରାମର୍ଶ କରି ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ। ସେହିଭଳି ଅନେକ ପ୍ରାଥମିକ ପଣ୍ୟ ସଂଗ୍ରହ କେନ୍ଦ୍ରରେ ଚାଷୀ କୋଡ୍ ଜେନେରେଶନରେ ବହୁ ବିଳମ୍ବ ହେଉଥିବା ଦେଖାଯାଇଛି, ଯାହାଫଳରେ ରିୟଲ-ଟାଇମ୍ ଆଧାରରେ ପଞ୍ଜୀକରଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହୁଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରି ଚାଷୀ କୋଡ୍ ଜେନେରେଶନ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ବିଭିନ୍ନ ସମୟରେ ଇଣ୍ଟରନେଟ୍ ସମସ୍ୟା ଏଡ଼ାଇବା ପାଇଁ ରବିବାର ଓ ଛୁଟିଦିନ ସମେତ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ପାକ୍ସ ଓ ଲାମ୍ପ୍ସ ଖୋଲାରହିବ। ଶେୟାର କ୍ରପରଙ୍କ ନିବନ୍ଧନ କ୍ଷେତ୍ରରେ ୧୦୦% କ୍ଷେତ୍ର ଯାଞ୍ଚ କରାଯିବ, ଯେଉଁଥିରେ ଜମି ମାଲିକଙ୍କ ସହମତି ସହ ଶେୟାର କ୍ରପରଙ୍କ ଦ୍ୱାରା ଚାଷ କରାଯାଇଥିବା ଜମିର ବାସ୍ତବ ଚାଷ ଯାଞ୍ଚ କରାଯିବା ପାଇଁ ପତ୍ରରେ ଦର୍ଶାଯାଇଛି।


# Classified Everyday

0674-2580101, 9692975378


REAL ESTATE

**SALE**

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର AIIMS Medical ପାଖରେ B.D.A Town Planning, Road 30ft., Electricity, Yellowzone ଘରବାଡ଼ି ପାଚେରୀ ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D-1635

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**EDUCATION**

Home tution available for Class 1-7, GGP Colony, Rasulgarha. Contact- 9861584808. D-1643

**LOST**

I, Saroj Sahu, S/o. Late Sitanath Sahu, R/o. Village- Golaknagar, P.O.- Godbhaga, P.S.- Burla, Dist.- Sambalpur (Odisha), declare that my father was the recorded owner of Chaka Khata No. 1215/17 of mouza- Kalamati and he had been issued with a ROR Patta. That, I have lost the above mentioned original ROR patta somewhere while I was travelling from Godbhaga to Sambalpur on dt. 08.08.2025. I could not find it out inspite of my best effort. D-1641

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1132 date 12.08.25, I Abhimanyu Dhala, R/o. Village- Lundaberuni, P.O.- Balasinga, P.S./ Dist.- Boudh, Odisha, Pin- 762014 declare that I have changed my name from Abhimayu Dhal to Abhimanyu Dhala. Henceforth I shall be known as Abhimanyu Dhala for all purposes.
Abhimanyu Dhala D-1639

By virtue of an affidavit sworn before the Executive Magistrate, Jharsuguda on dtd. 03/03/2025, I Arun Sa, S/o - Giridhari Sa, R/o. Village/P.O.- M. Katapali, P.S.- Rengali, Dist.- Jharsuguda ( Odisha) declared that, My son's name is PRASANTA SA but wrongly mentioned as PEASANTA SA in his Aadhaar card. Both the name relates to one and same person i. e. my son only.
Sd/- Arun Sa D-1638

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of affidavit sworn before the Executive Magistrate, Jharsuguda on dtd. 27/01/2025, I KISHORI BISI, W/o.- Niku Bishi & D/o- Pandaba Bishi, R/o. Village/P.O. - Rajpur, P.S.- Brajrajnagar, Dist.- Jharsuguda (Odisha) declared that, Kishori Bishi, Kishori Dei & Kishori Kandara is the name of one and same person i.e the name of myself only.
Sd/- Kishori Bishi D-1637

By virtue of an affidavit sworn before Notary Public, Nuabhandri, dated - 12.08.2025 I, Suryakanta Majhi, Address- At- Nuabhandri, P.O.- Bandapipili, Block- Kotagarh, P.S.- Kotagarh, Dist.- Kandhamal, State- Odisha, declare that I have changed my name from Surya Majhi to Suryakanta Majhi. Henceforth, I shall be known as Suryakanta Majhi for all purposes.
Suryakanta Majhi D-1644

I, Sangram Kishore Rout, S/o- Kulamani Rout, At- Panamurga, P.O.- Ghatipiri, P.S.- Sadar, Dist.- Dhenkanal- 759015, Odisha, have changed my minor son name from Saubhagya Jena to Saubhagya Rout dated- 01.08.2025 before Executive Magistrate, Dhenkanal. D-1640

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**୰ପ୍ରମୋଦ କୁମାର ସାହୁ**
(ଆଡଭୋକେଟ କ୍ଲର୍କ)
କୁଣ୍ଡେଇ ବେଣ୍ଟ ସାହି, ଲବଣିଖିଆ ଛକ, ପୁରୀ
ଆବିର୍ଭାବ: ୦୫।୦୨।୧୯୬୫
ତିରୋଧାନ: ୨୪।୦୮।୨୦୨୪

ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପତ୍ନୀ, ବିନୋଦିନୀ ସାହୁ, କନ୍ୟା ପ୍ରିୟଦର୍ଶିନୀ, ଶୁଭଦର୍ଶିନୀ, ଜାମାତା- ଦିଲ୍ଲୀପ, ନାତି- ପ୍ରାଂଶୁ, ପୁତୁରା- ପୁତୁରା ବୋହୂ, ଝିଆରୀ- ଝିଆରୀଜ୍ୱାଇଁ, ନାତି ନାତୁଣୀ, ପରିବାର ଓ ବନ୍ଧୁବର୍ଗ।
ଧ-୧୬୩୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶଶୀକାନ୍ତ ଦାସ**
କନିକାପଡା, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୨।୦୮।୧୯୬୭
ତିରୋଧାନ: ୧୪।୦୮।୨୦୨୪

ଚାହିଁ ଚାହିଁ ବର୍ଷଟେ ବିତିଗଲା...କାହାକୁ କହିବି ଏ ଦର୍ଦଭରା ବୁକୁର ବେଦନା...କେମିତି ଭୁଲିବି ତୁମକୁ ?
ତୁମେ ଗଲା ପରେ ନିଃସଙ୍ଗତା ସହ ବନ୍ଧୁତା ଦେଇଛି ଯୋଡି, ଭାଙ୍ଗି ତ ଯାଇଛି ପକ୍ଷ ଦୁଇ ମୋର ଟିକେ ଉଠେ, ଟିକେ ପଡ଼ି, ଜୀବନ ବିତୁଛି ସଂଘର୍ଷରେ ମୋର ହିସାବ କରୁଛି ବସି କେତେ ଯେ ହାରିଛି କେତେ ଯେ ଜିତିଛି, କେତେ ବା ପାଉଛି ଖୁସି ?

ଚିରଦୁଃଖିନୀ ଓ ହତଭାଗିନୀ ପତ୍ନୀ, ସ୍ୱପ୍ନାରାଣୀ ଦାସ(ମିନୁ)
ଧ-୧୬୪୫


# ଶୀତଳଭଣ୍ଡାର, ଗୋଦାମ ଘର ଶୀଘ୍ର କର: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ଓ ଏହାର କାର୍ଯ୍ୟକ୍ଷମ ନିମନ୍ତେ ବୁଧବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କୃଷି ଭିତ୍ତିଭୂମି ସୁଦୃଢ଼ ହେଲେ ହିଁ କୃଷକମାନେ ସଶକ୍ତ ହେବେ। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଶୀତଳଭଣ୍ଡାର ଏବଂ ଗୋଦାମର ବହୁ ଆବଶ୍ୟକ ଥିବାରୁ ଏହାକୁ ଯଥାଶୀଘ୍ର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରତି ସବ୍‌ଡିଭିଜନରେ ଅତିକମ୍‌ରେ ଗୋଟିଏ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାର ଅନୁମୋଦନପ୍ରାପ୍ତ କରିଛନ୍ତି। ଏଥିଲାଗି ବହୁ ସଂସ୍ଥା ଆବେଦନ ମଧ୍ୟ କରିଛନ୍ତି। ବର୍ତ୍ତମାନ ଏସବୁ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଯଥାଶୀଘ୍ର ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ସାର ଯୋଗାଣର ସ୍ଥିତିକୁ ଉପମୁଖ୍ୟମନ୍ତ୍ରୀ ସମୀକ୍ଷାକରି କଳାବଜାର ହ୍ରାସ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାବ୍ୟତୀତ ବିଭାଗର ଆଗାମୀ ରଣନୀତି ଓ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରଙ୍କ ବ୍ୟବସ୍ଥାଗତ ବିଫଳତାର ସ୍ୱୀକାରୋକ୍ତି କଲେ ମୁଖ୍ୟ ସଚିବ: ବିଜେଡି

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

ଲୋକସେବା ଭବନରେ ମଙ୍ଗଳବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଯେଉଁ ୧୦ଟି ଦିଗ ଉପରେ ଫୋକସ କରିଛନ୍ତି ତାହା ରାଜ୍ୟ ସରକାରଙ୍କ ୧୪ ମାସର ବ୍ୟବସ୍ଥାଗତ ବିଫଳତାର ସ୍ୱୀକାରୋକ୍ତି ବୋଲି ବିଜେଡି କହିଛି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ୟୁଆଇ ନୋଟ୍‌ର ତୁରନ୍ତ ଉତ୍ତର ଓ ନିଆଯାଇଥିବା ପଦକ୍ଷେପ ସମ୍ପର୍କିତ ତଥ୍ୟ ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ଏହି ସରକାରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଜିଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟରେ ଏଆଇ କ୍ୟାମେରା ଲଗାଇବା ପାଇଁ ନିଷ୍ପତ୍ତିକୁ ନେଇ ଲେନିନ୍ କହିଛନ୍ତି, ପୁରୀ ରଥଯାତ୍ରାରେ ମଧ୍ୟ ସରକାର ୨୪୩ଟି ଏଆଇ କ୍ୟାମେରା ଲଗାଇଥିଲେ। କିନ୍ତୁ ଫଳ କ'ଣ ହେଲା ରାଜ୍ୟବାସୀ ଦେଖିଛନ୍ତି। ଲୋକଙ୍କୁ ସେବା ପ୍ରଦାନରେ ବିଳମ୍ବର ଅନୁଧ୍ୟାନ କରାଯିବ ବୋଲି ସରକାର କହିବାର ଅର୍ଥ, ସେବା ବିଳମ୍ବିତ ହୋଇଛି ବୋଲି ସରକରା ସ୍ୱୀକାର କରୁଛନ୍ତି। ୨୦୨୩ ମେ' ମାସରୁ ମୁଖ୍ୟମନ୍ତ୍ରୀ ଡ୍ୟାସ୍‌ବୋର୍ଡ କାର୍ଯ୍ୟକ୍ଷମ ହୋଇସାରିଥିଲେ ମଧ୍ୟ ବର୍ତ୍ତମାନ ସରକାର କହୁଛନ୍ତି ଆଗାମୀ ଅକ୍ଟୋବରରୁ ଏହା ଆରମ୍ଭ ହେବ। ଭାଜପା ସରକାରକୁ ଆସିବାର ୧୪ ମାସ ପରେ ମନେପଡ଼ିଲା କେନ୍ଦ୍ରୀୟ ସ୍କିମ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ସେଥିପାଇଁ ପ୍ରତି ମାସର ୭ ତାରିଖରେ ଜିଲାପାଳ ଏହାର ସମୀକ୍ଷାକରିବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବିଜେଡି କରିଥିବା ଅଭିଯୋଗକୁ ସରକାର ସ୍ୱୀକାର କରିଛନ୍ତି ଯେ ସବୁ ବିଭାଗରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ ବୋଲି ଲେନିନ୍ କହିଛନ୍ତି।

# ଟାଇଗରଙ୍କ ଗୁରୁ ଦକ୍ଷିଣା

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିରହିଛନ୍ତି। କେବେ ସେହି ଶୁଭ ଦିନ ଆସିବ। ଅବଶ୍ୟ ତାହା ଯେତିକି ପାଖେଇ ଆସୁଛି, ତାଙ୍କର ଉତ୍କଣ୍ଠା ସେହି ଅନୁସାରେ ବଢ଼ି ବଢ଼ି ଚାଲିଛି। କଥା କ'ଣ କି ସେ ଖୁବ୍ ଶୀଘ୍ର ଗୁରୁ ଦକ୍ଷିଣା ଦେବାକୁ ଯାଉଛନ୍ତି। ହେଲେ କିଏ ତାଙ୍କର ଗୁରୁ ଆଉ ଦକ୍ଷିଣାଟି କ'ଣ ? ଅସଲ କଥା ହେଲା ସେ ଅଭିନୟ କରିଥିବା 'ବାଗୀ ୪' ଆସନ୍ତା ମାସ ୫ ତାରିଖ ଅର୍ଥାତ୍, ଗୁରୁ ଦିବସରେ ହିଁ ରିଲିଜ ହେବାକୁ ଯାଉଛି। ଆଉ ଏହି ପବିତ୍ର ଦିବସରେ ସେ ନିଜ ଗୁରୁଙ୍କୁ ଏହାକୁ ଦକ୍ଷିଣା ସ୍ୱରୂପ ଦେବେ। ହେଲେ ତାଙ୍କର ଗୁରୁ କିଏ ଜାଣିବେନି ? ସେ ଆଉ କେହି ନୁହନ୍ତି ତାଙ୍କର ପାପା ତଥା ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫ। ଏ ବିଷୟରେ ଟାଇଗର କହନ୍ତି, 'ମୋ ପାପା ହିଁ ହେଉଛନ୍ତି ମୋର ପ୍ରକୃତ ଗୁରୁ। ତାଙ୍କ ନିକଟରୁ ମୁଁ ଅଭିନୟ ଶିଖିଛି। ତେଣୁ ଏଥର ଗୁରୁ ଦିବସରେ 'ବାଗୀ ୪' ଫିଲ୍ମଟି ହେଉଛି ତାଙ୍କ ପାଇଁ ଗୁରୁ ଦକ୍ଷିଣା।'' ସାଜିଦ ନାଦିଆଡୱାଲାଙ୍କ ଦ୍ୱାରା ପ୍ରଯୋଜିତ ଏହି ଆକ୍ସନଭିତ୍ତିକ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏ. ହର୍ଷ। ଏଥିରେ ଟାଇଗରଙ୍କ ବ୍ୟତୀତ ସଞ୍ଜୟ ଦତ୍ତ ଏବଂ ସୋନମ ବାଜୱା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।


ଟାଇଗର

# ଭୁଲି ପାରିବେନି ସାଇ

ଦକ୍ଷିଣ ଭାରତୀୟ ସିନେମାରେ ସାଇ ପଲ୍ଲବୀ ଜଣେ ପରିଚିତା ଅଭିନେତ୍ରୀ। ଡାକ୍ତରୀ ପାଠ ପଢ଼ିଥିଲେ ମଧ୍ୟ ଅଭିନୟ ପ୍ରତି ତାଙ୍କ ରୁଚି ପିଲାଟି ଦିନରୁ ଥିଲା। ଇତିମଧ୍ୟରେ ସେ ଅନେକ ତେଲୁଗୁ, ତାମିଲ ଏବଂ ମାଲୟାଲମ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ହେଲେ ନିଜ ଅଭିନୟ ଜୀବନର ସବୁଠାରୁ ସ୍ମରଣୀୟ ଘଟଣା ବିଷୟରେ ସେ ନିକଟରେ ସୂଚନା ଦେଇଥିଲେ। ତାହା କ'ଣ ଜାଣନ୍ତି ? ନିର୍ମାଣାଧୀନ ପୌରାଣିକ ହିନ୍ଦୀ ସିନେମା 'ରାମାୟଣ'ରେ ଅଭିନୟ କରିବା। ଏହି ବିଗ୍ ବଜେଟ୍ ଫିଲ୍ମରେ ସେ ସୀତା ଭୂମିକାରେ ଦେଖିବାକୁ ମିଳିବେ। ଏ ବିଷୟରେ ସାଇ କହନ୍ତି, ''ରାମାୟଣ ପରି ବିଷୟବସ୍ତୁ ଆଉ ସୀତା ଚରିତ୍ର- ଏଭଳି ସୁଯୋଗ ଭାଗ୍ୟରେ ଥିଲେ ମିଳେ। କେବଳ ସେତିକି ନୁହେଁ, ସେହି ଚରିତ୍ରକୁ କିପରି ମୁଁ ଶତ ପ୍ରତିଶତ ଜଷ୍ଟିସ ଦେଇପାରିବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରି ନେଇଥିଲି। ଏହାର ଶୁଟିଂ ସମୟରେ ଯେତେବେଳେ ମୁଁ ସୀତା ଗେଟଅପ ନେଇ ସାରିଲି ମୋ ଆଖିରେ ଲୁହ ଆସି ଯାଇଥିଲା। ଏହି ଭୂମିକାଟି ମୋର ସାରା ଜୀବନ ସ୍ମରଣୀୟ ହୋଇ ରହିବ।'' ରଣବୀର କପୁର (ରାମ), ୟଶ (ରାବଣ), ସନ୍ନି ଦେଓଲ (ହନୁମାନ) ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି।


ସାଇ

# କେବଳ ଅପେକ୍ଷା...

ନୂଆ ଓଡ଼ିଆ ସିନେମା 'ଦର୍ପଣ' ଏବେ ରିଲିଜ ଅପେକ୍ଷାରେ ରହିଛି। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସପେନ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ। କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରଣ୍ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ଭାରତ।

**ପରଦା ପଛରେ..**

# ଭଲ ସିନେମାକୁ ସବୁବେଳେ ଗୁରୁତ୍ୱ ଦେଉ

ଦର୍ଶକାଦୃତ ନିର୍ଦ୍ଦେଶକ ଯୋଡି ଦେବୀ ପ୍ରସାଦ ଲେଙ୍କା ଏବଂ ବିଶାଲ ମୌର୍ଯ୍ୟ ଓଡ଼ିଆ ସିନେମା ସମ୍ପର୍କରେ ଯାହା କହନ୍ତି....


ଦେବୀ ପ୍ରସାଦ ବିଶାଲ

ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ 'ଦମନ' (୨୦୨୨)ର ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ। ଏହି ସିନେମାଟି ସେମାନଙ୍କୁ ଯେତିକି ପରିଚୟ ଦେଇଛି ତାହାକୁ ଆଧାର କରି ସେମାନେ ଏବେ ଆଉ କେତୋଟି ଚିତ୍ର ନିର୍ମାଣ କରୁଛନ୍ତି। ତେବେ ନିକଟରେ ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ଏହି ଯୋଡ଼ିକୁ ପୁରସ୍କୃତ କରାଯାଇଥିଲା। ଏଭଳି ଏକ ସମୟରେ ଦୁହେଁ ଓଡ଼ିଆ ସିନେମାକୁ ନେଇ ନିଜର ଅନୁଭୂତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ''ଯେତେବେଳେ ଆମେ 'ଦମନ' ନିର୍ମାଣ କଲୁ ସେତେବେଳେ ଏହାକୁ କିପରି ଏକ ଭଲ ସିନେମା କରାଯାଇ ପାରିବ ସେ ନେଇ ଦିନ ରାତି ଏକାଠି କରିଦେଇଥିଲୁ। ଆଉ ଏଥିରେ ବାବୁସାନ ଏବଂ ଅନ୍ୟ କଳାକାରଙ୍କ ନିଖୁଣ ଅଭିନୟ ସିନେମାଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଥିଲା। ପୁରସ୍କାର ଆମ ପାଇଁ ପ୍ରେରଣା। ଦର୍ଶକ ଆମକୁ ଯେତିକି ଭଲ ପାଇବା ଦେଇଛନ୍ତି ତାହାକୁ ଆଧାର କରି ଆମେ ଆଗକୁ ଆଗଉଛୁ। ଆମ ନିର୍ଦ୍ଦେଶନାରେ 'ମୁରବୀ' ସିନେମାର ଶୁଟିଂ ଶେଷ ହୋଇଛି। ଖୁବ୍ ଶୀଘ୍ର ଆଉ ଏକ ନୂଆ ସିନେମା 'ଲ୍ୟାଣ୍ଡଫଲ୍' ନିର୍ମାଣ ହେବ। ବର୍ତ୍ତମାନ ଭଲ ଓଡ଼ିଆ ସିନେମାର ନିର୍ମାଣ ଧାରା ଫେରିଛି କହିଲେ ଆଦୌ ଭୁଲ ହେବ ନାହିଁ। ଗତ କିଛି ବର୍ଷ ଭିତରେ ବେଶ୍ କେତୋଟି ସିନେମାକୁ ଦର୍ଶକ ଗ୍ରହଣ କରିଛନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଆମ ସିନେମା ଏବେ ଲଗାତର ପୁରସ୍କାର ହାସଲ କରୁଛି। ଭଲ ସିନେମାଟିଏ ନିର୍ମାଣ କଲେ ଦର୍ଶକ ତାହାକୁ ନିଶ୍ଚୟ ଦେଖିବେ ବୋଲି କହନ୍ତି ବିଶାଲ।''

# କାହାକୁ ଡରନ୍ତି ଆଲିଆ

ଆଲିଆ ଭଟ୍ଟ ଗୋଟିଏ କଥାକୁ ଭାରି ଡରନ୍ତି। ତାହା ହେଲା କୁକୁର। ଏପଟେ ସେ ପଶୁ ସୁରକ୍ଷା ଅଭିଯାନରେ ନିଜକୁ ସାମିଲ କରିଛନ୍ତି। କେବଳ ସେତିକି ନୁହେଁ, ଘରେ ବିଲେଇ ପାଳିଛନ୍ତି। ହେଲେ କୁକୁରଙ୍କୁ ତାଙ୍କର ଭାରି ଭୟ। ଏ ବିଷୟରେ ସେ କହନ୍ତି, ''କୁକୁରକୁ କାହିଁକି ମୁଁ ଭୟ କରେ ତାହା ପଛରେ ଏକ କାରଣ ରହିଛି। ଏକଦା ସ୍କୁଲରେ ପଢ଼ିବା ବେଳେ ମୋତେ ଏକ କୁକୁର ଭୁକି ଭୁକି କିଛି ବାଟ ଗୋଡ଼ାଇଥିଲା। ଆଉ ସେହି ଦିନୁ କୁକୁର ପ୍ରତି ମୋ ମନରେ ଭୟ ରହିଆସିଛି। ଏବେ ମଧ୍ୟ କୁକୁରଟିଏ ଦେଖିଲେ ମୋ ମନରେ ଛନକା ପଶିଯାଏ।'' ଅଭିନୟ ବ୍ୟତୀତ ଆଲିଆଙ୍କର ଏକ ଖେଳ ପ୍ରତି ରୁଚି ରହିଛି। ତାହା ହେଲା ହ୍ୟାଣ୍ଡବଲ୍। ଏକ ଖାସ୍ କଥା ଜାଣନ୍ତି ? ତାଙ୍କ ପିଲାଦିନର ଅନେକ ସ୍ମୃତିକୁ ସେ ଏପର୍ଯ୍ୟନ୍ତ ସାଇତି ରଖିଛନ୍ତି। ସେ ଯେତେବେଳେ ଅଭିନୟ ଆରମ୍ଭ କଲେ ସେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। ମହେଶ ଭଟ୍ଟଙ୍କ ପ୍ରଯୋଜିତ ଏବଂ ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ 'ସଂଘର୍ଷ'ରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ସେ ଯେଉଁ ବିଲେଇ ପାଳିଛନ୍ତି ତାହାର ନାମ ହେଲା ଏଡୱାର୍ଡ। ଟିକେ ଟିକେ କଥାରେ ସେ ଇମୋଶନାଲ ହୋଇପଡ଼ନ୍ତି। ମିଛ କହିବାକୁ ସେ ଭାରି ଘୃଣା କରନ୍ତି। ବର୍ତ୍ତମାନ ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ମାଣାଧୀନ ଫିଲ୍ମ 'ଲଭ୍ ଆଣ୍ଡ ୱାର'ରେ ସେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର।



# ସୂତା ଖିଅର ଡୋର...

ମଣିଷ ଯାହା ଭାବୁଥାଏ ତାହା ବେଳେବେଳେ ସତରେ ପରିଣତ ହୁଏ। ଏଥିଲାଗି କେତେବେଳେ ଅପେକ୍ଷା କରିବାକୁ ପଡ଼େ ତ ପୁଣି କେତେବେଳେ ତାହା ଶୀଘ୍ର ସତ ହୋଇଥାଏ। ଠିକ୍ ସେହିଭଳି ଏକ ମନଲାଖି କାହାଣୀକୁ ଆଧାର କରି ସିନେମାଟିଏ ନିର୍ମାଣ କରିବାକୁ ଯୋଜନା କରୁଥିଲେ ଅର୍ଦ୍ଧେନ୍ଦୁ ସାହୁ। ଆଉ ଏବେ ତାହା ସତରେ ପରିଣତ ହୋଇଛି। ଏହି ଚିତ୍ରଟିର ଟାଇଟଲ ରହିଛି 'ଚ୍ୟାଲେଞ୍ଜ'। ଏଥିରେ ଆକ୍ସନ, ଇମୋଶନ, ଫ୍ୟାମିଲି ଡ୍ରାମା ଏବଂ କମେଡ଼ି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏକ ରାଖୀ ଗୀତର ଦୃଶ୍ୟାୟନ କରାଯାଇଛି। ଏହି ଫିଲ୍ମରେ ଅର୍ଦ୍ଧେନ୍ଦୁଙ୍କ ଭଉଣୀ ଭୂମିକାରେ ଅଭିନୟ କରିଛନ୍ତି ଲିପି ମହାପାତ୍ର। ଆଉ ସେହି ରାଖୀ ଗୀତଟି ହେଉଛି 'ସୂତା ଖିଅର ଡୋର, ଏ ସମ୍ପର୍କ ଆମର..'। ସ୍ମିତ ପଟ୍ଟନାୟକଙ୍କ ରଚିତ ଏହି ଗୀତଟିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। ଗୀତଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଉଭୟ ଅର୍ଦ୍ଧେନ୍ଦୁ ଏବଂ ଲିପି। ଚିତ୍ରଟିର ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ। ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶନାରେ ଏହାର ପ୍ରମୁଖ ଭୂମିକାରେ ବଲିଉଡ୍ ଅଭିନେତା ପୁନୀତ ଇସାର (ମହାଭାରତ ଧାରାବାହିକର ଦୁର୍ଯ୍ୟୋଧନ) ଏବଂ ପୁପିନ୍ଦରଙ୍କୁ ଦେଖିବାକୁ ମିଳିବ। ଆଦିକନ୍ଦ ସାହୁଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରଟି ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ସିନେମାଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


'ଚ୍ୟାଲେଞ୍ଜ' ଫିଲ୍ମରେ ଅର୍ଦ୍ଧେନ୍ଦୁ-ଲିପି

# ବାର୍ତ୍ତା ଜଙ୍ଗଲ ସୁରକ୍ଷାର

ନବାଗତ ଶୁଭମ ସାଗର ନିର୍ମାଣାଧୀନ ଓଡ଼ିଆ ସିନେମା 'ଲାଡୋ-ମାଟିର ମଣିଷ' ଫିଲ୍ମର ନାୟକ ସାଜିବା ସହ ସେ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ, ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ଗଛ ଲଗାଅ ପରିବେଶ ବଞ୍ଚାଅ ପରି ବାର୍ତ୍ତା ମଧ୍ୟ ଏହି ଫିଲ୍ମରେ ରହିଛି। ନିଜର ପ୍ରଥମ ସିନେମା ବିଷୟରେ ଶୁଭମ୍ କହନ୍ତି, ''ଯେହେତୁ ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି ତେଣୁ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଛି।'' ସତ୍ୟଭାମା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଆର୍ଲିନ ଅଙ୍କିତା, ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି।


'ଲାଡୋ' ଫିଲ୍ମରେ (ବାମରୁ) ଶୁଭମ- ସୁଶାନ୍ତ


'ୱାର-୨' ଫିଲ୍ମରେ (ବାମରୁ) ଜୁନିୟର ଏନ୍‌ଟିଆର୍-ହ୍ରିତିକ

**ଆଜି ପରଦାରେ**

# ୱାର-୨

ବହୁ ପ୍ରତୀକ୍ଷିତ ହିନ୍ଦୀ ସିନେମା 'ୱାର ୨' ଆଜି ରିଲିଜ ହେବାକୁ ଯାଉଛି। କାହାଣୀ ଅନୁସାରେ କବୀର ଧଲିୱାଲ ଜଣେ ପୂର୍ବତନ ଇଣ୍ଟେଲିଜେଣ୍ଟ ଏଜେଣ୍ଟ। ସମୟକ୍ରମେ ସେ ଜଣେ ଡନ୍ ଭାବରେ ଦେଶ ସାମନାର ଉଭା ହେଉଛି। ତାହାର ପ୍ରକୋପ ଅଧିକ ହେବା ପରେ ଭାରତ ସରକାର ଏକ ସ୍ୱତନ୍ତ୍ର ୟୁନିଟ୍ ଗଠନ କରି ତାକୁ ଧରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଉ ତା'ପରେ ଆରମ୍ଭ ହୋଇଛି ଅସଲ ଖେଳ। କବୀରକୁ ଧରିବାରେ ବିକ୍ରମ କ'ଣ ସଫଳ ହେଉଛି ଏବଂ ଫିଲ୍ମର ଶେଷ କିପରି ହେଉଛି ତାହା ଚିତ୍ରଟିକୁ ଦେଖିଲେ ହିଁ ଜାଣିପାରିବେ। ଏଥିରେ କବୀର ଭୂମିକାରେ ହ୍ରିତିକ ରୋଶନ ଏବଂ ବିକ୍ରମ ଚରିତ୍ରରେ ଜୁନିୟର ଏନ୍‌ଟିଆର୍ ଅଭିନୟ କରିଛନ୍ତି। ଫିମେଲ ଲିଡ୍‌ରେ ଅଛନ୍ତି କିଆରା ଆଡଭାନୀ। ୟଶରାଜ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ଏହାର ସିନେମାଟୋଗ୍ରାଫର ଅଛନ୍ତି ବେଞ୍ଜାମିନ୍ ଜାସପେର। ନିର୍ଦ୍ଦେଶନା ଦେଇଛନ୍ତି ଆର୍ଯ୍ୟନ ମୁଖାର୍ଜୀ। ୧୭୩ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟିର ବଜେଟ୍ ରହିଛି ୪୦୦କୋଟି। ତେବେ ଏହି ବିଗ୍ ବଜେଟ୍ ଫିଲ୍ମ ଦର୍ଶକଙ୍କୁ କେତେ ମନୋରଞ୍ଜନର ଖୋରାକ ଯୋଗାଉଛି ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିଯିବ।

# ଓଡ଼ିଶାରୁ ୨୩ ପ୍ରତିନିଧିତ୍ୱ କରିବେ

## ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ

**ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)**

ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୬୪ତମ ସଂସ୍କରଣ ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୨୩ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ। ଓଡ଼ିଶା ଏଟ୍‌ପିସିର ଅନିମେଶ କୁଜୁର ୨୦୦ ମିଟର ଓ ୪x୧୦୦ ମିଟର ରିଲେରେ ଭାଗନେବେ। ସେହିପରି କଳାହାଣ୍ଡିର ଡି. ଜୟରାମ ୧୦୦, ୨୦୦ ଓ ୪x୧୦୦ ମିଟର ରିଲେ, ଲାଲୁ ପ୍ରସାଦ ଭୋଇ ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଅମିୟ କୁମାର ମଲିକ ୧୦୦ ମିଟର ଓ ୪x୧୦୦ ମିଟର ରିଲେ, କଳାହାଣ୍ଡିର ସରଜୁ ପାୟାସିଂ ୧୦୦ ମିଟର, ଲଙ୍ଗଜମ୍ପ, ୪x୧୦୦ ମିଟର ରିଲେ, ବରଗଡ଼ର ପ୍ରତୀକ ମହାରଣା ୧୦୦ ମିଟର(ୱାଇଲ୍ଡ କାର୍ଡ), ୨୦୦ ମିଟର, ୪x୧୦୦ ମିଟର ରିଲେ, ସୋନପୁରର ଦୟାନିଧି ମୁଣ୍ଡା ୮୦୦, ୧୫୦୦ ମିଟର, ୪x୪୦୦ ମିଟର ରିଲେ, କିଟ୍‌ର ବିକ୍ରାନ୍ତ ମଲିକ ଜାଭେଲିନ୍ ଥ୍ରୋ, କଟକର ଆସ୍ତିକ ପ୍ରଧାନ ୪୦୦ ମିଟର, ୪x୪୦୦ ମିଟର ରିଲେ, ବରଗଡ଼ର ମଳୟ ବାରିକ ୪x୪୦୦ ମିଟର ରିଲେ, ଯାଜପୁରର ଭୀମା ସର୍ଦ୍ଦାର ୪x୪୦୦ ମିଟର ରିଲେ, ଭଦ୍ରକର ହରିଶଙ୍କର ପାଣିଗ୍ରାହୀ ୪x୪୦୦ ମିଟର ରିଲେ, ଅନୁଗୋଳର ସ୍ୱାଧୀନ କୁମାର ମାଝୀ ହାଇଜମ୍ପ, ସୁନ୍ଦରଗଡ଼ର ଅଭିନାଶ ସାହୁ ୧୦୦ ମିଟର(ୱାଇଲ୍ଡ କାର୍ଡ) ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ମହିଳା ଆଥ୍‌ଲେଟ୍‌ଙ୍କ ମଧ୍ୟରେ ଭୁବନେଶ୍ୱରର ଶ୍ରାବଣୀ ନନ୍ଦ ୧୦୦, ୨୦୦ ମିଟର, ୪x୧୦୦ ମିଟର ରିଲେ, ବନିତା ବେହେରା ୧୦୦ ମିଟର, ୪x୧୦୦ ମିଟର ରିଲେ, ବରଗଡ଼ର ମୌସୁମୀ ରାୟ ୧୦୦ ମିଟର, ୪x୧୦୦ ମିଟର ରିଲେ, ଓଡ଼ିଶା ପୋଲିସର ବୋନିତା ଲାକ୍ରା ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଲକ୍ଷ୍ମୀପ୍ରିୟା କିଷାନ ୪୦୦, ୮୦୦ ମିଟର, ସବିତା ଟପ୍ପୋ ୪x୧୦୦ ମିଟର ରିଲେ, ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ ହାମର ଥ୍ରୋ, କେନ୍ଦୁଝରର ମନୀଷା ମେରେଲ ଲଙ୍ଗଜମ୍ପ ଏବଂ ବାଲେଶ୍ୱରର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ମିଟର ହର୍ଡଲ୍ସ, ୪x୧୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ।


ଶ୍ରାବଣୀ ନନ୍ଦ


ଅମିୟ ମଲିକ

## ରେସ୍‌ଲର ସୁଶୀଲଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୩।୮ (ପି.ଟି.):** ସୁପ୍ରିମ୍‌କୋର୍ଟ ବୁଧବାର ପୂର୍ବତନ ଜାତୀୟ ଜୁନିୟର ରେସ୍‌ଲିଂ ଚାମ୍ପିୟନ ସାଗର ଧାଙ୍କରଙ୍କ ହତ୍ୟା ମାମଲାରେ ଅଲିମ୍ପିକ୍ ପଦକଧାରୀ ରେସ୍‌ଲର ସୁଶୀଲ କୁମାରଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଜଷ୍ଟିସ୍ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୪ ତାରିଖରେ ଦିଲ୍ଲୀ ହାଇକୋର୍ଟ ରେସ୍‌ଲରଙ୍କୁ ଦେଇଥିବା ଜାମିନକୁ ରଦ୍ଦ କରିଦେଇଛନ୍ତି। ଦୁଇଥର ଅଲିମ୍ପିକ୍ ପଦକଧାରୀ ରେସ୍‌ଲରଙ୍କୁ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୧ ମେ'ରେ ସୁଶୀଲଙ୍କ ସମେତ ଅନ୍ୟ କେତେଜଣ ନୂଆଦିଲ୍ଲୀସ୍ଥିତ ଛତ୍ରଶାଲ ଷ୍ଟାଡିୟମରେ ସମ୍ପତ୍ତି ବିବାଦ କାରଣରୁ ସାଗରଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାଗରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଦୁଇ ବନ୍ଧୁ ଆହତ ହୋଇଥିଲେ।

# ସୁମିତ୍ ସଙ୍ଗୱାନ ୟୁପି ଯୋଦ୍ଧାସ୍ ଅଧିନାୟକ

## ପ୍ରୋ କବାଡ଼ି ଲିଗ୍

**ଲକ୍ଷ୍ନୌ, ୧୩।୮**

ପ୍ରୋ-କବାଡ଼ି ଲିଗ୍‌ର ୧୨ଶ ସଂସ୍କରଣ ଚଳିତ ମାସ ୨୯ରୁ ଭାଇଜାଗ୍‌ରେ ଆରମ୍ଭ ହେବ। ଏହି ଲୋକପ୍ରିୟ ଲିଗ୍ ପାଇଁ ୟୁପି ଯୋଦ୍ଧାସ୍ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ସୁମିତ୍ ସଙ୍ଗୱାନ। ଅଂଶୁ ସିଂଙ୍କୁ ତାଙ୍କ ଡେପୁଟି ରୂପେ ନିଯୁକ୍ତ କରାଯାଇଛି। ଉଭୟ ସୁମିତ୍ ଓ ଅଂଶୁ ହେଉଛନ୍ତି ପ୍ରକୃତ ଯୋଦ୍ଧା ବୋଲି ପ୍ରକାଶ କରିଛନ୍ତି ଦଳର ମୁଖ୍ୟ କୋଚ୍ ଯଶ୍‌ବୀର ସିଂ। ଜିଏମ୍‌ଆର ମାଲିକାନାରେ ଥିବା ୟୁପି ଯୋଦ୍ଧାସ୍ ଦଳରେ ଯୁବ ଖେଳାଳିଭାବେ ସୁମିତ୍ (୨୬ ) ଓ ଅଂଶୁ (୨୭) ସିଜନ ୭ରେ ଯୋଗଦେଇଥିଲେ। ସେବେଠାରୁ ଉଭୟ ଦଳର ଡିଫେନ୍ସିଭ ସେଟ୍‌ଅପ୍‌ରେ ପ୍ରାଚୀର ସଦୃଶ ରହିଛନ୍ତି। ପ୍ରତିଭାବାନ୍ ପଦାର୍ପଣକାରୀରୁ ଲିଡର୍ସ (ଅଧିନାୟକ/ଉପଅଧିନାୟକ) ହେବା ଜିଏମ୍‌ଆର ସ୍ପୋର୍ଟ୍ସର ଦୀର୍ଘକାଳୀନ ଦୃଷ୍ଟିଭଙ୍ଗୀକୁ ପ୍ରମାଣିତ କରିଛି। ସୁମିତ୍ ନିଜର କ୍ଷୀପ୍ରତା, ଟାଇମିଂ ଓ ରଣନୀତି ପାଇଁ ବେଶ୍ ପରିଚିତ। ଗତ କିଛି ସିଜନ ଧରି ସେ ଲିଗ୍‌ର ଟପ୍ ଡିଫେଣ୍ଡର୍ସଙ୍କ ମଧ୍ୟରେ ସ୍ଥାନ ପାଇ ଆସୁଛନ୍ତି। ସେହିପରି ନିଜ କ୍ୟାରିୟର ପ୍ରାରମ୍ଭରେ ଜଣେ କଭର ଡିଫେଣ୍ଡର ଭାବେ ଖେଳୁଥିବା ଅଂଶୁ କ୍ରମେ ଦକ୍ଷତା ଦେଖାଇ ପ୍ରଭାବିତ କରିଥିଲେ। ସୁମିତ୍‌ଙ୍କ ସହ ତାଙ୍କ ପାର୍ଟନରଶିପ୍ ୟୁପି ଯୋଦ୍ଧାସ୍‌ର ରକ୍ଷଣଭାଗକୁ ଦୃଢ଼ କରିଛି।


ସୁମିତ୍ ସଙ୍ଗୱାନ ଓ ଅଂଶୁ ସିଂ।

## ଇଡି ସମ୍ମୁଖରେ ହାଜର ହେଲେ ରାଇନା

**ନୂଆଦିଲ୍ଲୀ, ୧୩।୮:** ଭାରତର ପୂର୍ବତନ କ୍ରିକେଟର ସୁରେଶ ରାଇନା ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ତାଙ୍କୁ ବେଆଇନ ବେଟିଂ ଆପ୍ ସହ ଜଡ଼ିତ ଟଙ୍କା ହେର୍‌ଫେର୍ ମାମଲାରେ ପଚରାଉଚରା ପାଇଁ ଇଡି ପକ୍ଷରୁ ସମନ ଜାରି କରାଯାଇଥିଲା। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନିର୍ଦ୍ଦିଷ୍ଟ ବିଜ୍ଞାପନ ମାଧ୍ୟମରେ ବେଟିଂ ଆପ୍ ୧X ବେଟ୍ ସହିତ ତାଙ୍କର ଆର୍ଥିକ କାରବାର ସମ୍ପର୍କରେ ରାଇନାଙ୍କୁ ଇଡି ଅଧିକାରୀ ପଚରାଉଚରା କରୁଛନ୍ତି।

# ସର୍ବଭାରତୀୟ ବୁଚିବାବୁ କ୍ରିକେଟ ଲାଗି ଓଡ଼ିଶା ଦଳ

**ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)**

ସର୍ବଭାରତୀୟ ବୁଚିବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୮ରୁ ଚେନ୍ନାଇରେ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ୨୦ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ଗ୍ରୁପ୍ 'ବି'ରେ ରେଲ୍‌ୱେ, ଜମ୍ମୁ-କଶ୍ମୀର ଓ ବରୋଦା ସହ ସ୍ଥାନ ପାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୮ରୁ ୨୦ ମଧ୍ୟରେ ବରୋଦା ବିପକ୍ଷରେ ଖେଳିବ। ଏହାପରେ ୨୨ରୁ ୨୪ ରେଲ୍‌ୱେ ଓ ୨୬ରୁ ୨୮ ଜମ୍ମୁ-କଶ୍ମୀର ସହ ମୁକାବିଲା କରିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବେ। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ସେମିଫାଇନାଲ ଏବଂ ସେପ୍ଟେମ୍ବର ୬ରୁ ୯ ଫାଇନାଲ ଅନୁଷ୍ଠିତ ହେବ। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ, ମ୍ୟାନେଜର ସଂଗ୍ରାମ କେଶରୀ ଗୁମାନ୍‌ସିଂ ପ୍ରମୁଖ ସପୋର୍ଟ ଷ୍ଟାଫ୍ ଚେନ୍ନାଇ ଯାତ୍ରା କରିବେ। ଓଡ଼ିଶା ଦଳ: କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ୍ ବରାଳ, ସୁମିତ୍ ଶର୍ମା, ଅନିଲ ପରିଡ଼ା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର, ବାଦଲ ବିଶ୍ୱାଳ, ଓମ୍ ଡି. ମୁଣ୍ଡେ, ତରନି ସ', ଶୁଭ୍ରାଂଶୁ ସେନାପତି, ପ୍ରଶାନ୍ତ ରାଣା, ବିନୟ ପାଇକରାୟ, ଆଶୀର୍ବାଦ ସ୍ୱାଇଁ, ଆଶୁତୋଷ ଛୁରିଆ, ସ୍ୱସ୍ତିକ୍ ସାମଲ, ଗୋବିନ୍ଦ ପୋଦ୍ଦାର, ପୀୟୂଷ ପାଣିଗ୍ରାହୀ।

# ହୋପ୍‌ଙ୍କ ଶତକ: ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ୍

## ସିଲେସଙ୍କୁ ୬ ଉଇକେଟ

**ଟାରୌବା(ତ୍ରିନିଦାଦ), ୧୩।୮**

ଅଧିନାୟକ ଶାଇ ହୋପ୍‌ଙ୍କ ଅପରାଜିତ ଶତକ ଓ ଜେଡେନ ସିଲେସଙ୍କ ୬ ଉଇକେଟ ସଫଳତା ବଳରେ ୱେଷ୍ଟଇଣ୍ଡିଜ ୨୦୨ ରନ୍‌ର ବଡ଼ ବ୍ୟବଧାନରେ ପାକିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ୱେଷ୍ଟଇଣ୍ଡିଜ ୨-୧ ବ୍ୟବଧାନରେ ଜିତିନେଇଛି। ଦୀର୍ଘ ୩୪ ବର୍ଷ ପରେ ୱେଷ୍ଟଇଣ୍ଡିଜ୍ ଦଳ ଲାଗି ଏହା ପାକିସ୍ତାନ ବିପକ୍ଷରେ ପ୍ରଥମ ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ଉଇକେଟ ହରାଇ ୨୯୪ ରନ୍ କରିଥିଲା। ଅଧିନାୟକ ହୋପ୍ ଅପରାଜିତ ୧୨୦ ରନ୍‌ର କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ୧୮ତମ ଶତକ ଥିଲା। ଜବାବରେ ପାକିସ୍ତାନ ଭୟଙ୍କର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୯.୨ ଓଭରରେ ୯୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କେବଳ ସଲମାନ ଆଘା (୩୦), ମହମ୍ମଦ ନୱାଜ (୨୩) ଓ ହାସନ ନୱାଜ(୧୩)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଏପରିକି ଦଳର ୫ ବ୍ୟାଟର ଖାତା ଖୋଲିପାରି ନ ଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ସିଲେସ ୬ ଉଇକେଟ ସଫଳତା ହାସଲ କରିଥିଲେ।


ଶାଇ ହୋପ

## କ୍ରୀଡ଼ା ବିଲ୍ ୬ ମାସରେ କାର୍ଯ୍ୟକାରୀ ହେବ: ମାଣ୍ଡବ୍ୟ

**ନୂଆଦିଲ୍ଲୀ, ୧୩।୮ (ପି.ଟି.):** ୨୪ ଘଣ୍ଟା ମଧ୍ୟରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଆଗାମୀ ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ନିୟମ ପ୍ରସ୍ତୁତ କରିବା ଓ ଭିତ୍ତିଭୂମି ଚିହ୍ନଟ କରିବା ଭଳି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର କହିଛନ୍ତି।

'ଏହି ବିଲ୍ ଯଥା ସମ୍ଭବ ଶୀଘ୍ର କାର୍ଯ୍ୟକାରୀ ହେବ। ଆଗାମୀ ୬ ମାସ ମଧ୍ୟରେ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହେବ। ପଦବୀ ସୃଷ୍ଟି ଓ ଅନ୍ୟାନ୍ୟ ପ୍ରଶାସନିକ ମଞ୍ଜୁରୀ ପରେ କର୍ମଚାରୀ ଓ ତାଲିମ ବିଭାଗ ଏବଂ ବ୍ୟୟ ବିଭାଗର ପ୍ରତିଷ୍ଠିତ ପ୍ରକ୍ରିୟାର ପାଳନ କରାଯିବ। ଏନ୍‌ଏସ୍‌ବି ଓ ଏନ୍‌ଏସ୍‌ଟି ଭଳି ଦୁଇଟି ଗୁରତ୍ୱପୂର୍ଣ୍ଣ ସଂସ୍ଥାକୁ ଯଥା ସମ୍ଭବ ତୁରନ୍ତ କାର୍ଯ୍ୟକ୍ଷମ କରିବା ଆମର ଲକ୍ଷ୍ୟ' ବୋଲି ମାଣ୍ଡବ୍ୟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏଥିସହିତ ସେ ବିଲ୍ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ବିଲ୍‌ରେ ସରକାରଙ୍କୁ ଅନ୍ତର୍ଜାତୀୟ ଅଂଶୀଦାରିତା ଉପରେ ରୋକ ଲଗାଇବାର ଅଧିକାର ଦିଆଯାଇଛି, ଯାହାକୁ କେବଳ ଅସାଧାରଣ ପରିସ୍ଥିତିରେ ବ୍ୟବହାର କରାଯିବ।

# ଭାରତର ୨୦୩୦ ସିଡବ୍ଲ୍ୟୁଜି ବିଡ୍‌କୁ ଆଇଓଏର ମଞ୍ଜୁରୀ

**ନୂଆଦିଲ୍ଲୀ, ୧୩।୮ (ପି.ଟି.)**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଆୟୋଜନ ଲାଗି ଦେଶର ବିଡ୍‌କୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ବୁଧବାର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍)ରେ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପ୍ରଦାନ କରିଛି। ୨୦୩୦ ସିଡବ୍ଲ୍ୟୁଜି ଲାଗି ଭାରତ ପକ୍ଷରୁ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ ଦାଖଲ କରାଯାଇସାରିଛି ଏବଂ ଏଥିରେ ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ଦର୍ଶାଯାଇଛି। କିନ୍ତୁ ଚଳିତ ମାସ ୩୧ ତାରିଖ ସୁଦ୍ଧା ଭାରତକୁ ଚୂଡ଼ାନ୍ତ ବିଲ୍ ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ। ଆୟୋଜନ ଅଧିକାର ଲାଗି ଚାଲିଥିବା ରେସ୍‌ରୁ କାନାଡ଼ା ଓହରି ଯାଇଥିବାରୁ ଭାରତର ସମ୍ଭାବନା ଖୁବ୍ ବୃଦ୍ଧି ପାଇଛି।

ବୈଠକରେ ସର୍ବସମ୍ମତିକ୍ରମେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଆମେ ଏବେ ସମ୍ପୂର୍ଣ୍ଣ ଗତିରେ ପ୍ରସ୍ତୁତି ଦିଗରେ ଆଗେଇଯିବୁ। ୨୦୩୦ ସିଡବ୍ଲ୍ୟୁଜି ଏକ ସମ୍ପୂର୍ଣ୍ଣ କ୍ରୀଡ଼ା ମହାକୁମ୍ଭ ହେବ। ଶୁଟିଂ, ଆର୍ଚେରୀ, ରେସ୍‌ଲିଂ ଆଦି ଯେଉଁସବୁ ଖେଳରେ ଆମେ ଭଲ ପ୍ରଦର୍ଶନ କରୁ, ସେ ସମସ୍ତ ଇଭେଣ୍ଟକୁ ସାମିଲ କରାଯିବ ଏବଂ ଆମର ସର୍ବାଧିକ ପଦକ ଜିତିବାର ସମ୍ଭାବନା ରହିବ। ବୋଲି ଆଇଓଏ ଯୁଗ୍ମ ସମ୍ପାଦକ କଲ୍ୟାଣ ଚୌବେ କହିଛନ୍ତି। ଆସନ୍ତା ନଭେମ୍ବରର ଅନ୍ତିମ ସପ୍ତାହରେ ଗ୍ଲାସ୍‌ଗୋଠାରେ ବସିବାକୁ ଥିବା କମନ୍‌ୱେଲ୍‌ଥ ସ୍ପୋର୍ଟ୍ସର ସାଧାରଣ ସଭାରେ ଆୟୋଜକ ଦେଶର ନାମ ନିର୍ଦ୍ଧାରଣ ହେବ।

# ସାଇ ଇଣ୍ଟରନ୍ୟାଶନାଲ, କିସ୍ ବିଜୟୀ

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

**ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)**

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ଓ କିସ୍ ସ୍କୁଲ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ଖଣ୍ଡଗିରିର ବିକାଶ ସ୍କୁଲକୁ ୮-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଗସ୍ତ୍ୟ ପଟ୍ଟନାୟକ ୪ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପୂର୍ବତନ ରଣ୍‌ଜୀ ଟ୍ରଫି ଖେଳାଳି ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ଅଗସ୍ତ୍ୟଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଟ୍ ଇଣ୍ଟରନ୍ୟାଶନାଲକୁ କିସ୍ ୧୨-୦ ଗୋଲରେ ହରାଇଦେଇଛି। ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ଅତିଥିଭାବେ ଯୋଗଦେଇ କିସ୍ ଦଳର ମହେଶ୍ୱର ମୁର୍ମୁଙ୍କୁ ପୁରସ୍କୃତ କରିଛନ୍ତି। ସୁଜିତ୍ କୁମାର ପାତ୍ର, ଆଲୋକ ଦେହୁରୀ, ଦିଗ୍‌ବିଜୟ ଦାସ, ସୁଶାନ୍ତ କୁମାର ମିଶ୍ର, ଶିବ ପ୍ରସାଦ ସାମନ୍ତରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଗୁରୁବାର ସାଇ ରେସିଡେନ୍ସିଆଲ ସହ ଡିଏଭି ଚନ୍ଦ୍ରଶେଖରପୁର ଏବଂ ବିକାଶ ରେସିଡେନ୍ସିଆଲ ସହ ୟୁନିଟ-୧ ଜିଏଚ୍‌ଏସ୍‌ମଧ୍ୟରେମୁକାବିଲାହେବ।




ଅଗସ୍ତ୍ୟ ପଟ୍ଟନାୟକ ଓ ମହେଶ୍ୱର ମୁର୍ମୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ